# ଧରିତ୍ରୀ
DHARITRI

ବ୍ରହ୍ମପୁର, ସୋମବାର, ଫେବୃୟାରୀ ୧୭/୨୦୨୦ (୧୬ ପୃଷ୍ଠା) | Berhampur, Monday, February 17/2020 | ★★★

୧୬ଶ ଭାଗ ୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




## ଦିବାରାତ୍ର ଟେଷ୍ଟ ସପକ୍ଷରେ ଗାଙ୍ଗୁଲି

ଚଳିତ ବର୍ଷ ଶେଷ ଭାଗରେ ଅଷ୍ଟ୍ରେଲିଆ ଗସ୍ତରେ ଭାରତୀୟ କ୍ରିକେଟ ଦଳ ଏକ ଦିବାରାତ୍ର ଟେଷ୍ଟ ଖେଳିବ ବୋଲି ପ୍ରକାଶ କରିଛନ୍ତି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି।

୧୪

୦୨

## ନିର୍ଦ୍ଦେଶକ ହେବାକୁ ଚାହୁଁଥିଲେ ଅର୍ଜୁନ

ପୁଅ ଅର୍ଜୁନ ଫିଲ୍ମ ନିର୍ଦ୍ଦେଶକ ହେବାକୁ ଚାହୁଁଥିଲେ ବୋଲି କହିଛନ୍ତି ବଲିଉଡର ପ୍ରସିଦ୍ଧ ଫିଲ୍ମ ନିର୍ଦ୍ଦେଶକ ବୋନି କପୁର।



# ପୁରୁଣା ଟିମ୍, ନୂଆ ଇନିଂସ

**ନୂଆଦିଲ୍ଲୀ,୧୬।୨(ପି.ଟି.)**

ନିଜ ପୁରୁଣା ଟିମ୍ ସହ ରବିବାର ନୂଆ ଇନିଂସ୍ ଆରମ୍ଭ କରିଛନ୍ତି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ। ୬ ମନ୍ତ୍ରୀଙ୍କ ସହ ଦିଲ୍ଲୀର ରାମଲୀଳା ମଇଦାନରେ କେଜ୍‌ରିୱାଲ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଲ୍ୟୁଟ୍‌ନାଣ୍ଟ ଗଭର୍ନର (ଏଲ୍‌ଜି) ଅନିଲ ବୈଜାଲ କେଜ୍‌ରିୱାଲ ଓ କ୍ୟାବିନେଟର ଅନ୍ୟ ସଦସ୍ୟମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଏହାସହ ଦିଲ୍ଲୀରେ କେଜ୍‌ରିୱାଲ ଶାସନର ତୃତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଶୀର୍ବାଦ ଲୋଡ଼ିଛନ୍ତି। ଦଳ ନିର୍ବିଶେଷରେ ସେ ସମସ୍ତଙ୍କ ମୁଖ୍ୟମନ୍ତ୍ରୀ ବୋଲି କେଜ୍‌ରିୱାଲ କହିଛନ୍ତି।

ପୂର୍ବରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଯେତେଜଣ ଶପଥ ନେଇଛନ୍ତି, ସମସ୍ତେ ରାଜନିବାସକୁ ବାଛିଛନ୍ତି। କିନ୍ତୁ କେଜ୍‌ରିୱାଲ ପ୍ରଥମଥର ପାଇଁ ଏହି ପରମ୍ପରାକୁ ଭାଙ୍ଗି ରାମଲୀଳା ମଇଦାନରେ ଶପଥ ନେଇଛନ୍ତି। କେଜ୍‌ରିୱାଲଙ୍କ ପରେ ମନୀଷ୍ ସିସୋଡିଆ, ସତ୍ୟେନ୍ଦ୍ର ଜୈନ, ଗୋପାଲ ରାଏ, କୈଳାଶ ଗେହଲଟ, ଇମ୍ରାନ୍ ହୁସେନ ଓ ରାଜେନ୍ଦ୍ର ଗୌତମ ମନ୍ତ୍ରୀ ରୂପେ ଶପଥ ନେଇଥିଲେ। ତେବେ

### ଶପଥ ନେଲେ କେଜ୍‌ରିୱାଲ

- ରାମଲୀଳା ମଇଦାନରୁ ତୃତୀୟ ପାଳି ଆରମ୍ଭ
- କ୍ୟାବିନେଟରେ ସମସ୍ତ ପୁରୁଣା ସହଯୋଗୀ ସାମିଲ
- ପ୍ରଧାନମନ୍ତ୍ରୀଙ୍କ ଆଶୀର୍ବାଦ ଓ କେନ୍ଦ୍ରର ସହଯୋଗ ଲୋଡ଼ିଲେ ଏଏପି ମୁଖ୍ୟ
- କେବଳ ଏଏପିର ନୁହେଁ, ଭାଜପା ଓ କଂଗ୍ରେସର ମଧ୍ୟ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ ପରେ ଉଦ୍‌ବୋଧନ ଦେଉଛନ୍ତି ଅରବିନ୍ଦ କେଜ୍‌ରିୱାଲ।

ଦିଲ୍ଲୀ କ୍ୟାବିନେଟ ୨୦୨୦-୨୫ରେ ଜଣେ ହେଲେ ମହିଳାଙ୍କୁ ମନ୍ତ୍ରୀ ଭାବେ ସାମିଲ କରାଯାଇ ନାହିଁ। କ୍ରମାଗତ ତୃତୀୟଥର ପାଇଁ ଶାସନ ଭାର ଗ୍ରହଣ ପରେ କେଜ୍‌ରିୱାଲ ଦିଲ୍ଲୀବାସୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେ କହିଥିଲେ, ରାଜଧାନୀରେ ସୁଶାସନ ଆଣିବା ଲାଗି ସେ କେନ୍ଦ୍ର ସରକାରଙ୍କ ସହ ମିଳିମିଶି କାମ କରିବାକୁ ଚାହାନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ଆଶୀର୍ବାଦ ମଧ୍ୟ ଆବଶ୍ୟକ। ଶପଥ ଗ୍ରହଣ ଉତ୍ସବକୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ନିମନ୍ତ୍ରଣ ପଠାଇଥିଲେ। ମୋଦିଜୀ ସମ୍ଭବତଃ ଅନ୍ୟ କୌଣସି କାର୍ଯ୍ୟକ୍ରମରେ ଯୋଗଦେଉଥିବାରୁ ଆସିପାରି ନାହାନ୍ତି। ତେବେ ଏହି ମଞ୍ଚରୁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସରକାରଙ୍କ ଆଶୀର୍ବାଦ ନେବା ପାଇଁ ଚାହୁଁଥିବା କେଜ୍‌ରିୱାଲ ପ୍ରକାଶ କରିଥିଲେ। ଏଏପି ମୁଖ୍ୟ ଆହୁରି କହିଥିଲେ ଯେ, ନିର୍ବାଚନ ପ୍ରଚାର ବେଳେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ବିରୋଧୀମାନଙ୍କୁ ସେ କ୍ଷମା କରିଦେଇଛନ୍ତି। ଏହା ତାଙ୍କର ବ୍ୟକ୍ତିଗତ ବିଜୟ ନୁହେଁ, ବରଂ ସମସ୍ତ ଦିଲ୍ଲୀବାସୀଙ୍କ ବିଜୟ। ନିର୍ବାଚନ ଶେଷ ହୋଇଯାଇଛି। କିଏ କାହାକୁ ଭୋଟ ଦେଲେ ବା ନ ଦେଲେ ସେଥିରେ ଆଉ କିଛି ଯାଏଆସେ ନାହିଁ। ଏବେ ସେ ସମସ୍ତଙ୍କ ପାଇଁ କାମ କରିବେ। ଯେକୌଣସି ଜାତି, ଧର୍ମ, ବର୍ଣ୍ଣର ହୋଇଥିଲେ ମଧ୍ୟ କିଛି ଭେଦଭାବ ରହିବ ନାହିଁ। ସେ କେବଳ ଏଏପିର ମୁଖ୍ୟମନ୍ତ୍ରୀ ନୁହନ୍ତି ବରଂ ଭାଜପା, କଂଗ୍ରେସ ଏବଂ ସର୍ବୋପରି ସମସ୍ତ ଦିଲ୍ଲୀବାସୀଙ୍କ ମୁଖ୍ୟମନ୍ତ୍ରୀ ବୋଲି କେଜ୍‌ରିୱାଲ ସ୍ପଷ୍ଟ କରିଛନ୍ତି।

ଉକ୍ତ ଶପଥ ଗ୍ରହଣ ଉତ୍ସବକୁ ସ୍କୁଲ ଶିକ୍ଷକମାନଙ୍କ ସହ ବିଭିନ୍ନ କ୍ଷେତ୍ରର ୫୦ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଦିଲ୍ଲୀ ପୋଲିସ ମଧ୍ୟ ଏଥିଲାଗି ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରିଥିଲା। ପୋଲିସ ଓ ଅର୍ଦ୍ଧସାମରିକ ବାହିନୀର ପ୍ରାୟ ୩,୦୦୦ ସୁରକ୍ଷା କର୍ମୀ ରାମଲୀଳା ମଇଦାନରେ ମୁତୟନ ହୋଇଥିଲେ। ଏହାସହ ସମ୍ପୂର୍ଣ୍ଣ ପଡ଼ିଆକୁ ସିସିଟିଭି ସର୍ଭିଲାନ୍ସରେ ରଖାଯାଇଥିଲା। ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲେ 'ବେବି ମଫଲରମ୍ୟାନ୍'। ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲଙ୍କ ଭଳି ବେଶ ଧାରଣ କରିଥିବା ଏହି କୁନି ବାଳକଙ୍କ ସହ ଶପଥଗ୍ରହଣ ଉତ୍ସବରେ ଅନେକ ଦଳର ଅନେକ ନେତା ସେଲ୍ଫି ନେଉଥିବା ଦେଖିବାକୁ ମିଳିଥିଲା। ଛୋଟା କେଜ୍‌ରିୱାଲ ନାମରେ ☞ପୃଷ୍ଠା-୪

# ଶାହିନବାଗ୍ ବିକ୍ଷୋଭକାରୀଙ୍କୁ ରୋକିଲା ପୋଲିସ



ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ବାସଭବନ ଅଭିମୁଖେ ବାହାରିଥିବା ବିକ୍ଷୋଭକାରୀ।

**ନୂଆଦିଲ୍ଲୀ,୧୬।୨ (ପି.ଟି.)**

ଦିଲ୍ଲୀର ଶାହିନବାଗ୍‌ରେ ସିଏଏ ବିରୋଧୀ ବିକ୍ଷୋଭ ବନ୍ଦହେବାର ନାଁ ନେଉନାହିଁ। ରବିବାର ସହସ୍ରାଧିକ ବିକ୍ଷୋଭକାରୀ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିବା ଲାଗି ତାଙ୍କ ବାସଭବନ ଆଡ଼କୁ ଆସୁଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇଛି। ଅନେକ ମହିଳାଙ୍କ ସହ ଏହି ବିକ୍ଷୋଭକାରୀମାନେ ଅପରାହ୍ନ ୨ଟାରେ ଶୋଭାଯାତ୍ରା ଆରମ୍ଭ କରିଥିବାବେଳେ ସିଏଏକୁ ନେଇ

### ଶାହାଙ୍କୁ ଭେଟିବା ଲାଗି ଜିଦ୍

ଶାହାଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତୁତ ଥିଲେ। ସିଏଏ, ଏନ୍‌ଆର୍‌ସି ପ୍ରତ୍ୟାହାର ଲାଗି ବିକ୍ଷୋଭକାରୀମାନେ ଶାହାଙ୍କ ସହ ଆଲୋଚନା କରିବାକୁ ଜିଦ୍ ଧରିଥିଲେ। ହେଲେ ଏନେଇ ଅନୁମତି ମିଳି ନ ଥିବାରୁ ପୋଲିସ ସେମାନଙ୍କୁ ଛାଡ଼ି ନ ଥିଲା। ପ୍ରକାଶଥାଉ କି, ଗତ ୨ ମାସ ହେବ ଶାହିନବାଗ୍ ବିକ୍ଷୋଭକାରୀଙ୍କ କେନ୍ଦ୍ରସ୍ଥଳୀ ପାଲଟିଛି।


ଡେମୋ ଦେଖାଇଲେ ଡ୍ରାଇଭର ବର୍ଦ୍ଧନ

........୩........



ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ

ପୃଷ୍ଠା - ୮/୯


### ଆଜିର ସମ୍ପାଦକୀୟ

ପ୍ରଶଂସାର ମୂଲ୍ୟ

### ଆଜିର ମନ୍ତବ୍ୟ

"ମହାରାଷ୍ଟ୍ର ସରକାର ଅବାସ୍ତବ। କେବଳ କ୍ଷମତା ଲୋଭରେ ୩ ଦଳ ମିଶି ମେଣ୍ଟ କରିଛନ୍ତି।

-ଜେ.ପି. ନଡ୍ଡା, ଭାଜପା ଅଧ୍ୟକ୍ଷ

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ଡିସେମ୍ବରରେ ଶକ୍ତି ବିତରଣ କମ୍ପାନୀଗୁଡିକର ଉପରେ ବକେୟା ପ୍ରାୟ ୫୦% ବଢ଼ି ୮୮,୧୭୭ କୋଟି ଟଙ୍କା ରହିଛି।

-ପ୍ରାପ୍ତି ପୋର୍ଟାଲ

# ବଢ଼ିଲା ଖରା: ୩୦ ଡିଗ୍ରୀ ଉପରେ ୧୭ ସହର

**ଭୁବନେଶ୍ୱର, ୧୬।୨(ବ୍ୟୁରୋ)**

ରାଜ୍ୟରେ ଆଉ ଶୀତ ଅନୁଭବ ହେବ ନାହିଁ। ଚଳିତମାସର ବାକି ଦିନଗୁଡ଼ିକରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ଦିନବେଳା ୩୫ଡିଗ୍ରୀ ଏବଂ ରାତିରେ ୧୭ଡିଗ୍ରୀ ଉପରେ ରହିବ। ବିଶେଷ କରି ୨ରୁ ୩ ଦିନ ମଧ୍ୟରେ ଦିନ ଓ ରାତିର ତାପମାତ୍ରା ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ରବିବାର ୧୭ ସ୍ଥାନରେ ତାପମାତ୍ରା ୩୦ଡିଗ୍ରୀ ଉପରେ ରହିଥିବା ବେଳେ ୩ ସହରରେ ତାପମାତ୍ରା ୩୦ଡିଗ୍ରୀ ରହିଥିଲା। ରବିବାର ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିରେ ରହିଥିଲା। ଏଠାରେ ସର୍ବାଧିକ ୩୫.୨ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ପାରଳାଖେମୁଣ୍ଡିରେ ୩୫.୧, ଟିଟିଲାଗଡ଼ରେ ୩୪.୨, ଭବାନୀପାଟଣାରେ ୩୩.୪, ବୌଦ୍ଧରେ ୩୨.୫, ତାଳଚେରରେ ୩୨.୪, ନୟାଗଡ଼ରେ ୩୨, ଭୁବନେଶ୍ୱରରେ ୩୧.୮, ହୀରାକୁଦ ଓ ଝାରସୁଗୁଡ଼ାରେ ୩୧.୬, ବଲାଙ୍ଗୀର ଓ ସମ୍ବଲପୁରରେ ୩୧.୫, ଚାନ୍ଦବାଲିରେ ୩୧.୪,

### ମାଲକାନଗିରିରେ ସର୍ବାଧିକ ୩୫.୨ ଡିଗ୍ରୀ

ସୋନପୁର ଓ ଗୋପାଳପୁରରେ ୩୧.୨, ବାଲେଶ୍ୱରରେ ୩୦.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ବାରିପଦା, କେନ୍ଦୁଝର, ଛତ୍ରପୁରରେ ତାପମାତ୍ରା ୩୦ଡିଗ୍ରୀ ରହିଥିଲା। ରବିବାର ଅନୁଗୋଳରେ ସର୍ବନିମ୍ନ ତାପମାତ୍ରା ୧୦.୬ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ଆସନ୍ତା ସପ୍ତାହକ ପର୍ଯ୍ୟନ୍ତ କୌଣସି ସ୍ଥାନରେ ବର୍ଷା ହେବାର ସମ୍ଭାବନା ନାହିଁ। ୨ରୁ ୩ ଦିନ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶା ସମେତ ଅନୁଗୋଳ, ଢେଙ୍କାନାଳ, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, କୋରାପୁଟ ଓ ନୟାଗଡ଼ ଆଦି ଜିଲାରେ ଘନ କୁହୁଡ଼ି ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସୋମବାର ଘନ କୁହୁଡ଼ି ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହି ଜିଲାଗୁଡ଼ିକ ହେଲା ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି, କୋରାପୁଟ ଓ ରାୟଗଡ଼ା।

# ବଡ଼ଭାଇ ପରିବାରକୁ ମୂଳପୋଛ କଲା ସାନ

**ବଣାଇଁ,୧୬।୨(ସ୍ୱ.ପ୍ର.)**

- ଉଧାର ଟଙ୍କା ପାଇଁ ପରିବାରର ୪ ଜଣଙ୍କୁ ହତ୍ୟା
- ବଣାଇଁ ଥାନାରେ ଆତ୍ମସମର୍ପଣ କଲେ ଅଭିଯୁକ୍ତ ସାନଭାଇ
- ପୋଲିସ ତଦନ୍ତ ଜାରି

ସୁନ୍ଦରଗଡ଼ ଜିଲା ବଣାଇଁ ଥାନା ଅଧୀନ ଗୋବିନ୍ଦପୁର ପଞ୍ଚାୟତ ଦେଉଳହୁଡି ଗ୍ରାମରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ବାକି ଟଙ୍କାକୁ କେନ୍ଦ୍ରକରି ସାନ ଭାଇର ଟାଙ୍ଗିଆ ମାଡ଼ରେ ବଡ଼ଭାଇଙ୍କ ପରିବାର ମୂଳପୋଛ ହୋଇଯାଇଛି। ଅଭିଯୁକ୍ତ ଅତି ନିର୍ଦ୍ଦୟ ଭାବେ ବଡ଼ ଭାଇ, ଭାଉଜଙ୍କ ସମେତ ତାଙ୍କ ୨ ପିଲାଙ୍କୁ ହାଣି ହତ୍ୟା କରିଛନ୍ତି। ମୃତକମାନେ ହେଲେ ଦେଉଳହୁଡି ଗ୍ରାମର କାଣ୍ଡେ ମୁଣ୍ଡା(୩୦) ତାଙ୍କ ସ୍ତ୍ରୀ ସୁମି ମୁଣ୍ଡା(୨୫), ଝିଅ ମାଲାନୀ ମୁଣ୍ଡା(୭) ଓ ପୁଅ ମାରା ମୁଣ୍ଡା(୫)। ରବିବାର ସକାଳେ ଅଭିଯୁକ୍ତ କାଳି ମୁଣ୍ଡା(୨୨) ବଣାଇଁ ଥାନାରେ ଆତ୍ମସମର୍ପଣ କରିବା ପରେ ଏହି ଦୁଃଖଦ ଘଟଣା ସାମ୍ନାକୁ ଆସିଛି।

ସୂଚନା ଅନୁଯାୟୀ, ଦେଉଳହୁଡି ଗ୍ରାମରେ କାଣ୍ଡେଙ୍କ ପରିବାର ସହିତ ସାନଭାଇ କାଳି ମୁଣ୍ଡାଙ୍କ ପରିବାର ରହୁଥିଲେ। କାଳି ଝାରସୁଗୁଡ଼ା ବାବୁମାଲର ଏକ ଚାଉଳ ମିଲରେ କାମ କରନ୍ତି। ସେଥିପାଇଁ ସେ ଅଧିକାଂଶ ସମୟ ଝାରସୁଗୁଡ଼ାରେ ରୁହନ୍ତି। ବଡଭାଇ କାଣ୍ଡେ କାଠ ବିକି ପରିବାର ପ୍ରତିପୋଷଣ କରନ୍ତି। କାଳି ପ୍ରତିମାସରେ ନିଜ ପରିବାର ଓ ବଡଭାଇଙ୍କ ପାଖକୁ ଟଙ୍କା ପଠାଉଥିଲେ। ପରବର୍ତ୍ତୀ ସମୟରେ କାଳି ଆଉ କାଣ୍ଡେଙ୍କୁ ଟଙ୍କା ନ ଦେଇ ନିଜ ପିଉସୀଙ୍କୁ ଟଙ୍କା ଦେବା ଆରମ୍ଭ କରିଥିଲେ। ଏହାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ମନାନ୍ତର ସୃଷ୍ଟି ହୋଇଥିଲା। ଶନିବାର ରାତିରେ କାଳି ନିଶାସକ୍ତ ଅବସ୍ଥାରେ ଘରକୁ ଫେରିଥିଲେ। ସେ କାଣ୍ଡେଙ୍କୁ ଦେଇଥିବା ଟଙ୍କା ବାବଦରେ ପଚାରିଥିଲେ। ଏହାକୁ ନେଇ କାଣ୍ଡେଙ୍କ ସହିତ କାଳିଙ୍କ ଯୁକ୍ତିତର୍କ ହୋଇଥିଲା। ଏମିତି କିଛି ସମୟ ପାଟିତୁଣ୍ଡ ପରେ ସମସ୍ତେ ଖାଇପିଇ ନିଜ ନିଜ ଘରେ ଶୋଇବାକୁ ଯାଇଥିଲେ । ରାତି ପ୍ରାୟ ୧୦ଟା ସମୟରେ କାଳି ହଠାତ୍ ନିଦରୁ ଉଠି ପାଗଳପ୍ରାୟ ପାଟି କରିଥିଲେ। ଏହାପରେ ଘରୁ ଏକ ଟାଙ୍ଗିଆ ଆଣି ପ୍ରଥମେ ବଡ଼ଭାଇ କାଣ୍ଡେଙ୍କ ଶୋଇବା ଘରକୁ ପଶିଯାଇ ତାଙ୍କୁ ଆକ୍ରମଣ କରିଥିଲେ। ସେତେବେଳେ କାଣ୍ଡେ ଶୋଇଥିଲେ। କାଳି ତାଙ୍କ ଛାତିକୁ ଟାଙ୍ଗିଆରେ ଚୋଟ ପକାଇଥିଲେ। କାଣ୍ଡେ ଚିତ୍କାର କରି ଘର ବାହାରକୁ ଦୌଡି ପଳାଇ ଆସିଥିଲେ। ହେଲେ କାଳି ତାଙ୍କୁ ଗୋଡାଇ ଗୋଡାଇ ହାଣି ଥିଲେ। ଘଟଣାସ୍ଥଳରେ ହିଁ କାଣ୍ଡେଙ୍କ ମୃତ୍ୟୁ ଘଟିଥିଲା। ଏହା ଦେଖି କାଣ୍ଡେଙ୍କ ସ୍ତ୍ରୀ ସୁମି ଚିତ୍କାର କରିବାରୁ ତାଙ୍କ ବେକ ପଛକୁ କାଳି ହାଣି ପକାଇଥିଲେ। ସେ ବି ସେଠାରେ ଟଳି ପଡିଥିଲେ। ଏହାପରେ ରକ୍ତମୁଖା କାଳି ପ୍ରଥମେ ଝିଆରୀ ମାଲାନୀ ଓ ପୁତୁରା ମାରାକୁ ମଧ୍ୟ ଟାଙ୍ଗିଆରେ ହାଣି ନୃଶଂସଭାବେ ହତ୍ୟା କରିଥିଲେ। କାଣ୍ଡେଙ୍କ ଘର ଗାଁଠାରୁ ଦୂର ଏକ ନିଛାଟିଆ ସ୍ଥାନରେ ହୋଇଥିବାରୁ ଏହି ହତ୍ୟାକାଣ୍ଡ ବିଷୟରେ ଗ୍ରାମବାସୀ କିମ୍ବା ପଡୋଶୀ କେହି ଜାଣିପାରି ନ ଥିଲେ। ଶେଷରେ କାଳି ରାତିସାରା ଗାଁଠାରୁ ୧୫ କିମି ରାସ୍ତା ଚାଲିଚାଲି ଆସି ରବିବାର ସକାଳ ୮ଟାରେ ବଣାଇଁ ଥାନାରେ ଆତ୍ମସମର୍ପଣ କରିବା ସହ ହତ୍ୟାକାଣ୍ଡର ସୂଚନା ଦେଇଥିଲେ।

ବଣାଇଁ ଥାନା ଏଏସଆଇ ବ୍ରଜକିଶୋର ଦାଶ ଓ ବି.କେ.ନାୟକ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ୪ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ସୁମିଙ୍କ ଭାଇ ତଥା ଟିକାୟତପାଲି ଥାନା ଅନ୍ତର୍ଗତ ଚନ୍ଦ୍ରପୁର ଗ୍ରାମର ଏତୁଆ ମୁଣ୍ଡା ବଣାଇଁ ଥାନାରେ ଏ ନେଇ ଏତଲା ଦେବା ପରେ ପୋଲିସ ଏକ ହତ୍ୟା ମାମଲା (ନଂ.୧୯/୨୦୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରାଉରକେଲାରୁ ପୋଲିସ ସହ ସାଇଣ୍ଟିଫିକ୍ ଟିମ୍ ଓ ଏସ୍‌ପି ଦେଉଳହୁଡି ଗ୍ରାମରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ସୋମବାର କାଳିଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି । ବଣାଇଁ ଥାନା ସବ୍‌ଇନ୍ସପେକ୍ଟର ଭୂପେନ୍ଦ୍ର କୁମାର ମାଝି ଏହି ଘଟଣାର ତଦନ୍ତ କରୁଛନ୍ତି।





Vencobb Fresh Chicken — Taste the difference!

16.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 51 | 94 | 104 |
| CTC | 52 | 96 | 106 |
| DKL | 53 | 97 | 107 |
| BDK | 57 | 102 | 112 |
| BLS | 59 | 105 | 115 |
| ANG | 54 | 98 | 108 |
| BHM | 51 | 94 | 104 |

*Conditions Apply

Issued in the Interest of Consumers


# ଶ୍ରୀକ୍ଷେତ୍ରରେ ରହିଛି ଲାହୋର ସାଧୁଙ୍କ ମଠ

**ହେମନ୍ତ ନାୟକ**

**ପୁରୀ ଅଫିସ,୧୬।୨**

ଶ୍ରୀକ୍ଷେତ୍ରରେ ରହିଛି ଲାହୋର(ପାକିସ୍ତାନ) ସାଧୁଙ୍କ ମଠ। ଏକଦା ମହାପ୍ରଭୁଙ୍କ ସାନ୍ନିଧ ପାଇବା ପାଇଁ ଜଗନ୍ନାଥ ଧାମକୁ ଚାଲି ଆସିଥିବା ବାଳକ ରାମ ଦାସ ଆଉ ଲାହୋର ଫେରି ନ ଥିଲେ। ସେ ତିଆରି କରିଥିଲେ ଏକ ମଠ, ଯାହାକି ବାଳକ ରାମଦାସ ମଠ ନାମରେ ଏବେ ବି ତିଷ୍ଠି ରହିଛି। ଏହି ମଠ ଏବେ ପାଲଟିଛି ହରି-ହରଙ୍କ ଉପାସନାର ମିଳନ କ୍ଷେତ୍ର।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଭାରତରେ ସାଂସ୍କୃତିକ ସଂହତିର ଭାବଧାରା ଖୁବ୍ ସୁଦୃଢ଼ ଥିଲା। ଅଖଣ୍ଡ ଭାରତବର୍ଷର ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ଥ, ସନ୍ନ୍ୟାସୀ ଓ ମହାପୁରୁଷମାନେ ଜଗନ୍ନାଥ ଧାମକୁ ଆସି ମହାପ୍ରଭୁଙ୍କୁ ଇଷ୍ଟ ଭାବେ ଗ୍ରହଣ




କରିଥିଲେ। ଗଜପତିଙ୍କ ଅନୁମତିକ୍ରମେ ନିଜ ନିଜର ଆସ୍ଥାନ କରି ସାଂସ୍କୃତିକ ପ୍ରବାହରେ ନିଜକୁ ସାମିଲ କରିଥିଲେ। ଏମାନଙ୍କ ମଧ୍ୟରୁ ଲାହୋରରୁ ଆସିଥିବା ବାଳକ ରାମ ଦାସ ଥିଲେ ଜଣେ ସିଦ୍ଧ ସାଧକ। ଏକ ବ୍ରାହ୍ମଣ ପରିବାରରେ ତାଙ୍କର ଜନ୍ମ ହୋଇଥିଲା। ପିଲାବେଳୁ ସଂସାର ପ୍ରତି ଅନାସକ୍ତ ହୋଇ ତାଙ୍କୁ ଘର ଛାଡ଼ିବାକୁ ପଡ଼ିଲା। ଅରଣ୍ୟରେ ବୁଲି ବୁଲି ରାମନାମ ଜପ କରି ସିଦ୍ଧି ଲାଭ ପରେ ବାଳକ ରାମ ଦାସ ରୂପେ ପରିଚିତ ହୋଇଥିଲେ। ସିଦ୍ଧ ସାଧୁ ରାମ ଦାସ ଅଖଣ୍ଡ ଭାରତବର୍ଷର ଏକାଧିକ ତୀର୍ଥ ଏବଂ ଧାମ ପରିଭ୍ରମଣ କରିଥିଲେ ମଧ୍ୟ କେଉଁଠି ତାଙ୍କ ମନ ମାନି ନ ଥିଲା। ଅନ୍ତରରେ ଅଭିଳାଷ ଥିଲା, ସେ ଥରେ ଜଗନ୍ନାଥ ଧାମକୁ ଯିବେ। ଗୁରୁଙ୍କଠାରୁ ଶୁଣିଥିଲେ ସାକ୍ଷାତ୍ ବ୍ରହ୍ମ କଳିଯୁଗରେ ବିଜେ କରିଛନ୍ତି ଶ୍ରୀଜଗନ୍ନାଥ ଧାମରେ। ତେଣୁ ଶିଷ୍ୟମାନଙ୍କ ସହିତ ସେ ଦିଲ୍ଲୀ ଦେଇ ଶ୍ରୀକ୍ଷେତ୍ର ଆସୁଥିଲେ। ଦିଲ୍ଲୀ ରାସ୍ତାରେ ବୈଷ୍ଣବ ବାଜା ବଜାଇ ଶିଷ୍ୟ ପଲଟନ ଧରି ଶୋଭାଯାତ୍ରା କଲାବେଳେ ମୋଗଲ ବାଦଶାହଙ୍କ ପାଖରେ କଥା ପହଞ୍ଚିଥିଲା। ମୋଗଲ ବାଦଶାହ ଫତୱା ଜାରି କରିଥିଲେ ଯେ, ଜଣେ ଫକୀର ବାଜା ବଜାଇ ଶିଷ୍ୟମାନଙ୍କୁ ନେଇ ଶୋଭାଯାତ୍ରା କରିପାରିବେ ନାହିଁ। ରାମ ଦାସଙ୍କୁ ଏହି କଥା ବହୁତ ବାଧିଥିଲା। ସେ ବାଦଶାହଙ୍କୁ ନିଜ ପରାକ୍ରମ ଦେଖାଇବା ପାଇଁ ଦିଲ୍ଲୀ ସହରକୁ

### ପାଲଟିଛି ହରି-ହର ଉପାସନାର ମିଳନ କ୍ଷେତ୍ର




ପାଣିରେ ବୁଡ଼ାଇବାକୁ ଉଦ୍ୟମ କରିଥିଲେ। ଏଥିରେ ବାଦଶାହା ଭୟଭୀତ ହୋଇ ତାଙ୍କୁ କ୍ଷମା ମାଗିଲେ ଏବଂ ଢେର ଧନରତ୍ନ ଦେଇ ଜଗନ୍ନାଥ ଧାମରେ ପହଞ୍ଚିବା ଲାଗି ସୁବନ୍ଦୋବସ୍ତ କରିଥିଲେ। ଏ ସମ୍ପର୍କରେ ପ୍ରାଚୀନ ପୁସ୍ତକ ☞ପୃଷ୍ଠା-୪

## 'କୋରୀ' ବିଶ୍ୱର ସବୁଠୁ ଓଜନିଆ ପକ୍ଷୀ

ବିଶ୍ୱରେ ପ୍ରାୟ ୯୫୦୦ ପ୍ରଜାତିର ପକ୍ଷୀ ଦେଖାଯାଆନ୍ତି। ଏଥିମଧ୍ୟରୁ କେତେକ ବିଲୁପ୍ତ ହୋଇସାରିଥିବା ବେଳେ ଆଉ କିଛି ଲୋପ ପାଇବାକୁ ବସିଛନ୍ତି। ଦକ୍ଷିଣ ଆଫ୍ରିକାରେ କୋରୀ ନାମକ ଏକ ପକ୍ଷୀ ଦେଖିବାକୁ ମିଳିଥାଏ। ଯାହା ଆକାଶରେ ଉଡୁଥିବା ପକ୍ଷୀମାନଙ୍କ ମଧ୍ୟରେ ସବୁଠୁ ଓଜନିଆ। ଏହାର ଓଜନ ପ୍ରାୟ ୧୯ କିଲୋଗ୍ରାମ। ଉଡ଼ିବା ସମୟରେ ଏହାର ପର ପ୍ରାୟ ଅଢ଼େଇ ଫୁଟ ପର୍ଯ୍ୟନ୍ତ ପ୍ରସାରିତ ହୋଇଥାଏ।

# ଇତିହାସ ରଚିଲା 'ଗଲି ବୟ'

**ମୁମ୍ବାଇ:** ଇତିହାସ ରଚିଛି ବଲିଉଡ୍ ଫିଲ୍ମ 'ଗଲି ବୟ'। ଫିଲ୍ମଫେୟାର୍ ଇତିହାସରେ ଏହା ସବୁଠାରୁ ଅଧିକ ଆୱାର୍ଡ ନିଜ ନାମରେ କରିଛି। ଫିଲ୍ମଫେୟାର୍ ଆୱାର୍ଡର ୬୫ତମ ସଂସ୍କରଣ ଉତ୍ସବରେ ଅଭିନେତ୍ରୀ ଆଲିଆ ଭଟ୍ଟ ଓ ଅଭିନେତା ରଣବୀର୍ ସିଂଙ୍କ ଏହି ସିନେମା ଧୂମ୍ ମଚାଇଛି। ୨୦୧୯ ଫେବୃୟାରୀ ୧୪ରେ ରିଲିଜ୍ ହୋଇଥିବା ଗଲି ବୟ ସର୍ବାଧିକ ୧୩ ଆୱାର୍ଡ ପାଇଥିବାବେଳେ ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ରଣବୀର୍ ସିଂ ଶ୍ରେଷ୍ଠ ଅଭିନେତା ଏବଂ ଆଲିଆ ଭଟ୍ଟ 'ବେଷ୍ଟ ଆକ୍ଟ୍ରେସ ଇନ୍ ଲିଡ୍ ରୋଲ୍' ଟ୍ରଫି ହାସଲ କରିଛନ୍ତି। ଏହା ବ୍ୟତୀତ 'ଗଲି ବୟ' ଶ୍ରେଷ୍ଠ ସିନେମା, ଶ୍ରେଷ୍ଠ ମ୍ୟୁଜିକ୍ ଆଲ୍‌ବମ ବିବେଚିତ ହୋଇଥିବାବେଳେ ଜୋୟା ଅଖତରଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଆୱାର୍ଡ ମିଳିଛି। ଗଲି ବୟ ପୂର୍ବରୁ ୨୦୦୬ରେ ଫିଲ୍ମ 'ବ୍ଲାକ୍' ୧୧ଟି ଆୱାର୍ଡ ପାଇଥିଲା। ଫିଲ୍ମଫେୟାର୍ ଆୱାର୍ଡ ଉତ୍ସବରେ ବଲିଉଡ୍‌ର ଜଗତର ବହୁ ହସ୍ତୀ ଯୋଗ ଦେଇଥିଲେ। ସେହିପରି ଫିଲ୍ମଫେୟାର୍‌ରେ ଅଭିନେତା ଆୟୁଷ୍ମାନ୍ ଖୁରାନାଙ୍କୁ ସିନେମା ଆର୍ଟିକଲ୍ ୧୫ ପାଇଁ 'ବେଷ୍ଟ ଆକ୍ଟର୍ କ୍ରିଟିକ୍ ଚଏସ୍'ଆୱାର୍ଡ ମିଳିଛି। ଏହା ବ୍ୟତୀତ ଶାହିଦ୍ କପୁରଙ୍କ ଫିଲ୍ମ 'କବୀର୍ ସିଂ'କୁ ମଧ ବେଷ୍ଟ ମ୍ୟୁଜିକ୍ ଆଲ୍‌ବମ୍ ଆୱାର୍ଡ ମିଳିଥିବାବେଳେ 'ସାଣ୍ଡ୍ କୀ ଆଁଖ୍' ପାଇଁ ତାପସୀ ପନ୍ନୁ ଏବଂ ଭୂମି ପେଡ୍‌ନେକରଙ୍କୁ 'ବେଷ୍ଟ ଆକ୍ଟ୍ରେସ୍ କ୍ରିଟିକ୍ସ ଚଏସ୍'ଆୱାର୍ଡ ମିଳିଛି। ଫିଲ୍ମଫେୟାର୍ ମଞ୍ଚରେ ବରୁଣ ଧାବନ୍, ଅକ୍ଷୟ କୁମାର, ରଣବୀର୍ ସିଂ, କାର୍ତ୍ତିକ ଆର୍ଯ୍ୟନ୍, ବିକ୍କି କୌଶଲ ପ୍ରମୁଖ ଅଭିନେତା ନିଜର ଜବରଦସ୍ତ ଡ୍ୟାନ୍ସରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ଅନ୍ୟପକ୍ଷରେ ଏହି ଉତ୍ସବରେ 'ସୋଲେ' ଭଳି ଲୋକପ୍ରିୟ ସିନେମାର ନିର୍ଦ୍ଦେଶନା ଦେଇଥିବା ସିନେ ନିର୍ଦ୍ଦେଶକ ଏବଂ ପ୍ରଯୋଜକ ରମେଶ ସିପ୍ପିଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡରେ ସମ୍ମାନିତ କରାଯାଇଥିବାବେଳେ ହିରୋ ନମ୍ବର ୱାନ୍ ଗୋବିନ୍ଦାଙ୍କୁ 'ଏକ୍ସେଲେନ୍ସ ଇନ୍ ସିନେମା' ଆୱାର୍ଡ ସହ ସମ୍ମାନିତ କରାଯାଇଛି।




## ଫିଲ୍ମଫେୟାର୍ ଆୱାର୍ଡ- ୨୦୨୦

# ପ୍ରାଣଘାତୀ ପ୍ରୋଜେରିଆ ଶୋଷିଦିଏ ଶୈଶବ



**କିଏଭ୍:** ଭୟଙ୍କର ଜେନେଟିକ୍ ଡିଜ୍‌ଅର୍ଡର 'ପ୍ରୋଜେରିଆ'। ଶିଶୁଙ୍କ ପାଇଁ ପ୍ରାଣଘାତୀ ପାଲଟିଛି ଏହି ରୋଗ। ଏଥିରେ ଆକ୍ରାନ୍ତ ହେଲେ ଦୁର୍ବିଷହ ହୋଇପଡ଼େ ଶିଶୁ ଜୀବନ। କୋମଳମତି ବୟସରେ ମାଡ଼ିଆସେ ଅକାଳ ବାର୍ଦ୍ଧକ୍ୟ। ୟୁକ୍ରେନ୍ ହସ୍ପିଟାଲରେ ପ୍ରୋଜେରିଆ ଆକ୍ରାନ୍ତ ୮ବର୍ଷର ଶିଶୁ ଏନା ସକିଡ୍‌ନଙ୍କ ମୃତ୍ୟୁ ପରେ ପୁଣିଥରେ ଚର୍ଚ୍ଚାକୁ ଆସିଛି ଏହି ଘାତକ ରୋଗ। ପ୍ରୋଜେରିଆରେ ଆକ୍ରାନ୍ତ ହେବା ପରେ ଏନାଙ୍କ ଆଭ୍ୟନ୍ତରୀଣ ଅଙ୍ଗପ୍ରତ୍ୟଙ୍ଗ କାର୍ଯ୍ୟ କରିବା ବନ୍ଦ କରିଦେଇଥିଲା। ମାତ୍ର ୮ବର୍ଷର ଏନା ୮୦ ବର୍ଷର ବୟସ୍କ ଭଳି ଦେଖାଯାଉଥିଲେ। ସାରା ପୃଥିବୀରେ ୧୬୦ ଶିଶୁ ପ୍ରୋଜେରିଆରେ ଆକ୍ରାନ୍ତ। ସେମାନେ ପ୍ରତି ମୁହୂର୍ତ୍ତରେ ମରଣକୁ ମାତ୍ ଦେବା ଅଭିଳାଷ ନେଇ ବଞ୍ଚାଲିଛନ୍ତି ଅଭିଶପ୍ତ ଜୀବନ। ଏନାଙ୍କ ମା' ଇବାନାଙ୍କ କହିବା କଥା, ଗତ ଜାନୁୟାରୀରେ ଏନା ତାଙ୍କର ଅଷ୍ଟମ ଜନ୍ମଦିନ ପାଳିଥିଲେ। ତାଙ୍କୁ ବଞ୍ଚାଇବା ଲାଗି ସେ ସବୁକିଛି ତ୍ୟାଗ କରିବାକୁ ପ୍ରସ୍ତୁତ ଥିଲେ। ହେଲେ ଏହି ମାରାତ୍ମକ ରୋଗ ତାଙ୍କ ଶରୀରକୁ ଅତ୍ୟନ୍ତ ଦୁର୍ବଳ କରିଦେଇଥିଲା। ଜୀବନ ବଞ୍ଚାଇବାକୁ ସେ ବେଶ୍ ସଂଘର୍ଷ କରି ଶେଷରେ ହାରି ଯାଇଛନ୍ତି। ଏନାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ନାଦେଜ୍ୟା କେଟାମେନ୍ କୁହନ୍ତି, ଏହି ଜଟିଳ ଜିନ୍‌ଗତ ରୋଗରେ ପୀଡ଼ିତ ଶିଶୁ ଅଧିକ ବୟସ୍କ ଜଣାପଡ଼ନ୍ତି। ପ୍ରୋଜେରିଆ ଆକ୍ରାନ୍ତ ଶିଶୁଙ୍କ ଗୋଟିଏ ବର୍ଷ ସାଧାରଣ ଶିଶୁଙ୍କ ୮ରୁ ୧୦ବର୍ଷ ସହ ସମାନ ବୋଲି କୁହାଯାଇପାରେ। ଏହି କାରଣରୁ ଏନା ୮୦ ବର୍ଷୀୟା ବୟସ୍କ ଭଳି ଦେଖାଯାଉଥିଲେ। ଏପରି ଜଟିଳ ବ୍ୟାଧିରେ ଆକ୍ରାନ୍ତ ଶିଶୁଙ୍କ ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ କାମ କରିବା ବନ୍ଦ କରିଦିଏ। ଅସ୍ଥି ବିକାଶ ଅତ୍ୟନ୍ତ ଧିମା ହୋଇଯାଏ। ରୋଗୀ ଅନେକ ଥର ଷ୍ଟ୍ରୋକ୍‌ର ଶିକାର ହୋଇଥାନ୍ତି। ମୂର୍ଚ୍ଛା ମଧ ଚାଲିଯାଆନ୍ତି। ଏନା ମଧ ଏପରି ଅନେକ ଯନ୍ତ୍ରଣା ସହିଛନ୍ତି। ଶେଷରେ ଜୀବନ ଆଗରେ ମୃତ୍ୟୁ ଜିତିଗଲା। ଏନାଙ୍କୁ ମୃତ୍ୟୁ କୋଳାଇନେଲା ବୋଲି କହିଛନ୍ତି କେଟାମେନ୍। ଏନାଙ୍କ ଚିକିତ୍ସାରେ ସହାୟତା କରୁଥିବା ଫାଉଣ୍ଡେଶନ ଅଫ୍ ୟୁକ୍ରେନିୟାନ ଭଲ୍ୟୁଣ୍ଟିୟର୍ସର ପ୍ରମୁଖ ଟିମୋଫେ ନେଗୋର୍ନି କୁହନ୍ତି, ବଞ୍ଚିବା ଲାଗି ଏନାଙ୍କ ଅଦମ୍ୟ ଇଚ୍ଛା ଥିଲା। ଡାକ୍ତରଙ୍କ ଭବିଷ୍ୟବାଣୀ ଭୁଲ ପ୍ରମାଣିତ ହେବ। ଦିନେ ନା ଦିନେ ମୃତ୍ୟୁକୁ ଜିତିବେ ବୋଲି ସେ ଦୃଢ଼ୋକ୍ତି ବାଢୁଥିଲେ। ଏନା ଜନ୍ମରୁ ପ୍ରୋଜେରିଆରେ ପୀଡ଼ିତ ଥିଲେ। ହେଲେ ୩ବର୍ଷର ହେବା ପରେ ରୋଗ ଜଣାପଡ଼ିଥିଲା। ସେତେବେଳକୁ ବହୁତ ଡେରି ହୋଇଯାଇଥିଲା। ଅନ୍ୟପଟେ ନେଦରଲାଣ୍ଡର ଜଣେ ବିଶେଷଜ୍ଞ କୁହନ୍ତି, ପାଖାପାଖି ୨୦ କୋଟି ଶିଶୁଙ୍କ ଭିତରୁ ଜଣେ ପ୍ରୋଜେରିଆ ଭଳି ବିରଳ ବ୍ୟାଧିରେ ଆକ୍ରାନ୍ତ। ଏହି କ୍ରମରେ ସାରା ପୃଥିବୀରେ ୧୬୦ ଜଣ ଶିଶୁ ଏପରି ଜଟିଳ ରୋଗରେ ପୀଡ଼ିତ ଥିବା ଆକଳନ କରାଯାଇଛି।



# ମିଜାଜ୍ ଠିକ୍ କରେ ମ୍ୟୁଜିକାଲ୍ ଆଲମ୍

**ମେଲବୋର୍ନ:** ସକାଳୁ ଶୀଘ୍ର ଉଠିବା ପାଇଁ ଅନେକ ଲୋକ ସ୍ମାର୍ଟ ଫୋନ୍‌ରେ ଆଲମ ଲଗାଇ ଶୋଇଥାନ୍ତି। ତେବେ ଆଲମ ସାଉଣ୍ଡ ଲୋକଙ୍କ ମନରେ କି ପ୍ରଭାବ ପକାଇଥାଏ, ସେ ନେଇ କରାଯାଇଥିବା ଏକ ଅଧ୍ୟୟନରୁ ନୂତନ ତଥ୍ୟ ପଦାକୁ ଆସିଛି। ରିପୋର୍ଟ ମୁତାବକ, ରାତିରେ ଯେତେ ଶୀଘ୍ର ଶୋଇଲେ ବି ସକାଳୁ ଶୀଘ୍ର ଉଠିବା ଅଧିକାଂଶଙ୍କ ପାଇଁ କଷ୍ଟକର ହୋଇଥାଏ। ରାତିରେ ଭଲ ନିଦ ହୋଇଥିଲେ ସୁଦ୍ଧା ସକାଳୁ ଉଠିବା ପରେ ଆଳସ୍ୟ ଓ ନିଦୁଆ ଲାଗିଥାଏ। ଏପରିକି ଦିନ ତମାମ ଥକାପଣ ଲାଗି ରହିଥାଏ। କିନ୍ତୁ ଏହି ସମସ୍ୟାର ସମାଧାନ କରିପାରିବ ମ୍ୟୁଜିକାଲ୍ ଆଲମ। ସକାଳୁ ଶୀଘ୍ର ଉଠିବା ପାଇଁ ମ୍ୟୁଜିକାଲ୍ ଆଲମ ଲଗାଇ ଶୋଇଲେ, ଏହାଦ୍ୱାରା ନିଦ ଭଲରେ ଭାଙ୍ଗିବା ସହ ଦିନଟି ଖୁବ୍ ଭଲରେ କଟିଥାଏ ଏବଂ ମନ ବି ଭଲ ରହିଥାଏ। ଅଷ୍ଟ୍ରେଲିଆର ଆର୍‌ଏମ୍‌ଆଇଟି ପ୍ରଫେସରଙ୍କ ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ, ସକାଳୁ ଯେଉଁ ମ୍ୟୁଜିକ୍ ଶୁଣି ଲୋକମାନେ ଉଠିଥାନ୍ତି, ତାହା ହିଁ ଦିନସାରାର ମିଜାଜ କିପରି ରହିବ ସୂଚାଇଥାଏ। ପ୍ଲୋସ୍ ୱାନ୍ ପତ୍ରିକାରେ ପ୍ରକାଶିତ ଏହି ରିପୋର୍ଟ ମୁତାବକ, ମ୍ୟୁଜିକାଲ ଆଲମ ଶୁଣି ସକାଳୁ ଉଠୁଥିବା ଲୋକମାନେ ଅନ୍ୟମାନଙ୍କ ତୁଳନାରେ ଦିନସାରା ଅଧିକ ଆଲର୍ଟ ରହିଥାନ୍ତି। ଆର୍‌ଏମ୍‌ଆଇଟିର ଆସୋସିଏଟ ପ୍ରଫେସର ଅଡରିଏନୀ ଡାୟର କୁହନ୍ତି, ବିପ୍ ବିପ୍ ସାଉଣ୍ଡ ବା ଉଚ୍ଚ ଶବ୍ଦଯୁକ୍ତ ଆଲମ ମ୍ୟୁଜିକ୍ ମସ୍ତିଷ୍କକୁ ବିଭ୍ରାନ୍ତ କରୁଥିବା ବେଳେ ମଧୁର ଶବ୍ଦ ମନକୁ ଗୁଡ୍ ଭାଇବସ୍ ଦେଇଥାଏ।

**ଉତ୍ତରାଖଣ୍ଡ:** ପାହାଡ଼ ଉପରେ ନ୍ୟାରୋ ଗେଜ୍ ହେଉ କି ମିଟର ଗେଜ୍, ପ୍ରଥମ ଥର ପାଇଁ ଟ୍ରେନ୍ ଗଡ଼ିବ। ଘଣ୍ଟାପ୍ରତି ଏହା ୧୦୦ କିଲୋମିଟର ବେଗରେ ଗତିକରିବ। ପ୍ରଥମେ ବ୍ରଡ୍ ଗଜ୍ ରେଲ୍‌ୱେ ଟ୍ରାକ୍ ୬୩ କିଲୋମିଟର ଲମ୍ବ ପଞ୍ଜାବର ଭାନୁପଲ୍ଲୀରୁ ହିମାଚଳର ବିଳାସପୁର ପର୍ଯ୍ୟନ୍ତ ଏହା ଚଳାଚଳ କରିବ। ଦ୍ୱିତୀୟରେ ୧୨୫ କିଲୋମିଟର ଲମ୍ବ ଉତ୍ତରାଖଣ୍ଡର ଋଷିକେଶରୁ କର୍ଣ୍ଣପ୍ରୟାଗ ପର୍ଯ୍ୟନ୍ତ ଚାଲିବ। ଏହି ଦୁଇ ଟ୍ରାକ୍‌ରେ ବର୍ତ୍ତମାନ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି। ଉତ୍ତରାଖଣ୍ଡ ଟ୍ରାକ୍‌କାର୍ଯ୍ୟ ୨୦୨୪ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ୨୦୨୫ରେ ହିମାଚଳ ଟ୍ରାକ୍ କାର୍ଯ୍ୟ ସରିବ। ଏହି ଦୁଇ ଟ୍ରାକ୍‌ରେ ରେଳ ଗଡ଼ିବା ସାମରିକ ଦୃଷ୍ଟିରୁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ଏହା ନିର୍ମାଣ ହେବା ଦ୍ୱାରା ସୀମାଞ୍ଚଳରେ ପହଞ୍ଚିବା ସହଜ ହେବ। ବିଳାସପୁର-ଭାନୁପଲ୍ଲୀ ରେଲ୍‌ୱେ ଟ୍ରାକ୍ ଭବିଷ୍ୟତରେ ଲେହ ପର୍ଯ୍ୟନ୍ତ ଯିବାକୁ ଲକ୍ଷ୍ୟ ରଖାଯାଇଛି। ଯେଉଁଥିପାଇଁ ଭୌଗୋଳିକ ସର୍ଭେ ଆରମ୍ଭ ହୋଇସାରିଛି। ଏହି ଟ୍ରାକ୍‌ରେ ଉତ୍ତରାଖଣ୍ଡର ଚମୋଲି ଦେଇ ଚାଇନା-ତିବ୍ବତ ସୀମା ପର୍ଯ୍ୟନ୍ତ ମଧ ସେନାମାନେ ପହଞ୍ଚିପାରିବେ। ଋଷିକେଶ-କର୍ଣ୍ଣପ୍ରୟାଗ ରେଲ୍‌ୱେ ଟ୍ରାକ୍‌କୁ ଧାର୍ମିକ ଉଦ୍ଦେଶ୍ୟରେ ନିର୍ମାଣ କରାଯାଉଛି। ଏହି ଟ୍ରାକ୍ ଦେଇ ୪ ଧାମକୁ ଯାତ୍ରୀମାନେ ସହଜରେ ଯାତାୟାତ କରିପାରିବେ। ଦୁଇଟି ଯାକ ଟ୍ରାକ୍‌ରେ ଲମ୍ବା ସୁଡ଼ଙ୍ଗ ରହିଛି। ଏହା ମଧ ଦେଇ ଟ୍ରେନ୍‌ରେ ଯାତ୍ରା କରିବା ସମୟରେ କୌଣସି ଦର୍ଶନୀୟ ସ୍ଥାନଠାରୁ ମଧ କମ୍ ଅନୁଭବ ହେବନି।

୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଟ୍ରେନ୍ ଟ୍ରାକ୍‌ର ଘୋଷଣା କରିଥିଲେ। ୨୦୧୫ରେ ଏହା ରେଳ ବିଭାଗକୁ ପଠାଯାଇଥିଲା। ମାର୍ଚ୍ଚ ୨୦୨୦ରେ ଏହି ଟ୍ରାକ୍‌ର ଲୋକାର୍ପଣ କରାଯିବାକୁ ଲକ୍ଷ୍ୟ ରହିଛି। ରେଳ ବିକାଶ ନିଗମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଯୋଗୀନ୍ଦର ସିଂହ କୁହନ୍ତି, ଏହି ଟ୍ରାକ୍ କାମ ଖୁବ୍ ତୀବ୍ର ବେଗରେ ଚାଲିଛି। ଏଥିରେ ୭ଟି ଟର୍ନେଲ ଥିବା ବେଳେ ୫ଟିରେ କାମ ଆରମ୍ଭ ହୋଇସାରିଛି। ଦୁଇଟି ଯାକ ଟ୍ରାକ୍‌ର କାର୍ଯ୍ୟ ସମୟସୀମା ୨୦୨୫ ପର୍ଯ୍ୟନ୍ତ ରହିଛି।

# ପାହାଡ଼ ଉପରେ ଗଡ଼ିବ ଟ୍ରେନ୍



# ନିର୍ଦ୍ଦେଶକ ହେବାକୁ ଚାହୁଁଥିଲେ ଅର୍ଜୁନ



**ମୁମ୍ବାଇ:** ନିର୍ଦ୍ଦେଶକ ତଥା ଅଭିନେତା ବୋନି କପୁର ଜଣେ ବାପା ହିସାବରେ ସବୁ ସନ୍ତାନଙ୍କୁ ସ୍ନେହ ଆଦର କରିଥାନ୍ତି ବୋଲି ଏକ ସାକ୍ଷାତକାରରେ କହିଛନ୍ତି। ତଥାପି ୪ ପିଲାଙ୍କ ମଧ୍ୟରୁ ସେ ଖୁସିଙ୍କୁ ବହୁତ ଭଲପାଆନ୍ତି ବୋଲି କହିଛନ୍ତି। ଖୁସି ତାଙ୍କ ଆଖିର ତାରା ହୋଇଥିବା ବେଳେ ଅର୍ଜୁନ ତାଙ୍କ ହୃଦୟ। ଏବେ ଖୁସି ବିଦେଶରେ ରହି ପାଠ ପଢୁଥିବାରୁ ତାକୁ ବହୁତ ମିସ୍ କରନ୍ତି। ତାଙ୍କ ହୃଦୟରେ ଖୁସି ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ମୋ' ପିଲାମାନଙ୍କ ପ୍ରତି ଥିବା ଭଲପାଇବାକୁ କେବେ ବି ମାପି ହେବ ନାହିଁ। କାରଣ ସେମାନଙ୍କ ପ୍ରତି ସ୍ନେହ ଆଦର ସ୍ୱାଭାବିକ। ମୁଁ ସେମାନଙ୍କ ବାପା। ଜଣେ ବାପା ହିସାବରେ କ'ଣ ପିଲାଙ୍କୁ କହିବାକୁ ପଡ଼ିବ କି ମୁଁ କେତେ ଭଲ ପାଏ ବୋଲି। ତେଣୁ ମୋ' ପାଇଁ ସବୁ ପିଲା ସମାନ ବୋଲି ବୋନି କହିଛନ୍ତି। ନିଜେ ଜଣେ ଅଭିନେତା ହୋଇ ପୁଅ ଅର୍ଜୁନଙ୍କୁ କାହିଁକି ଫିଲ୍ମରେ ଅଭିନୟ କରିବାର ସୁଯୋଗ ଦେଉ ନ ଥିଲେ ବୋଲି ପ୍ରଶ୍ନର ଉତ୍ତରରେ ବୋନି କୁହନ୍ତି, ମୋ' ପୁଅ ଚାହୁଁଥିଲା ଫିଲ୍ମ ନିର୍ଦ୍ଦେଶକ ହେବ। ତେଣୁ ଅଭିନୟ କରୁ ବୋଲି ମୋ'ର ଇଚ୍ଛା ନ ଥିଲା। ହଠାତ୍ ସଲ୍‌ମାନଙ୍କ ସହ ଦିନେ କଥା ହେବାରୁ ସଲମାନ ମୋତେ କହିଥିଲେ ଅର୍ଜୁନଙ୍କୁ ଫିଲ୍ମକୁ ଆସିବା ସୁଯୋଗ ଦିଅନ୍ତୁ। ତାଙ୍କଠାରେ ସମସ୍ତ ପ୍ରତିଭା ରହିଛି। ସଲ୍‌ମାନ ଅର୍ଜୁନଙ୍କୁ ଫିଲ୍ମକୁ ଆଣିଥିଲେ। ବୋନି ଆହୁରି ମଧ କହିଛନ୍ତି, ସଲମାନଙ୍କ ସହ ତାଙ୍କର ବହୁ ଭଲ ସମ୍ପର୍କ। ତାଙ୍କଠାରେ ସେ ଚିର ଋଣୀ।

**ମୁମ୍ବାଇ:** ବଲିଉଡ୍‌ର ଭାଇଜାନ ସଲମାନ ଖାନ ଦର୍ଶକଙ୍କୁ ପୁଣି ଏକ ନୂଆ ଫିଲ୍ମ ଭେଟି ଦେବାକୁ ଯାଉଛନ୍ତି। ନିଜ ଆଗାମୀ ସିନେମା 'କଭୀ ଇଦ କଭୀ ଦିୱାଲି'ର ଶୁଟିଂ ଆରମ୍ଭ କରିଛନ୍ତି ସଲ୍ଲୁ। ଏହି ଫିଲ୍ମକୁ ନେଇ ସଲମାନଙ୍କ ପ୍ରଶଂସକଙ୍କ ମଧ୍ୟରେ ବେଶ ଉତ୍ସାହ ରହିଛି। ଏହି ସିନେମାରେ ଫିମେଲ ଲିଡ୍‌ରେ କିଏ ଅଭିନୟ କରିବେ ତାକୁ ନେଇ ପ୍ରଶ୍ନ ଥିଲା। ଏହି ସିନେମାର ପ୍ରଯୋଜନା ଦାୟିତ୍ୱ ସହ ସ୍କ୍ରିପ୍ଟ ଲେଖୁଥିବା ସାଜିଦ ନାଡିଆୱାଲା ଏହା ଉପରୁ ପରଦା ଉଠାଇଛନ୍ତି। 'ମହେଞ୍ଜୋଦାର' ସିନେମାରେ ବଲିଉଡରେ ଡେବ୍ୟୁ କରିଥିବା ଅଭିନେତ୍ରୀ ପୂଜା ହେଗଡେ ପ୍ରଥମ ଥର ଲାଗି ସଲମାନଙ୍କ ସହ ନଜର ଆସିବାକୁ ଯାଉଛନ୍ତି। ସାଜିଦ କହିଛନ୍ତି ଯେ 'ହାଉସଫୁଲ ୪'ରେ ପୂଜାଙ୍କ ସହିତ କାମ କରିବା ପରେ 'କଭୀ ଇଦ କଭୀ ଦିୱାଲି' ସିନେମା ପାଇଁ ସେ ପୂରାପୂରି ପରଫେକ୍ଟ ବୋଲି ସେ କହିଛନ୍ତି। ଏହା ଏକ ଫ୍ୟାମିଲ ଡ୍ରାମା ସିନେମା ହେବ ବୋଲି କୁହାଯାଉଛି। ୨୦୨୧, ଇଦ ଅବସରରେ ଏହି 'କଭୀ ଇଦ କଭୀ ଦିୱାଲି' ସିନେମା ରିଲିଜ ହେବ।

# ପୂଜାଙ୍କ ସହ ରୋମାନ୍ସ କରିବେ ସଲମାନ



# ସୁସ୍ଥ ଭାରତ ଲାଗି କଲେଜ ଛାତ୍ରୀଙ୍କ ବଜ୍ର ଶପଥ

**ନୂଆଦିଲ୍ଲୀ:** ଫେବୃୟାରୀ ୧୪, ଏହି ଦିନକୁ ମାତୃପିତୃ ପୂଜନ ଦିବସ, ପ୍ରେମୀ ଯୁଗଳମାନେ ଭାଲେଣ୍ଟାଇନ୍ସ ଡେ ରୂପେ ପାଳନ କରିଥାନ୍ତି। ସେହିପରି ୨୦୧୯ରେ ଏହି ଦିନରେ ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଚଳିତବର୍ଷ ଅନେକେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଶହୀଦ ଦିବସ ମଧ ପାଳନ କରିଥିଲେ। ହେଲେ ଚଳିତବର୍ଷ ମହାରାଷ୍ଟ୍ରର ଏକ କଲେଜରେ ଦେଖିବାକୁ ମିଳିଥିଲା ଏକ ଅଜବ ଘଟଣା। ଅମରାବତୀସ୍ଥିତ ଏକ ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କଠାରୁ ଭାଲେଣ୍ଟାଇନ୍ସ ଡେ ଅବସରରେ ନିଆଯାଇଥିଲା ଭିନ୍ନ ପ୍ରକାର ଶପଥ। କଲେଜ କର୍ତ୍ତୃପକ୍ଷ ପ୍ରେମ ବିବାହ ବିରୋଧରେ ଶପଥ ନେବାକୁ କହିଥିଲେ। 'ମୁଁ ଶପଥ କରୁଛି, ମୋ ମାତାପିତାଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି, ତେଣୁ ମୁଁ ପ୍ରେମରେ ଫସିବିନି ଏବଂ ପ୍ରେମ ବିବାହ କରିବିନାହିଁ' ଛାତ୍ରୀମାନେ ମରାଠି ଭାଷାରେ ଏପରି ଶପଥ ନେଇଥିଲେ। ଏଥିସହ ଯୌତୁକ ମାଗୁଥିବା ପୁଅକୁ ବିବାହ କରିବି ନାହିଁ। ଯଦି ସମାଜକୁ ଦେଖି ମା'ବାପା ବିବାହ କରାନ୍ତି, ମା' ହିସାବରେ ଭବିଷ୍ୟତରେ ପୁଅର ବିବାହ ସମୟରେ ଯୌତୁକ ମାଗିବି ନାହିଁ କି ଝିଅର ବିବାହ ସମୟରେ ଦେବିନାହିଁ। 'ମଜ୍‌ଭୁତ ଓ ସୁସ୍ଥ ଭାରତ' ପାଇଁ ମୁଁ ଏପରି ଶପଥ ନେଉଛି ବୋଲି ଛାତ୍ରୀମାନେ ଶପଥପାଠ କରିଥିଲେ। କଲେଜର ଏନ୍‌ଏସ୍‌ଏସ୍ ଶିବିରରେ ଏପରି ଶପଥପାଠ କରାଯାଇଥିଲା। ପ୍ରଫେସର୍‌ମାନଙ୍କ ଉପସ୍ଥିତିରେ ଏପରି ଶପଥ ନିଆଯାଉଥିବାବେଳେ ଏହାର ଭିଡିଓ ଏବେ ଭାଇରାଲ୍ ହୋଇଛି। ଫଳରେ ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ମହାରାଷ୍ଟ୍ରର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଯଶୋମତି ଠାକୁର କହିଛନ୍ତି, ସମସ୍ତ ଛାତ୍ରୀଙ୍କୁ ଏପରି ଶପଥ ନେବା ଉଚିତ ଯେପରି କୌଣସି ପୁଅଙ୍କ ଘନିଷ୍ଠତା ରହିବନି। ଏଥିସହ ୱର୍ଦ୍ଧା ଭଳି ଘଟଣା ବିଷୟରେ ଛାତ୍ରୀଙ୍କୁ ସଚେତନ କରିବା ଜରୁରୀ। ତେବେ ପୂର୍ବତନ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପଙ୍କଜା ମୁଣ୍ଡେ ଟୁଇଟ୍ କରିଥିଲେ ଯେ, ଏପରି ଶପଥ କେବଳ ଛାତ୍ରୀଙ୍କ ପାଇଁ କାହିଁକି। ଅନ୍ୟପକ୍ଷରେ କଲେଜ୍ ପକ୍ଷରୁ କୁହାଯାଇଛି, ସମାଜରେ ମହିଳାଙ୍କ ବିରୋଧରେ ଅପରାଧ ବଢୁଥିବାବେଳେ ଛାତ୍ରୀମାନଙ୍କୁ ସଚେତନ କରିବା ଜରୁରୀ। ଶିବିରରେ ଛାତ୍ରୀଙ୍କ ସହ ଆଲୋଚନା ସମୟରେ ଏଭଳି ଅପରାଧକୁ ସମାପ୍ତ କରିବାକୁ ଏପରି ଏକ ବିଚାର ଆସିଥିଲା। ତେବେ ଶପଥପାଠ ଛାତ୍ରୀଙ୍କ ପାଇଁ ଇଚ୍ଛାଧୀନ ଥିଲା, ବାଧ୍ୟତାମୂଳକ ନୁହେଁ।

## ଭିଡିଓ ଭାଇରାଲ୍



## ସଂକ୍ଷେପରେ

### ଆଜି କ୍ୟାବିନେଟ୍

ଭୁବନେଶ୍ୱର,୧୬।୨(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ଓଡ଼ିଶା ସରକାରଙ୍କ କ୍ୟାବିନେଟ୍ ବୈଠକ ବସିବ। ପୂର୍ବାହ୍ନ ୯ଟା ୪୫ରେ ଲୋକସେବା ଭବନରେ ଏହି ବୈଠକ ଅନୁଷ୍ଠିତ ହେବ। ବିଧାନସଭାର ବଜେଟ୍ ଅଧିବେଶନ ଜାରି ରହିଥିବାରୁ କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ କୌଣସି ବିବୃତି ଦିଆଯିବ ନାହିଁ। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ପୂର୍ତ୍ତ ବିଭାଗ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ବନ୍ଧୀୟ ପ୍ରସ୍ତାବକୁ ମୋହର ବାଜିପାରେ। ସେହିପରି ଗୃହ, ଉଚ୍ଚଶିକ୍ଷା ବିଭାଗ ସମ୍ବନ୍ଧୀୟ ଏକାଧିକ ପ୍ରସ୍ତାବ କ୍ୟାବିନେଟ୍‌ରେ ଆଗତ ହେବ ବୋଲି ଜଣାପଡିଛି। ଜରୁରୀ ଭାବେ ଡକାଯାଇଥିବା ଏହି ବୈଠକ ସମ୍ପର୍କରେ ସମସ୍ତ ମନ୍ତ୍ରୀଙ୍କ ଆବାସିକ ଦପ୍ତର ଏବଂ କାର୍ଯ୍ୟାଳୟକୁ ଅବଗତ କରାଯାଇଛି।

### ତେଲଙ୍ଗାନାରୁ ଉଦ୍ଧାର ହେଲେ ଓଡ଼ିଆ ଶ୍ରମିକ
### 'ଓଡ଼ିଶା ମୋ ପରିବାର' କଲା ହସ୍ତକ୍ଷେପ

ଭୁବନେଶ୍ୱର,୧୬।୨(ବ୍ୟୁରୋ): 'ଓଡ଼ିଶା ମୋ ପରିବାର'ର ହସ୍ତକ୍ଷେପ ପରେ ତେଲଙ୍ଗାନାର ଇଟାଭାଟିରେ କାମ କରୁଥିବା ବଲାଙ୍ଗୀର/ସୋନପୁର ଜିଲାର ୧୬ ଶ୍ରମିକ ଏବଂ ସେମାନଙ୍କ ୫ ପିଲାଙ୍କୁ ଉଦ୍ଧାର କରାଯାଇଛି। ଏହି ଶ୍ରମିକମାନେ ତେଲଙ୍ଗାନାର ପେଡ୍ଡାପଲ୍ଲୀ ଜିଲା ବେଗମ୍‌ପେଟ ଗାଁରେ ଥିବା କାଟେ ପ୍ରଭାକର ନାମକ ଜଣେ ବ୍ୟକ୍ତିଙ୍କ ଇଟାଭାଟିରେ କାମ କରୁଥିଲେ। ଏଠାରେ ଶ୍ରମିକମାନଙ୍କୁ ନିର୍ଯାତନା ଦିଆଯିବା ସହ ଦୁଇ ମାସ ହେଲା ପାଉଣା ମିଳୁ ନ ଥିଲା। ଏପରିକି ସେମାନଙ୍କ କୁନି କୁନି ପିଲାଙ୍କୁ ଜବରଦସ୍ତ କାମରେ ଲଗାଯାଉଥିଲା। ଏଭଳି ଘଟଣା ହେଲ୍ପଲାଇନ ମାଧ୍ୟମରେ 'ଓଡ଼ିଶା ମୋ ପରିବାର'ର ସଂଯୋଜକ ଅରୂପ ପଟ୍ଟନାୟକଙ୍କ ଦୃଷ୍ଟିକୁ ଆସିଥିଲା। ଏହା ପରେ ଅରୂପ ଓଡ଼ିଶା ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଏସ୍.ଏ. ହୁଦ୍ଧାଙ୍କ ସହ ଯୋଗାଯୋଗ କରିଥିଲେ। ଏଥିସହିତ ଅରୂପ ଜିଲାପାଳ ଏବଂ ଓଡ଼ିଶାର ଶ୍ରମ କମିଶନରଙ୍କୁ ଏ ଘଟଣାରେ ପଦକ୍ଷେପ ନେବାକୁ ମଧ୍ୟ କହିଥିଲେ। ଏହାପରେ ତେଲଙ୍ଗାନାର ଏହି ଇଟାଭାଟି ଉପରେ ବେଗମ୍‌ପେଟର ଏସ୍‌ପି ସକାଳେ ଚଢ଼ାଉ କରିବା ସହିତ ଛୋଟ ଛୋଟ ପିଲାଙ୍କୁ ସୁରକ୍ଷିତ ସ୍ଥାନକୁ ନେଇ ଯାଇଥିଲେ। ରବିବାର ଶ୍ରମ ଇନ୍‌ସପେକ୍ଟର ସ୍ଥାନୀୟ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ସେହିପରି ଉଦ୍ଧାର ହୋଇଥିବା ଶ୍ରମିକମାନଙ୍କୁ ସେମାନଙ୍କ ସମସ୍ୟା ଓ ବାକିଆ ପାଉଣା ସଂକ୍ରାନ୍ତରେ ଚିକିତ୍ସି ପଚରାଉଚରା କରାଯାଉଛି।

# ୨୦ ପରୀକ୍ଷା କେନ୍ଦ୍ର ବଦଳାଇବାକୁ ନିଷ୍ପତ୍ତି
## ଯୁକ୍ତ ୨ ପରୀକ୍ଷା କେନ୍ଦ୍ର ଚୟନରେ ଅନିୟମିତତା ପ୍ରସଙ୍ଗ

ଭୁବନେଶ୍ୱର,୧୬।୨(ବ୍ୟୁରୋ)

**■ ପୂର୍ବରୁ କପି ହୋଇ ଧରାପଡ଼ିଥିବା କଲେଜରେ ହେବନାହିଁ ପରୀକ୍ଷା କେନ୍ଦ୍ର**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରୀକ୍ଷା କେନ୍ଦ୍ର ଚୟନରେ ଦୁର୍ନୀତି ହୋଇଥିବା ନେଇ ଗତ ୭ତାରିଖରେ ଅନୁଷ୍ଠିତ ପରୀକ୍ଷା ପରିଚାଳନା କମିଟି ବୈଠକରେ ୬ଜଣ ସଦସ୍ୟ ଅଭିଯୋଗ ଆଣିଥିଲେ। ଏହି ଘଟଣାକୁ ନେଇ ନାନା ବାଦ ବିବାଦ ଦେଖାଯିବା ପରେ ରବିବାର ପୂର୍ବରୁ ଚୂଡାନ୍ତ ହୋଇସାରିଥିବା ପରୀକ୍ଷା କେନ୍ଦ୍ର ତାଲିକାରେ ପରିବର୍ତ୍ତନ କରାଯାଇଛି। ରାଜ୍ୟର ଚୟନ ହୋଇଥିବା ୧୧୪୨ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ୨୦ କେନ୍ଦ୍ର ବଦଳାଯିବାକୁ ନିଷ୍ପତ୍ତି ହୋଇଥିବା ପରୀକ୍ଷା ନିୟନ୍ତ୍ରକ ବିଜୟ ସାହୁ ସୂଚନା ଦେଇଛନ୍ତି। ରବିବାର ପୂର୍ବାହ୍ନ ୧୧ଟା ସମୟରେ ବସିଥିବା ପରୀକ୍ଷା ପରିଚାଳନା କମିଟି ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ଏହାସହ ପୂର୍ବରୁ କପି ହୋଇଥିବା କଲେଜରେ ଯେପରି ପରୀକ୍ଷା କେନ୍ଦ୍ର ନ ହେବ ସେନେଇ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

କମିଟି ସଦସ୍ୟ ତଥା ବିଜେଡି ବିଧାୟକ କିଶୋର ମହାନ୍ତି କହିଛନ୍ତି ଯେ, ଯେଉଁ ପରୀକ୍ଷା କେନ୍ଦ୍ର ଚୟନ କରାଯାଇଥିଲା ସେଥିରୁ ୨୦ଟି ବଦଳାଇବାକୁ ସ୍ଥିର ହୋଇଛି। ବହୁତ ଆବାସିକ ମହାବିଦ୍ୟାଳୟକୁ ଏଥର ପରୀକ୍ଷା କେନ୍ଦ୍ର ତାଲିକାରେ ରଖାଯାଇଥିଲା। ଅପରପକ୍ଷରେ ଅନେକ ସରକାରୀ ଏବଂ ଭଲ କଲେଜକୁ ଜାଣିଶୁଣି ବାଦ୍ ଦିଆଯାଇଥିଲା। ଏନେଇ ଆପତ୍ତି ଉଠାଇବା ପରେ ଏଥିରେ ସଂଶୋଧନ କରିବା ପାଇଁ ସ୍ଥିର ହୋଇଛି ଏବଂ ତାଲିକା ମଧ୍ୟ ପ୍ରସ୍ତୁତ ହୋଇସାରିଛି। କପି ହେଉଥିବା କେନ୍ଦ୍ରରେ ଯେପରି ପରୀକ୍ଷା ନ ହେବ ଏବଂ ପିଲାମାନେ ଭଲରେ ପରୀକ୍ଷା ଦେଇପାରିବେ ତା' ଉପରେ ଗୁରୁତ୍ୱ ଦିଆଯିବା ଦରକାର ବୋଲି ମହାନ୍ତି କହିଛନ୍ତି।

ଗତ ବୈଠକରେ କମିଟି ସଦସ୍ୟ ଅଭିଯୋଗ କରିଥିଲେ ଯେ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର କିଛି ଅସାଧୁ କର୍ମଚାରୀ ଟଙ୍କା ଖାଇ ପରୀକ୍ଷା କେନ୍ଦ୍ର ଚୟନରେ ଦୁର୍ନୀତି କରିଛନ୍ତି। ପରୀକ୍ଷା ପରିଚାଳନା କମିଟି ଯେଉଁ ପରୀକ୍ଷା କେନ୍ଦ୍ର ତାଲିକା ପ୍ରସ୍ତୁତ କରିଥିଲା ତାହା ପରିବର୍ତ୍ତନ କରାଯାଇ ଆଉ ଏକ ନୂଆ ତାଲିକା ପ୍ରକାଶ କରାଯାଇଥିଲା। ଯେଉଁ କଲେଜଗୁଡ଼ିକରେ ପୂର୍ବବର୍ଷ କପି ହୋଇନାହିଁ କିମ୍ବା ପରୀକ୍ଷା କେନ୍ଦ୍ରକୁ ବାତିଲ କରାଯାଇନାହିଁ ସେଠାରେ ଏଥର ପରୀକ୍ଷା କେନ୍ଦ୍ର କରିବା ଲାଗି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ମାତ୍ର କମିଟି ପ୍ରସ୍ତାବକୁ ବେଖାତିର କରି ମନଇଚ୍ଛା ପୁରୁଣା ତାଲିକାକୁ ବଦଳାଇ ଦେବା ସହିତ ନୂଆ ପରୀକ୍ଷା କେନ୍ଦ୍ର ତାଲିକା ପ୍ରସ୍ତୁତ କରାଯାଇଥିଲା। ଏପରିକି କମିଟି ସଦସ୍ୟଙ୍କୁ ମଧ୍ୟ ଜଣାଇ ଦିଆଯାଇ ନ ଥିଲା ବୋଲି ଅଭିଯୋଗ ହୋଇଥିଲା। ତେଣୁ ଏହାକୁ ବିରୋଧ କରି ୪ ଅଧ୍ୟାପକଙ୍କ ସହ ଦୁଇ ବିଧାୟକ ବୈଠକ ଅଧାରୁ ଉଠିଆସିଥିଲେ। ପ୍ରକାଶ ଯେ, ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡର ପରୀକ୍ଷା କମିଟିର ୧୦ଜଣ ସଦସ୍ୟ ମଧ୍ୟରୁ ଦୁଇଜଣ ବିଧାୟକ, ୪ଜଣ କଲେଜ ଅଧ୍ୟାପକ ଏବଂ ୪ଜଣ ସରକାରୀ ଅଧିକାରୀ ଅଛନ୍ତି।

# ବିଳମ୍ବରେ ବହି ମିଳିବା ଘଟଣାର ତଦନ୍ତ ହେବ: ମନ୍ତ୍ରୀ

ଭୁବନେଶ୍ୱର,୧୬।୨(ବ୍ୟୁରୋ)

ମାଟ୍ରିକ ପରୀକ୍ଷାର କିଛିଦିନ ପୂର୍ବରୁ ଏସ୍‌ସି, ଏସ୍‌ଟି ଛାତ୍ରୀଛାତ୍ରଙ୍କୁ ବହି ମିଳିବା ଘଟଣାର ତଦନ୍ତ ହେବ। ଏଥିପାଇଁ ମାଧ୍ୟମିକ ଶିକ୍ଷା ବୋର୍ଡକୁ ନିର୍ଦ୍ଦେଶ ଦିଆଯାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ରବିବାର କହିଛନ୍ତି। ସେ କହିଛନ୍ତି ଯେ, ବହି ଦେବାରେ କାହିଁକି ବିଳମ୍ବ ହେଲା, ତାହାର ତଦନ୍ତ ହେବ। ଯେଉଁମାନେ ଦାୟୀ ରହିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ତଫସିଲଭୁକ୍ତ ଜାତି, ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା। ସେ କହିଛନ୍ତି, ଯଦି ଏହି ଘଟଣା ସତ ହୋଇଥିବ ତେବେ ତାହା ଆଦୌ ଠିକ୍ ନୁହେଁ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବ। ସୂଚନାଯୋଗ୍ୟ, ରାଜ୍ୟ ସରକାର ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଏବଂ ନବମ ଓ ଦଶମ ଶ୍ରେଣୀର କେବଳ ଏସ୍‌ସି ଓ ଏସ୍‌ଟି ଛାତ୍ରୀଛାତ୍ରଙ୍କ ପାଇଁ ମାଗଣା ପୁସ୍ତକ ଦେବାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଚଳିତ ଶିକ୍ଷାବର୍ଷରେ ପାଠ ପଢ଼ିବାକୁ ବହି ଦେଇ ନ ଥିଲେ। ବିନା ବହିରେ ବର୍ଷ ସାରା ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଯାଇଥିଲା। ପରୀକ୍ଷାର ଠିକ୍ ପୂର୍ବରୁ ଏସ୍‌ସି ଓ ଏସ୍‌ଟି ଛାତ୍ରୀଛାତ୍ରଙ୍କ ପାଇଁ ଶନିବାର ବହି ଦିଆଯାଇଥିଲା। କଟକ ରେଭେନ୍‌ସା କଲେଜିଏଟ ସ୍କୁଲରେ ବହି ପାଇଁ ପ୍ରବଳ ଭିଡ଼ ଲାଗିଥିଲା। ଉଲ୍ଲେଖଯୋଗ୍ୟ, ଆସନ୍ତା ୧୯ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ରେ ଶେଷ ହେବ। ଏଥର ୫ ଲକ୍ଷ ୬୦ ହଜାର ୮୯୧ ଜଣ ଛାତ୍ରୀଛାତ୍ର ୨,୮୮୮ଟି କେନ୍ଦ୍ରରେ ପରୀକ୍ଷା ଦେବେ।

# ବକେୟା ଦରମା, ମହଙ୍ଗା ଭତ୍ତାକୁ ନେଇ ଅସନ୍ତୋଷ
## ଆଜି ଆଲୋଚନା କରିପାରନ୍ତି ସରକାର

ଭୁବନେଶ୍ୱର,୧୬।୨(ବ୍ୟୁରୋ)

କେନ୍ଦ୍ର ସରକାର ୧୬ ଜାନୁୟାରୀରୁ ସରକାରୀ କର୍ମଚାରୀଙ୍କ ପାଇଁ ୭ମ ବେତନ କମିଶନ ଲାଗୁ କରିସାରିଛନ୍ତି। ପରେ ଓଡ଼ିଶା ସରକାର ସେପ୍ଟେମ୍ବର ୨୦୧୭ରେ ଏହା ଘୋଷଣା କରିଥିଲେ ଏବଂ ଏହାକୁ ପିଛିଲା ଭାବେ ୧ ଜାନୁୟାରୀ ୨୦୧୬ରୁ ଲାଗୁ କରାଯିବା ନେଇ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ରାଜ୍ୟ ସରକାର ୨୦୧୬ ଜାନୁୟାରୀରୁ ୨୦୧୭ ସେପ୍ଟେମ୍ବର ପର୍ଯ୍ୟନ୍ତ କର୍ମଚାରୀଙ୍କୁ ମାତ୍ର ୪୦ ପ୍ରତିଶତ ବକେୟା ଦରମା(ଏରିଅର) ପ୍ରଦାନ କରିଥିଲେ। ନିକଟରେ ଗତ ଗୁରୁବାର ରାଜ୍ୟ ସରକାର ବାକିଥିବା ୬୦ପ୍ରତିଶତ ବକେୟା ଦରମାରୁ ୧୦ପ୍ରତିଶତ ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ଦୀର୍ଘଦିନ ପରେ ୧୦ପ୍ରତିଶତ ଦେବା ଘଟଣାକୁ ନେଇ କର୍ମଚାରୀ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ଏହାକୁ ପ୍ରଶମିତ କରିବା ପାଇଁ ରାଜ୍ୟ ସରକାର ଶୁକ୍ରବାର ୫ ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧି ନେଇ ଘୋଷଣା କଲେ ମାତ୍ର ଅସନ୍ତୋଷ ହ୍ରାସ ପାଇବା ବଦଳରେ ବୃଦ୍ଧି ପାଇବାରେ ଲାଗିଛି। କାରଣ ରାଜ୍ୟ ସରକାର ଘୋଷଣା କରିଥିବା ୫ ପ୍ରତିଶତ ମହଙ୍ଗା ଭତ୍ତା ଚଳିତ ବର୍ଷ ଜାନୁୟାରୀ ପରିବର୍ତ୍ତେ ପିଛିଲା ଭାବେ ଲାଗୁ ହେବ ବୋଲି ସରକାର ଘୋଷଣା କରିଛନ୍ତି। ଅପରପକ୍ଷରେ ୨୦୧୯ ଜୁଲାଇରୁ କେନ୍ଦ୍ର ସରକାରଙ୍କ କର୍ମଚାରୀମାନେ ଏହି ୫% ମହଙ୍ଗା ଭତ୍ତା ପାଇ ଆସୁଛନ୍ତି। ତେବେ ରାଜ୍ୟ ସରକାର ଏବେ ଯେଉଁ ଘୋଷଣା କରିଛନ୍ତି ସେଥିରେ ୨୦୧୯ ଜୁଲାଇରୁ ଡିସେମ୍ବର ପର୍ଯ୍ୟନ୍ତ ୫ ପ୍ରତିଶତ ମହଙ୍ଗା ଭତ୍ତା ମିଳିବା/ବୃଦ୍ଧି ନେଇ କୌଣସି ସ୍ପଷ୍ଟ ସୂଚନା ଦେଇ ନାହାନ୍ତି। ଯାହାକୁ ନେଇ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଯାହା ଫଳରେ ଗୁରୁବାରରୁ ଦାନା ବାନ୍ଧୁଥିବା ଅସନ୍ତୋଷ ଶନିବାର ଅପରାହ୍ନରେ ସଚିବାଳୟରେ ଦେଖିବାକୁ ମିଳିଥିଲା। ଲୋକସେବା ଭବନ, ଖାରବେଳ ଭବନରେ କାର୍ଯ୍ୟରତ ସଂଖ୍ୟାଧିକ କର୍ମଚାରୀ ସରକାରଙ୍କ ଏଭଳି ନୀତିକୁ ସମାଲୋଚନା କରିଥିଲେ। ତେଣୁ ଏହି ନିଷ୍ପତ୍ତିର ପୁନର୍ବିଚାର ନ କଲେ ଆନ୍ଦୋଳନ ଏକମାତ୍ର ପନ୍ଥା ବୋଲି କର୍ମଚାରୀ ମହଲରେ ପ୍ରକାଶ ପାଉଛି। ତେଣୁ ଏହି ଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ସୋମବାର ଏ ବାବଦରେ କର୍ମଚାରୀ ପ୍ରତିନିଧିମାନଙ୍କ ସହ ମୁଖ୍ୟମନ୍ତ୍ରୀ ଅଥବା ମୁଖ୍ୟ ସଚିବ ଆଲୋଚନା କରିବେ ବୋଲି ଆଶା କରାଯାଉଛି। ଅପରପକ୍ଷରେ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆସନ୍ତା ମାସ ୧୯ରେ ଏ ନେଇ ରାଜ୍ୟବ୍ୟାପୀ ପ୍ରତିବାଦ କରାଯିବ ବୋଲି ଏହାର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

# ଡେମୋ ଦେଖାଇଲେ ଡ୍ରାଇଭର ବର୍ଦ୍ଧନ

## କଳ୍ପନା ଦାଶ, ବବ୍‌ଲି ହତ୍ୟା ଘଟଣା



ଅନୁପ ସାଏଙ୍କ ଡ୍ରାଇଭରଙ୍କ ଦ୍ୱାରା ଲାଇଭ ଡେମୋ କରିବାକୁ ଘଟଣାସ୍ଥଳରେ ପୋଲିସ କର୍ମଚାରୀ।

ଝାରସୁଗୁଡ଼ା ଅଫିସ, ୧୬।୨

ଛତିଶଗଡ଼ର ରାୟଗଡ଼ ଜିଲା ଚନ୍ଦ୍ରଧରନଗର ଥାନା ଅଧୀନ ହମିରପୁର ଜଙ୍ଗଲ ରାସ୍ତାରେ ୨୦୧୬ରେ କଳ୍ପନା ଦାଶ ଓ ତାଙ୍କ ଝିଅ ବବ୍‌ଲିଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ପୋଲିସ ଏହି ଘଟଣାରେ ବହୁ ତଥ୍ୟ ପାଇଛି । ଶୁକ୍ରବାର ରାତିରେ ମାମଲାର ମୁଖ୍ୟ ଅଭିଯୁକ୍ତ ପୂର୍ବତନ ବିଧାୟକ ଅନୁପ ସାଏଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ପୋଲିସ ଉଠାଇ ନେଇଥିଲା। ଅନୁପଙ୍କ ସମସ୍ତ କଳାକାରନାମାର ପେଡି ବର୍ଦ୍ଧନ ଖୋଲିଛନ୍ତି। ପ୍ରଥମେ ବର୍ଦ୍ଧନ ଦୋଷ ସ୍ୱୀକାର କରୁ ନ ଥିଲେ। ହେଲେ ପୋଲିସ ବର୍ଦ୍ଧନଙ୍କଠାରୁ ରହସ୍ୟ ଉନ୍ମୋଚନ କରିବାରେ ସଫଳ ହୋଇଛି। ସେ ଏହି ଘଟଣାରେ ଦୋଷୀ ବୋଲି ସ୍ୱୀକାର କରିଛନ୍ତି। କିଭଳି କଳ୍ପନା ଦାଶ ଓ ତାଙ୍କ ଝିଅ ବବ୍‌ଲିଙ୍କୁ ହତ୍ୟା କରାଯାଇଥିଲା ତା'ର ଲାଇଭ ଡେମୋ କରି ଦେଖାଇଛନ୍ତି। ରବିବାର ଚନ୍ଦ୍ରଧରନଗର ଥାନା ପୋଲିସର ଏକ ଟିମ୍ ବର୍ଦ୍ଧନଙ୍କୁ ନେଇ ମୃତଦେହ ମିଳିଥିବା ସ୍ଥାନକୁ ଯାଇଥିଲା। ସେଠାରେ ନଡ଼ାରେ ପ୍ରସ୍ତୁତ ମଣିଷ ଆକୃତିର ୨ ପ୍ରତିକୃତି (ଡେମୋ) ରଖାଯାଇଥିଲା। ଏହାପରେ ବର୍ଦ୍ଧନ ଡେମୋ କରି କିଭଳି ଗାଡ଼ି ଚଢ଼ାଇ ହତ୍ୟା କରାଯାଇଥିଲା ତାହା ଦେଖାଇଥିଲେ। ପୋଲିସ ଏହାର ଭିଡିଓ ପ୍ରସ୍ତୁତ କରିଛି। ସେହିପରି ଏହି ହତ୍ୟାକାଣ୍ଡରେ କେବଳ ଅନୁପ ଓ ବର୍ଦ୍ଧନ ନୁହନ୍ତି ବରଂ ଅନ୍ୟ ଜଣେ ସହଯୋଗୀ ଥିଲେ ବୋଲି ପୋଲିସକୁ ବର୍ଦ୍ଧନ ସୂଚନା ଦେଇଛନ୍ତି। ତାଙ୍କ ସମ୍ପର୍କରେ ମଧ୍ୟ ପୋଲିସକୁ ବର୍ଦ୍ଧନ ସୂଚନା ଦେଇଛନ୍ତି।

### ଯୋଜନା ରଚିଥିଲେ ଅନୁପଙ୍କ ଜଣେ ନିକଟ ସମ୍ପର୍କୀୟ

ବହୁ ଚର୍ଚ୍ଚିତ ମା' ଝିଅ ହତ୍ୟା ଘଟଣାରେ ଦିନକୁ ଦିନ ନୂଆ ନୂଆ ତଥ୍ୟ ପଦାକୁ ଆସୁଛି। ଏହି ଘଟଣାରେ ଅନୁପଙ୍କୁ ମୁଖ୍ୟ କୁହାଯାଉଥିବା ବେଳେ ଆଉ ଜଣେ ବ୍ୟକ୍ତି ଏହି ଘଟଣାର ସମ୍ପୂର୍ଣ୍ଣ ଯୋଜନା କରିଥିବା ପୋଲିସ ସୂଚନା ପାଇଛି। ତେବେ ପୋଲିସ କିନ୍ତୁ ଏ ସମ୍ପର୍କରେ କୌଣସି ସୂଚନା ଦେଇନାହିଁ। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଅନୁପଙ୍କ ଜଣେ ଅତି ନିକଟ ସମ୍ପର୍କୀୟ ଏହି ସମ୍ପୂର୍ଣ୍ଣ ହତ୍ୟାକାଣ୍ଡର ମାଷ୍ଟର ପ୍ଲାନ ରଚିଥିଲେ। ହତ୍ୟାକାଣ୍ଡ ଘଟିଥିବା ସ୍ଥାନ ମଧ୍ୟ ସେ ଚୟନ କରିଥିଲେ। ଘଟଣା ପୂର୍ବରୁ ସେଠାରେ ସେ ଉପସ୍ଥିତ ମଧ୍ୟ ଥିଲେ। ସନ୍ଧ୍ୟା ପରେ ଉକ୍ତ ସ୍ଥାନକୁ କେହି ଯିବା ଆସିବା କରୁ ନ ଥିବାରୁ ସେଠାରେ ହତ୍ୟାକାଣ୍ଡ ଭିଆଇବା ସୁରକ୍ଷିତ ଓ ସହଜେ ଖସି ଯାଇହେବ ବୋଲି ସେ ପରାମର୍ଶ ଦେଇଥିଲେ।

### କାହା ନାଁ ନ କହିବାକୁ ଅନୁପଙ୍କ ଧମକ

ଡବଲ ମର୍ଡର ଘଟଣାରେ ପୂର୍ବତନ ବିଧାୟକ ଅନୁପ ସାଏଙ୍କ ସମ୍ପୃକ୍ତି ପରେ ଜିଲାରେ ନାନା ଚର୍ଚ୍ଚା ହେଉଛି। ଅନୁପଙ୍କୁ କୋଳରେ ନେଇଥିବା ଶାସକ ବିଜେଡି ଏବେ ହାତ ଛାଡି ଦେଇଛି। ସ୍ଥାନୀୟ କୌଣସି ନେତା ଏହି ଘଟଣାରେ ମୁହଁ ଖୋଲୁ ନାହାନ୍ତି। ଏହା ଜିଲା ରାଜନୀତିକୁ ସରଗରମ କରିଛି। ସହରର ବିଭିନ୍ନ ଛକ, ଦୋକାନ, ବଜାର, ଖଟି ଇତ୍ୟାଦି ସ୍ଥାନରେ ନାନା ଚର୍ଚ୍ଚା ହେଉଛି। ଅନୁପ ପୋଲିସ ନିକଟରେ ସବୁ ଦୋଷ ସ୍ୱୀକାର କରଛନ୍ତି। ସେ ନିଜେ ଓ ତାଙ୍କ ଡ୍ରାଇଭର ହତ୍ୟା କରିଥିବା କହିଛନ୍ତି। ହେଲେ ଆଉ କାହା ନାଁ କହୁ ନାହାନ୍ତି। ତାଙ୍କ ପଛରେ ଯେଉଁ ନେତା ଦ୍ୱୟଙ୍କ ଆଶୀର୍ବାଦ ଥିଲା ସେମାନେ ଏବେ ଚୁପ୍। ଅନୁପଙ୍କୁ ୬ ମାସ ହେବ ଛତିଶଗଡ଼ ପୋଲିସ ରିମାଣ୍ଡରେ ରଖିଥିବା ସମ୍ପର୍କରେ ଖୋଦ ଅନୁପ ଓ ଜିଲାର ସମ୍ପୃକ୍ତ ୨ ଜଣ ପ୍ରତିଷ୍ଠିତ ଜନପ୍ରତିନିଧି ଜାଣିଥିଲେ। ଅନୁପ ଏହି ଘଟଣାରେ ନିଶ୍ଚୟ ବନ୍ଧା ହେବେ ବୋଲି ମଧ୍ୟ ଉକ୍ତ ଦୁଇ ନେତା ଜାଣିଥିଲେ। ହେଲେ ପୂର୍ବରୁ ଅନୁପଙ୍କୁ ଯେମିତି ପୋଲିସ ନ ବାନ୍ଧୁ ସେ ନେଇ ଏ ଦୁହେଁ ସହଯୋଗ କରୁଥିଲେ। କାଳେ ଅନୁପ ପୋଲିସକୁ ସମ୍ପୃକ୍ତ ନେତା ଦ୍ୱୟଙ୍କ ସମ୍ପର୍କରେ କହିଦେବେ ସେହି ଭୟରେ ଏବେ ଏହି ଦୁଇ ଜନ ପ୍ରତିନିଧି ଥରୁଛନ୍ତି। ଅନୁପ ଯେମିତି ଭୁଲରେ ବି ଏ ଦୁଇ ନେତାଙ୍କ ନାଁ ପୋଲିସ ଆଗରେ ନ ଧରନ୍ତି ସେନେଇ ଏ ଦୁହେଁ ଅନୁପଙ୍କୁ ଧମକ ଦେଉଛନ୍ତି।

# ରାସ୍ତାରେ ଯୁବତୀଙ୍କୁ ଅସଦାଚରଣ, କନ୍‌ଷ୍ଟେବଲ ନିଲମ୍ବିତ

ଭୁବନେଶ୍ୱର, ୧୬।୨(ବ୍ୟୁରୋ)

**ରାଜଧାନୀରେ ଖାକିବାବୁଙ୍କୁ ପ୍ରେମ ରୋଗ ଛାଡୁନି**



**■ ଲୋକେ କାବୁକରି ନିସ୍ତୁକ ମାଡ଼ ମାରିଲେ**
**■ ଜୋତା, ଗୋଇଠା ମାରି ନିଶା ଉତାରିଲେ ଯୁବତୀ**

ରାଜଧାନୀରେ ଖାକିବାବୁଙ୍କୁ ପ୍ରେମ ରୋଗ ଛାଡୁନି। ଗୋଟିଏ ମାସ ଭିତରେ ୩ ପୋଲିସ କର୍ମଚାରୀ ପ୍ରେମ ଓ ବଳାତ୍କାର ମାମଲାରେ ଗିରଫ ହୋଇଥିବାବେଳେ ରବିବାର ରାଜଧାନୀ ରାଜରାସ୍ତାରେ ଆଉ ଏକ ଖାକି କାରନାମା ଦେଖିବାକୁ ମିଳିଛି। ଜଣେ ଯୁବତୀଙ୍କୁ ଅସଦାଚରଣ କରିବା ଜଣେ ପୋଲିସ ବାବୁଙ୍କ ପାଇଁ ମହଙ୍ଗା ପଡ଼ିଛି। ଲୋକଙ୍କ ମାଡ଼ ସହ ଅସଦାଚରଣର ଶିକାର ଯୁବତୀଙ୍କ ଜୋତା ଓ ଗୋଇଠା ମାଡ଼ରେ ତାଙ୍କ ପ୍ରେମନିଶା ଉତୁରି ଯାଇଛି। ରବିବାର କ୍ୟାପିଟାଲ ଥାନା ଅନ୍ତର୍ଗତ କଳ୍ପନା ଛକ ନିକଟରେ ଷ୍ଟେସନ ସିକ୍ୟୁରିଟି ବାଟାଲିଅନ (ଏସ୍‌ଏସ୍‌ବି)ର କନ୍‌ଷ୍ଟେବଳ ପ୍ରମୋଦ ବେହେରା ଏପରି କାଣ୍ଡ ଘଟାଇଛନ୍ତି। ଘଟଣା ସମୟର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କ୍ୟାପିଟାଲ ଥାନା ପୋଲିସ ଅଭିଯୁକ୍ତ କନ୍‌ଷ୍ଟେବଳଙ୍କୁ ଉଦ୍ଧାର କରି ଥାନାକୁ ନେଇ ପଚରାଉଚରା କରୁଛି। ତାଙ୍କ ଘର ଗଞ୍ଜାମ ଗୋଳନ୍ତରା ଅଞ୍ଚଳରେ ହୋଇଥିବାବେଳେ ସେ ଏଠାରେ ଏସ୍‌ଏସ୍‌ବି କ୍ୟାମ୍ପରେ ରହୁଛନ୍ତି। ଘଟଣା ପ୍ରଘଟ ହେବା ପରେ ସମ୍ପୃକ୍ତ କନ୍‌ଷ୍ଟେବଳଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଡିସିପି ଅନୁପ କୁମାର ସାହୁଙ୍କ ଚିଠି ଆଧାରରେ ଏସ୍‌ଏସ୍‌ବି କମାଣ୍ଡାଣ୍ଟ ଅଭିଯୁକ୍ତ ପ୍ରମୋଦଙ୍କୁ ନିଲମ୍ବିତ କରିଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଘଟଣା ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପୋଲିସ ଏକ ଷ୍ଟେସନ ଡାଏରୀ କରି ଯୁବତୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା ଚଳାଇଛି। ଅଭିଯୋଗ ହେବା ପରେ ମାମଲା ରୁଜୁ କରାଯିବ ବୋଲି କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି। ମିଳିଥିବା ସୂଚନାନୁଯାୟୀ, ସମୟ ଅପରାହ୍ନ ୨ଟା। ଜଣେ ଯୁବତୀ ସାଙ୍ଗଙ୍କ ସହ ରାଜମହଲରୁ କଳ୍ପନା ଛକ ଅଭିମୁଖେ ଆସୁଥିଲେ। କଳ୍ପନା ଛକ ନିକଟରେ ହେଉଥିବାବେଳେ ହଠାତ୍ ଜଣେ କନ୍‌ଷ୍ଟେବଳ ପଛରୁ ଯୁବତୀଙ୍କ ହାତକୁ ଧରିନେଇଥିଲେ। ଯୁବତୀ ଜଣକ ପାଟିକରି ହାତକୁ ଛାଡିଦେବା ପରେ ପ୍ରେମନିଶାରେ ଥିବା କନ୍‌ଷ୍ଟେବଳ ତାଙ୍କୁ ପଛପଟୁ ଧରି ଅସଦାଚରଣ କରିଥିଲେ। ଚିତ୍କାର ଶୁଣି ନିକଟରେ ବ୍ୟବସାୟ କରୁଥିବା ଫଳ ଦୋକାନୀମାନେ ଦୌଡ଼ି ଆସିଥିଲେ। କନ୍‌ଷ୍ଟେବଳ ଖସିପଳିବାକୁ ଉଦ୍ୟମ କରୁଥିବାବେଳେ ତାଙ୍କୁ କାବୁ କରିନେଇଥିଲେ। ଏହାପରେ ସେହିବାଟ ଦେଇ ଯାଉଥିବା ଲୋକଙ୍କ ଭିଡ଼ ଜମିଥିଲା। ଘଟଣା ସମ୍ପର୍କରେ ଜାଣିବା ପରେ କିଏ ଗୋଇଠା ତ ଆଉ କିଏ ବିଧା, ଚାପୁଡ଼ା ମାରିଥିଲେ। ଅସଦାଚରଣର ଶିକାର ଯୁବତୀ ଜଣକ ମଧ୍ୟ ଛାଡ଼ି ନ ଥିଲେ। ଜୋତାରେ ପିଟିବା ସହ ମୁହଁକୁ ଗୋଇଠା ମାରି ପ୍ରତିଶୋଧ ନେଇଥିଲେ। ନିସ୍ତୁକ ମାଡ଼ ଖାଇବା ପରେ କନ୍‌ଷ୍ଟେବଳ ନିଶାଗ୍ରସ୍ତଙ୍କ ଭଳି ଦୁଇ ହାତକୁ ଯୋଡ଼ି ବାରମ୍ବାର ଭୁଲ ମାଗି ଚାଲିଥିଲେ ମଧ୍ୟ କେହି କିଛି ଶୁଣି ନ ଥିଲେ। ଶେଷରେ ଯୁବତୀ ଜଣକ ନିଜ ମୋବାଇଲରେ ଥାନାକୁ ଫୋନ୍ କରିବା ପରେ ପୋଲିସ ପହଞ୍ଚି କନ୍‌ଷ୍ଟେବଳଙ୍କୁ ଉଦ୍ଧାର କରି ଥାନାକୁ ନେଇଯାଇଥିଲା। ଏଠାରେ ପ୍ରଶ୍ନ ଉଠୁଛି, ଉକ୍ତ ଯୁବତୀଙ୍କୁ ପୂର୍ବରୁ କନ୍‌ଷ୍ଟେବଳ ଜଣକ ଜାଣିଥିଲେ କି? ଯଦି ଜାଣିଥିଲେ ତେବେ ଉଭୟଙ୍କ ମଧ୍ୟରେ ଏମିତି କ'ଣ ଘଟିଲା ଯେ ସେ ତାଙ୍କୁ ରାସ୍ତାମଝିରେ ଅସଦାଚରଣ କଲେ। ଏ ନେଇ ପୋଲିସ ସମ୍ପୃକ୍ତ କନ୍‌ଷ୍ଟେବଳଙ୍କୁ ପଚରାଉଚରା କରିଥିଲେ ମଧ୍ୟ ସେ ଯୁବତୀଙ୍କୁ ଜାଣି ନ ଥିବା କହିଛନ୍ତି।

### ପୂର୍ବରୁ ଘଟିଥିବା ୩ ଘଟଣା

ଡେରାବୁସ୍ତ୍ରର ଜଣେ ଯୁବତୀଙ୍କୁ ଭୁବନେଶ୍ୱରରେ ରଖି ସିଆର୍‌ପିଏଫ୍‌ର ଜଣେ ଯବାନ ବଳାତ୍କାର କରିଥିଲେ। ଏହି ମାମଲାରେ ନୟାପଲ୍ଲୀ ଥାନା ପୋଲିସ ଗତ ୩ ତାରିଖରେ ସମ୍ପୃକ୍ତ ଯବାନଙ୍କୁ ଗିରଫ କରିଥିଲା। ସେହିଭଳି ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ବଳାତ୍କାର କରିଥିଲେ ଏସ୍‌ଏସ୍‌ବିର ଜଣେ କନ୍‌ଷ୍ଟେବଳ। ଏ ନେଇ ଅଭିଯୋଗ ହେବା ପରେ ଗତ ୪ ତାରିଖରେ ମହିଳା ଥାନା ପୋଲିସ ଅଭିଯୁକ୍ତ କନ୍‌ଷ୍ଟେବଳଙ୍କୁ ଗିରଫ କରିଥିଲା। ତୃତୀୟ ଘଟଣାଟି ନୟାପଲ୍ଲୀ ଥାନାଅଞ୍ଚଳରେ ଘଟିଥିଲା। ଓଏସ୍‌ଏପିର ଜଣେ ସିପାହି ଜଣେ ମହିଳାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଏହି ମାମଲାରେ ଗତ ୮ ତାରିଖରେ ସେ ଗିରଫ ହୋଇଥିଲେ।

# ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ଶାହା

ଭୁବନେଶ୍ୱର,୧୬।୨(ବ୍ୟୁରୋ)

- ୨୮ରେ ସିଏଏ ସପକ୍ଷରେ ବିରାଟ ଜନସଭା
- ୨୯ରେ ଜଗନ୍ନାଥ, ଲିଙ୍ଗରାଜଙ୍କ ଦର୍ଶନ ସାରି ଫେରିବେ
- ଲକ୍ଷେରୁ ଅଧିକ କାର୍ଯ୍ୟକର୍ତ୍ତା ଯୋଗଦେବେ: ସମୀର
- ପୂର୍ବାଞ୍ଚଳ ପରିଷଦ ବୈଠକରେ ମଧ୍ୟ ଯୋଗଦେବେ



ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଓ ଅନ୍ୟମାନେ।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୨୮ ତାରିଖରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା 'ନାଗରିକତ୍ୱ ସଂଶୋଧନ ଆଇନ' ସମର୍ଥନରେ ଏକ ବିଶାଳ ରାଲି ଓ ଜନସଭାରେ ସେ ଉଦ୍‌ବୋଧନ ଦେବେ। ରାଜଧାନୀରେ ସେ ୨୮ରେ ରାତ୍ରି ଯାପନ କରିବେ ଏବଂ ୨୯ରେ ପୁରୀ ଗସ୍ତ କରି ଜଗନ୍ନାଥଙ୍କୁ ପ୍ରଥମେ ଦର୍ଶନ କରିବେ। ସେଠାରୁ ଫେରି ଶାହା ଲିଙ୍ଗରାଜଙ୍କୁ ଦର୍ଶନ କରି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ସୂଚନା ଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ଗତ ଶୀତକାଳୀନ ଅଧିବେଶନରେ ସିଏଏ ବିଲ୍ ପାରିତ ହେବାପରେ ଜାନୁଆରୀ ୫ରୁ ଦେଶବ୍ୟାପୀ ଏହି ଆଇନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେହି କ୍ରମରେ ଓଡ଼ିଶାର ବିଭିନ୍ନ ଜିଲାରେ ସିଏଏ ସପକ୍ଷରେ ରାଲି ଓ ଜନସମାବେଶ କାର୍ଯ୍ୟକ୍ରମ ଚାଲିଛି। ନାଗରିକତ୍ୱ ସଂଶୋଧନ ଆଇନକୁ ସମର୍ଥନ କରି ପ୍ରତ୍ୟେକ ସ୍ଥାନରେ ଜନଜାଗରଣ କାର୍ଯ୍ୟକ୍ରମ, ଜନସଭା, ସଚେତନତା ସମାବେଶ ଆଦି କରାଯାଉଛି। ପ୍ରତ୍ୟେକ ସାଂଗଠନିକ ଜିଲାରେ ବୁଦ୍ଧିଜୀବୀ ସମ୍ମିଳନୀ, ପଦଯାତ୍ରା ସହ ଘରକୁ ଘର ଯାଇ ସିଏଏ ସମ୍ପର୍କିତ ତଥ୍ୟ ପ୍ରଦାନ କରି ଲୋକଙ୍କୁ ସଚେତନ ମଧ୍ୟ କରାଯାଇଛି। ମାସବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ଉଦ୍‌ଯାପନୀ ସଭା ଶାହାଙ୍କ ଉପସ୍ଥିତିରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଲକ୍ଷେରୁ ଅଧିକ କାର୍ଯ୍ୟକର୍ତ୍ତା ଯୋଗଦେବେ, ମାତ୍ର ଜନସଭା କେଉଁଠାରେ ହେବ ସେନେଇ ସ୍ଥାନ ଚିହ୍ନଟ ହୋଇ ନ ଥିବା ସମୀର କହିଛନ୍ତି। ୨୦୧୯ ସାଧାରଣ ନିର୍ବାଚନ ପରଠାରୁ ଶାହା ଓଡ଼ିଶା ଗସ୍ତରେ ଆସି ନ ଥିଲେ। ଏହା ନିର୍ବାଚନ ପରେ ତାଙ୍କର ପ୍ରଥମ ଗସ୍ତ। ଅବସରରେ ସମୀର ରାଜ୍ୟ ସଭାପତି ହେବାପରେ ଦଳୀୟ କାର୍ଯ୍ୟକ୍ରମରେ ପ୍ରଥମ ଥର ଲାଗି ଶାହା ଯୋଗଦେବେ। ତେଣୁ ବଡ଼ ଆକାରରେ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଆୟୋଜନ ପାଇଁ ଭାଜପା ପକ୍ଷରୁ ଉଦ୍ୟମ ଆରମ୍ଭ କରିଦିଆଯାଇଛି। ସୂଚନାଯୋଗ୍ୟ ଯେ, ପୂର୍ବାଞ୍ଚଳ ସୁରକ୍ଷା ପରିଷଦ ବୈଠକ ଆସନ୍ତା ୨୮ରେ ଓଡ଼ିଶା ଲୋକସେବା ଭବନଠାରେ ଅନୁଷ୍ଠିତ ହେବ। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ସୂଚନା ଆସିସାରିଛି। ମାତ୍ର ବୈଠକ କେଉଁବେଳେ ହେବ ସେ ନେଇ ସମ୍ପୂର୍ଣ୍ଣ ସୂଚନା ମିଳିପାରି ନାହିଁ। ଉକ୍ତ ବୈଠକ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଦୀର୍ଘ ୨୯ବର୍ଷ ପରେ ଏହି ବୈଠକ ଓଡ଼ିଶାରେ ହେବା ଲାଗି ସ୍ଥିର ହୋଇଛି। ତେବେ ଗତ ୧୨ତାରିଖରେ ଏହି ବୈଠକ ବସିବା ଲାଗି ପୂର୍ବରୁ ସ୍ଥିର ହୋଇଥିଲା। ହେଲେ କୌଣସି କାରଣରୁ ଏହା ବାତିଲ ହୋଇଯାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:...................................
ଜନ୍ମ ତାରିଖ: ...............................


ଆଦିତ୍ୟ ପରିବାରବର୍ଗ


ଆରାଧ୍ୟା ପରିବାରବର୍ଗ


ଅରୋ ଆଲୋକ ପରିବାରବର୍ଗ


କାହ୍ନା ପରିବାରବର୍ଗ


ଦେବାଂଶ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବନ୍ଧ ତଳିଆ ବାସ,**
**ନଈ ତଳିଆ ଚାଷ,**
**ଅନ୍ତୁଡି ପୁଅକୁ ଆଶ ।**

ନଈ ବନ୍ଧ ତଳେ ଘର କରିଥିଲେ ବଢ଼ି ହୋଇ ବନ୍ଧ ଭାଙ୍ଗିଗଲେ ଘରଦ୍ୱାର ଭାସିଯିବାର ସମ୍ଭାବନା ରହିଥାଏ। ନଈ ବନ୍ଧ ତଳେ କରାଯାଉଥିବା ଚାଷ ଉପରେ ଭରସା ନ ଥାଏ। ନଈରେ ବଢ଼ି ଆସିଲେ ଫସଲ ପାଣିରେ ବୁଡ଼ିଯାଇ ନଷ୍ଟ ହୋଇଯିବାର ଆଶଙ୍କା ରହିଥାଏ। ସେହିପରି ଜନ୍ମିତ ସନ୍ତାନର ଭବିଷ୍ୟତ କ'ଣ ହେବ କିପରି ହେବ ତାହା ଏବେଠୁ କହି ହେଉ ନ ଥିବା ସ୍ଥଳେ ତା' ଉପରେ ଆସ୍ଥା ପ୍ରକଟ କରି ବସିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବଡ଼ଟି ବଣ ବିଛୁଆତି,**
**ସାନଟି ବାଇଡଙ୍କ ନାତି ।**

ବଣ ବିଛୁଆତି ଦେହରେ ଲାଗିଲେ ଭାରି କୁଣ୍ଡେଇ ହୁଏ। ଦେହରେ ଠା ଠା ହୋଇ ଫଳିଯାଏ। ସେହିପରି ବାଇଡଙ୍କ ଆଂଶୁ ଦେହରେ ବାଜିଲେ ଦେହହାତ କୁଣ୍ଡାଇ ହୁଏ ଏବଂ ଦେହ ଫଳିଯାଏ। ଦୁଷ୍ଟାମିରେ ଏକୁ ଆରେକ ବଳିୟାର। ଜଣେ ଦୁଷ୍ଟ ହେଲେ ଆଉ ଜଣେ ଭାରି ବାଲୁଙ୍ଗା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଜନଜାତି ସଂସ୍କୃତିକୁ ଉଜ୍ଜୀବିତ ରଖିଛି ଢେଙ୍କାନାଳ ମାଟି

## ରାଜଧାନୀରେ ଢେଙ୍କାନାଳ ଉତ୍ସବ

ଭୁବନେଶ୍ୱର,୧୬।୧(ବ୍ୟୁରୋ)

ଜନଜାତି ସଂସ୍କୃତି ଓ ପରମ୍ପରାକୁ ଉଜ୍ଜିବୀତ ରଖିବାରେ ଢେଙ୍କାନାଳ ମାଟିର ଅବଦାନ ବେଶ୍ ଅଧିକ। ମହିଳା ଶିକ୍ଷା ପ୍ରସାର କ୍ଷେତ୍ରରେ ଏହି ଜିଲାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାବେଳେ ଢେଙ୍କାନାଳବାସୀଙ୍କ ସରଳତା, ସଚ୍ଚୋଟତା ଓ ସ୍ୱତନ୍ତ୍ରତା ଓଡ଼ିଶାବାସୀଙ୍କ ହୃଦୟ ଜିତିପାରିଛି। ଢେଙ୍କାନାଳ ସାଂସ୍କୃତିକ ପରିଷଦ ପକ୍ଷରୁ ରବିବାର ରେଳ ଅଡିଟୋରିୟମ୍‌ଠାରେ ଆୟୋଜିତ ଦ୍ୱିତୀୟ ଢେଙ୍କାନାଳ ଉତ୍ସବରେ ଅତିଥିମାନେ ଏହା କହିଛନ୍ତି। ଦିବସବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମର ପୂର୍ବାହ୍ନ ଅଧିବେଶନରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ପରଜଙ୍ଗ ବିଧାୟକ ନୃସିଂହ ଚରଣ ସାହୁ ଓ ସ୍ୱତନ୍ତ୍ର ଅତିଥିଭାବେ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସେମାନେ ଢେଙ୍କାନାଳର ଅନନ୍ୟ ସଂସ୍କୃତି, କଳା, ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସଭାପତି ଡ. ସୌରେନ୍ଦ୍ର କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ବକ୍ତାଭାବେ ଡ. ଉଦ୍ଧବ ଚରଣ ନାୟକ ଯୋଗଦେଇଥିବାବେଳେ କାର୍ଯ୍ୟକାରୀ ସଭାପତି ରାଜନାରାୟଣ ତ୍ରିପାଠୀ ପରିଷଦର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥିଭାବେ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଗମନାଗମନ ଏବଂ ଯୋଗାଯୋଗ କ୍ଷେତ୍ରରେ ଢେଙ୍କାନାଳ ଜିଲା ବେଶ୍ ଆଗକୁ ଯାଇଥିବା କହିଥିଲେ। ଆଗାମୀଦିନରେ ଜିଲାର ଭିତ୍ତିଭୂମି ବିକାଶ କ୍ଷେତ୍ରରେ ରାଜ୍ୟ ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିବା ସହ କୃଷି କ୍ଷେତ୍ରରେ ଦିଆଯାଉଥିବା ପ୍ରୋତ୍ସାହନ, ଜିଲାର ପୁରାତନ ଶିକ୍ଷାନୁଷ୍ଠାନଗୁଡ଼ିକର ପୁନରୁଦ୍ଧାର କରାଯାଉଥିବା ନେଇ ସୂଚନା ଦେଇଥିଲେ। କାମାକ୍ଷାନଗରର ୬୨ଟି ହାଇସ୍କୁଲ୍‌ରେ ସ୍ମାର୍ଟ କ୍ଲାସ୍‌ରୁମ୍ କରିବା ଲାଗି ରାଜ୍ୟ ସରକାର ଇତିମଧ୍ୟରେ ଆର୍ଥିକ ସହାୟତା ଯୋଗାଇଦେଇଥିବା ମନ୍ତ୍ରୀ କହିଥିଲେ। ସମ୍ମାନିତ ଅତିଥିଭାବେ ପୋଲିସ୍ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଢେଙ୍କାନାଳ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ସାଂସ୍କୃତିକ ପରିଷଦ ଉପଦେଷ୍ଟା କୃଷ୍ଣଚନ୍ଦ୍ର ଆଇଚ, ସମ୍ପାଦକ ପ୍ରେମାନନ୍ଦ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ରାଜନାରାୟଣ ତ୍ରିପାଠୀ ଏବଂ ସଭାପତି ସୌରେନ୍ଦ ମହାପାତ୍ର ଯୋଗଦେଇ ଜିଲାର ଉତ୍କୃଷ୍ଟ ଐତିହ୍ୟ ଓ ସଂସ୍କୃତି ସମ୍ପର୍କରେ କହିଥିଲେ। ଢେଙ୍କାନାଳ ବୀରମାଟିରେ ଜନ୍ମଗ୍ରହଣ କରିଥିବା ଶହୀଦ ବାଜି ରାଉତଙ୍କ ନାମରେ ଭୁବନେଶ୍ୱରର ଏକ ଛକର ନାମକରଣ ସହ ଢେଙ୍କାନାଳ ଭବନ ପ୍ରତିଷ୍ଠା, ଗ୍ରେଟର ଭୁବନେଶ୍ୱର ପରିଧିରେ ଢେଙ୍କାନାଳକୁ ସାମିଲ କରିବା ଏବଂ ଜିଲାରେ ଇକୋ ଟୁରିଜିମ୍‌ର ବିକାଶ କରିବାକୁ ପରିଷଦର କର୍ମକର୍ତ୍ତାମାନେ ଦାବି କରିଥିଲେ। ଏହି ଅବସରରେ ସାହିତ୍ୟିକ ଡ. ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ଶିକ୍ଷୟିତ୍ରୀ ବିନୋଦିନୀ ସାମଲ ଏବଂ ମଡେଲ ଦିପ୍ତୀଜ୍ୟୋତି ପଟ୍ଟନାୟକଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଦିବସ ତମାମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

ପ୍ରଥମ ପୃଷ୍ଠାରୁ...

## ପୁରୁଣା...

ପରିଚିତ ଆଭ୍ୟାନ ତୋମାରଙ୍କ ଫଟୋ ଓ ଭିଡିଓ କ୍ଲିପ୍‌ଗୁଡ଼ିକ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପ୍ରକାଶ ଯେ, ଦିଲ୍ଲୀ ବିଧାନସଭାର ୭୦ ଆସନ ପାଇଁ ଗତ ୮ ତାରିଖରେ ନିର୍ବାଚନ ହୋଇଥିଲା। ଭୋଟ ଗଣତି ୧୧ରେ କରାଯାଇଥିଲା। ଶାସକ ଏଏପି ୬୨ ଆସନ ଦଖଲ କରି ପୂର୍ଣ୍ଣସଂଖ୍ୟାଗରିଷ୍ଠତା ଲାଭ କରି ତୃତୀୟଥର ପାଇଁ ସରକାର ଗଠନ କରିଛି। ଭାଜପାକୁ ମାତ୍ର ୮ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବାବେଳେ କଂଗ୍ରେସ ଏଥର ମଧ୍ୟ ଖାତା ଖୋଲିପାରି ନାହିଁ।

## ଶ୍ରୀକ୍ଷେତ୍ରରେ...

'ଦାର୍ଢ୍ୟତା ଭକ୍ତି'ରେ ଉଲ୍ଲେଖ ରହିଥିବା ମିଶ୍ର କହିଛନ୍ତି। ବାଳକ ରାମ ଦାସ ପୁରୀରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଶ୍ରୀଦିବ୍ୟ ଦର୍ଶନ ତାଙ୍କୁ ବିମୋହିତ କଲା। ଆଉ ଛାଡ଼ି ପାରିଲେନି ଏହି କ୍ଷେତ୍ର। ରହିବା ପାଇଁ ଇଚ୍ଛା ହେଲା, ଗଜପତିଙ୍କୁ ଜଣାଇଲେ। ଗଜପତି ଆସ୍ଥାନଟିଏ ଖଞ୍ଜିଦେଲେ ଗୁଣ୍ଡିଚା ମନ୍ଦିରର ଉତ୍ତର ପଟକୁ ଶରଧାବାଲିରେ ଥିବା ହାତୀଶାଳରେ। ସେଇଠି ସେ ମଠ ଗଢ଼ି ମହାପ୍ରଭୁଙ୍କର ଏକକ ବିଗ୍ରହ ବସାଇ ଶ୍ରୀରାମଚନ୍ଦ୍ର ରୂପେ କଳ୍ପନା କରି ପୂଜା କଲେ। ଆଉ ମହାପ୍ରଭୁଙ୍କ ସିଂହାସନ ସାମ୍ନାରେ ଶ୍ରୀରାମଚନ୍ଦ୍ରଙ୍କର ଉପାସ୍ୟ ଶ୍ରୀରାମେଶ୍ୱର ଜ୍ୟୋତିର୍ଲିଙ୍ଗ ସ୍ଥାପନ କରି ଜୀବନର ଶେଷ ପର୍ଯ୍ୟନ୍ତ ଏହି ଧାମରେ ହିଁ ବିତାଇଥିଲେ। ସେହି ଆସ୍ଥାନଟି ପ୍ରସିଦ୍ଧି ଲାଭ କରିଥିଲା ଦିଲ୍ଲୀ ବାଳକ ରାମ ଦାସ ମଠ ଭାବେ। ହରି-ହର ଉପାସନାର ମିଳନ କ୍ଷେତ୍ର ପାଲଟିଗଲା ଏହି ମଠ। ଏଠାରେ ବୈଷ୍ଣବ ଓ ଶୈବ ସହାବସ୍ଥାନର ବାର୍ତ୍ତା ବ୍ୟାପିଗଲା ସମଗ୍ର ଭାରତ ବର୍ଷରେ। ଇନ୍ଦ୍ରଦ୍ୟୁମ୍ନ ତୀର୍ଥରେ ପ୍ରତ୍ୟେକ ଦିନ ସ୍ନାନ କରି ପ୍ରଭୁଙ୍କୁ ଆରାଧନା କରିଥାନ୍ତି। ମଠରେ ଏକଦା ରାମ ଦାସ ଆରାଧନା କରିବା ସମୟରେ ସମାଧିସ୍ଥ ହୋଇଗଲେ ଏବଂ ତାଙ୍କର ଦେହାବସାନ ଘଟିଥିଲା। ତାଙ୍କ ବିଷୟରେ 'ଦାର୍ଢ୍ୟତା ଭକ୍ତି' ପୁସ୍ତକରୁ ଅନେକ ସୂଚନା ଉପଲବ୍ଧ ହୋଇଛି। ଶ୍ରୀଜଗନ୍ନାଥ ଧାମରେ ବର୍ତ୍ତମାନ ୨୭୪ ମଠ ଓ ଆଶ୍ରମ ମଧ୍ୟରୁ ଏହି ମଠ ଏବେ ପାକିସ୍ତାନର ଜଣେ ସାଧୁଙ୍କ ସ୍ମାରକୀ ହୋଇ ରହିଛି। ବାଳକ ରାମ ଦାସ ମଠ ସ୍ଥାପନା କରିବା ପରେ ଲାହୋର ଓ ଆଖପାଖ ଅଞ୍ଚଳରୁ ଶହ ଶହ ଭକ୍ତ ଶ୍ରୀକ୍ଷେତ୍ର ଆସିଥିଲେ। ଏହାଦ୍ୱାରା ଉଭୟ ଅଞ୍ଚଳର ସାଂସ୍କୃତିକ ଭାବଧାରା ବିକାଶ ଲାଭ କରିଥିଲା ବୋଲି ଡ. ମିଶ୍ର କହିଛନ୍ତି ।

# ବେକାରି ସମସ୍ୟା ନେଇ ସରକାରଙ୍କୁ ଭାଜପାର ଟାର୍ଗେଟ

ଭୁବନେଶ୍ୱର,୧୬।୨(ବ୍ୟୁରୋ)

ବେକାରି ଏବଂ ନିଯୁକ୍ତି ସୃଷ୍ଟି ପ୍ରସଙ୍ଗରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ବେକାରିରେ ଓଡ଼ିଶା ଏକ ନମ୍ବର ବୋଲି ଶନିବାର ବିଧାନସଭାରେ ବିଭାଗୀୟ ମନ୍ତ୍ରୀ କହିବା ପରେ ବିରୋଧୀ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସ୍କିଲ୍ ମିଶନର କଥା କହି ସରକାର ସବୁବେଳେ ବିଭ୍ରାନ୍ତ ସୃଷ୍ଟି କରୁଛନ୍ତି । ମିଛ ତଥ୍ୟ ଦେଇ ପୁରସ୍କାର ନେଉଛନ୍ତି ହେଲେ ନିଯୁକ୍ତି ସୃଷ୍ଟି ପ୍ରସଙ୍ଗରେ କୌଣସି ବଳିଷ୍ଠ ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ଭାଜପା ଅଭିଯୋଗ କରିଛି । ରାଜ୍ୟରେ ବେରୋଜଗାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସରକାର 'ଇଚ୍ଛାଶକ୍ତି ଅଭାବ' ଓ 'ଆନ୍ତରିକତା ଅଭାବ' ଭଳି ୨ଟି ରୋଗର ଶିକାର ହୋଇଛନ୍ତି ବୋଲି ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି କର୍ମସ୍ଥାନରେ କର୍ମାଧିପ ଅବସ୍ଥାନ କରିଥିବାରୁ କର୍ମମୁଖର ରହିବେ। କାମ ହାସଲ କ୍ଷେତ୍ରରେ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ଧନପ୍ରାପ୍ତି ଯୋଗ ରହିଛି, କିନ୍ତୁ ସ୍ୱାସ୍ଥ୍ୟ କଥା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ। ଗୃହରେ ମଙ୍ଗଳୋତ୍ସବ କାର୍ଯ୍ୟ ସମ୍ପନ୍ନ ହେବା ସହ ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ବୃଷ**
ଧର୍ମଭାବସ୍ଥ ଆଧ୍ୟାତ୍ମିକ ଗ୍ରହ ଆପଣଙ୍କୁ ଧାର୍ମିକ ମନୋଭାବ ପ୍ରଦାନ କରି ଧର୍ମକାର୍ଯ୍ୟରେ ନିୟୋଜିତ କରିପାରନ୍ତି। ମୁଖଭାବସ୍ଥ ରାହୁଙ୍କ ଯୋଗୁ ଅନିୟମିତ ଆହାର ଗ୍ରହଣରେ ପେଟରେ ଯନ୍ତ୍ରଣା ଅନୁଭବ କରିବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ମିଳିବ କିନ୍ତୁ ଆଲୋଚନା ଅବସରରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହିବା ଭଲ।

**ମିଥୁନ**
ବୁଧଙ୍କ ଅବସ୍ଥିତି ପରିବାର ଓ ବନ୍ଧୁବର୍ଗଙ୍କ ସମ୍ବନ୍ଧରେ ସୁଫଳ ଦେଇ ନ ପାରେ। ଶୁକ୍ରଙ୍କ ସୁପ୍ରଭାବରେ କଳା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଆକସ୍ମିକ ଆବଶ୍ୟକତା ପୂରଣ ଦିଗରେ ସହାୟତା ମିଳିବ। ବାଣିଜ୍ୟ,ବ୍ୟବସାୟ, ଯାତ୍ରା, ଆନୁଷ୍ଠାନିକ କାମ ଓ ଆଇନ ଅଦାଲତ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**କର୍କଟ**
ମିତ୍ରଗୃହୀ ଚନ୍ଦ୍ର ପ୍ରଭାବରେ ଦୀର୍ଘଦିନରୁ ନ ପାଇଥିବା ଜିନିଷର ନିଶ୍ଚିତତା ଆଶାକରି ଅସ୍ଥିର ରହିବେ। ମନରେ ଗଭୀର ଆଲୋଡନ ସୃଷ୍ଟି କରିବ। କର୍ମକ୍ଷେତ୍ର ମିଥ୍ୟା ଅଭିଯୋଗ ସକାଶେ ସହକର୍ମୀମାନଙ୍କ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଋଣ ସୂତ୍ରରେ ଅର୍ଥ ପାଇବାର ଚେଷ୍ଟା ସଫଳ ହୋଇପାରେ।

**ସିଂହ**
ଷଷ୍ଠଭାବସ୍ଥ ବଳବାନ୍ ଶନିଙ୍କ ପ୍ରଭାବରେ ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ଦୀର୍ଘଦିନରୁ ରହି ଆସିଥିବା ସମସ୍ୟା ସମାଧାନ ହୋଇଯିବ। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ, ମାଙ୍ଗଳିକ କାର୍ଯ୍ୟ,ବନ୍ଧୁଙ୍କ ସହାୟତା ମାଧ୍ୟମରେ ସମ୍ପନ୍ନ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

**କନ୍ୟା**
ଆପଣଙ୍କ ପରିବର୍ତ୍ତିତ ଦୃଷ୍ଟିକୋଣ ପରକ୍ଷଣରେ ଅନୁତାପର କାରଣ ହୋଇପାରେ। ଶିକ୍ଷା ଓ ସନ୍ତାନଙ୍କ ସମସ୍ୟାକୁ ନେଇ ପରିବାରରେ ମତାନ୍ତରର ଆଶଙ୍କା ରହିଛି। ତଥାପି ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ, ଯାହା କି କରୁଥିବା କାମ ପାଇଁ ସାହାଯ୍ୟକାରୀ ହେବ। କର୍ମକ୍ଷେତ୍ରରେ ଈର୍ଷା ଓ ଅସୂୟାଜନିତ ଶତ୍ରୁତା ଯୋଗୁ ସାମୟିକ ବିଚଳିତବୋଧ କରିପାରନ୍ତି।

**ତୁଳା**
ଧନସ୍ଥାନସ୍ଥ ଚନ୍ଦ୍ର ଏବଂ ସ୍ୱଗୃହୀ ଚତୁର୍ଥାଧିପ ହେତୁ ସାମାନ୍ୟ ବିଳମ୍ବ ହେଲେ ମଧ୍ୟ କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବ। ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବ ଏବଂ ମାଙ୍ଗଳିକ କାର୍ଯ୍ୟରେ ବନ୍ଧୁମିଳନରୁ ଖୁସୀ ରହିବେ। ସହକର୍ମୀଙ୍କ ସମ୍ବନ୍ଧରେ କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି।

**ବିଛା**
ଚନ୍ଦ୍ର ଓ ଶୁକ୍ରଙ୍କ ସ୍ଥାନସ୍ଥିତି ଆପଣଙ୍କ ଚିନ୍ତାଧାରା ଓ ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାମ ସକାଶେ ପ୍ରୀତିପ୍ରଦ ରହିବ। ଆଜିର କାର୍ଯ୍ୟସାଧନ ପରିପ୍ରେକ୍ଷୀରେ ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ। ନିକଟ ସମ୍ପର୍କୀୟ କୌଣସି ବ୍ୟକ୍ତିଙ୍କ କାର୍ଯ୍ୟକଳାପରେ ସନ୍ଦେହୀ ହୋଇପାରନ୍ତି। ପରିବାରର ଛୋଟ ଛୋଟ କଥାକୁ ନେଇ ତର୍କ କରିବା ଠିକ୍ ହେବ ନାହିଁ।

**ଧନୁ**
ପାରିବାରିକ ସୁଖ, ସୌଭାଗ୍ୟ ଶୁକ୍ରଙ୍କ ଚତୁର୍ଥାବସ୍ଥାନରୁ ନିଶ୍ଚିତ ପ୍ରାପ୍ତ ହେବ। କିନ୍ତୁ ଶନିଙ୍କ କୁଦୃଷ୍ଟି ପ୍ରଭାବରେ ଶେଷପର୍ଯ୍ୟାୟରେ ପୂର୍ବାଷାଢା ନକ୍ଷତ୍ର ସକାଶେ ପରିସ୍ଥିତି ବଦଳି ଯାଇପାରେ। ବିଭିନ୍ନ ପ୍ରକାରର ଅତୀତ କଥାକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହିବ ନାହିଁ। ଆଜିର ଯାତ୍ରା, ବ୍ୟବସାୟ, ପୂର୍ବାଙ୍ଗ କାର୍ଯ୍ୟର ସମୀକ୍ଷା କରି ମାନସିକ ପରିତୃପ୍ତି ଲାଭ କରିବେ।

**ମକର**
ରାଶ୍ୟାଧିପତିଙ୍କ ସ୍ୱଗୃହାରୋହଣ ଶାରୀରିକ ସୁସ୍ଥତା, ବିବାଦରେ ବିଜୟ, କଣ୍ଟ୍ରାକ୍ଟରୀ, ସଙ୍ଗଠନ ପାଇଁ ଅନୁକୂଳ ରହିବ। କର୍ମକ୍ଷେତ୍ର ସମସ୍ୟାମୁକ୍ତ ରହିବା ସହ ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ରାଶିର ଦ୍ୱାଦଶଚନ୍ଦ୍ର ପ୍ରଭାବରେ ଖର୍ଚ୍ଚାନ୍ତ ହେବା ସହ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହିବା ଭଲ ହେବ।

**କୁମ୍ଭ**
ଗ୍ରହମାନଙ୍କ ଅନୁକୂଳତା ହେତୁ ସମସ୍ୟା ନିୟନ୍ତ୍ରଣ କରିବା ସକାଶେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ହ କିମ୍ବା ତ ନାମାକ୍ଷର ବନ୍ଧୁ ମୁହଁରେ ମିଠା କଥା କହି ଅସୁବିଧାରେ ପକାଇପାରନ୍ତି। ପାରିବାରିକ ଅସ୍ଥିରତା ହେତୁ ବୃଦ୍ଧି ପାଇବା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇପାରେ। ଆଇନ, ଅଦାଲତ, ବ୍ୟବସାୟ, ପରିବହନରେ ସଫଳତା ହାସଲ କରିବେ।

**ମୀନ**
ପାପଗ୍ରହ ଯୁକ୍ତ ରାଶ୍ୟାଧିପତି କାରଣରୁ ମାନସିକ ଅସୁସ୍ଥତା ଲାଗି ରହିବାଜନିତ ବ୍ୟସ୍ତତା ବୃଦ୍ଧିପାଇବ। ଘରେ ପାରସ୍ପରିକ ମତଭେଦ ଓ ଖଳଲୋକଙ୍କ କାନକୁହା କଥା ବିବାଦୀୟ ଘଟଣାକୁ ଜଟିଳ କରିପାରେ। ଯେ କୌଣସି କ୍ଷେତ୍ର ହେଉନା କାହିଁକି, ଆପଣ ତରବରିଆ ପଦକ୍ଷେପ ନେବା ଠିକ୍ ହେବନାହିଁ।

ଆଜି ଫାଲଗୁନ୍ କୃଷ୍ଣ ନବମୀ ସୋମବାର, ଫେବୃୟାରୀ ୧୭ ତାରିଖ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ମିଥୁନ ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିଦ୍ୟାରମ୍ଭ,ଗୃହାରମ୍ଭ ଓ ଗୃହପ୍ରବେଶ ପାଇଁ ଶୁଭଦିନ, ସକାଳ ଘ୭।୪୯ମି. ମଧ୍ୟେ ଘ୧୦।୫୨ମି. ଗତେ ଘ୧।୦୯ମି. ମଧ୍ୟେ ଅମୃତବେଳା। ଦିବା ଘ୯।୦୯ମି. ଗତେ ଘ୧୦।୩୪ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୪୪ମି. ଗତେ ଘ୯।୧୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**
**SALE**

**ଭୁବନେଶ୍ୱର ଜଟଣୀଗେଟ୍‌ଠାରେ sqft-185/-, SC plot sqft-120/-, ନଖରା SC plot sqft-390/- IIT ଅରଗୁଳ sqft-120/-, immediate possession/registration, 8144706560, 7750909843.** D-68488

ଭୁବନେଶ୍ୱର ହଂସପାଳଠାରୁ ୧୦କିମି ଭିଙ୍ଗାରପୁର ସୁଧାନନ୍ଦ କଲେଜ ପିଚୁରାସ୍ତାକୁ ଲାଗି ଇଲେକ୍ଟ୍ରି ପାଣିର ସୁବିଧା ଥିବା ଘରବାଡି କଟକୀ ୧୫ଗୁଣ୍ଠ ଜାଗା ବିକ୍ରି ହେବ। 8917337445. D-16742

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 5,50,000. Contact: 8908492594. D-16256

**ଭୁବନେଶ୍ୱର ହଂସପାଳଛକଠାରୁ 4k.m ଦୂରତାରେ 30' ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଣୁପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320.** D-68479

ଧଉଳି ଦୟାନଦୀବନ୍ଧ ନୂଆବ୍ରିଜ୍ ନିକଟରେ 1800sqft. 3ଟି ସ୍ଥିତିବାନ ପ୍ଲଟ୍ 10,00,000/- ରେ ବିକ୍ରିହେବ। 9777236619 D-16740

ଭୁବନେଶ୍ୱର New Rly. Station 1200sqft. @ 5,80,000/- yellowzone plot ମିଳୁଛି। 6371406921. D-16644

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft. 650/- 7008045582, 9692003948. D-16692

30'road boundary, gharabari fully developed plot Gudiapokhari (KEC) 9937166932. D-68585

3BHK duplex for sale at Gothapatna, Bhubaneswar 3km. from SUM Hospital 8917665342, 9861444497. D-68584

**2800sqft. boundary wall gharabari plot sale near NH-5 C.V. Raman Engg. College, Bhubaneswar. 9437110746.** D-68491

**ଭୁବନେଶ୍ୱର ବାଳକାଟି ବଜାରରୁ 2km sqft.-550/-, (ଘରବାରି) ଜଟଣୀଗେଟ୍‌ଠାରେ sqft.-200/-, କଟକ ତ୍ରିଶୁଳିଆରୁ 4km sqft.-300/- ପ୍ଲଟ୍ ମିଳୁଅଛି। 7978939440, 9178004547.** D-68489

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**to-let**

**Residential flat at Ratna Residency 1st floor near Postal Depot, Satya Nagar, Bhubaneswar. 3BHK with drawing, dining, kitchen & Puja room, 3sets of toilets & balconies, garage space, lift fitted. Contact: 9338247620, 9437096720. Between 10AM-1PM & 6PM-9PM.** D-16661

**healthcare**

Ayurvedic full body massage ladies & gents smart therapist, 9668814589. D-68784

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68783

Completely stress management therapy, visit us our clinic. Contact: 7852986810. D-68582

Refresh your mind and soul with best therapy at Orchid Salon/Spa. 9937287222. D-68786

Full body herbal massage with refreshment expert therapist. 7381239385, 06742540855. D-69000

Experience full body massage with us (expert). Call: 7377048581, 06742597822. D-69201

Herbal full body massage by smart / expert therapist. Contact: 8338067247. D-69202

Experience winter therapeutic Abhyanga massage feeling refreshing energetic: Appointment-9668374480. D-69203

Monalisa Massage Club: All types body massage with hiprofile smart lady rooms service available-9708545108. D-16737

Body massage @ 1099 at mystic Unisex Salon and Spa. 9556978408. D-69206

Ayurvedic full body massage ladies and gents. Contact: 9861064981. D-68789

Rejuvenate and Ayurvedic full body massage by smart therapist. 9114402304. D-69204

Ayurvedic refreshment massage therapy refresh mind and body. Appointment: 7894855541. D-68583

Newly open full body massage by ladies, gents therapist. 8018656899 D-60870

Ayurvedic full body massage by ladies, gents therapist. 7008773793 D-60871

Elite Unisex Salon- A complete family Spa. Male to male and female to female-7326977966. D-69207

Sai herbal spa refresh your body with smart, expert therapist. 7608062524. D-69205

Ayurvedic full body massage ladies/gents smart experts therapist:-8480939300. D-68790

**business**

**Gharka khana/ Caterer, North Indian Lunch & Dinner, weekly 3days nonveg with home/ office delivery @ 3500/- per month. Pokhariput, Bhubaneswar. Contact: 9668732935.** D-67291

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**AFFIDAVIT**
By virtue of affidavit before Notary Public, Berhampur, I Syamaghan Dash, S/o- Rabindra Behera, Binchanapalli, Palur, Huma, PS- Rambha, Ganjam. changed my surname from Behera to Dash. Henceforth I shall be known as Syamaghan Dash for all purposes. D-66630

**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**

Happy Birthday!
ବେଦାଂଶ ମିଶ୍ର (ବୁଧନ୍)
ବେଦ ଭଳି ପବିତ୍ର ହୁଅ ବେଦାଂଶ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା।
-: ଆଶିର୍ବାଦ ସହିତ :-
ବାପା, ମାଆ, ଜେଜେବାପା, ଜେଜେମା', ଅଜା, ଆଈ, ମାଉସୀ ଓ ମଉସା
ଧ-୧୬୬୭୫

**ଜନ୍ମଦିନ ଶୁଭେଚ୍ଛା**

ଆରାଧ୍ୟା ସାହୁ (ପୁଚୁ)
(VIM-519, ଶୈଳଶ୍ରୀବିହାର, ଭୁବନେଶ୍ୱର)
ଆଜି ତୋର ପବିତ୍ର ପଞ୍ଚମ ବର୍ଷ ଜନ୍ମଦିନରେ ଜଗତରନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରିବା ସହିତ ତୋର ଚଲାପଥ କୁସୁମିତ ହେଉ ଓ ତୋତେ ଦୀର୍ଘାୟୁ, ବିଦ୍ୱଷୀ ଓ ଯଶସ୍ୱୀ କରନ୍ତୁ, ଏହାହିଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା।
-:ଶୁଭାଶୀର୍ବାଦ ସହ:-
ଜେଜେ, ଜେଜେମା, ପାପା, ମାମା, ଦାଦା, ଖୁଡୀ, ଅଜା, ଆଈ, ମାମୁ ତଥା ଅନ୍ୟାନ୍ୟ ବନ୍ଧୁ ଓ ପରିବାରବର୍ଗ।



## ଜିଲ୍ଲା ଚିଠି
### କଟକ

## ଦଣ୍ଡ ଭୟ

ଆମ ସମାଜରେ ଦେଖାଯାଏ, ଅନେକେ ଅଭ୍ୟାସଗତ ଆଇନ ଭଙ୍ଗକାରୀ। ଛେପ ପକାଇବାକୁ ଯେଉଁଠି ବାରଣଥିବ, ସେଠାରେ ହିଁ ସେମାନେ ଛେପ ପକାଇବେ। କିନ୍ତୁ ତା' ପାଖରେ ଦେବଦେବୀଙ୍କ ଫଟୋଟିଏ ଲାଗିଗଲେ ଛେପ ପକାଇବା ବନ୍ଦ ହୋଇଯାଏ। କାରଣ ପାପ ଲାଗିବ, ଠାକୁର ଦଣ୍ଡ ଦେବେ। ଧର୍ମ ଦଣ୍ଡ ହେଉ କି, ଆର୍ଥିକ ଦଣ୍ଡ କିମ୍ବା ଜେଲ ଦଣ୍ଡର ଭୟ, ଲୋକେ ଏହାଦ୍ୱାରା ସୁଧୁରିଯିବାର ଉଦାହରଣ ଅନେକ ରହିଛି। ତେଣୁ କୁହାଯାଇପାରେ, ଦଣ୍ଡ ଦ୍ୱାରା ବିଶୃଙ୍ଖଳିତ ଆଚରଣ ନିୟନ୍ତ୍ରଣରେ ରହେ। ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ବହୁ ଦଶନ୍ଧି ହେଲା ସରକାର କେବଳ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଥିଲେ। ତଥାପି ଫରକ୍ ପଡୁ ନ ଥିଲା। ଗତବର୍ଷ ସେପ୍ଟେମ୍ବର ପହିଲାରୁ ନୂଆ ମୋଟର ଯାନ ଆଇନ ଦେଶବ୍ୟାପୀ ଲାଗୁ ହେଲା। ଏହି ଆଇନରେ ବଡ଼ଧରଣର ଜରିମାନାକୁ ନେଇ ସାରା ଦେଶରେ ଚର୍ଚ୍ଚା ଚାଲିଥିଲା। ଅନେକେ ସମାଲୋଚନା କରିଥିଲେ ମଧ୍ୟ ବଡ଼ଧରଣର ଜରିମାନା ଭୟରେ ଟ୍ରାଫିକ୍ ନିୟମ ମାନିବାକୁ ବାଧ୍ୟ ହେଲେ, ଯାହାର ପରିଣାମ ମଧ୍ୟ ଭଲ ଦେଖିବାକୁ ମିଳିଛି। କଟକସ୍ଥିତ ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ)ର ତଥ୍ୟ କହୁଛି, ନୂଆ ଆଇନ ଲାଗୁହେବା ପରେ ଓଡ଼ିଶାରେ କେବଳ ସଡ଼କ ଦୁର୍ଘଟଣା କମିଛି ତାହା ନୁହଁ, ମୃତ୍ୟୁସଂଖ୍ୟା ମଧ୍ୟ ହ୍ରାସ ପାଇବାରେ ଲାଗିଛି। ସଡ଼କ ଦୁର୍ଘଟଣା ଯୋଗୁ ୨୦୧୮ ସେପ୍ଟେମ୍ବରରେ ରାଜ୍ୟରେ ୩୬୭ଜଣଙ୍କ ପ୍ରାଣହାନି ହୋଇଥିବା ବେଳେ ୨୦୧୯ ସେପ୍ଟେମ୍ବରରେ ମୃତ୍ୟୁସଂଖ୍ୟା ୩୨୩କୁ କମିଆସିଥିଲା। ସେହିଭଳି ୨୦୧୮ ଅକ୍ଟୋବରରେ ୪୪୪ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୯ ଅକ୍ଟୋବରରେ ୩୬୧କୁ ଖସିଆସିଥିଲା। ୨୦୧୮ ନଭେମ୍ବରରେ ୪୫୭ ଜୀବନହାନି ହୋଇଥିବାବେଳେ ୨୦୧୯ ନଭେମ୍ବରରେ ୪୨୭ରେ ରହିଥିଲା। ୨୦୧୮ ଡିସେମ୍ବରରେ ୫୮୮ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୯ ଡିସେମ୍ବରରେ ମୃତକଙ୍କ ସଂଖ୍ୟା ୪୩୦କୁ ଖସିଛି। ସବୁ କ୍ଷେତ୍ରରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳୁଛି। ଯେମିତି କି ପୂର୍ବ ଅପେକ୍ଷା ହେଲ୍‌ମେଟ୍ ପିନ୍ଧୁଥିବା ଦୁଇଚକିଆ ଚାଳକଙ୍କ ସଂଖ୍ୟା ବଢ଼ିଛି। ଜେବ୍ରା କ୍ରସିଂ ପଛରେ ଗାଡ଼ି ରଖିବା ଅଭ୍ୟାସରେ ପରିଣତ ହେଲାଣି। ନାଲି ଲାଇଟ୍ ଦେଖିଲେ ତୁରନ୍ତ ଅଟକି ଯିବାର ମନୋଭାବ ପ୍ରାୟତଃ ଅଧିକାଂଶଙ୍କ ମଧ୍ୟରେ ସୃଷ୍ଟି ହେଲାଣି। ଉପରୋକ୍ତ ତଥ୍ୟରୁ ସ୍ପଷ୍ଟ ଅନୁମେୟ ଯେ, ଲୋକମାନେ ଦଣ୍ଡ ଭୟରେ ଆଇନ ବା ନିୟମ ମାନିବାକୁ ବାଧ୍ୟ ହେଉଛନ୍ତି। ସରକାର ଯଦି ଏହି ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରିବେ, ତେବେ ନିୟମ ଭାଙ୍ଗୁଥିବା ବ୍ୟକ୍ତିମାନେ ସୁଧୁରିଯିବେ। ଦୁର୍ଘଟଣା କମିବା ସହ ଆମେ ପ୍ରିୟଜନଙ୍କ ଜୀବନ ବଞ୍ଚାଇ ପାରିବା, ଏଥିରେ ସନ୍ଦେହ ନାହିଁ।

– ଆଶୀର୍ବାଦ ରାଉତ

## ହାତୀକୁ ବୁଝିପାରୁନି ମଣିଷ
# ସାଥୀ ସହ ଶତ୍ରୁତା

ବିନେଶ ଦେହୁରୀ
ଅନୁଗୋଳ ସହର, ୧୬।୨


୨୦୧୮ରେ ଢେଙ୍କାନାଳ ଜିଲା କମଳାଙ୍ଗଠାରେ ବିଦ୍ୟୁତ୍ ସଂସ୍ପର୍ଶରେ ମରିଥିବା ୭ ହାତୀ।

- ୫ ବର୍ଷରେ ଅନୁଗୋଳ ବନମଣ୍ଡଳରେ ୧୬୨ ହାତୀ ମୃତ
- ମୁହାଁମୁହିଁରେ ଲିଭିଛି ୧୩୮ ମଣିଷଙ୍କ ଜୀବନ ଦୀପ
- ଢେଙ୍କାନାଳରେ ସର୍ବାଧିକ, ମହାନଦୀ ବନଖଣ୍ଡରେ ସର୍ବନିମ୍ନ

ପ୍ରକୃତିର ପ୍ରକୃତିକୁ ଆଉ ବୁଝିପାରୁନି ମଣିଷ। ସବୁଠୁ ବୁଦ୍ଧିଆ, ବିବେକୀ ବୋଲାଉଥିବା ସତ୍ତ୍ୱେ ସୃଷ୍ଟିର ସୁରକ୍ଷା ନ କରି ସ୍ୱାର୍ଥକୁ ସାରଥି କରିବା ତାକୁ ଧୀରେ ଧୀରେ ପ୍ରକୃତିଛଡ଼ା କରିଦେଉଛି। ସୃଷ୍ଟିର ପ୍ରତିଟି ଶୃଙ୍ଖଳ ଭାଙ୍ଗି ମଣିଷ ଯେପରି ଜଳ, ସ୍ଥଳ ଓ ମହାକାଶ ଉପରେ ଏକଚାଟିଆ ଅଧିକାର ସାବ୍ୟସ୍ତ କରିବାକୁ ଅହେତୁକ ଆଗ୍ରହ ଦେଖାଉଛି ତାହାଦ୍ୱାରା ଅନେକ ଜୀବଜନ୍ତୁଙ୍କ ସାମାଜିକ ସନ୍ତୁଳନ ବିଗିଡ଼ିବାରେ ଲାଗିଛି। ବିଶେଷକରି ବିକାଶର ଦ୍ୱାହି ଦେଇ ଜଙ୍ଗଲ ସମ୍ପଦ ଉପରେ କ୍ରମାଗତ ନୀରବ ଆକ୍ରମଣ ଜାରି ରହିଥିବାରୁ ସୃଷ୍ଟିର ଏହି ସାଥୀ ଜୀବଜନ୍ତୁଙ୍କ ଜୀବନ ବିପଦାପନ୍ନ ହୋଇପଡୁଛି। ଫଳରେ ମଣିଷ ସେମାନଙ୍କ ଶତ୍ରୁ ସାଜି ଚାଲିଛି।

ମଣିଷର ଏପରି ଅବିବେକୀ ଆଚରଣରେ ସର୍ବାଧିକ କ୍ଷତିଗ୍ରସ୍ତ ହେଉଛି ସ୍ଥଳଭାଗର ସବୁଠୁ ବଳଶାଳୀ ଜୀବ ହାତୀ। ବନ ବିଭାଗର ସୂଚନା ଅନୁଯାୟୀ ଓଡ଼ିଶାର କେବଳ ଅନୁଗୋଳ ବନ ମଣ୍ଡଳରେ ଗତ ୫ ବର୍ଷ ମଧ୍ୟରେ ୧୬୨ ହାତୀଙ୍କ ମୃତ୍ୟୁ ମାନବିକ କାରଣ ଯୋଗୁ ହୋଇଛି। ଏହା ଯେତିକି ଚିନ୍ତାଜନକ ତାହାଠାରୁ ଅଧିକ ଉଦ୍‌ବେଗଜନକ ହେଲା ଏହି ସମୟ ମଧ୍ୟରେ ହାତୀ ଆକ୍ରମଣରେ ୧୩୮ ସଂଖ୍ୟକ ମଣିଷଙ୍କ ଜୀବନ ଯାଇଛି। କେବଳ ହାତୀ-ମଣିଷ ଯେ ମୁହାଁମୁହିଁ କ୍ଷେତ୍ରକୁ ଓହ୍ଲାଇଛନ୍ତି ତାହା ନୁହେଁ, ଭାଲୁ ଆକ୍ରମଣରେ ମଣିଷ ଆହତ କିମ୍ବା ମୃତ ହେବା ଏବେ ଆଉ ଏକ ନିତିଦିନିଆ ଘଟଣା ହୋଇଗଲାଣି। ସେହିପରି ହେଟା, ବାରହା ମଧ୍ୟ ଜଙ୍ଗଲ ଛାଡ଼ି ଗାଁରେ ପଶି ଆତଙ୍କ ଖେଳାଉଥିବା ଅନେକ ସମୟରେ ଦେଖିବାକୁ ମିଳୁଛି। ଅନୁଗୋଳ ବନଖଣ୍ଡ, ଆଠମଲ୍ଲିକ, ଆଠଗଡ଼, କଟକ, ଢେଙ୍କାନାଳ, ସାତକୋଶିଆ ଓ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡକୁ ନେଇ ଗଠିତ ଅନୁଗୋଳ ବନମଣ୍ଡଳରେ ୨୦୧୭ ଗଣନା ଅନୁଯାୟୀ ସମୁଦାୟ ୬୬୫ ହାତୀ ରହିଛନ୍ତି। ସେଥିରୁ ଅନୁଗୋଳ ବନଖଣ୍ଡରେ ୪୫, ଆଠମଲ୍ଲିକରେ ୫୯, ଢେଙ୍କାନାଳରେ ୧୬୯, ଆଠଗଡ଼ରେ ୧୧୫, କଟକରେ ୩୭, ସାତକୋଶିଆରେ ୧୪୭ ଓ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡରେ ୯୩ ହାତୀ ଥିବା ରିପୋର୍ଟରେ କୁହାଯାଇଛି। କିନ୍ତୁ ସମସ୍ୟା ହେଲା ଏତେ ସଂଖ୍ୟକ ହାତୀଙ୍କ ସହ ଅନ୍ୟ ଜୀବଜନ୍ତୁଙ୍କ ପାଇଁ ଅନୁଗୋଳ ବନମଣ୍ଡଳ ଆଉ ସୁରକ୍ଷିତ ନୁହେଁ। କାରଣ ଜଙ୍ଗଲ ମଧ୍ୟରେ ମଣିଷର ଅନଧିକାର ପ୍ରବେଶ, ଶିଳ୍ପସ୍ଥାପନ, ଖଣି ଖନନ, ରାସ୍ତା, କେନାଲ, ରେଳପଥ ବିଛାଯିବା ଦ୍ୱାରା ବନ୍ୟଜନ୍ତୁଙ୍କ ପ୍ରାକୃତିକ ଆବାସସ୍ଥଳୀ ନଷ୍ଟ ହେଉଛି। ହାତୀ ଚଲାପଥ (କରିଡର) ହ୍ରାସପାଇ ଚାଲିଛି। ଫଳରେ ହାତୀଙ୍କ ଯାତାୟାତ ରାସ୍ତା ପରିବର୍ତ୍ତନ ହେଉଛି। ଏଥିଯୋଗୁ ଖାଦ୍ୟ ଅନ୍ୱେଷଣରେ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ଯିବା ବେଳେ ଏହି ବିଶାଳ ଜୀବର ମୁହାଁମୁହିଁ ମଣିଷ ସହ ହେଉଛି। ଏହାଦ୍ୱାରା ମଣିଷର ବହୁମୂଲ୍ୟ ଜୀବନ ଯାଉଥିବା ବେଳେ ହାତୀମାନେ ମଧ୍ୟ ମୃତ୍ୟୁର ସମ୍ମୁଖୀନ ହେଉଛନ୍ତି। କେତେବେଳେ ବିଦ୍ୟୁତ୍ ଫାଶ ତ କେବେ ଟ୍ରେନ୍, ଟ୍ରକ୍ ଧକ୍କାରେ ହାତୀର ଜୀବନହାନି ଘଟୁଛି। ଦାନ୍ତ ପାଇଁ ଶିକାରକୁ ରୋକାଯାଇ ପାରୁ ନ ଥିବା ବେଳେ ବିଲ ମାଳରେ ଥିବା ଅବ୍ୟବହୃତ ଖୋଲା କୂପ ମଧ୍ୟ ମୃତ୍ୟୁର ବାହକ ସାଜୁଛି। ଏସବୁ କାରଣରୁ ଅନୁଗୋଳ ବନଖଣ୍ଡରେ ଗତ ୫ ବର୍ଷରେ ୧୩ଟି ହାତୀ ମରିଛନ୍ତି। ହାତୀ ଆକ୍ରମଣରେ ୩୨ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଆଠମଲ୍ଲିକ ବନଖଣ୍ଡରେ ୬ଟି ହାତୀ ଓ ୪ ମଣିଷଙ୍କ ମୃତ୍ୟୁ ହୋଇଛି। ଆଠଗଡ଼ ବନଖଣ୍ଡରେ ୪୩ ହାତୀ ଓ ୧୧ ମଣିଷ, କଟକ ବନଖଣ୍ଡରେ ୯ ହାତୀ ଓ ୨ ମଣିଷ, ଢେଙ୍କାନାଳ ବନଖଣ୍ଡରେ ୬୯ଟି ହାତୀ ଓ ୮୬ ମଣିଷ, ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡରେ ୧୯ ହାତୀ ଓ ୩ ମଣିଷ, ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡରେ ୩ ହାତୀଙ୍କ ମୃତ୍ୟୁ ହୋଇଛି। ତେବେ ଢେଙ୍କାନାଳ ବନଖଣ୍ଡରେ ସର୍ବାଧିକ ହାତୀ ଓ ମଣିଷଙ୍କ ଜୀବନ ଯିବା ବନ୍ୟପ୍ରାଣୀପ୍ରେମୀ ଓ ପରିବେଶବିତ୍‌ଙ୍କୁ ଚିନ୍ତାରେ ପକାଇଛି।

# ଶିକ୍ଷାଗତ ଯୋଗ୍ୟତାର ୩ ପ୍ରକାର ତଥ୍ୟ ରଖିଛନ୍ତି ମନ୍ତ୍ରୀ: କଂଗ୍ରେସ

ଭୁବନେଶ୍ୱର,୧୬।୨(ବ୍ୟୁରୋ)

ପ୍ରତିନିଧି ଆଇନ ୧୯୫୧ ବ୍ୟବସ୍ଥା ଅନୁଯାୟୀ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ନ ଥାଏ। ମାତ୍ର ପ୍ରାର୍ଥୀମାନେ ନିଜକୁ ବଡ଼ ଦେଖାଇବା ନଚେତ୍ ନିଜର ବାସ୍ତବ ଶିକ୍ଷାଗତ ଯୋଗ୍ୟତାକୁ ଲୁଚାଇବା ପାଇଁ ଅନେକ ସମୟରେ ଭୁଲ ତଥ୍ୟ ଦେଉଛନ୍ତି। ଏହିକ୍ରମରେ କ୍ୟାବିନେଟ ମନ୍ତ୍ରୀ ପଦ୍ମନାଭ ବେହେରା ନିଜର ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ବାରମ୍ବାର ଭୁଲ ଓ ଭିନ୍ନ ଭିନ୍ନ ତଥ୍ୟ ଦେଇଛନ୍ତି। ଯାହାର ସମ୍ପୂର୍ଣ୍ଣ ତଥ୍ୟ ମିଳିଥିବା କଂଗ୍ରେସ ଅଭିଯୋଗ କରିବା ସହ ମନ୍ତ୍ରୀଙ୍କ ବହିଷ୍କାର ଦାବି କରିଛନ୍ତି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତା ନିଶିକାନ୍ତ ମିଶ୍ର କହିଛନ୍ତି ଯେ, କ୍ୟାବିନେଟ୍ ମନ୍ତ୍ରୀ ବେହେରା ୨୦୦୪ରୁ ୨୦୧୯ ମସିହା ମଧ୍ୟରେ ଦାଖଲ କରିଥିବା ୪ଟି ସତ୍ୟପାଠରେ ୩ ପ୍ରକାର ତଥ୍ୟ ଦେଖାଇଛନ୍ତି। ୨୦୦୪ରେ ସେ ଦାଖଲ କରିଥିବା ସତ୍ୟପାଠରେ ୧୯୭୨ରେ ମାଟ୍ରିକ ପରୀକ୍ଷା ଦେଇଥିବା ଦର୍ଶାଇଥିଲେ। ୨୦୦୯ରେ ବୀରମହାରାଜପୁର ସଂରକ୍ଷିତ ଆସନରୁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେତେବେଳେ ସେ ୧୯୭୩ରେ ମାଟ୍ରିକ ପାସ୍ କରିଥିଲେ ବୋଲି ସତ୍ୟପାଠରେ ଦର୍ଶାଇଥିଲେ। ସେହିପରି ୨୦୧୪ରେ ସମାନ ତଥ୍ୟ ରଖିଥିଲେ। ମାତ୍ର ୨୦୧୯ ସାଧାରଣ ନିର୍ବାଚନରେ ବିଜୟୀ ହେବା ପରେ ନିଜ ସତ୍ୟପାଠରେ ୧୯୭୩ରେ ଅଷ୍ଟମ ପାସ୍ କରିଥିବା ଦର୍ଶାଇଥିଲେ। ୪ଟି ସତ୍ୟପାଠରେ ଶିକ୍ଷାଗତ ଯୋଗ୍ୟତା ନେଇ ୩ ପ୍ରକାର ତଥ୍ୟ ଦେଖାଇବା ଦଣ୍ଡନୀୟ ଅପରାଧ ବୋଲି ନିଶିକାନ୍ତ ଅଭିଯୋଗ କରିଛନ୍ତି।

ନିର୍ବାଚନରେ ମନ୍ତ୍ରୀ ନିଜ ଶିକ୍ଷାଗତ ଯୋଗ୍ୟତା ନେଇ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ଭଗବାନ ନାମକ ଜଣେ ବ୍ୟକ୍ତି ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଏନେଇ ବୀରମହାରାଜପୁର ଥାନାରେ ମାମଲା ରୁଜୁ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ହାଇକୋର୍ଟଙ୍କ ନିର୍ଦ୍ଦେଶ ମିଳିବା ସତ୍ତ୍ୱେ କାହିଁକି ମାମଲା ରୁଜୁ କରାଯାଇ ନାହିଁ ବୋଲି ନିଶିକାନ୍ତ ପ୍ରଶ୍ନ ଉଠାଇଛନ୍ତି। ଏହି ଘଟଣାକୁ ମାସେ ପୂରିବା ପରେ ଘଟଣାର ଅନୁଧ୍ୟାନ କରାଯାଉଥିବା ସୁବର୍ଣ୍ଣପୁର ଏସ୍‌ପି କହୁଛନ୍ତି। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ କାହାର ଅନୁମତି ଆବଶ୍ୟକ ପଡୁଛି ଏ କଥା ସ୍ପଷ୍ଟ କରିବା ପାଇଁ କଂଗ୍ରେସ ଦାବି କରିଛି।

# ଜମିବାଡ଼ି ବିବାଦକୁ ନେଇ ବଡ଼ଭାଇଙ୍କୁ ହତ୍ୟା

- ବାପ, ପୁଅଙ୍କୁ ଗିରଫ କଲା ଛତିଶଗଡ଼ ପୋଲିସ

ପର୍ଲା,୧୬।୨(ଡି.ଏନ.ଏ.)


ଗିରଫ ୨ ଅଭିଯୁକ୍ତ ।

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ପର୍ଲା ପଞ୍ଚାୟତ ଲଛିପୁର ଗ୍ରାମର ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ସର୍ପ ସୁନାନୀ (୫୦) ନାମକ ଜଣେ ବ୍ୟକ୍ତିଙ୍କୁ ଗତମାସ ୧୦ ତାରିଖରେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଛତିଶଗଡ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସର୍ପଙ୍କ ସାନଭାଇ ବଳଦେବ ସୁନାନୀ (୪୭) ଓ ପୁତୁରା ଭଗତ ସୁନାନୀ (୨୦)। ଜମି ବାଡି ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା ଦେଭୋଗ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ଥାନୀୟ ଡିଏସ୍‌ପି ଆଶିଷ କୁଞ୍ଜନ ସୂଚନା ଦେଇଛନ୍ତି।

ଗତ ଜାନୁୟାରୀ ୧୦ ତାରିଖରେ ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ଏକ ଜମିରେ କ୍ଷତବିକ୍ଷତ ଅବସ୍ଥା ପଡିରହିଥିବା ଏକ ମୃତଦେହକୁ ଛତିଶଗଡ଼ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଦେଭୋଗ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାହା ଏକ ହତ୍ୟା ଘଟଣା ବୋଲି ଜଣାପଡିଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ଗତ ୧ ମାସ ଧରି ତଦନ୍ତ ପରେ ଶନିବାର ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଦେଭୋଗ ପୋଲିସ ଗିରଫ କରିଛି।

ପୋଲିସର ସୂଚନା ଅନୁସାରେ ଘଟଣା ଦିନ ସକାଳେ ଦୁଇ ଅଭିଯୁକ୍ତ ସର୍ପ ସୁନାନୀଙ୍କୁ ମୋଟର ସାଇକେଲରେ ବସାଇ ଗାଁ ବାହାରକୁ ନେଇଯାଇଥିଲେ। ଏକ ନିଛାଟିଆ ସ୍ଥାନରେ ତାଙ୍କ ମୁହଁରେ ଗାମୁଛା ଗୁଡେଇ ତଣ୍ଟିଚିପି ହତ୍ୟା କରିଥିଲେ। ଏହାପରେ ସେମାନେ ମୃତଦେହକୁ ଛତିଶଗଡ ସୀମାନ୍ତ ଏକ ଜମିରେ ପକାଇ ଦେଇଥିଲେ। କାଳେ ସର୍ପ ବଞ୍ଚି ଯିବେ ସେଥିପାଇଁ ଦୁଇ ଅଭିଯୁକ୍ତ ତାଙ୍କ ମୁଣ୍ଡକୁ ପଥରରେ ଛେଚି ଦେଇଥିବା ଦେଭୋଗ ଡିଏସ୍‌ପି କୁଞ୍ଜନ ସୂଚନା ଦେଇଛନ୍ତି। ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୦୨, ୩୪ ରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ମାଷ୍ଟରସେଫ୍ ଇଣ୍ଡିଆ ବିଜେତା ଓଡ଼ିଆ ପୁଅ ଅବିନାଶ

## ଫିନାଲେ ପ୍ରସାରଣ ପୂର୍ବରୁ ନାମ ପ୍ରଘଟ



ଭୁବନେଶ୍ୱର, ୧୬।୧(ବ୍ୟୁରୋ)

ଜାତୀୟସ୍ତରୀୟ ରିୟଲିଟି ଶୋ'ରେ ପୁଣିଥରେ ଚମକିଛି ଓଡ଼ିଶା। ଏଥର କୌଣସି ଡ୍ୟାନ୍ସ କି ମ୍ୟୁଜିକ୍ ରିୟାଲିଟି ଶୋ' ନୁହେଁ, ଦେଶର ସବୁଠାରୁ ଲୋକପ୍ରିୟ କୁକିଂ ରିୟଲିଟି ଶୋ' 'ମାଷ୍ଟର୍‌ସେଫ୍ ଇଣ୍ଡିଆ'ରେ ପ୍ରଥମଥର ପାଇଁ ବାଜି ମାରିଛନ୍ତି ଜଣେ ଓଡ଼ିଆ। ବ୍ରହ୍ମପୁରରେ ଜନ୍ମିତ ଅବିନାଶ ନାୟକ ଓଡ଼ିଶାକୁ ଦେଇଛନ୍ତି ପ୍ରଥମ ମାଷ୍ଟରସେଫ୍ ଟାଇଟଲ୍। ଗତ ଡିସେମ୍ବର ୭ରୁ ଆରମ୍ଭ ହୋଇଥିବା 'ମାଷ୍ଟର୍‌ସେଫ୍ ଇଣ୍ଡିଆ'ର ସିଜିନ-୬ର ଫିନାଲେ ଏପିସୋଡ୍ ଏପର୍ଯ୍ୟନ୍ତ ପ୍ରସାରିତ ହୋଇନଥିଲେ ମଧ୍ୟ ଅବିନାଶ ବିଜେତା ହୋଇଥିବା ଜଣାପଡ଼ିଛି। 'ମୁମ୍ବାଇ ଲାଇଭ୍'ରେ ପ୍ରକାଶିତ ତଥ୍ୟ ମୁତାବକ ଏହାମଧ୍ୟରେ ଶୋ'ର ଗ୍ରାଣ୍ଡ୍ ଫିନାଲେ ଶୁଟ୍ ଶେଷ ହୋଇସାରିଥିବାବେଳେ ଏହାର ବିଜେତା ଏବଂ ରନର୍ସଅପ୍‌ଙ୍କ ନାମ ଜଣାପଡ଼ିଛି। ଅବିନାଶ ଟାଇଟଲ୍ ଓ୍ୱିନର୍‌ଭାବେ ୨୫ଲକ୍ଷ ଟଙ୍କାର ପୁରସ୍କାର ରାଶି ପାଇଥିବା ବେଳେ ଆଉଜଣେ ପ୍ରତିଯୋଗୀ କଲିକତାର ଓଣ୍ଡ୍ରିଲା ବାଲା ରନର୍ସଅପ୍ ଟାଇଟଲ୍ ଜିତିଛନ୍ତି। ଆସନ୍ତା ୨୩ ତାରିଖରେ ମାଷ୍ଟର୍‌ସେଫ୍ ଇଣ୍ଡିଆର ଫିନାଲେ ଏପିସୋଡ୍ ପ୍ରସାରିତ ହେବା ସହ ସେହିଦିନ ବିଧିବଦ୍ଧ ଭାବେ ବିଜେତାଙ୍କ ନାମ ଘୋଷଣା କରାଯିବ।

କଲର୍ସରେ ପ୍ରସାରିତ ଦେଶର ବହୁଚର୍ଚ୍ଚିତ ରିୟଲିଟି ଶୋ' 'ବିଗ୍ ବସ୍'ର ବିଜେତାଙ୍କ ନାମ ଫିନାଲେ ପ୍ରସାରଣର ଗୋଟିଏ ଦିନ ଆଗରୁ ପ୍ରଘଟ ହେବାଭଳି ମାଷ୍ଟରସେଫ୍ ଇଣ୍ଡିଆର ବିଜେତାଙ୍କ ନାମ ମଧ୍ୟ ପ୍ରଘଟ ହୋଇଛି। ମୁମ୍ବାଇ ଲାଇଭ୍‌ର ରିପୋର୍ଟ ଅନୁସାରେ ଫିନାଲେ ରାଉଣ୍ଡରେ ବ୍ରହ୍ମପୁରର ୨୭ବର୍ଷୀୟ ଅବିନାଶଙ୍କ ସହ ୩୫ ବର୍ଷୀୟ ଓଣ୍ଡ୍ରିଲା ବାଲାଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ମାଷ୍ଟରସେଫ୍ ସିଜନ୍ ୬ରେ ବିଭିନ୍ନ ଟାସ୍କ ସମ୍ପୂର୍ଣ୍ଣ କରିବା ପରେ ଅବିନାଶ ଏହି ଶୋ'ର ବିଜେତା ହୋଇଥିବା କୁହାଯାଇଛି। ଫିନାଲେରେ ସେ ଓଡ଼ିଶାର ପ୍ରସିଦ୍ଧ ଛେନାପୋଡ଼, ଅଦା ମାଂସ ଏବଂ ଚିଙ୍ଗୁଡ଼ି ପ୍ରସ୍ତୁତ କରି ବିଚାରକଙ୍କ ହୃଦୟ ଜିତିଥିବା ଜଣାପଡ଼ିଛି। କେବଳ ଏତିକି ନୁହେଁ, ମାଷ୍ଟରସେଫ୍ ସିଜିନ ୬ରେ ୮ଟି ଟାସ୍କ ଜିତି ଏକ ରେକର୍ଡ କରିଛନ୍ତି। ବିଶେଷକରି ଚିକେନ ବେସର ଓ ମନ୍ଦାର ରସଗୋଲାକୁ ସେ ମାଷ୍ଟର୍‌ସେଫ୍ ମାଧ୍ୟମରେ ନ୍ୟାଶନାଲ ପ୍ଲାଟଫର୍ମରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏକ ମଲ୍ଟିନ୍ୟାଶନାଲ କମ୍ପାନୀରେ ଇଞ୍ଜିନିୟରଭାବେ ଚାକିରି କରୁଥିବା ଅବିନାଶ ନୂଆ ନୂଆ ଖାଦ୍ୟ ପ୍ରସ୍ତୁତ କରିବାରେ ଆଗ୍ରହ ରଖନ୍ତି। ପିଲାବେଳୁ ରୋଷେଇ କରିବା ତାଙ୍କର ଏକ ନିଶା ହୋଇଥିବାବେଳେ ଗତ ୩ବର୍ଷ ହେଲା ସେ ଏହାକୁ ଗୁରୁତ୍ୱର ସହ ନେଇଛନ୍ତି। ହଜିଯାଉଥିବା ଓଡ଼ିଆ ଖାଦ୍ୟଗୁଡ଼ିକୁ ନୂଆ ରୂପରେ ବର୍ତ୍ତମାନର ମିଲେନିଆଲଙ୍କ ସାମ୍ନାକୁ ଆଣିବାକୁ ଲକ୍ଷ୍ୟ ରଖିଛନ୍ତି। ଆଗକୁ ଓଡ଼ିଆ ଖାଦ୍ୟରେ ଅଧିକ ଏକ୍ସପେରିମେଣ୍ଟ କରି ଏହାକୁ ଏକ ନୂଆ ସ୍ତରରେ ପହଞ୍ଚାଇବା ସହ ବ୍ଲଗିଂ ମାଧ୍ୟମରେ ଏହାକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି। ସେହିଭଳି ମାଷ୍ଟରସେଫ୍‌ର ଆଉଜଣେ ଓଡ଼ିଆ ପ୍ରତିଯୋଗୀ ଅନୁଗୋଳ ଜିଲାର ସ୍ମୃତିଶ୍ରୀ ସିଂ ବିଜେତା ହୋଇପାରି ନ ଥିଲେ ମଧ୍ୟ କାକରା ପିଠା ଓ ପଣସ ତରକାରି ଭଳି ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରି ବିଚାରକଙ୍କ ସହ ସମଗ୍ର ଓଡ଼ିଶାବାସୀଙ୍କ ହୃଦୟ ଜିତିଛନ୍ତି।

# ନବଜାତକ ପେଟ ବାହାରେ ପାକସ୍ଥଳୀ

## ଚିକିତ୍ସା ପାଇଁ ଶିଶୁଭବନରେ ଭର୍ତ୍ତି

କଟକ ଅଫିସ,୧୬।୨

କଟକ ଶିଶୁଭବନରେ ଜଣେ ନବଜାତକଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ତାଙ୍କ ପେଟ ବାହାରକୁ ଲମ୍ବି ଆସିଛି ଅନ୍ତଃନଳୀ ଓ ପାକସ୍ଥଳୀ। ଶିଶୁଭବନ ଆଶୁ ଚିକିତ୍ସା କେନ୍ଦ୍ରର ୩୫ନଂ. ବେଡରେ ଉକ୍ତ ନବଜାତକଙ୍କୁ ରଖାଯାଇଛି। ଖୁବ୍‌ଶୀଘ୍ର ଅସ୍ତ୍ରୋପଚାର ମାଧ୍ୟମରେ ନବଜାତକଙ୍କ ପାକସ୍ଥଳୀ ଓ ଅନ୍ତଃନଳୀକୁ ପେଟ ଭିତରେ ରଖାଯିବ ବୋଲି ଡା. ପ୍ରଦୀପ କୁମାର ଜେନା କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗଞ୍ଜାମ ଜିଲା ନୂଆସାହି ଗ୍ରାମର କୁମାର ଗୌଡଙ୍କ ସ୍ତ୍ରୀ ସୁଜାତା ଶନିବାର ବେଲଗୁଣ୍ଠା ଡାକ୍ତରଖାନାରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ପରେ ଶିଶୁଟିର ପେଟ ବାହାରକୁ ଅନ୍ତଃନଳୀ ଓ ପାକସ୍ଥଳୀ ବାହାରିଥିବା ଡାକ୍ତରମାନଙ୍କ ନଜରକୁ ଆସିଥିଲା। ତୁରନ୍ତ ସୁଜାତା ଓ ନବଜାତକଙ୍କୁ ଶିଶୁଭବନକୁ ସ୍ଥାନାନ୍ତରିତ କରାଯାଇଥିଲା। ଆଶ୍ୱସ୍ତି ଫାଉଣ୍ଡେଶନ ଓ ଶ୍ରଦ୍ଧା ଫାଉଣ୍ଡେସନର କର୍ମକର୍ତ୍ତା ପୂଜା ପ୍ରିୟଦର୍ଶନୀ, ଅଭିନାଶ ସେନାପତି, ମାନସ ରଞ୍ଜନ ଦାସ, ସଂଗ୍ରାମ କେଶରୀ ଦାସ ପ୍ରମୁଖ ନବଜାତକର ଚିକିତ୍ସା ନେଇ ଅଣ୍ଟା ଭିଡ଼ିଥିବା ଜଣାପଡ଼ିଛି।

# ଟଙ୍କାକୁ କିଟାଣୁରହିତ କରୁଛି ବ୍ୟାଙ୍କ

- ଥମୁନି କରୋନା ଭାଇରସ ଆତଙ୍କ

ବେଜିଂ,୧୬।୨



କରୋନା ଭାଇରସ୍‌କୁ ନେଇ ଚାଇନାରେ ଆତଙ୍କ ଅଦ୍ୟାବଧି ଚାଇନାରେ ୧,୬୬୫ ଲୋକଙ୍କ ମୃତ୍ୟୁ ଘଟିଲାଣି। ୬୯ ହଜାର ଲୋକ ଏଥିରେ ଆକ୍ରାନ୍ତ ଥିବା ଜଣାପଡ଼ିଛି। ବିଶ୍ୱର ୨୭ ଦେଶ ଏହାର କବଳକୁ ଚାଲିଆସିଥିବାବେଳେ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଚେତାବନୀ ମଧ୍ୟ ଜାରି କରାଯାଇଛି। ଏହାକୁ ଯେତେଶୀଘ୍ର ରୋକିବା ଲାଗି ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି କୁହାଯାଇଛି। ବ୍ୟାପକ ସଚେତନତା, ମାସ୍କ, ମେଡିସିନ ସତ୍ତ୍ୱେ ଏହି ଭାଇରସ୍ କାୟାବିସ୍ତାର କରିବାରେ ଲାଗିଛି। ଚାଇନାରେ ପ୍ରତିଟି ଛୋଟ ଛୋଟ କଥାକୁ ଏଥିଲାଗି ଗୁରୁତ୍ୱ ଦିଆଯାଉଛି। ଭାଇରସ୍ ସଂକ୍ରମଣକୁ ରୋକିବା ଲାଗି ଓ ଟଙ୍କା(ୟୁଆନ୍)କୁ କିଟାଣୁରହିତ କରିବା ଲାଗି ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ସେଣ୍ଟ୍ରାଲ ବ୍ୟାଙ୍କ ପକ୍ଷରୁ ଗତ ୧୪ ଦିନ ହେବ ଟଙ୍କାକୁ ସିଲ୍ ଓ ଷ୍ଟୋର୍‌କରି ରଖାଯାଉଛି। ଟଙ୍କାକୁ ପୃଥକ ପୃଥକ ଭାବେ ଗଣାଯିବା ସହ ଅଲଟ୍ରାଭାଓଲେଟ୍ ଲାଇଟ୍ ବ୍ୟବହାର କରାଯାଉଛି ବୋଲି ଚାଇନା ସେଣ୍ଟ୍ରାଲ ବ୍ୟାଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀରେ ପ୍ରକାଶ କରାଯାଇଛି। ଲୋକମାନଙ୍କ ଲାଗି ନୂଆ ନୋଟ ପ୍ରଚଳନ କରାଯିବା ଲାଗି ଚିନ୍ତା କରାଯାଉଥିବା ଚାଇନା ସେଣ୍ଟ୍ରାଲ ବ୍ୟାଙ୍କର ଡେପୁଟୀ ଗଭର୍ନର ଫ୍ୟାନ୍ ୟିଫେଇ କହିଛନ୍ତି। ସର୍ବାଧିକ କରୋନା ଭାଇରସ୍ କବଳିତ ହୁବେଇ ପ୍ରଦେଶ ଲାଗି ଜରୁରିକାଳୀନ ଭାବେ ୪ ବିଲିୟନ ନୋଟ୍ ଛପାଯାଇଛି। ଟଙ୍କା କାରବାର ବେଳେ ଜନସେବା ଓ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦେବା ଜରୁରୀ ହୋଇପଡ଼ିଛି ବୋଲି ସେ ପ୍ରକାଶ କରିଛନ୍ତି। ଲୋକମାନଙ୍କୁ ମୋବାଇଲ ପେମେଣ୍ଟ ଲାଗି ପ୍ରୋତ୍ସାହନ କରାଯାଉଛି ଓ କରୋନା ଭୂତାଣୁ ଯେପରି ନ ବ୍ୟାପେ ସେଥିପ୍ରତି ବିଶେଷ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ କହିଛନ୍ତି।

ଯେଉଁ ଶକ୍ତି ସବୁ ସାଧନ କରିପାରିବ- ତାହା ଅଛି। କିନ୍ତୁ ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ଅଛି। ଏବଂ ସେହି ରୁଦ୍ଧ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ। ଆସ- ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା। -ଶ୍ରୀଅରବିନ୍ଦ

# ପ୍ରଶଂସାର ମୂଲ୍ୟ

ଅର୍ଥନୈତିକ ଉନ୍ନତି ଆଧାରରେ ବିକଶିତ, ବିକାଶଶୀଳ ଓ ଅବିକଶିତ ରାଷ୍ଟ୍ରଗୁଡ଼ିକର ବର୍ଗୀକରଣ କରାଯାଇଛି। କୌଣସି ଦେଶର ସମୁଦାୟ ଘରୋଇ ଉତ୍ପାଦ (ଜିଡିପି), ମୁଣ୍ଡପିଛା ଆୟ, ଶିଳ୍ପ ଅଭିବୃଦ୍ଧିର ସ୍ତର, ବଜାର ସ୍ଥିତି ଏବଂ ଲୋକଙ୍କ ଜୀବନଧାରଣ ମାନକୁ ମାନଦଣ୍ଡ ଭାବେ ନିଆଯାଇ ରାଷ୍ଟ୍ରଗୁଡ଼ିକୁ ସ୍ଥିର କରାଯାଇଥାଏ। ସେହି ଦୃଷ୍ଟିରୁ ଦେଖିଲେ ଭାରତ ବିକାଶଶୀଳ ଦେଶ ପର୍ଯ୍ୟାୟଭୁକ୍ତ। ହେଲେ କିଛି ବର୍ଷ ହେବ ଭାରତ ବିକଶିତ ରାଷ୍ଟ୍ର ହେବାର ସ୍ୱପ୍ନ ଦେଖୁଆସୁଛି। ଶାସକ ନେତୃତ୍ୱ ଅନେକ ଅନ୍ତର୍ଜାତୀୟ ମଞ୍ଚରେ ଭାରତର ପ୍ରଗତି ବିଷୟରେ ତଥ୍ୟ ଉପସ୍ଥାପନ କରୁଛନ୍ତି। ତଥାପି ସେହି ସ୍ୱପ୍ନ ପୂରଣ ହୋଇପାରୁ ନାହିଁ। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୪ ଫେବୃୟାରୀରେ ଭାରତ ଗସ୍ତ କରିବା ପୂର୍ବରୁ ଏହି ଆକାଂକ୍ଷିତ ଲକ୍ଷ୍ୟ ଏବଂ ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି। ଆମେରିକା ବାଣିଜ୍ୟ ପ୍ରତିନିଧି କାର୍ଯ୍ୟାଳୟ ପକ୍ଷରୁ ଏବେ ଏକ ନୋଟିସ୍ ଜରିଆରେ ଜଣାଇ ଦିଆଯାଇଛି ଯେ, ଭାରତ ଦ୍ରୁତ ଗତିରେ ଅଭିବୃଦ୍ଧି କରୁଥିବାରୁ ଏହା ବିକାଶଶୀଳ ରାଷ୍ଟ୍ର ତାଲିକାରୁ ବାଦ୍ ପଡ଼ିଲା। ଅର୍ଥାତ୍ ଏଣିକି ଭାରତ ଏକ ବିକଶିତ ରାଷ୍ଟ୍ର ଭାବେ ଆମେରିକା ସହ ବାଣିଜ୍ୟିକ କାରବାର କରିବ। ଭାରତ ଜି-୨୦ ରାଷ୍ଟ୍ରସମୂହର ସଦସ୍ୟ ରହିଛି ଏବଂ ବିଶ୍ୱ ବାଣିଜ୍ୟର ୦.୫ ପ୍ରତିଶତ ଅଂଶ ଅକ୍ତିଆର କରିଛି। ସେହି ଯୋଗୁ ଟ୍ରମ୍ପଙ୍କ ଘୋଷଣା ଦ୍ୱାରା ଭାରତକୁ ମିଳି ଆସୁଥିବା ଆର୍ଥିକ ସହାୟତା ଓ ବାଣିଜ୍ୟିକ ରିହାତି ବନ୍ଦ ହେବା ନିଶ୍ଚିତ ହୋଇଯାଇଛି।

ଟ୍ରମ୍ପ ଭାରତ ପ୍ରତି ହଠାତ୍ କାହିଁକି ଏଭଳି ଆଭିମୁଖ୍ୟ ଗ୍ରହଣ କଲେ, ତାହା ଏଠାରେ ବୁଝିବା କଷ୍ଟକର ନୁହେଁ। ଚଳିତବର୍ଷ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ୨୦୧୬ରେ ନିର୍ବାଚନ ଜିତିବା ପରେ ଟ୍ରମ୍ପ 'ଆଗ ଆମେରିକା' ବା 'ଆମେରିକା ଫାଷ୍ଟ' ନୀତି ଆପଣାଇ ଆସୁଛନ୍ତି। ୨୦୧୯ରେ ଆମେରିକା କଂଗ୍ରେସର ମିଳିତ ଅଧିବେଶନକୁ ଉଦ୍‌ବୋଧନ ଦେବା ବେଳେ ଆମେରିକାର ବାଣିଜ୍ୟ ନିଅଣ୍ଟକୁ ହ୍ରାସ କରିବା ଦିଗରେ ସେ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଯଦିଓ ସେତେବେଳେ ସେ ଭାରତର ନାମ ନେଇ ନ ଥିଲେ, କିନ୍ତୁ ନିର୍ବାଚନକୁ ଆଖି ଆଗରେ ରଖି ଏବେ ଏଭଳି ନିଷ୍ପତ୍ତି ନେଉଥିବା ଆଲୋଚନା ହେବା ସ୍ୱାଭାବିକ। ସମସ୍ତେ ଜାଣନ୍ତି, ଟ୍ରମ୍ପ ଜଣେ ଏକଛତିଆ ରାଜନେତା ଓ ସେ ନିଜର ସ୍ୱାର୍ଥ ପାଇଁ କୌଣସି ମୁହୂର୍ତ୍ତରେ କିଛି ବି ନିଷ୍ପତ୍ତି ନେଇପାରନ୍ତି। ଭାରତକୁ ବିକାଶଶୀଳ ରାଷ୍ଟ୍ର ତାଲିକାରୁ ବିକଶିତ ଦେଶକୁ ଉନ୍ନୀତ କରିବା ଅନେକ ଭାରତୀୟଙ୍କୁ ଖୁସି ଆଣିଦେଇପାରେ। କିନ୍ତୁ ଏହାର ନିଷ୍ପତ୍ତିର ପ୍ରଭାବ ଭାରତୀୟ ଅର୍ଥନୀତି ଉପରେ ପଡ଼ିବା ଥୟ। ବିଶ୍ୱବ୍ୟାପୀ ଅର୍ଥନୈତିକ ମାନ୍ଦାବସ୍ଥା ଯୋଗୁ ଭାରତ ସଙ୍କଟ ମଧ୍ୟରେ ରହିଛି। ୨୦୧୮-୧୯ରେ ଭାରତର ଜିଡିପି ୬.୧ ପ୍ରତିଶତ ଥିବା ବେଳେ ୨୦୧୯-୨୦ରେ ଏହା ଖସି ୫ ପ୍ରତିଶତରେ ଅଛି। ଯେତେବେଳେ ଏକ ଦେଶର ଜିଡିପି କମିଆସୁଛି, ସେତେବେଳେ ଏହାର ଆର୍ଥିକ ଅଭିବୃଦ୍ଧି ଘଟୁଛି ବୋଲି ଆଖ୍ୟା ଦିଆଯାଇ ତାହାକୁ ବିକଶିତ ରାଷ୍ଟ୍ର ମାନ୍ୟତା ଦିଆଯିବା ପଛରେ ଟ୍ରମ୍ପଙ୍କ କପଟତା ସ୍ପଷ୍ଟ ବୁଝାପଡ଼ିଯାଉଛି। ଆମେରିକାବାସୀଙ୍କୁ ଖୁସି କରିବା ଲାଗି ସେ ଭାରତର ବୃହତ୍ କ୍ଷତି କରିବାକୁ ଯାଉଛନ୍ତି।

ଓଡ଼ିଆରେ ଢଗ ଅଛି- 'ହାତରେ ନ ମାରି ଭାତରେ ମାରିବା'। ଭାରତକୁ ବିକଶିତ ଦେଶ ଭାବେ ପ୍ରଶଂସା କରି ତା'ର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିବାକୁ ଯାଉଥିବା ଟ୍ରମ୍ପଙ୍କୁ କିନ୍ତୁ କିଛି ଦିନ ପରେ ଗୁଜରାଟରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଅହମଦାବାଦର ମୋଟେରାଠାରେ ବିଶ୍ୱର ସର୍ବାଧିକ ଦର୍ଶକ ଦେଖିପାରିବା ଭଳି ସର୍ଦ୍ଦାର ପଟେଲ କ୍ରିକେଟ ଷ୍ଟାଡିୟମ ଉଦ୍‌ଘାଟନ କରିବା ଲାଗି ଭାରତର ପ୍ରଧାନମନ୍ତ୍ରୀ ମୋଦି ପ୍ରେସିଡେଣ୍ଟ ଟ୍ରମ୍ପଙ୍କୁ ନିମନ୍ତ୍ରଣ କରିଛନ୍ତି। ପରିଚାପର ବିଷୟ, ଟ୍ରମ୍ପଙ୍କ ଏହି ୩ ଘଣ୍ଟିଆ କାର୍ଯ୍ୟକ୍ରମ ପାଇଁ ଗୁଜରାଟ ସରକାର ୧୦୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଏଥିଲାଗି ପ୍ରସ୍ତୁତି ଜୋରସୋରରେ ଚାଲିଛି। ସବୁଠାରୁ କୌତୂହଳର ବିଷୟ ଯେ, ନିକଟରେ ଟ୍ରମ୍ପ କହିଥିଲେ ଅହମଦାବାଦ ବିମାନବନ୍ଦରରୁ ଉକ୍ତ ଷ୍ଟାଡିୟମ ଯାଏ ୫୦ ଲକ୍ଷରୁ ୭୦ ଲକ୍ଷ ଲୋକ ତାଙ୍କୁ ସ୍ୱାଗତ କରିବେ। ମୋଦି ଏ ନେଇ ପ୍ରତିଜ୍ଞା କରିଥିବା ଟ୍ରମ୍ପ କହିବା ପରେ ଭାରତ ଲଜ୍ଜିତ ହେବା କଥା । ଏଠାରେ ମନେପଡ଼େ, ଗତବର୍ଷ ସେପ୍ଟେମ୍ବରରେ ହ୍ୟୁଷ୍ଟନ୍‌ଠାରେ ହାଉଡି ମୋଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେଥିରେ ୫୦,୦୦୦ ଭାରତୀୟ-ଆମେରିକୀୟ ଯୋଗଦେଇଥିଲେ। ସେମାନେ ମୁଖ୍ୟତଃ ଗୁଜରାଟୀ ଥିଲେ। ସେତେବେଳେ ମୋଦିଙ୍କୁ ଟ୍ରମ୍ପ ଉଚ୍ଚ ପ୍ରଶଂସା କରିଥିଲେ। ସମ୍ଭବତଃ ପ୍ରତିବଦଳରେ ଟ୍ରମ୍ପଙ୍କୁ ଦେଖେଇ ଦେଲା ଭଳି ୫୦ ଲକ୍ଷରୁ ୭୦ ଲକ୍ଷ ଲୋକଙ୍କୁ ରୁଣ୍ଡ କରିବାରେ ମୋଦି ଲକ୍ଷ୍ୟ ରଖିଛନ୍ତି ବୋଲି ଆମେରିକା ରାଷ୍ଟ୍ରପତିଙ୍କ କଥାରୁ ବୁଝାପଡ଼ିଯାଉଛି। ଏଠାରେ କୁହାଯାଇପାରେ ଯେ, ନିର୍ବାଚନ ଜିତିବା ଲାଗି ଭାରତୀୟ-ଆମେରିକୀୟ ଭୋଟରଙ୍କୁ ଆଖି ଆଗରେ ରଖି ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହାୟତା ନେଉଥିଲେ। ଏଥିରେ ମୋଦିଙ୍କୁ ବିଶ୍ୱନେତା ଓ ଭାରତକୁ ଗୁରୁତ୍ୱ ଦେବା ଭଳି କୌଣସି ଉଦ୍ଦେଶ୍ୟ ରହି ନ ଥିଲା ବୋଲି ମନେହେଉଛି। କାରଣ ବର୍ତ୍ତମାନ ଭାରତକୁ ଆମେରିକା ମିଛିମିଛିକା ବିକଶିତ ରାଷ୍ଟ୍ର ତାଲିକାରେ ଯୋଡ଼ିବାରୁ ମୋଦିଙ୍କ ଓଜନ ତଉଲି ହୋଇଗଲା। ଅନ୍ୟପକ୍ଷରେ ଷ୍ଟାଡିୟମ ଉଦ୍‌ଘାଟନ କରିବା ଲାଗି ଟ୍ରମ୍ପଙ୍କୁ ନିମନ୍ତ୍ରଣ କରିବାରେ ଭାରତର କେଉଁ ପ୍ରକାର ସ୍ୱାର୍ଥ ସାଧନ ହେବ ତାହା ଅସ୍ପଷ୍ଟ ରହୁଛି। କେବଳ ଏତିକି ହୋଇପାରେ ଯେ, ଟ୍ରମ୍ପଙ୍କୁ ମୋଦି ଦେଖାଇ ଦେବାକୁ ଚାହାନ୍ତି ବିଶ୍ୱର ଦ୍ୱିତୀୟ ସର୍ବାଧିକ ଜନବହୁଳ ରାଷ୍ଟ୍ର ଭାରତ ଆତିଥ୍ୟ ପ୍ରଦାନ କରିବା ଲାଗି ଲୋକଙ୍କୁ ରାସ୍ତାରେ ଛିଡ଼ା କରାଇ ଦେଇପାରେ। ଏହା ବ୍ୟତୀତ ନିକଟ ଅତୀତରେ ମୋଦିଙ୍କ ନେତୃତ୍ୱାଧୀନ ଭାଜପାର ବିଭିନ୍ନ ରାଜ୍ୟ ନିର୍ବାଚନରେ ବିପୁଳ ପରାଜୟ ଏବଂ ବିଶେଷକରି ଦିଲ୍ଲୀ ଫଳାଫଳ ପରେ ଟ୍ରମ୍ପଙ୍କ ଗସ୍ତ ଭାରତୀୟଙ୍କ ଦୃଷ୍ଟି ଭିନ୍ନ ଆଡ଼େ ନେଇଯାଇପାରେ ବୋଲି ପ୍ରଧାନମନ୍ତ୍ରୀ ଆଶା କରିପାରନ୍ତି। କିନ୍ତୁ ପେଟକୁ ଲାତ ମାରୁଥିବା ଟ୍ରମ୍ପଙ୍କ ଭଳି ବ୍ୟକ୍ତିଙ୍କୁ କୌଣସି ଭାରତୀୟ ହୃଦୟରୁ ସମ୍ମାନ ଦେବା ଉଚିତ ନୁହେଁ। କାରଣ ମିଛ ପ୍ରଶଂସାରେ ପେଟ ପୂରେ ନାହିଁ। ଏହାଛଡ଼ା ଆମେରିକା ସରକାର ଜାରି କରିଥିବା ବିଜ୍ଞପ୍ତିରେ କୁହାଯାଇଛି ଯେ, ଆମେରିକାର କୌଣସି ବୃହତ୍ ଶିଳ୍ପପତି ଟ୍ରମ୍ପଙ୍କ ସହିତ ଏହି ଗସ୍ତରେ ଆସୁ ନାହାନ୍ତି। ଏଥିରୁ ବୁଝାପଡ଼ୁଛି, ପୂର୍ବରୁ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସହିତ ମୋଦିଙ୍କ ଚେନ୍ନାଇର ମହାବଳିପୁରମ୍ ଭେଟ ପରେ ଯେଭଳି କୌଣସି ଅର୍ଥନୈତିକ ଘୋଷଣାନାମା କରାଗଲା ନାହିଁ, ଠିକ୍ ସେହିଭଳି ଟ୍ରମ୍ପ ଆସି ଫେରିଯିବେ, କିନ୍ତୁ ଭାରତର ଅନେକ କୋଟି ଟଙ୍କା ଖର୍ଚ୍ଚ ହୋଇଗଲେ ମଧ୍ୟ କୌଣସି ଲାଭ ମିଳିବ ନାହିଁ। ଗତ ୩୦ ଦିନ ମଧ୍ୟରେ ଗୁଜରାଟର ରାଜକୋଟ ଓ ଅହମଦାବାଦର ସରକାରୀ ହସ୍ପିଟାଲରେ ୧୩୪ ନବଜାତକଙ୍କ ମୃତ୍ୟୁ ହୋଇସାରିଲାଣି। ଏହାର ମୁଖ୍ୟ କାରଣ ଭାବେ ସରକାରୀ ଡାକ୍ତରଖାନାରେ ଔଷଧ ଓ ଯନ୍ତ୍ରପାତିର ଅଭାବ ଦର୍ଶାଯାଉଛି। ସେଗୁଡ଼ିକର ପୂରଣ କରିବା ପରିବର୍ତ୍ତେ ଟ୍ରମ୍ପଙ୍କ ପାଇଁ ୧୦୦ କୋଟି ଟଙ୍କା ମାତ୍ର ୩ ଘଣ୍ଟାର ଗସ୍ତ ପାଇଁ ଖର୍ଚ୍ଚ କରାଯାଉଛି। ଏହା ହେଉଛି ଗୁଜରାଟ ମଡେଲ। ଏହି ରାଜ୍ୟରେ ମୋଦି ୧୨ ବର୍ଷ ମୁଖ୍ୟମନ୍ତ୍ରୀ ରହିବା ପରେ ଏବେ ଦୀର୍ଘ ୬ ବର୍ଷ ଦେଶର ପ୍ରଧାନମନ୍ତ୍ରୀ ରହିସାରିଲେଣି।

# ବିଦ୍ୟାଳୟ ଶିକ୍ଷାରେ ଗୁଣାତ୍ମକ ମାନ : ଏକ ସମୀକ୍ଷା

**ଡ. ଗୋବିନ୍ଦ ବେହେରା**

ଗତ କିଛିମାସ ତଳେ ନୀତି ଆୟୋଗ ପକ୍ଷରୁ ବିଦ୍ୟାଳୟ ଶିକ୍ଷାର ମାନ ପରିମାପର ସୂଚକ ଛାତ୍ର-ଶିକ୍ଷକ, ଉପସ୍ଥାନ, ପ୍ରଶାସନିକ ସୁବିଧା, ତାଲିମ, ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତାଗୁଡ଼ିକୁ ଆଧାର କରି ବିଚାର କରାଯାଇଛି। ଶିକ୍ଷା, ଫଳାଫଳ, ଶିକ୍ଷାନୁଷ୍ଠାନରେ ପ୍ରବେଶ ସୁବିଧା, ଭିତ୍ତିଭୂମି ଓ ସୁବିଧାସୁଯୋଗ ଆଦି ଅନ୍ୟାନ୍ୟ ପ୍ରଦର୍ଶନ ଆଧାରରେ ନୀତି ଆୟୋଗ ରିପୋର୍ଟ ପ୍ରକାଶ ହୋଇଛି।

ନୀତି ଆୟୋଗ ଦ୍ୱାରା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଶିକ୍ଷାର ମାନକୁ ବିଚାର କରାଯାଇ ରିପୋର୍ଟ ପ୍ରକାଶ କରାଯାଇଥିଲା। ବୃହତ୍ ରାଜ୍ୟଗୁଡ଼ିକ ମଧ୍ୟରେ ବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ଓଡ଼ିଶାର ସ୍ଥାନ ସପ୍ତମରେ ରହିବା ଏକ ଉଲ୍ଲେଖନୀୟ ଅଗ୍ରଗତି ବୋଲି କୁହାଯାଇପାରେ। ଏହା ପୂର୍ବରୁ ଓଡ଼ିଶାର ସ୍ଥାନ ୧୩ରେ ଥିଲା। ସୂଚନାଯୋଗ୍ୟ, ଉନ୍ନତ ମାନର ବିଦ୍ୟାଳୟ ଶିକ୍ଷାସୂଚୀରେ ସର୍ବୋଚ୍ଚ ସ୍ଥାନରେ କେରଳ ଏବଂ ସର୍ବନିମ୍ନ ସ୍ଥାନରେ ଉତ୍ତରପ୍ରଦେଶ ରହିବା ସହ ତାମିଲନାଡ଼ୁ, ହରିୟାଣା, ଗୁଜରାଟ, ହିମାଚଳପ୍ରଦେଶ, ଓଡ଼ିଶା, ରାଜସ୍ଥାନରେ ସାମଗ୍ରିକ ଶିକ୍ଷାଦାନରେ ମାନବୃଦ୍ଧି ଘଟିଥିବା ଲକ୍ଷ୍ୟ କରାଯାଇଛି। କିନ୍ତୁ କର୍ଣ୍ଣାଟକ ଓ ଉତ୍ତରାଖଣ୍ଡ ପଛରେ ପଡ଼ିଯାଇଛନ୍ତି। ତାମିଲନାଡ଼ୁରେ ବିଦ୍ୟାଳୟ ସହିତ ସମ୍ପର୍କ ଓ ପରୀକ୍ଷା ଫଳାଫଳ ଭିତ୍ତିରେ ସର୍ବୋତ୍କୃଷ୍ଟ ଥିବା ବେଳେ ଅଧ୍ୟୟନ କ୍ଷେତ୍ରରେ କର୍ଣ୍ଣାଟକ, ଭିତ୍ତିଭୂମି କ୍ଷେତ୍ରରେ ହରିୟାଣା ଶୀର୍ଷ ସ୍ଥାନରେ ରହିଛନ୍ତି। ମଣିପୁର ଓ ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ ଉତ୍କୃଷ୍ଟ ମାନର ବୋଲି ରିପୋର୍ଟରେ ଦର୍ଶାଯାଇଛି।

ସରଳ ଭାଷାରେ ଶିକ୍ଷା ହେଉଛି ବ୍ୟକ୍ତିର ଅନ୍ତର୍ନିହିତ ଶକ୍ତିର ବିକାଶ କରି ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖି ସମାଜର ଉନ୍ନତି କରିବା ସହ ବ୍ୟକ୍ତି ନମ୍ର, ବିନୟ, ଆନନ୍ଦମୟ ଜୀବନଯାପନ, ଜୀବନଧାରଣର ମାର୍ଗଦର୍ଶନ, ସୁବିଧା ସୁଯୋଗ ଓ ସହଯୋଗ ଯୋଗାଇବା।

ଶିକ୍ଷାର୍ଥୀର ସଂଜ୍ଞା ହେଲା, ପାଞ୍ଚୋଟି ଅନୁଶାସନରେ ଶାସିତ ହୋଇ ଗଭୀର ଅଧ୍ୟବସାୟ ବଳରେ ଶିକ୍ଷା ଲାଭ କରିବା। ଜଣେ ଉତ୍ତମ ଶିକ୍ଷାଦାତା ଉଚ୍ଚକୋଟୀର ଶିକ୍ଷାର୍ଥୀ ହେବା ଆବଶ୍ୟକ। ସେ ଶିକ୍ଷାକୁ ଜୀବନବ୍ୟାପୀ ପ୍ରକ୍ରିୟା ମନେକରି ବିଭିନ୍ନ ପରିବେଶ ଓ ପରିବେଷ୍ଟନୀ ମଧ୍ୟରେ ନିଜକୁ ସାମିଲକରି ଶିକ୍ଷାଦାନ ଶୈଳୀକୁ ବଜାୟ ରଖିବା, ଶିକ୍ଷାର୍ଥୀକୁ ଉତ୍ତମ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସହ ସମାଜକୁ ନୂତନ ଦିଗ୍‌ଦର୍ଶନ ଦେଇ ପାରୁଥିବେ।

ଶିକ୍ଷାଦାନ କାଳରେ ଚାରୋଟି ସ୍ତମ୍ଭ (ଶିକ୍ଷା, ଶିକ୍ଷାର୍ଥୀ, ଶିକ୍ଷକ ଓ ଶିକ୍ଷାୟତନ) ମଧ୍ୟରେ ସମନ୍ୱୟ ଓ ଭାରସାମ୍ୟ ସ୍ଥାପନ କରିବା ଶିକ୍ଷାଦାନକୁ ଆଗେଇନେବା ହିଁ ଶିକ୍ଷାୟତନ। ଯଦିଓ ସ୍ୱାର୍ଥସିଦ୍ଧି ନିମିତ୍ତ ଉପରୋକ୍ତ ସ୍ତମ୍ଭଗୁଡ଼ିକ ଦିଗ ପରିବର୍ତ୍ତନ କରନ୍ତି, ତେବେ ଶିକ୍ଷାର ଗୁଣାତ୍ମକ ମାନ ଅଧୋଗତି ନିଶ୍ଚିତ।

ଇଂରେଜ ଶାସନ କାଳରେ ମାକ୍‌ଓ୍ୱାଲେ ଅନୁଭବ କଲେ ଯେ, ପ୍ରାଚୀନ ଭାରତ ତଥା ଗୁରୁକୁଳ (ମାଟିବଂଶ ଓ କ୍ଷିତିବଂଶ) ଶିକ୍ଷା ପଦ୍ଧତିରେ ସଂସ୍କାର ଆଣି ଭାରତବର୍ଷରେ ଇଂଲିଶ୍ ଶିକ୍ଷାକୁ ଗୁରୁତ୍ୱ ଦେଇ ନୂତନ ଶିକ୍ଷା ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଫଳରେ ମିଡ୍ଲ ମାଧ୍ୟମିକ, ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ଶିକ୍ଷାର ପରିକଳ୍ପନା କରାଯାଇଥିଲା।

ଯଦିଓ ପାଠ୍ୟଖସଡ଼ାରେ ପ୍ରାଚୀନ ଭାରତୀୟ ଓ ପ୍ରାଦେଶିକ ପରମ୍ପରା ଏବଂ ସଂସ୍କୃତିକୁ ପ୍ରାଧାନ୍ୟ ଦିଆଯାଇଥିଲା, ତଥାପି ଶିକ୍ଷାଦାନରେ ସହୃଦୟତା ଅଭାବରୁ ଗୁଣାତ୍ମକ ମାନରେ ଲେଖଚିତ୍ରର ଅଧଃପତନ ଉପଲବ୍ଧି ହୋଇଛି। ମାତ୍ର ବିଂଶ ଶତାବ୍ଦୀର ଶେଷ ଦଶନ୍ଧିରେ ନୂତନ ଶିକ୍ଷା ପଦ୍ଧତିରେ ଯେଉଁ ପରିବର୍ତ୍ତନ ଦୃଶ୍ୟମାନ ହୋଇଛି, ତାହା ଗୁଣାତ୍ମକ ମାନ ବୃଦ୍ଧିକୁ ଆହୁରି ଶିଥିଳ କରିଦେଇଛି।

ମନୋବିଜ୍ଞାନୀମାନଙ୍କ ମତରେ ଶିଶୁର ୮୫ ପ୍ରତିଶତ ମନବିକାଶ ୩ବର୍ଷରୁ ଆରମ୍ଭ ହେବା ଯୋଗୁ ବିଦ୍ୟାଳୟ ଶିକ୍ଷାକୁ ୩ ବର୍ଷ ବୟସରୁ ଅଙ୍ଗନୱାଡ଼ି ତତ୍ତ୍ୱାବଧାନରେ ରଖାଯାଇଛି। ଶିଶୁର ୩ ବର୍ଷ ପ୍ରସ୍ତୁତି ବିଦ୍ୟାଳୟ ଶିକ୍ଷା ପାଇଁ ଏବଂ ୪ବର୍ଷ ପ୍ରସ୍ତୁତି ମାଧ୍ୟମିକ ଶିକ୍ଷା ପାଇଁ ଧାର୍ଯ୍ୟ କରାଯାଇଛି। ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁମାନଙ୍କୁ ଖେଳ ମାଧ୍ୟମରେ ଶିକ୍ଷା ଓ ଆଗ୍ରହ ମାଧ୍ୟମରେ କୌଶଳ ପ୍ରୟୋଗ କରି ବିଦ୍ୟାଳୟ ଓ ମାଧ୍ୟମିକ ଶିକ୍ଷା ପ୍ରତି ଆଗ୍ରହ ଜନ୍ମାଯାଉଛି। ଉଚ୍ଚଶିକ୍ଷା ପ୍ରତି ଶିକ୍ଷାର୍ଥୀଙ୍କ ୨୦୨୦ ବେଳକୁ ୨୫ ପ୍ରତିଶତ ଏବଂ ୨୦୩୫ ମସିହା ବେଳକୁ ୩୫ ପ୍ରତିଶତ ବୃଦ୍ଧି ପାଇବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ତେଣୁ ବିଶ୍ୱବିଦ୍ୟାଳୟ ଶିକ୍ଷାକୁ ୩ଟି ସୋପାନରେ ବିଭକ୍ତ କରାଯାଇଛି। ପ୍ରଥମ ଶ୍ରେଣୀଭୁକ୍ତ ବିଶ୍ୱବିଦ୍ୟାଳୟରେ ସମ୍ପୂର୍ଣ୍ଣ ଗବେଷଣା ଓ ସାମାନ୍ୟ ଶିକ୍ଷା, ଦ୍ୱିତୀୟ ଶ୍ରେଣୀଭୁକ୍ତ ବିଶ୍ୱବିଦ୍ୟାଳୟରେ ସାମାନ୍ୟ ଶିକ୍ଷା ଓ ସାମାନ୍ୟ ଗବେଷଣା ଏବଂ ତୃତୀୟ ଶ୍ରେଣୀଭୁକ୍ତ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଭୁକ୍ତ ହୋଇଥିବା କଲେଜଗୁଡ଼ିକୁ ସ୍ୱୟଂଶାସିତ କରାଯାଇ ବିଭିନ୍ନ ବିଷୟରେ ଡିଗ୍ରୀ ପ୍ରଦାନ କରାଯାଉଛି। 'ଏ' ଗ୍ରେଡ୍ ସଂଖ୍ୟା ବିଦ୍ୟାଳୟସ୍ତରରେ ହ୍ରାସ ପାଇବାରେ ଲାଗିଛି।

ଉଚ୍ଚ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ ପରୀକ୍ଷାଫଳକୁ ୭୩% କରିବା ପାଇଁ ପାସ୍ ନିୟମକୁ ପରିଷଦ ଭାଙ୍ଗିବାକୁ ବାଧ୍ୟ ହୋଇଛନ୍ତି ଓ ଏହିବର୍ଷ କର୍ତ୍ତୃପକ୍ଷ ମାଟ୍ରିକ୍ ପରୀକ୍ଷା ପ୍ରଶ୍ନରେ କିଛି ପରିବର୍ତ୍ତନ କରି ଉଭୟ ଦୀର୍ଘ କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନାବଳୀରେ ସର୍ବନିମ୍ନ ୧୫ ନମ୍ବର ଧାର୍ଯ୍ୟ କରିଛନ୍ତି। ଦୁଃଖ ଓ ପରିତାପର ବିଷୟ, କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନାବଳୀରେ ପ୍ରାଥମିକ ଶ୍ରେଣୀ ପ୍ରଶ୍ନ ଭଳି ଶୂନ୍ୟ ସ୍ଥାନ, ସ୍ତମ୍ଭ ମିଳନ ଓ ଠିକ୍ ଭୁଲ୍ ନିରୂପଣ ଭଳି ପ୍ରଶ୍ନ ଭାଷା, ସାହିତ୍ୟ ଓ ସଂସ୍କୃତିର ମାନ ବୃଦ୍ଧି ପାଇ କେତେଦୂର ଯୁକ୍ତିଯୁକ୍ତ ତାହା ବୁଦ୍ଧିଜୀବୀ ମହଲରେ ଏକ ପ୍ରଶ୍ନବାଚୀ ହୋଇଛି।

ଅନ୍ୟପକ୍ଷରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଶିକ୍ଷାର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇଛି। ଉକ୍ତ ଶିକ୍ଷାର ଭିତିରି ଚିତ୍ର ଆଖି ଆଗୁଆରେ ରହିଛି ବୋଲି ବ୍ରିଟେନ୍‌ର ଏକ ୟୁନିଭର୍ସିଟିର ଜଣେ ପ୍ରଫେସର ଏକ ରାଜ୍ୟର ଇଂରାଜୀ ବିଦ୍ୟାଳୟର ପରୀକ୍ଷାଫଳ ପ୍ରକାଶକୁ ତର୍ଜମା କରିଛନ୍ତି। ତାଙ୍କ ମତରେ ସର୍ବୋଚ୍ଚ ୧୬ ମାର୍କ ଗ୍ରେସ୍ ଦେଇ ଇଂଲିଶ ଶିକ୍ଷାର୍ଥୀଙ୍କୁ ଅସ୍ୱାଭାବିକ ଭାବରେ ଉତ୍ତୀର୍ଣ୍ଣ କରି ତାଙ୍କୁ ଏକ ମେଧାବୀ ଛାତ୍ରର ପରିଚୟ ଦେଇ ଶିକ୍ଷାର ମାନ କିଭଳି ବୃଦ୍ଧି କରାଯାଇପାରିବ ତାହା ସହଜେ ଅନୁମେୟ। ପୂର୍ବନ ଅଧିକାର ଆଇନ ବଳରେ ଜଣେ ପରୀକ୍ଷାର୍ଥୀ ତା'ର ଉତ୍ତରପତ୍ରର ଫଟୋ କପି ନେବା ଯୋଗୁ ମୂଲ୍ୟାୟନକାରୀମାନେ ଆଶାତୀତ ନମ୍ବର ଦେଇ ନିଜକୁ ହରବରଣାରୁ ବଞ୍ଚିତ କରିବା ଏବଂ ଉତ୍ତୀର୍ଣ୍ଣ ହାରକୁ ବୃଦ୍ଧି କରି ଶିକ୍ଷାର ମାନ କିଭଳି ଭାବରେ ବଢ଼ାଉଛନ୍ତି ତାହା ଜଣାନାହିଁ।

ଚନ୍ଦ୍ରପ୍ରଭା ସାହି, ୨ୟ ଗଳି, ବ୍ରହ୍ମପୁର, ମୋ- ୮୭୬୩୬୮୨୨୬୧

# ତଥାପି ମୋ ଦୁଃଖ ସରୁ ନାହିଁ



**ରାଜୀବ କର୍ମୀ**

ଏ ସବୁ ଯୋଜନା ମୋ ପାଇଁ, ତଥାପି ମୋ ଦୁଃଖ ସରୁ ନାହିଁ। ଏହା ଏକ ସଚେତନଧର୍ମୀ ସ୍ଲୋଗାନ୍। କୋଡ଼ିଏ ବର୍ଷ ତଳେ ଗ୍ରାମାଞ୍ଚଳ ଲୋକଙ୍କୁ ନିଜ ହକ୍ ବିଷୟରେ ସଚେତନ କରିବା ପାଇଁ ଆମେ ବ୍ୟବହାର କରୁଥିଲୁ। ଏବେ ମଧ୍ୟ ଏହି ସ୍ଲୋଗାନ୍‌ର ପ୍ରାସଙ୍ଗିକତା ରହିଥିବା ମନେହୁଏ। କୋଡ଼ିଏ ବର୍ଷ ଭିତରେ କେନ୍ଦ୍ରରେ ଏବଂ ବିଭିନ୍ନ ରାଜ୍ୟରେ ସରକାର ବଦଳିଛନ୍ତି। ବଦଳିଛି ଯୋଜନା। ଅନେକ ଯୋଜନାକୁ ନୂଆ ରୂପ ଦିଆଯାଇଛି। ଅପାରଗ ସରକାରକୁ ଲୋକେ ବରଖାସ୍ତ କରିଛନ୍ତି। ଭଲ କାମ କରୁ ନ ଥିବା ଅଧିକାରୀଙ୍କୁ ବିଦା କରାଯାଇଛି। ସରକାର ଅନେକ ଫର୍ଦ୍ଦିଫିକର କରୁଛନ୍ତି ଗରିବଗୁରୁବାଙ୍କ ପେଟକୁ ଦାନା ମୁଠେ, ମୁଣ୍ଡକୁ ଛାତଟିଏ ଏବଂ ଦେହକୁ କନା ଖଣ୍ଡେ ଯୋଗାଇବା ପାଇଁ, ଯାହାକି ମଣିଷର ଆଜନ୍ମ ଅଧିକାର। ଏହା ହେଉଛି ସବୁ ଯୋଜନାର ମୂଳ, ଯାହା ପାଇଁ ମଣିଷ ନାଟ କରେ। ବିନା ପ୍ରଶ୍ନରେ ଭୋଟ ଦିଏ। ପାଞ୍ଚବର୍ଷ ପର୍ଯ୍ୟନ୍ତ ଅନାଇଥାଏ, କାଳେ ତା' ଭାଗ୍ୟରେ କିଛି ଜୁଟିବ। ଅପେକ୍ଷାରେ ବିତିଯାଏ ବର୍ଷ ପରେ ବର୍ଷ। ମାତ୍ର ସାଧାରଣ ଗରିବ ଲୋକଟିର ଦୁଃଖ ଲାଘବ ହୁଏ ନାହିଁ। ଅତୀତରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ଦିନକୁ ଦିନ ନୂଆ ନୂଆ ଯୋଜନା ଯୋଡ଼ୁଛନ୍ତି।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଗରିବୀର ମୂଳୋତ୍ପାଟନ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଲୋକଙ୍କୁ ନିୟମିତ ରୋଜଗାର, ଆତ୍ମନିଯୁକ୍ତି ସୃଷ୍ଟି, ଖାଦ୍ୟ ନିରାପତ୍ତା, ସାମାଜିକ ସୁରକ୍ଷା ଏବଂ ସହରୀ ଦାରିଦ୍ର୍ୟ ଦୂରୀକରଣ ଇତ୍ୟାଦି ମୁଖ୍ୟ ଉଦ୍ଦେଶ୍ୟ। ବର୍ତ୍ତମାନ ଚାଲୁଥିବା ଅନେକ ଯୋଜନା କୌଣସି ଆଇନ ପରିସରଭୁକ୍ତ ନୁହେଁ। ଜବାହର ଗ୍ରାମୀଣ ସମୃଦ୍ଧି ଯୋଜନା, ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା, ଜାତୀୟ ପରିବାର ମଙ୍ଗଳ ଯୋଜନା, ଅନ୍ନପୂର୍ଣ୍ଣା ଯୋଜନା, ଅନ୍ତ୍ୟୋଦୟ ଯୋଜନା, ସମନ୍ୱିତ ଗ୍ରାମୀଣ ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଖାଦ୍ୟ ପାଇଁ କାମ ଯୋଜନା, ଗ୍ରାମୀଣ ଜୀବିକା ମିଶନ୍, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଇତ୍ୟାଦି ଆହୁରି ଅନେକ। ଏ ଭିତରୁ କିଛି ଚାଲୁଛି ତ କିଛି ନୂଆ ରୂପରେ ଆସିଛି। ଏହାର ମୂଳ ଉଦ୍ଦେଶ୍ୟ ନିଯୁକ୍ତି ସୃଷ୍ଟି ପାଇଁ ରିହାତି ଋଣ ବ୍ୟବସ୍ଥା, ଆର୍ଥିକ ସହିତ ସାମାଜିକ ଭିତ୍ତିକୁ ସୁଦୃଢ଼ କରିବା, ତାଲିମ ମାଧ୍ୟମରେ ଅଦକ୍ଷ ଶ୍ରମିକମାନଙ୍କୁ କୁଶଳୀ କରିବା, ଖାଦ୍ୟ ସୁରକ୍ଷା, ବାସୋପଯୋଗୀ ଗୃହ ବ୍ୟବସ୍ଥା ଏବଂ ନିଜ ଅଞ୍ଚଳରେ କର୍ମ ନିଯୁକ୍ତି ଇତ୍ୟାଦି।

ଲୋକଙ୍କର କ୍ରୟ କ୍ଷମତା ବଢ଼ାଇବା ପାଇଁ ୨୦୦୫ରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ହେଲା। ଗାଁ ସ୍ତରରେ ଦୈନିକ ରୋଜଗାର ସୁନିଶ୍ଚିତ କରିବା ଉକ୍ତ ଆଇନର ମୂଳ ଉଦ୍ଦେଶ୍ୟ। ଏହି ଯୋଜନା ବାର୍ଷିକ ଅତି କମ୍‌ରେ ୧୦୦ ଦିନ ଗୋଟିଏ ପରିବାରର ଗୁଜରାଣ ମେଣ୍ଟାଇବା ପାଇଁ ସହାୟକ ହୋଇପାରିବ। କିନ୍ତୁ ଏହାଦ୍ୱାରା ଯି ଲୋକେ ଉପକୃତ ହୋଇପାରୁ ନାହାନ୍ତି। ସରକାର କହୁଛନ୍ତି କାମ କରିବାକୁ ଲୋକ ମିଳୁନାହାନ୍ତି, ତେଣୁ ମେସିନ୍‌ରେ କାମ କରାଯାଉଛି। ଲୋକେ କହୁଛନ୍ତି କାମ କଲେ ମଧ୍ୟ ଠିକ୍ ସମୟରେ ମଜୁରି ମିଳୁନାହିଁ। ସାପ୍ତାହିକ ମଜୁରି ବ୍ୟବସ୍ଥା, ଦାବି ଅନୁସାରେ ନିଜ ଅଞ୍ଚଳରେ କାମ କରିବାର ସୁଯୋଗ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଅଛି, କିନ୍ତୁ ଏସବୁ ଠିକ୍ ଭାବରେ କାର୍ଯ୍ୟକାରୀ ହେଉନାହିଁ। ଯୋଜନାର ମୂଳ ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ କାମ ଯୋଗାଇବା, ହେଲେ ସରକାର ନିଜେ କାମ କରି ଶତ ପ୍ରତିଶତ ସଫଳତା ରିପୋର୍ଟ ଦେଉଛନ୍ତି। ଲୋକ ନ ମିଳିବା ବାହାନା କରି ସରକାର ଠକୁ, ଆମେ ବି। ଅଣସଙ୍ଗଠିତ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ପାଇଁ ସରକାର ୨୦୦୮ରେ ଏକ ଆଇନ କରିଛନ୍ତି। ଏହାଦ୍ୱାରା ନିଜ ସ୍ୱତନ୍ତ୍ର ଆତ୍ମନିଯୁକ୍ତି କିମ୍ବା ଦୈନିକ ମଜୁରି ଭାବରେ କାମ କରୁଥିବା ଲୋକେ ଉପକୃତ ହେବା ପାଇଁ ବ୍ୟବସ୍ଥା ଅଛି। ଏହି ଆଇନର ଫଳସ୍ୱରୂପ ଅଣସଙ୍ଗଠିତ ଶ୍ରମିକମାନଙ୍କ ପାଇଁ ଜୀବନ ଏବଂ ଅକ୍ଷମତା ସହାୟତା, ସ୍ୱାସ୍ଥ୍ୟ ଏବଂ ମାତୃତ୍ୱଲାଭ ପରବର୍ତ୍ତୀ ସହାୟତା ତଥା ବୟସ୍କଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରାଯିବ। ମାତ୍ର ବ୍ୟବସ୍ଥାରେ ମଧ୍ୟସ୍ଥଙ୍କ ଦୌରାତ୍ମ୍ୟ ଯୋଗୁ ଏଥିରୁ ଅନେକ ହିତାଧିକାରୀ ବଞ୍ଚିତ ହେଉଛନ୍ତି।

ଖାଦ୍ୟାଭାବୀ ପରିବାରକୁ ରିହାତି ଦରରେ ଖାଦ୍ୟଶସ୍ୟ ଯୋଗାଇ ଦେବା ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ରୁ କାର୍ଯ୍ୟକାରୀ କରାଯାଉଛି। ମାତ୍ର ଏଥିରେ ବି ରୂପାୟନ ସ୍ତରରେ ଅବହେଳା ହେଉଛି। ଏବେବି ଗ୍ରାମାଞ୍ଚଳରେ ଅନେକ ଲୋକଙ୍କ ରାଶନ କାର୍ଡ ବନ୍ଦ ପଡ଼ିଛି। ପ୍ରକୃତ ହିତାଧିକାରୀ ଚୟନରେ ଅନିୟମିତତା ହେଉଛି।

ସରକାରୀ ରିପୋର୍ଟ ଅନୁସାରେ ଗତ ଦଶବର୍ଷ ଭିତରେ ୫୪.୭%ରୁ ୩୩.୮% ଦାରିଦ୍ର୍ୟ କମିଛି। ଲୋକଙ୍କର ଜୀବନ ଧାରଣ ମାନ ସହ କ୍ରୟ କ୍ଷମତା ବଢ଼ିଛି। କେତେକ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଅପେକ୍ଷା କରୁଛନ୍ତି। ଜଣେ ବାପ୍ପି ନିଜର ୬ ମାଣ ଜମିରେ ଯେତେ ଖଟିଲେ ମଧ୍ୟ ଅଭାବୀ ବିକ୍ରିର ସାମ୍ନା କରୁଛି। ହଜାର ହଜାର ଯୁବ ଉପଯୁକ୍ତ କାମ ଅଭାବରୁ ଦାଦନ ଖଟୁଛନ୍ତି। ପିଲାଟିଏ ଯେତେ ପାଠ ପଢ଼ିଲେ ମଧ୍ୟ ରୋଜଗାରକ୍ଷମ ହୋଇପାରୁ ନାହିଁ। ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥା ରିପୋର୍ଟ ଅନୁସାରେ ଭାରତରେ ବେରୋଜଗାରୀ ସଂଖ୍ୟା ଗତ ୪୫ ବର୍ଷର ରେକର୍ଡ ଭାଙ୍ଗିଛି।

ଏଠାରେ ସ୍ୱତଃ ପ୍ରଶ୍ନ ଉଠେ- ଏହାର କାରଣ କ'ଣ? ତ୍ରୁଟି ରହିଛି କେଉଁଠି? କାହିଁକି ଆଜି ଗାଁରେ ରହୁଥିବା ସାଧାରଣ ଲୋକଟିଏ ତା'ର ମୌଳିକ ଆବଶ୍ୟକତା ପୂରଣ କରିବାରେ ବିଫଳ? ଯେତେ ଯୋଜନା ଓ ଆଇନ କଲେ ମଧ୍ୟ ଦୁଃଖ ସରୁ ନାହିଁ କାହିଁକି? ଗରିବ ଲୋକଟିଏ ଯେତେ ଖଟିଲେ ମଧ୍ୟ ତା'ର ଲାଭ ଅନ୍ୟର ପକେଟକୁ ଯାଉଛି କିପରି? ଏପରି କିଛି ମୌଳିକ ଏବଂ ଜଟିଳ ପ୍ରଶ୍ନକୁ ତର୍ଜମା କଲେ କେତୋଟି ବିଷୟ ଆମ ସାମ୍ନାକୁ ଆସିବ। ପ୍ରଥମତଃ ରାଜନେତାମାନେ ଲୋକଙ୍କର ଗରିବୀକୁ ରାଜନୀତି ସହିତ ଯୋଡ଼ିବା। ଦ୍ୱିତୀୟତଃ ସେବା କିମ୍ବା ବିକାଶ ବଦଳରେ ଅନ୍ୟାନ୍ୟ କ୍ଷେତ୍ରରେ ଅଧିକ ବିନିଯୋଗ। ତୃତୀୟତଃ ପ୍ରାକୃତିକ ସମ୍ବଳକୁ ବିନିଯୋଗ କରିବାରେ ବିଫଳ। ଚତୁର୍ଥତଃ ସବୁ କ୍ଷେତ୍ରରେ ବଢ଼ି ଚାଲିଥିବା ଦୁର୍ନୀତି। ଏଗୁଡ଼ିକୁ ସମାଧାନ କଲେ ଦୁଃଖ କିଛି ଲାଘବ ହୋଇପାରନ୍ତା।

ଶରଡ଼ା, ବୌଦ୍ଧ, ମୋ-୯୪୩୭୮୪୮୧୪୫

## ଏଇ ଭାରତରେ

ଭୋକିଲା ପିଲାର ପେଟକଥା ବୁଝିପାରୁଛନ୍ତି କୋଲକାତାର ମୈତ୍ରୀ ବାନାର୍ଜୀ। ସେ ଚାକିରି ଛାଡି ଅବହେଳିତ ପିଲାମାନଙ୍କ ମୁହଁରେ ହସ ଫୁଟାଉଛନ୍ତି। ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣା ଜିଲା ଦକ୍ଷିଣେଶ୍ୱରର ମୈତ୍ରୀ ବିବାହ କରିବା ପରେ କୋଲକାତା ଆସି ଚାକିରି କରିଥିଲେ। ୪ ବର୍ଷ ତଳେ ସେ ଚାକିରି ଛାଡି ଶେଓଡାଫୁଲି, ବଣ୍ଡେଲ୍ ଓ ରାଜୁଆପୁର ଅଞ୍ଚଳରେ ରାସ୍ତାରେ ବୁଲୁଥିବା ଅବହେଳିତ ପିଲାମାନଙ୍କ ଭବିଷ୍ୟତ ଗଢ଼ିବା ଆରମ୍ଭ କରିଥିଲେ। ପ୍ରଥମେ ସେ ଏକ ହ୍ୱାଟ୍‌ସଆପ୍ ଗ୍ରୁପ ଖୋଲି ଘର ଘର ବୁଲି ପୋଷାକ, ବ୍ୟାଗ, ଜୋତା ଏବଂ କଲମ ଯୋଗାଡ଼ କରି ପିଲାମାନଙ୍କୁ ଦେଉଥିଲେ। ମୈତ୍ରୀଙ୍କ କାର୍ଯ୍ୟରେ ପ୍ରଭାବିତ ହୋଇ 'ମହାଜୀବନ' ନାମକ ଏକ ବେସରକାରୀ ସଂସ୍ଥା ତାଙ୍କୁ ସହାୟତା କରିବାକୁ ଆଗେଇ ଆସିଛି। ଏହି ସଂସ୍ଥା ସହ ମିଶି ମୈତ୍ରୀ ପିଲାମାନଙ୍କ ପାଇଁ ଦୈନିକ ଭୋଜନ ବ୍ୟବସ୍ଥା କରିବା ସହ ଦିନବେଳା ଅନ୍ୟ ଜଣେ ଶିକ୍ଷକଙ୍କ ସହଯୋଗରେ ପଢାଉଛନ୍ତି। ହନୁମାନ ସମ୍ପର୍କରେ ଶିକ୍ଷା ମଧ୍ୟ ଦେଉଛନ୍ତି। ଏମାନଙ୍କ ମଧ୍ୟରୁ ବହୁ ପିଲା ସରକାରୀ ସ୍କୁଲରେ ନାମ ଲେଖାଇଛନ୍ତି। ଇଂଲିଶ୍ ଏବେ ସୁଦ୍ଧା ମୈତ୍ରୀ ୧୧୦ଜଣ ପିଲାଙ୍କୁ ଉଦ୍ଧାର କରିସାରିଛନ୍ତି।

## ଚିରନ୍ତନୀ

ମୋ ପ୍ରିୟ ଆସିଛି ଛାଡ଼ି ସିନ୍ଧୁ ସଇକତେ,
ଭ୍ରମୁଛି କାନନ ନଦୀ ପରାଣ ଉଛତେ,
ଆସିଅଛି ଛାଡ଼ି ଘର
ନିଜର କରୁଛି ପର
ନିତି ନୂଆ ଘର ମୋର ଏ ଜଗତ-ପଥେ!
(ବିଦ୍ରୋହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ଫେବୃୟାରୀ ୧୯୯୫**

➊ ଇସ୍ରାଏଲ ଆଣବିକ ନିରସ୍ତ୍ରୀକରଣ ଚୁକ୍ତି (ଏନ୍.ପି.ଟି.)ରେ ସ୍ୱାକ୍ଷର ନ କରିବା ପର୍ଯ୍ୟନ୍ତ ଆରବ ରାଷ୍ଟ୍ରମାନେ ଏନ୍.ପି.ଟି. ସମ୍ପ୍ରସାରଣ କରିବା ଚୁକ୍ତିରେ ସ୍ୱାକ୍ଷର କରିବେ ନାହିଁ ବୋଲି ଆରବ ରାଷ୍ଟ୍ରମାନଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଛି।

➋ ଡାଇୱାନର ତାଇଚୁଙ୍ଗ ସହରଠାରେ ଥିବା ଏକ ରେସ୍ତୋରାଁ କୋଠା ଓ ବାରରେ ଏକ ବିସ୍ଫୋରଣ ଘଟିବା ପରେ ସେଥିରେ ନିଆଁ ଲାଗିବା ଯୋଗୁ ୬୭ ଜଣଙ୍କ ମୃତ୍ୟୁ।

## ସୁ-ଡୋ-କୁ su|do|ku

| | | | | | | | | | | | |
|---|---|---|---|---|---|---|---|---|---|---|---|
| 9 | | 0 | 7 | | | B | | A | | | |
| | | 2 | 8 | | 1 | | D | | 6 | | |
| 1 | 7 | | | B | 3 | | | | 8 | | |
| A | 2 | | C | 5 | | | 3 | | B | | |
| 5 | | | E | | 8 | | 0 | | | | 1 |
| | | D | 8 | 7 | 3 | | 5 | C | | | |
| 5 | C | 3 | A | | | | | | 2 | | |
| | B | | | | | | 2 | | 7 | 4 | |
| 4 | | | 0 | | D | | | | 8 | | |
| 0 | 1 | | 9 | | 4 | | E | | D | | |
| | 8 | | | 2 | 6 | | | D | | | |
| D | 6 | B | | 8 | 1 | | | 1 | | | |
| | 4 | | E | | | | | | 0 | 6 | |
| B | | 5 | | A | 9 | | | C | 3 | | |
| | 0 | | | C | | | | A | B | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁ ଏହିରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | |
|---|---|
| 2 0 C E 8 A 9 3 B 5 7 1 D 6 4 | |
| 6 A 5 B 2 4 1 E D 3 C 8 7 9 0 | |
| 7 B 4 3 9 6 A B C 0 D E 5 1 2 | |
| D 3 9 7 1 5 0 6 4 2 A B 8 C E | |
| 1 E 8 D 0 C 3 7 A 5 6 9 2 4 B | |
| 5 C 1 0 9 3 2 8 1 A C 8 6 B E | |
| 3 9 2 6 A 1 E 0 8 7 4 C D 5 B | |
| B C E 5 7 8 2 4 6 A 9 3 1 0 D | |
| 4 A 7 0 4 B C D 9 E 1 5 6 2 3 | |
| 1 6 4 D C E 3 5 7 B 0 2 A 8 9 | |
| C D B 2 E 7 8 A 1 9 5 0 4 3 6 | |
| 9 2 A 8 5 6 4 B E 6 D 1 3 7 C | |
| E 8 3 1 6 0 D 4 A 2 9 B A 7 C | |
| 8 6 1 4 B 3 7 9 0 D E C 2 A 5 | |
| 5 7 0 A 6 9 D C 3 1 2 4 B E 8 | |

ଗତକାଲିର ଉତ୍ତର

## ଆମ ସମସ୍ୟା

### ଦେବଗଡ଼ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେଉ

ମହାଶୟ,

ଦେବଗଡ଼ ଦେବଭୂମି ଏକ ପବିତ୍ର କ୍ଷେତ୍ର। ସାହିତ୍ୟ, ସଂସ୍କୃତି, କଳା, ଭାବାପନ ଲେଖକ ତଥା କବିପୂର୍ଣ୍ଣ ଏକ ପୁରାତନ କାର୍ଗିଲ କାରିଗରେ ଭରା ଜିଲା। ଏହା ଏକ ଶିଳ୍ପବିହୀନ ଜିଲା। ଏଠାକାର ମୁଖ୍ୟ ରୋଜଗାର ପନ୍ଥା ଚାଷ ଏବଂ ଜଙ୍ଗଲଜାତ ଫଳଚାଷ ଉପଯୋଗୀ। ଜିଲାରେ ଅନେକ ପର୍ଯ୍ୟଟନ କ୍ଷେତ୍ର ଅଛି। ତା'ର ପୁନରୁଦ୍ଧାର ହୋଇପାରିଲେ ବାହାରୁ ଅନେକ ପର୍ଯ୍ୟଟକ ଆସିପାରନ୍ତେ ଏବଂ ଏହା ଏକ ଶିଳ୍ପର ମାନ୍ୟତା ପାଇପାରନ୍ତା। ଦେବଗଡ଼ ସ୍ୱତନ୍ତ୍ର ଜିଲାର ମାନ୍ୟତା ପାଇବାର ୨୬ ବର୍ଷ ଅତିବାହିତ ହୋଇଯାଇଛି। ହେଲେ ଅନ୍ୟ ଜିଲା ଅପେକ୍ଷା ଏହା ବହୁତ ପଛରେ। ପ୍ରଶାସନ ଯଦି ଏଠାକାର ଲୋକଙ୍କ ମତାମତକୁ ସମ୍ମାନ ଜଣାଇ କିଛି ନୂତନ କାମ କରନ୍ତେ ବିରୋଧର ସମ୍ମୁଖୀନ ହେବାକୁ ପଡ଼ନ୍ତା ନାହିଁ।

ସୁଶୀଲ କୁମାର କପରଦାର, ପ୍ରାକ୍ତନ ନଗରପାଳ, ଦେବଗଡ଼

### ମାଙ୍କଡ଼ ଓ ଷଣ୍ଢ ଉପଦ୍ରବ

କଟକ ସଦର ଆୟତପୁର ଏବଂ କନ୍ଦରପୁର ଗ୍ରାମପଞ୍ଚାୟତରେ ମାଙ୍କଡ଼ ଓ ଷଣ୍ଢ ଉପଦ୍ରବ ଫଳରେ ଗାଆଁମାନେ ହଇରାଣ ହେଉଛନ୍ତି। ଏପଟେ ଛାତ୍ରଛାତ୍ରୀମାନେ ସ୍କୁଲକୁ ଯିବାକୁ ଭୟ କରୁଛନ୍ତି। ଷଣ୍ଢମାନେ ବିଲରେ ପଶିପରିବା, ମୁଗ, ବିରି ଏବଂ ଧାନ ଖାଇବା ସହିତ କ୍ଷତି କରୁଛନ୍ତି। ମାଙ୍କଡ଼ମାନେ ପରିପରିବା ଖାଇଯାଉଛନ୍ତି। ଜିଲା ପ୍ରଶାସନ ତରଫରୁ ପ୍ରତିକାର କରାଯାଉ।

ରମେଶଚନ୍ଦ୍ର ବେହେରା, ଆୟତପୁର, କିଷନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

ଫେବୃୟାରୀ ୯- ବରିଷ୍ଠ ଲେଖକ ତଥା ଶିକ୍ଷାବିତ୍ ପଦ୍ମଶ୍ରୀ ଗିରିରାଜ କିଶୋର (୮୨)ଙ୍କ ପରଲୋକ।

୧୦- ଆନ୍ଦୋଳନ କରିବା ଅଧିକାର ଜନସାଧାରଣଙ୍କର ରହିଛି। ମାତ୍ର ଆନ୍ଦୋଳନ ନାଁରେ ସର୍ବସାଧାରଣ ସ୍ଥାନ ଓ ରାସ୍ତାକୁ ଅବରୋଧ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

୧୧- ଦିଲ୍ଲୀ ବିଧାନସଭା ନିର୍ବାଚନରେ ଅରବିନ୍ଦ କେଜ୍ରିୱାଲଙ୍କ ଆମ୍ ଆଦ୍ମୀ ପାର୍ଟି (ଏଏପି)ର ବିପୁଳ ବିଜୟ।

୧୨- ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ଜମାତ୍-ଉଦ୍-ଦାୱା ମୁଖ୍ୟ ହାଫିଜ ସୟିଦଙ୍କୁ ପାକିସ୍ତାନର ଏକ ଅଦାଲତ ୧୧ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ସମ୍ପର୍କିତ ଦୁଇଟି ମାମଲାରେ ହାଫିଜଙ୍କୁ ଦୋଷୀସାବ୍ୟସ୍ତ କରାଯାଇ ଏହି ଦଣ୍ଡାଦେଶ ଦିଆଯାଇଛି।

୧୩- ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍‌ଙ୍କ ମନ୍ତ୍ରିମଣ୍ଡଳରେ ଇନ୍‌ଫୋସିସ୍‌ର ସହପ୍ରତିଷ୍ଠାତା ଏନ୍. ଆର୍. ନାରାୟଣ ମୂର୍ତ୍ତିଙ୍କ ଜ୍ୱାଇଁ ଋଷି ସୁନକ ନୂଆ ଅର୍ଥମନ୍ତ୍ରୀ ନିଯୁକ୍ତ ହୋଇଛନ୍ତି।

## ସଂକ୍ଷେପରେ

### ବ୍ରହ୍ମପୁର ସମବାୟ ଅର୍ବାନ୍ ବ୍ୟାଙ୍କ ପ୍ରଶାସକ ହେଲେ ଅତିରିକ୍ତ ଜିଲାପାଳ

**ବ୍ରହ୍ମପୁର ଅଫିସ,୧୬।୨:** ଗଞ୍ଜାମର ଅତିରିକ୍ତ ଜିଲାପାଳ କବିନ୍ଦ୍ର ସାହୁଙ୍କୁ ସରକାର ବ୍ରହ୍ମପୁର ସମବାୟ ଅର୍ବାନ ବ୍ୟାଙ୍କ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱରେ ଅବସ୍ଥାପିତ କରିଛନ୍ତି। ସୂଚନାଯୋଗ୍ୟ, ୧୧୪ ବର୍ଷର ଏହି ପୁରାତନ ସମବାୟ ବ୍ୟାଙ୍କର ନିର୍ବାଚିତ ପରିଚାଳନା ବୋର୍ଡ ସଭାପତି ଓ ଡାଇରେକ୍ଟରମାନଙ୍କ ୫ ବର୍ଷିଆ କାର୍ଯ୍ୟକାଳ ଗତ ୧୩ ତାରିଖରେ ସରିଥିଲା। ନିୟମ ଅନୁସାରେ ସମବାୟ ନିର୍ବାଚନ ହୋଇ ନ ଥିବାରୁ ପରିଚାଳନା ଦାୟିତ୍ୱ ସରକାରଙ୍କ ହାତକୁ ଯାଇଛି। ଫେବୃୟାରୀ ୧୫ ସନ୍ଧ୍ୟାରେ ପ୍ରକାଶ ପାଇଥିବା ବିଜ୍ଞପ୍ତି ପ୍ରକାରେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଶାସକ କରାଯାଇଛି। ୨୦୧୫ ସମବାୟ ନିର୍ବାଚନ ପୂର୍ବରୁ ମଧ ଜିଲାପାଳ ପ୍ରଶାସକ ଦାୟିତ୍ୱ ତୁଲାଇଥିଲେ। ଅପରପକ୍ଷରେ ଅବିଭକ୍ତ ଗଞ୍ଜାମ ଜିଲା (ଗଜପତି ସହ)ରେ ଥିବା ୪ ଶହରୁ ଉର୍ଦ୍ଧ୍ୱ ପ୍ରାଥମିକ ସମବାୟ ସମିତି (ସୋସାଇଟି) ଗୁଡ଼ିକର ନିର୍ବାଚିତ ପରିଚାଳନା ପରିଷଦର ୫ ବର୍ଷିଆ କାର୍ଯ୍ୟକାଳ ଆସନ୍ତା ୨୦ ତାରିଖରେ ଶେଷ ହେବ।

# ଦୋକାନ ଘର ପାଇଁ ଆରମ୍ଭ ହେବ ଟେଣ୍ଡର

ବ୍ରହ୍ମପୁର ଅଫିସ,୧୬।୨

ବ୍ରହ୍ମପୁରରେ ଅନେକ ବିଲ୍ଡିଂ ଅନୁମତି ଆବେଦନ ପତ୍ର ଉପଯୁକ୍ତ ତଥ୍ୟ ପ୍ରଦାନ ଅଭାବ ଯୋଗୁ ପେଣ୍ଡିଂ ହୋଇ ରହିଛି । ଏନେଇ ଦୁଇଦୁଇ ଥର କ୍ୟାମ୍ପ ଜରିଆରେ ବିଲ୍ଡିଂ ଅନୁମତି ପାଇଁ ଆବେଦନ କରିଥିବା ମାଲିକଙ୍କୁ ଉପଯୁକ୍ତ ତଥ୍ୟ ପ୍ରଦାନ ପାଇଁ ଆହ୍ୱାନ କରାଯାଇଛି । ଏହାସତ୍ତ୍ୱେ ଉକ୍ତ ୨ କ୍ୟାମ୍ପରେ ମାତ୍ର ୪ ଜଣ ତଥ୍ୟ ପ୍ରଦାନ କରିଛନ୍ତି । ଅଦ୍ୟାବଧି ଅନେକ ବିଲ୍ଡିଂ ମାଲିକ ଉପଯୁକ୍ତ ତଥ୍ୟ ପ୍ରଦାନ କରି ନାହାନ୍ତି । ଏଥିପାଇଁ ବିଡିଏ ପକ୍ଷରୁ ତୃତୀୟ ଓ ଅନ୍ତିମ କ୍ୟାମ୍ପ ଆସନ୍ତା ୧୮ ଓ ୧୯ ତାରିଖରେ ଆୟୋଜିତ ହେବ । ଏହି କ୍ୟାମ୍ପରେ ମାଲିକମାନେ ଅନୁମତି ଆବେଦନ ପାଇଁ ଆବଶ୍ୟକ ତଥ୍ୟ ପ୍ରମାଣ ଦାଖଲ ନ କଲେ ଉକ୍ତ ଆବେଦନକୁ ଖାରଜ କରାଯିବ ବୋଲି ଶନିବାର ସନ୍ଧ୍ୟାରେ ବିଡିଏ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା

**ଗଞ୍ଜାମ ହାଟ**



ଖବରଦାତା ସମ୍ମିଳନୀରେ ଏମ୍‌ପି, ବିଧାୟକ, ବିଡିଏ ଉପାଧ୍ୟକ୍ଷ ଓ ସଚିବ ।

- ବିଲ୍ଡିଂ ଅନୁମୋଦନ ଆବେଦନ ପାଇଁ ୧୮ ରୁ ତୃତୀୟ କ୍ୟାମ୍ପ
- ମାର୍ଚ୍ଚ ୨୮ରେ ହେବ ପାଗୋ ଫେଷ୍ଟିଭାଲ

ସମ୍ମିଳନୀରେ ଉପାଧ୍ୟକ୍ଷ ଚକ୍ରବର୍ତ୍ତୀ ସିଂ ରାଠୋର ସୂଚାଇଛନ୍ତି । ଏଥିସହ କର୍ପୋରେଶନ ରୋଡଠାରେ ନିର୍ମାଣାଧୀନ ଗଞ୍ଜାମ ହାଟର କମର୍ସିଆଲ ସେଣ୍ଟରର ୧୧୭ ଦୋକାନ ଘର ପାଇଁ ଆବେଦନ ଫର୍ମ ବିଡିଏ ୱେବ୍‌ସାଇଟରେ ଫେବୃୟାରୀ ୧୮ରୁ ଉପଲବ୍ଧ ହେବା ନେଇ ସମ୍ମିଳନୀରେ ସୂଚାଯାଇଥିଲା । ଏହାବ୍ୟତୀତ ସର୍ବକ୍ଷମା ଯୋଜନା ସମୟସୀମା ଫେବୃୟାରୀ ୨୦ ରୁ ବର୍ଦ୍ଧିତ କରାଯାଇଛି । ଏହି ସମୟ ଅବଧି ପରେ ବେଆଇନ୍ କନଷ୍ଟ୍ରକଶନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେହିପରି ରେଇଙ୍ଗ ୱାଟର ହାର୍ଭେଷ୍ଟିଂ ବ୍ୟବସ୍ଥା କରି ନ ଥିବା ୧୫୦୦ ଘରକୁ ନୋଟିସ କରାଯାଇଛି। ଆସନ୍ତା ୩ ମାସ ମଧ୍ୟରେ ରେଇଙ୍ଗ ୱାଟର ହାର୍ଭେଷ୍ଟିଂ ସିଷ୍ଟମ କରିବାକୁ ନୋଟିସରେ କୁହାଯାଇଛି। ବଳକା ଘରକୁ ଆଗାମୀ ଦିନରେ ନୋଟିସ କରାଯିବ। ପରୀକ୍ଷାକୁ ଦୃଷ୍ଟିରେ ରଖି ଆସନ୍ତା୨୮ରେ ହେବାକୁ ଥିବା ପାଗୋ ଫେଷ୍ଟିଭାଲକୁ ମାର୍ଚ୍ଚ ୨୮କୁ ଘୁଞ୍ଚାଇ ଦିଆଯାଇଥିବା କୁହାଯାଇଥିଲା। ସମ୍ମିଳନୀରେ ବିଡିଏ ଉପାଧ୍ୟକ୍ଷଙ୍କ ସମେତ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ, ବିଡିଏ ସଚିବ ସମ୍ପିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ସଂସ୍କାରବାଦୀ ସଂଗଠନ ପକ୍ଷରୁ ଡିଆର୍‌ଏମ୍‌ଙ୍କୁ ଦାବିପତ୍ର




ସଂସ୍କାରବାଦୀ ପକ୍ଷରୁ ବ୍ରହ୍ମପୁର ରେଳ ଷ୍ଟେଶନ ପ୍ରବନ୍ଧକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ବ୍ରହ୍ମପୁର ଅଫିସ୍,୧୬।୨

ସ୍ଥାନୀୟ ସଂସ୍କାରବାଦୀ ସଂଗଠନ ପକ୍ଷରୁ ସଭାପତି ତ୍ରିନାଥ ମହାରଣାଙ୍କ ନେତୃତ୍ୱରେ ଖୋର୍ଦ୍ଧାରୋଡ ଡିଆର୍‌ଏମ୍‌ଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ଷ୍ଟେଶନ ପ୍ରବନ୍ଧକ ଦୁର୍ଗା ପ୍ରସାଦ ବ୍ରହ୍ମାଙ୍କୁ ଦୁଇ ଦଫା ସମ୍ବଳିତ ଦାବି ପତ୍ର ପ୍ରଦାନ କରାଯାଇଛି । ଏହି ଦାବିଗୁଡିକ ହେଲା କଟକରୁ ମୁମ୍ବାଇକୁ ଅନ୍ୟ ଏକ ଟ୍ରେନ୍ ସ୍ୱାଧୀନତା ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷଙ୍କ ନାମରେ ଚଳାଇବା ଏବଂ ବ୍ରହ୍ମପୁରରୁ ପୁରୀ ସିଧାସଳଖ ପାସେଞ୍ଜର କିମ୍ବା ମେମୋ ଟ୍ରେନ ଚଳାଚଳ କରିବାକୁ ଦାବି କରାଯାଇଥିଲା । ଏହି ଦାବିଗୁଡିକ ଜାନୁୟାରୀ, ୨୦, ୨୦୨୧ ସୁଦ୍ଧା ପୂରଣ ନ ହେଲେ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ଅବସରରେ ଖୋର୍ଦ୍ଧାରୋଡସ୍ଥିତ ଡିଆର୍‌ଏମ୍‌ଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ସଂଘ ଚେତାବନୀ ଦେଇଛି । ଏହି ଦାବି ପତ୍ର ପ୍ରଦାନ ବେଳେ ସମ୍ପାଦକ ବିଘ୍ନେଶ୍ୱର ପାଢ଼ୀ, ଯୁଗ୍ମ-ସମ୍ପାଦକ ବଦ୍ରୀ ପ୍ରସାଦ ପାତ୍ର, ରଜନୀ କାନ୍ତ ମଣ୍ଡଳ, ପ୍ରତାପ ଚନ୍ଦ୍ର ପଣ୍ଡା, ପଦ୍ମଚରଣ ପାତ୍ର, ବିନୋଦ କୁମାର ଜେନା ଓ ରବୀନ୍ଦ୍ରନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ନିରପେକ୍ଷ ତଦନ୍ତ ଦାବିକଲା ଭାରତୀୟ ବିକାଶ ପରିଷଦ

ବ୍ରହ୍ମପୁର ଅଫିସ,୧୬।୨

ମହିଳା ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମୀନାକ୍ଷୀ ମିଶ୍ର ତାଙ୍କ ପୁଅ ରାଜାଙ୍କୁ ପୋଲିସ ମିଥ୍ୟା ମାମଲାରେ ଗିରଫ ପ୍ରତିବାଦରେ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଗତ ୧୨ ତାରିଖରେ ସେ ଆତ୍ମାହୁତି ଉଦ୍ୟମ କରିଥିଲେ। ରବିବାର ଭାରତୀୟ ବିକାଶ ପରିଷଦ ତରଫରୁ ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଦଳ ଦକ୍ଷିଣାଞ୍ଚଳ ରେଞ୍ଜ ଡ଼ିଆଇଜିଙ୍କ ଉଦ୍ଦେଶ୍ୟରେ ୮ ଦଫା ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହା ସତ୍ତ୍ୱେ ଶାସକ ଦଳର ଜଣେ ନେତ୍ରୀଙ୍କୁ ନ୍ୟାୟ ନ ମିଳିବାରୁ ସେ ଏସ୍‌ପି ଅଫିସ ପରିସରରେ ଆତ୍ମାହୁତି ଉଦ୍ୟମ କରିଥିଲେ ବୋଲି ପରିଷଦ ସଭାପତି କହିଛନ୍ତି। ଏଣୁ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ପାଣିଗ୍ରାହୀ ଦାବି କରିଛନ୍ତି। ପରିଷଦ ତରଫରୁ ଦିଆଯାଇଥିବା ଦାବିଗୁଡ଼ିକ ମଧ୍ୟରେ ଘଟଣା ଦିନ ରାଜାଙ୍କୁ ତାଙ୍କ ଘର ସମ୍ମୁଖରେ ସଂଘବଦ୍ଧ ଭାବେ ଦୁର୍ବୃତ୍ତମାନେ ହତ୍ୟା ଉଦ୍ୟମ କରିଥିବା ବେଳେ ସେ କିପରି ଅଭିଯୁକ୍ତଙ୍କୁ ଆକ୍ରମଣ କରିଥିଲେ। ଅନ୍ୟପଟେ ଘଟଣାର ୪ ଦିନ ପରେ ରାଜାଙ୍କ ନାଁରେ ପୋଲିସ ଏକ ମିଥ୍ୟା ମାମଲା ରୁଜୁ ସହ ତାଙ୍କୁ ଗିରଫ

**ବିଜେଡି ନେତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା**

କରି କୋର୍ଟ ଚାଲାଣ କରିଥିଲା। ଫଳରେ ତାଙ୍କ ମା'ମାନସିକ ଚାପରେ ଆସି ଏଭଳି ଆତ୍ମାହୁତି ଉଦ୍ୟମ କରିଥିଲେ। ଡ଼ିଆଇଜି ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ତଦନ୍ତକାରୀ ଅଧିକାରୀ ଓ ଥାନାଧିକାରୀଙ୍କ ବହିଷ୍କାର, ଘଟଣା ବେଳର ଭିଡିଓ ଫୁଟେଜ ସାର୍ବଜନୀନ କରିବା ସହ ଏସପିଙ୍କ ଭୂମିକାର ତଦନ୍ତ କରିବା ଆଦି ଦାବି ରହିଛି। ସେହିପରି ରବିବାରରୁ ୭ ଦିନ ମଧ୍ୟରେ ଏହି ଘଟଣାର ଯଦି ତଦନ୍ତ ନ କରାଯିବ ତେବେ ଭାରତୀୟ ବିକାଶ ପରିଷଦ ରାଜରାସ୍ତାକୁ ଓହ୍ଲାଇବା ସହ ଉଚ୍ଚନ୍ୟାୟାଳୟରେ ଏନେଇ ଜନସ୍ୱାର୍ଥ ମାମଲା ରୁଜୁ କରାଯିବ ବୋଲି ପାଣିଗ୍ରାହୀ ଚେତାବନୀ ଦେଇଛନ୍ତି। ଡ଼ିଆଇଜି ସତ୍ୟବ୍ରତ ଭୋଇଙ୍କ ଅନୁପସ୍ଥିତିରେ ତାଙ୍କ ଏଷ୍ଟାବ୍ଲିଶମେଣ୍ଟ ଅଫିସର ଅଶୋକ ପଟ୍ଟନାୟକ ସ୍ମାରକପତ୍ର ଗ୍ରହଣ କରିଥିଲେ। ପରିଷଦ ତରଫରୁ ଏହି ଦାବିପତ୍ର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ରାଜ୍ୟ ମାନବାଧିକାର ଆୟୋଗ ଅଧ୍ୟକ୍ଷ, ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ (ଗୃହ ବିଭାଗ), ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ଆରଡ଼ିସିଙ୍କୁ ମଧ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପରିଷଦର ଅଜିତ କୁମାର ହୋତା, ରମେଶ ଚନ୍ଦ୍ର ସାହୁ, ଭିକାରି ଚରଣ ଗୌଡ଼, ହୃଷୀକେଶ ପାତ୍ର, ଆଦିତ୍ୟ ନାହାକ, ବିଏମ୍‌ସି ପୂର୍ବତନ କର୍ପୋରେଟର ବୀରେନ ପଟ୍ଟନାୟକ, ମନୋଜ ବିଷୋୟୀ, ଗୌରୀଶଙ୍କର ମହାନ୍ତି ଓ ଗୁରୁଚରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଦାବିପତ୍ର ପ୍ରଦାନ କରିବାକୁ ଯାଉଛନ୍ତି ଭାରତୀୟ ବିକାଶ ପରିଷଦ କର୍ମକର୍ତ୍ତା ।

### ବରିଷ୍ଠ ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା
### ଓଡ଼ିଶା ଦଳରୁ ଭାଗନେବେ ଗଞ୍ଜାମର ଏ. ତେଜସ୍ୱୀ

**ବ୍ରହ୍ମପୁର ଅଫିସ,୧୬।୨:** ଉତ୍ତରପ୍ରଦେଶ କାନପୁରର ଗ୍ରୀନ୍‌ପାର୍କ ଷ୍ଟାଡିୟମରେ ୪୮ତମ ବରିଷ୍ଠ ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଫେବୃୟାରୀ ୧୮ ରୁ ଆରମ୍ଭ ହୋଇ ୨୩ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗୀତାରେ ଓଡିଶା ଦଳ ପକ୍ଷରୁ ଭାଗନେବାକୁ ଗଞ୍ଜାମର ଏ. ତେଜସ୍ୱୀ ମନୋନୀତ ହୋଇଛନ୍ତି। ରବିବାର ତେଜସ୍ୱୀ ଓଡିଶା ଦଳ ସହ କାନପୁର ଯାତ୍ରା କରିଛନ୍ତି । ସେ ଗତ ଡିସେମ୍ବରରେ ଜଗତସିଂହପୁରଠାରେ ହୋଇଥିବା ଆନ୍ତଃଜିଲା ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଉନ୍ନତ ଖେଳ ପ୍ରଦର୍ଶନ କରି ଗଞ୍ଜାମର ଏକମାତ୍ର ଖେଳାଳିଭାବେ କୃତିତ୍ୱ ଅର୍ଜନ କରିଥିଲେ । ସୂଚନାଯୋଗ୍ୟ, ଏ. ତେଜସ୍ୱୀ ବର୍ତ୍ତମାନ ଆର୍ମି ପବ୍ଲିକ ସ୍କୁଲର କ୍ରୀଡା ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି ।

# ଏସ୍‌ସିବିରେ ଚିକିତ୍ସିତ ହେଉଥିବା ମହିଳାଙ୍କ ମୃତ୍ୟୁ

କଟକ ଅଫିସ,୧୬।୨

**ଗଞ୍ଜାମ ବସ୍ ଦୁର୍ଘଟଣା**

- ମୃତ୍ୟୁ ସଂଖ୍ୟା ୧୧ରେ ପହଞ୍ଚିଲା

ଗୋଳନ୍ଥରା ଥାନା ଅଧୀନ ମେଣ୍ଟରାଜପୁର ଛକରେ ବସ୍ ଦୁର୍ଘଟଣାରେ ଆହତ ହୋଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଜଣେ ମହିଳାଙ୍କର ଶନିବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ବି.ମହାଲକ୍ଷ୍ମୀ ରେଡ଼ି(୩୨)। ଫଳରେ ଗଞ୍ଜାମ ବସ୍ ଦୁର୍ଘଟଣାର ମୃତ୍ୟୁ ସଂଖ୍ୟା ୧୧କୁ ବୃଦ୍ଧି ପାଇଛି। ସୂଚନାଯୋଗ୍ୟ, ଗତ ୯ ତାରିଖରେ ଏକ ନିର୍ବନ୍ଧ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଡଙ୍ଗଲପାଡୁ ଗ୍ରାମରୁ ୩୫ ଜଣ ମହିଳା, ଶିଶୁ ଓ ପୁରୁଷ ସିଲ୍‌କି ସିଟି ନାମକ ଏକ ବସ୍‌ରେ ଚିକରଡା ଗ୍ରାମକୁ ଯାଉଥିଲେ। ହେଲେ ମେଣ୍ଟରାଜପୁର ଛକରେ ଉକ୍ତ ବସ୍ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଆହତଙ୍କ ମଧ୍ୟରୁ ୮ ଜଣଙ୍କୁ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ମଧ୍ୟରୁ ରେଡିଙ୍କର ଶନିବାର ରାତି ପ୍ରାୟ ସାଢେ ୮ଟାରେ ମୃତ୍ୟୁ ଘଟିଥିଲା।


## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ତିଲୋତ୍ତମା ତ୍ରିପାଠୀ
ଆର୍ଯ୍ୟାଳୟ, ନୂଆପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୦୧।୦୭।୧୯୩୮
ତିରୋଧାନ: ୦୬।୦୨।୨୦୨୦
ଚାହୁଁ ଚାହୁଁ ୧୨ଦିନ ବିତିଗଲା। ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇ ଦେଇ ତୁମେ ଆରପାରିକୁ ଚାଲିଗଲ। ତୁମେ ଯେଉଁଠି ଥାଅ, ଭଲରେ ଥାଅ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
:-ଶୋକସନ୍ତପ୍ତ:-
ପୁତ୍ର: ବୁଡା ଓ ବାବୁଲି, ପୁତ୍ରବଧୂ: ସୁଷମା ଓ ବବିତା, ଝିଅ: ବୁଢ଼ୀ, ବେବି, ଟିକି, ଜ୍ୱାଇଁ: ଶ୍ରୀଧର, ପ୍ରମୋଦ, ରମେଶ, ମିଟୁ ଏବଂ ସମସ୍ତ ନାତି, ନାତୁଣୀ ଓ ବନ୍ଧୁ ପରିବାରବର୍ଗ ।
ଧ-୧୬୬୬୩

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଦଣ୍ଡପାଣି ଡାକୁଆ
ରଣପୁର, ହାଟସାହି
ଆବିର୍ଭାବ: ୨୦।୦୬।୧୯୩୨
ତିରୋଧାନ: ୦୯।୦୨।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲପାଇବା ଆମମାନଙ୍କ ପାଖରେ ଅବିସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ନିବେଦନ।
:-ଶୋକସନ୍ତପ୍ତ ପରିବାରବର୍ଗ:-
ଧ-୧୬୬୬୭

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ରଶ୍ମି ବେହେରା
ସ୍ୱାମୀ: ମନୋଜ କୁମାର ବେହେରା
ରଘୁନାଥ ବିହାର, ଭଞ୍ଜନଗର, ଗଞ୍ଜାମ
ଆବିର୍ଭାବ: ୦୨।୦୯।୧୯୮୧
ତିରୋଧାନ: ୦୭।୦୨।୨୦୨୦
ଆପଣଙ୍କ ଭଲପାଇବା, ସ୍ନେହ, ଶ୍ରଦ୍ଧା ଆମପାଇଁ ସବୁଦିନ ଆଦର୍ଶ ହୋଇ ରହିଥାଉ। ଆଜି ଏକାଦଶାହରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଦେଇ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ: ମନୋଜ, କନ୍ୟା: ଅନ୍ୱେଷା, ଅର୍ପିତା, ଅଦିତି ଓ ପରିବାରବର୍ଗ।
ଧ-୧୬୬୬୯

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ବିନୋଦୀନୀ ଦାଶ
ଭୁବନପୁର, ନିମାପଡା, ପୁରୀ
ତିରୋଧାନ: ୧୯।୦୨।୨୦୧୭
(ଫଗୁଣ କୃଷ୍ଣ ନବମୀ)
ଖୋଜୁଥାଇ ତୋର ସରାଗ ଆଦର
ପଣତର ଛତ୍ରଛାୟା।
କାହିଁ କେଉଁ ଦେଶେ ରହିଲୁ ଲୋ ଯାଇ
ତୁଟାଇ ମାଟିର ମାୟା।
କାଲିଯାହା ଥିଲା ଆଜିଆଉ ନାହିଁ
ନନାଙ୍କ ଆଖିରୁ ଲୁହ ସରୁନାହିଁ।
ଅସୁମାରି ଦୁଃଖ ସାଗରେ ଭସାଇ
ଛାଡିଗଲୁ ତୋର କାୟା।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୧୬୬୬୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ହେମନ୍ତ କୁମାର ରଥ
ରଥ ନିବାସ, ଉତ୍ତର ମଧୁବନ, ଢେଙ୍କାନାଳ
ଆବିର୍ଭାବ: ୦୫।୦୫।୧୯୩୨
ତିରୋଧାନ: ୨୭।୦୨।୨୦୧୯
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୬୬୮୫୧

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



√ ଯଶଶ୍ରୀ ପାଢ଼ୀ
ବି-୮, ହାଉସିଂବୋଡ଼ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର-୩
ଆବିର୍ଭାବ : ୨୩.୦୩.୧୯୫୦
ତିରୋଧାନ : ୧୧.୦୨.୨୦୨୦
ବିଧିର ନିର୍ଦ୍ଦେଶେ ଛାଡ଼ି ଚାଲିଗଲ
ଭୁଲି ସ୍ନେହ ପ୍ରୀତି ଅଳି
ବିଭୁ କୃପାବଳେ ଶାନ୍ତି ଲଭୁଥାଅ
ଏଇ ଆମ ଶ୍ରଦ୍ଧାଞ୍ଜଳି
ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁ ଏବଂ ମା' ତାରିଣୀଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
B-8, Housing Board Colony, Baramunda, BBSR-3
ଧ-୬୮୫୮

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



√ ପ୍ରଫୁଲ କୁମାର ମହାରଣା
(ବିଦ୍ୟୁତ୍ ପ୍ରତିଷ୍ଠାନ)
ନାଗେଶ୍ୱର ଟାଙ୍ଗି, ଭୁବନେଶ୍ୱର
ଆବିର୍ଭାବ : ୦୯/୦୯/୧୯୪୬ | ତିରୋଧାନ : ୦୭/୦୨/୨୦୨୦
ଆପଣଙ୍କ ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ- ତାରାମଣି, ଠୁକୁ, ତାପୁ, କଳି, ମାନା, ମାନସ, ମାମା, ଶିତେଶ, ରିତେଶ, ମାମୁନି, ଗୁଡ଼ଲି, ପିହୁଲି, ବସନ୍ତ, ସରକୁ, ରବି ବନ୍ଧୁ ଏବଂ ପରିବାର ବର୍ଗ।
ଧ-୬୯୨୧୨

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ମହାଦେବ ଜେନା
ବେଣୁପୁର, ବାଲିଅନ୍ତା, ଭୁବନେଶ୍ୱର
ତିରୋଧାନ: ୦୮।୦୨।୨୦୧୮
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ସ୍ତ୍ରୀ: ଶାନ୍ତିଲତା, ପୁଅ: ପଞ୍ଚାନନ, ରଞ୍ଜୁ, ରିଦ୍ଧି, ମୁନା, ପିଙ୍କି, ଲଭ୍‌ଲି, ସୁଧିର, ଲିପି, ସ୍ନେହା, ଜବାହରଲାଲ୍ ନେହୁରୁ ମହାବିଦ୍ୟାଳୟର ଅଧକ୍ଷ ଓ କର୍ମଚାରୀ ବୃନ୍ଦ।
ଧ-୪୬୨୬୮

**Shradhanjali**



Late Nitasha Pattanaik (Lori)
DOD- 17.02.2010
Malipada, Bhubaneswar
A decade has passed since your departure from the mortal world. These ten years seem to be ten moments. We all cherish every while of your eternal sweetness and mirthful togetherness in our sweet memories. We all miss you and shall do the same in the years to come. May your divine soul rest in peace forever!
:-Yours:-
Gelu, Babu & Others
D-16744

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


# ଆଧୁନିକ ଚାଷ ପ୍ରଣାଳୀ ଚାଷୀଙ୍କ ପାଇଁ ଆହ୍ୱାନ



ଆକାଶବାଣୀ କିଷାନ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବ୍ରହ୍ମପୁର ଅଫିସ, ୧୬।୨

ରଙ୍ଗେଇଲୁଣ୍ଡାସ୍ଥିତ ଆଞ୍ଚଳିକ ସମ୍ପ୍ରସାରଣ ତାଲିମ ପ୍ରତିଷ୍ଠାନରେ ରେଡ଼ିଓ କିଷାନ ଦିବସ ପାଳିତ ହୋଇଯାଇଛି। ଆକାଶବାଣୀ କାର୍ଯ୍ୟକ୍ରମ ମୁଖ୍ୟ ହୃଷୀକେଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ର ଓ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ କାଶୀନାଥ ଖୁଣ୍ଟିଆ, ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା. ତ୍ରିନାଥ ନାୟକ, ଜିଲା ସମବାୟ ଉପ ନିବନ୍ଧକ ବିଶ୍ୱରଞ୍ଜନ ଦାଶ, ଜିଲା ମତ୍ସ୍ୟ ଅଧିକାରୀ ପ୍ରମୋଦ କୁମାର ରାଉତ ମଞ୍ଚାସୀନ ଥିଲେ । ପ୍ରଥମେ ଆକାଶବାଣୀର କିଷାନବାଣୀ କାର୍ଯ୍ୟକ୍ରମ ନିଷ୍ପାଦକ ଜଗନ୍ନାଥ ସେଠୀ ସଂଯୋଜନା କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ଚାଷୀମାନେ ଉପସ୍ଥିତ ଥିଲେ । ଚାଷୀଙ୍କ ସମସ୍ୟା ସମ୍ପର୍କରେ ବିଚାର ବିମର୍ଶ କରାଯାଇ ଆଧୁନିକ ଚାଷ ପ୍ରଣାଳୀ ସମସ୍ତ କୃଷକଙ୍କ ପାଇଁ ଏକ ଆହ୍ୱାନ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ରାଜପୁର-ଛତ୍ରପୁରରୁ ଛତୁ ଚାଷୀ, କରଚୁଲି- ବୁଗୁଡ଼ାର ଜୈବିକ କୃଷି ଚାଷୀ ପ୍ରମୋଦ କୁମାର ପ୍ରଧାନ, ମକରଝୋଳ ବିବିଧ ଧାନ ଚାଷୀ ଡ଼ି. ନାରାୟଣ ରେଡ୍ଡୀ, ତରାଇ ପାଟପୁରର ମାଛ ଚାଷୀ ସୁରସେନ ବେହେରା, ବାଲିପଦ୍ମା, କୁକୁଡ଼ାଖଣ୍ଡିର ପରିବା ଚାଷୀ ଉଦ୍ଧବ ପାତ୍ର, ପୁରୁଷୋତ୍ତମପୁରର କୁକୁଡ଼ା ଚାଷୀ ଶିବପ୍ରସାଦ ସାହୁଙ୍କୁ କୃଷି କ୍ଷେତ୍ରରେ ପାରଦର୍ଶିତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଆକାଶବାଣୀର କାର୍ଯ୍ୟକ୍ରମ ନିଷ୍ପାଦକ ସୁଧାକର ଚନ୍ଦ୍ର ବେହେରା, ଯାନ୍ତ୍ରିକ ବିଭାଗର ଅରୁଣ କୁମାର ରଥ, ଅଜିତ କୁମାର ଦାଶ, ପ୍ରାକ୍ତନ କାର୍ଯ୍ୟକ୍ରମ ନିଷ୍ପାଦକ ଡ଼ି. ସୋମାୟା, କାଷାନବାଣୀ ଉପସ୍ଥାପକ ଓ ଉପସ୍ଥାପିକା ନଳିନୀକାନ୍ତ ଗୌଡ଼, ମଧୁସୂଦନ ପାଣିଗ୍ରାହୀ, ରାମକୃଷ୍ଣ ସାହୁ, ସୁକାନ୍ତି ମହାନ୍ତି, ମୋନାଲିସା ଦାସ, ସତ୍ୟବାଦୀ ବେହେରା, ଶଙ୍କର ରାଓ ଓ କୃଷି ତାଲିମ ପ୍ରତିଷ୍ଠାନର ବିଭୂତି ଭୂଷଣ ବିଷୋୟୀ, ପ୍ରଣତୀ ପଣ୍ଡା, ଶୁଭଦର୍ଶିନୀ ବେହେରା ଓ ନିମାଇଁ ଚରଣ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ବୈଠକ

ବ୍ରହ୍ମପୁର ଅଫିସ, ୧୬।୨

ସ୍ଥାନୀୟ ଉତ୍କଳ ଆଶ୍ରମ ଆଲୋଚନା କକ୍ଷରେ ଗଞ୍ଜାମ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ଡ଼. ରବିନାରାୟଣ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଭାବେ ରାଧାଚରଣ ନାୟକ, ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ମଞ୍ଚାସୀନ ଥିଲେ । ୨୦୧୯ରେ ପୁଲୱାମା ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବିଶିଷ୍ଟ ବିପ୍ଳବୀ କବି ରବି ସିଂଙ୍କୁ ମଧ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଫେବୃୟାରୀରେ ଜନ୍ମ ହୋଇଥିବା ସଦସ୍ୟା ଓ ସଦସ୍ୟଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଥିଲେ। ଗଞ୍ଜାମ ଜିଲାର ବିଭିନ୍ନ ସହରରେ ଥିବା ପାଠାଗାରଗୁଡ଼ିକର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲେ। ଆଇସିଆଇସିଆଇ ବ୍ୟାଙ୍କ ଡେପୁଟି ମ୍ୟାନେଜର ଜ୍ଞାନ ରଞ୍ଜନ ଶତପଥୀ ଓ ଅନ୍ୟ ପଦାଧିକାରୀ ଉପସ୍ଥିତ ରହି ଏହି ବ୍ୟାଙ୍କ ବରିଷ୍ଠ ନାଗରିକମାନଙ୍କୁ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦେବା ସହ ଜମାପାଣ୍ଠିର ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ଶିଶିର କୁମାର ଶତପଥୀ, ସ୍ୱର୍ଣ୍ଣପ୍ରଭା ମିଶ୍ର, ଅନୁରାଧା ପଟ୍ଟନାୟକ, ହାଡିବନ୍ଧୁ ମାଳି, ଲକ୍ଷ୍ମୀକେଶ ମିଶ୍ର, ଭିକାରୀ ଚରଣ ମହାପାତ୍ର, ଡ.ସରୋଜକାନ୍ତ ରଥ ବିଚିତ୍ରାନନ୍ଦ ବେବର୍ତ୍ତା, ବିପ୍ରଚରଣ ପାତ୍ର ,ରାମାନନ୍ଦ ପଟ୍ଟନାୟକ, ସୁବାସ ଚନ୍ଦ୍ର ସୁବୁଦ୍ଧି,ରାମକୃଷ୍ଣ ଆଚାରୀ ଗୌରୀଶଙ୍କର ପଟ୍ଟନାୟକ, ଡ.ସରୋଜକାନ୍ତ ରଥ ଓ ପୀତାମ୍ବର ସାହୁ ପ୍ରମୁଖଙ୍କ ସମେତ ବହୁ ସଦସ୍ୟାସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ରାଧାଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଟ୍ରିକ ପରୀକ୍ଷା ସାଥୀ





## ସାମାଜିକ ବିଜ୍ଞାନ (SOCIAL SCIENCE)

ସମୟ: ୨ଘଣ୍ଟା ୩୦ ମିନିଟ୍ — ପୂର୍ଣ୍ଣସଂଖ୍ୟା: ୧୦୦

ନିର୍ଦ୍ଦେଶାନୁଯାୟୀ ଉତ୍ତର ଲେଖ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦକ୍ଷିଣ ପାର୍ଶ୍ୱରେ ଦିଆଯାଇଛି।
ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ।

### PART 1: OBJECTIVE

#### ଇତିହାସ ଓ ରାଜନୀତି ବିଜ୍ଞାନ

୧. ଗୋଟିଏ ଶବ୍ଦରେ ଉତ୍ତର ଲେଖ। [୧× ୫=୫
(କ) କେଉଁ ବଡ଼ଲାଟ୍ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭାରତକୁ ମିତ୍ରଶକ୍ତିର ପକ୍ଷଭୁକ୍ତ କରିଥିଲେ ?
(ଖ) କେଉଁ କମ୍ପାନୀ ସହାୟତାରେ ଧାମରାଠାରେ ଏକ ବୃହତ୍ ବନ୍ଦର ନିର୍ମାଣ କରାଯାଇଛି ?
(ଗ) ୧୯୪୬ ରୁ ୧୯୬୪ ମସିହା ପର୍ଯ୍ୟନ୍ତ ସମୟକୁ ଭାରତରେ କେଉଁ ଯୁଗ ବୋଲି କୁହାଯାଏ ?
(ଘ) ଓଡ଼ିଶା ଓ ଛତିଶଗଡ଼ର କେତୋଟି ଦେଶୀୟ ରାଜା "ପୂର୍ବାଞ୍ଚଳ ଗଡ଼ଜାତ ସଂଘ" ଗଠନ କରିଥିଲେ ?
(ଙ) କେଉଁ ରାଜ୍ୟର କିଛି ଅଂଶକୁ ଅଲଗା କରାଯାଇ ଉତ୍ତରାଖଣ୍ଡ ରାଜ୍ୟ ଗଠିତ ହୋଇଛି ?

୨. ଗୋଟିଏ ବାକ୍ୟରେ ଉତ୍ତର ଦିଅ। [୧× ୫=୫
(କ) ଇଂରେଜ ସରକାରଙ୍କ ବିରୋଧରେ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପରିଚାଳିତ ପ୍ରଥମ ଜାତୀୟ ସ୍ତରୀୟ ଆନ୍ଦୋଳନର ନାମ କ'ଣ ଥିଲା ?
(ଖ) ସାଇମନ୍ କମିଶନ୍ କାହିଁକି ଭାରତ ଆସିଥିଲେ ?
(ଗ) ବ୍ୟକ୍ତିଗତ ସତ୍ୟାଗ୍ରହରେ ପ୍ରଥମ ସତ୍ୟାଗ୍ରହୀ କିଏ ହୋଇଥିଲେ ?
(ଘ) ଚତୁର୍ଥ ପଞ୍ଚବାର୍ଷିକ ଯୋଜନା କାହିଁକି ଆଶାନୁରୂପ ସଫଳତା ହାସଲ କରିପାରିଲା ନାହିଁ ?
(ଙ) କେଉଁ ଦେଶର ନଗର ରାଜ୍ୟରେ ପ୍ରତ୍ୟକ୍ଷ ଗଣତନ୍ତ୍ର ବ୍ୟବସ୍ଥା କାର୍ଯ୍ୟ କରୁଥିଲା ?

୩. ଶୂନ୍ୟସ୍ଥାନ ପୂରଣ କର। [୧× ୫=୫
(କ) ________ ନିର୍ବାଚନରେ ବିଜୟୀ ପ୍ରାର୍ଥୀଙ୍କୁ ଏକ ସାର୍ଟିଫିକେଟ୍ ପ୍ରଦାନ କରନ୍ତି।
(ଖ) ଆନ୍ତର୍ଜାତିକ କ୍ଷେତ୍ରରେ ବିଭିନ୍ନ ସମୟରେ ଉପୁଜୁଥିବା କଳହର ଶାନ୍ତିପୂର୍ଣ୍ଣ ସମାଧାନ ଦିଗରେ ଭାରତ ଉଦ୍ୟମ କରିବ ବୋଲି ଆମଦେଶର ସମ୍ବିଧାନର ଧାରା ________ ରେ କୁହାଯାଇଛି।
(ଗ) ଓଡ଼ିଶାରେ ପ୍ରଥମେ ________ ମସିହାରେ ରେଳଗାଡ଼ି ଚାଲିଥିଲା।
(ଘ) ଭୂଦାନ ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ ________।
(ଙ) ଦକ୍ଷିଣ ଆଫ୍ରିକାର ________ କାରାଗାରରେ ଗାନ୍ଧିଜୀଙ୍କୁ ବନ୍ଦୀ କରି ରଖାଯାଇଥିଲା।

୪. ଠିକ୍ ଉକ୍ତି ପାଇଁ (✓) ଓ ଭୁଲ୍ ଉକ୍ତି ପାଇଁ (×) ଦିଆଯାଇଥିବା ବକ୍ସରେ ସୂଚାଅ। [୧× ୫=୫
(କ) ଦାଦା ଅବ୍ଦୁଲ୍ଲା 'ଇଣ୍ଡିଆନ୍ ଓପିନିୟନ୍' ପତ୍ରିକାର ସମ୍ପାଦକ ଥିଲେ।
(ଖ) ଭଞ୍ଜନଗରର ପୁରାତନ ନାମ ଥିଲା ରସୁଲକୋଣ୍ଡ।
(ଗ) ୧୯୩୮ ମସିହାରେ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟିପୁନର୍ଗଠିତ ହୋଇଥିଲା।
(ଘ) ତୋଗଲକ୍‌ମାନଙ୍କ ସମୟରେ ଗୋଆ ମୁସଲମାନ ଶାସନ ଅଧୀନକୁ ଆସିଲା।
(ଙ) ରାଜ୍ୟସଭାର ସଦସ୍ୟମାନେ ପରୋକ୍ଷଭାବେ ନିର୍ବାଚିତ ହୋଇଥାନ୍ତି।

୫. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭ ମିଳନ କର: [୧× ୫=୫

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଜାଲିଆନାୱାଲାବାଗ ହତ୍ୟାକାଣ୍ଡ | ତିଳକ ସ୍ୱରାଜ ପାଣ୍ଠି ଗଠନ |
| ତୁର୍କୀର ସୁଲତାନ | ସମାଜ |
| ଅସହଯୋଗ ଆନ୍ଦୋଳନ | କାଶ୍ମୀର |
| ସତ୍ୟ ହେଲେ ସାଂଘାତିକ | ହଣ୍ଟର କମିଟି |
| ସଦର - ଇ -ରିୟାସତ୍ | ଖଲିଫା |

#### ଭୂଗୋଳ ଓ ଅର୍ଥନୀତି

୬. ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର। [୧× ୫=୫
(କ) ଚାଷଜମି ________ ସମ୍ବଳର ଅନ୍ତର୍ଗତ।
(ସ୍ଥାନୀୟ, ସର୍ବତ୍ର ସୁଲଭ, ବ୍ୟକ୍ତିଗତ, ଗଚ୍ଛିତ)
(ଖ) ଓଡ଼ିଶାର ________ ଠାରେ ବ୍ୟାଘ୍ର ପ୍ରକଳ୍ପ ରହିଛି।
(ଚନ୍ଦକା, ଶିମିଳିପାଳ, ନନ୍ଦନକାନନ, ଭିତରକନିକା)
(ଗ) ପୃଥିବୀର ସର୍ବାଧିକ ବୃଷ୍ଟିପାତ ଅଞ୍ଚଳର ନାମ ________।
(ଚିରାପୋଞ୍ଜି, ମାଉସିନରାମ, ନହରକାଟିଆ, ଶିଲଂ)
(ଘ) ଭାରତର ଗ୍ରାମାଞ୍ଚଳ ପାଇଁ ମୁଣ୍ଡପିଛା ମାସିକ ଖର୍ଚ୍ଚ ସର୍ବନିମ୍ନ ________ ଟଙ୍କାକୁ ବୃଦ୍ଧି କରାଯାଇଛି।
(୩୬୦, ୩୬୫, ୩୭୦, ୩୭୫)
(ଙ) ________ ମସିହାଠାରୁ ଭାରତରେ ଶିଳ୍ପାୟନ ପାଇଁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି।
(୧୯୪୮, ୧୯୪୯, ୧୯୫୦, ୧୯୫୧)

୭. ଗୋଟିଏ ଲେଖାଏଁ ବାକ୍ୟରେ ପ୍ରକାଶ କର। [୧× ୫=୫
(କ) ଅନାବାଦୀ ଭୂମି। (ଖ) କୃଷି
(ଗ) ଯୌଥ ଶିଳ୍ପ (ଘ) ମୁଣ୍ଡପିଛା ଆୟ
(ଙ) ଜାତୀୟ ଖାଉଟି କମିଶନ

୮. ରେଖାଙ୍କିତ ପଦକୁ ବଦଳାଇ ଭ୍ରମ ସଂଶୋଧନ କର। [୧× ୫=୫
(କ) ଦାନ୍ତରେ ଛିଦ୍ର ନହେବା ପାଇଁ ପଟାସ ବ୍ୟବହାର କରାଯାଏ।
(ଖ) କୋର୍ବା ଆଲୁମିନିୟମ କାରଖାନା ବିହାର ରାଜ୍ୟରେ ଅବସ୍ଥିତ।
(ଗ) ୨୦୧୦-୧୧ ରେ ଭାରତୀୟମାନଙ୍କର ମୁଣ୍ଡପିଛା ଆୟ ଥିଲା ୫୧,୩୩୧ ଟଙ୍କା।
(ଘ) ୧୯୮୮ ମସିହାରେ ଭାରତ ପାର୍ଲାମେଣ୍ଟରେ ଖାଉଟି ସୁରକ୍ଷା ଆଇନ ପ୍ରଥମ ଥର ପାଇଁ ସ୍ୱୀକୃତି ଲାଭ କରିଥିଲା।
(ଙ) ୧୯୯୧-୯୨ ମସିହାର ରିପୋର୍ଟ ଅନୁଯାୟୀ ଜାପାନର ହେକ୍ଟର ପିଛା ଧାନ ଉତ୍ପାଦନ ୬୫.୭ କ୍ୱିଣ୍ଟାଲ ଥିଲା।

୯. ଏକ ବା ଦୁଇଟି ଶବ୍ଦରେ ପ୍ରକାଶ କର। [୧× ୫=୫
(କ) ମୃତ ଉଦ୍ଭିଦ ଓ ପ୍ରାଣୀମାନଙ୍କ ଶରୀରରୁ ଖାଦ୍ୟ ଶୋଷଣ କରି ବଞ୍ଚି ରହୁଥିବା ଅଣୁଜୀବ।
(ଖ) ଗର୍ଚ୍ଛକ୍ଷୟ ଦ୍ୱାରା ସୃଷ୍ଟି ହେଉଥିବା ଭୂମି।
(ଗ) ଭାରତର ମୁଖ୍ୟ ତୈଳବୀଜ ଫସଲ।
(ଘ) ଖାଉଟି ସୁରକ୍ଷା ନିମନ୍ତେ ସରକାର ଗଠନ କରିଥିବା ତ୍ରିସ୍ତରୀୟ ସଂସ୍ଥା।
(ଙ) ପ୍ରାବିଧିକ ବେକାରୀ ଅଧିକ ଦେଖାଯାଉଥିବା ଅଞ୍ଚଳ।

୧୦.(କ) ମାନଚିତ୍ରରେ ନିମ୍ନଲିଖିତଗୁଡ଼ିକ ଦର୍ଶାଅ। [୧× ୩=୩
୧. କୋଏନା ନଦୀବନ୍ଧ ଯୋଜନା ୨. ବିଜୟପୁର ତୈଳଶୋଧନ ୩. ନହରକାଟିଆ

(ଖ) ବାମପାର୍ଶ୍ୱରେ ପ୍ରଦତ୍ତ ଯୋଡ଼ା ଶବ୍ଦ ସମ୍ପର୍କ ଭିତ୍ତିରେ ଡାହାଣ ପାର୍ଶ୍ୱରେ ଖାଲିଥିବା ସ୍ଥାନରେ ଶବ୍ଦଲେଖ ଯୋଡ଼ି ସ୍ଥାପନ କର। [୨
୧. ଧାନ : ଖରିଫ : : ତରଭୁଜ : ________
୨. ବିଶ୍ୱଖାଉଟି ଅଧିକାର ଦିବସ : ମାର୍ଚ୍ଚ ୧୫ : : ଜାତୀୟ ଉପଭୋକ୍ତା ଦିବସ : ________

### PART 2: SUBJECTIVE

#### ଇତିହାସ ଓ ରାଜନୀତି ବିଜ୍ଞାନ

11. ସଂକ୍ଷେପରେ ଉତ୍ତର ଦିଅ। [4
(A) ମିଶନ୍ ଶକ୍ତିର ଉଦ୍ଦେଶ୍ୟ ଓ ପ୍ରଧାନ କାର୍ଯ୍ୟଗୁଡ଼ିକ କ'ଣ ?
କିମ୍ବା, ସ୍ୱାଧୀନତା ପରେ ଓଡ଼ିଶାରେ ପ୍ରାଥମିକ ଶିକ୍ଷା କିପରି ବିକଶିତ ହେଲା ?
(B) ନାଳଗିରି କିପରି ଓଡ଼ିଶାରେ ମିଶିଥିଲା ? [4
କିମ୍ବା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ କୃଷକମାନଙ୍କୁ କିପରି ଭାବରେ ସହାୟତା ପ୍ରଦାନ କରାଯାଏ ?

12. ସଂକ୍ଷେପରେ ଉତ୍ତର ଦିଅ। [3
(A) ସ୍ୱାଧୀନତା ପରେ ଓଡ଼ିଶାରେ ରେଳପଥର ବିକାଶ ପାଇଁ ସରକାର କେଉଁସବୁ ବ୍ୟବସ୍ଥା ଗ୍ରହଣ କରିଥିଲେ ?
କିମ୍ବା, ଶିଳ୍ପ ବିକାଶର ଜୀବନରେଖା କାହାକୁ କୁହାଯାଏ ? ଏଥିପାଇଁ ଓଡ଼ିଶାରେ କେଉଁ ସବୁ ବ୍ୟବସ୍ଥା ରହିଛି ?
(B) କେବେ 'ଓଡ଼ିଶା ଗଡ଼ଜାତ ତଦନ୍ତ କମିଟି' ପୁନର୍ଗଠିତ ହୋଇଥିଲା ଏବଂ କିଏ ଏହାର ଅଧକ୍ଷ ଥିଲେ ? ଏହି କମିଟିର ସମ୍ପାଦକ ଏବଂ ସଭ୍ୟ କିଏ ଥିଲେ ? [3
କିମ୍ବା, ଲର୍ଡ଼ କର୍ଜନଙ୍କୁ କିଏ ଓଡ଼ିଶା ଆଣିଥିଲେ ? କର୍ଜନଙ୍କ ଗସ୍ତ ଫଳରେ ଓଡ଼ିଶାର କ'ଣ ଲାଭ ହେଲା ?
(C) ସମ୍ବିଧାନ ପ୍ରଣୟନ ସଭା କିପରି ଗଠିତ ହୋଇଥିଲା ? ଏହା କେତେ ଦିନ କାର୍ଯ୍ୟ କରିଥିଲା ଓ ଏଥିରେ କିଏ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ? [3
କିମ୍ବା, ପ୍ରାଚୀନ ଗ୍ରୀସର ନଗର ରାଜ୍ୟରେ କାହିଁକି ପ୍ରତ୍ୟକ୍ଷ ଗଣତନ୍ତ୍ର ଶାସନ ପ୍ରଚଳିତ ହୋଇଥିଲା ? ଭାରତରେ ପ୍ରତ୍ୟକ୍ଷ ଗଣତନ୍ତ୍ର ସମ୍ଭବ ନୁହେଁ କାହିଁକି ?

13. ସଂକ୍ଷେପରେ ଉତ୍ତର ଲେଖ।
(A) ମହାକାଶକୁ ପ୍ରେରଣ କରାଯାଇଥିବା ଭାରତରେ ପ୍ରସ୍ତୁତ ପ୍ରଥମ କୃତ୍ରିମ ଉପଗ୍ରହର ନାମ କ'ଣ ଏବଂ କୃତ୍ରିମ ଉପଗ୍ରହଗୁଡ଼ିକ ମୁଖ୍ୟତଃ କେଉଁ ଦୁଇଟି କ୍ଷେତ୍ରରେ ଉପଯୋଗୀ ହୋଇଥାଏ ? [2
କିମ୍ବା, କେଉଁ ଲକ୍ଷ୍ୟ ନେଇ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ପ୍ରଚଳିତ ହୋଇଛି ?
(B) କିଏ ଓ କେବେ ପୂର୍ବତଟ ରେଳପଥର ଶୁଭ ଦେଇଥିଲେ ? [2
କିମ୍ବା, କେଉଁ ଆଇନ ବଳରେ ଓ କେଉଁଦିନ ଅନୁସୂଚିତ ଜାତିର ଭକ୍ତମାନେ ସାକ୍ଷୀଗୋପାଳ ମନ୍ଦିରରେ ପ୍ରବେଶ କଲେ ?
(C) ପର୍ତ୍ତୁଗୀଜମାନେ କେବେ ଓ କାହା ସାହାଯ୍ୟରେ ଗୋଆ ଅଧିକାର କରିଥିଲେ ? [2
କିମ୍ବା, ଫରାସୀ ଶାସନାଧୀନ ଅନ୍ତଃକ୍ଷେତ୍ରଗୁଡ଼ିକ ଭାରତର କେଉଁ ଅଞ୍ଚଳରେ ଅବସ୍ଥିତ ଥିଲା ?
(D) କେଉଁ ପରିସ୍ଥିତିରେ ଉପନିର୍ବାଚନ କରାଯାଏ ? [2
କିମ୍ବା, ତାସକେଣ୍ଟ ଚୁକ୍ତି କେବେ ସ୍ୱାକ୍ଷରିତ ହୋଇଥିଲା ଏବଂ କେଉଁମାନେ ଏଥିରେ ସ୍ୱାକ୍ଷର କରିଥିଲେ ?

#### ଭୂଗୋଳ ଓ ଅର୍ଥନୀତି

14.(A) ଭାରତରେ ଆଲୁମିନିୟମ ଶିଳ୍ପର ଏକ ବିବରଣୀ ଦିଅ। [4
କିମ୍ବା, ମୃତ୍ତିକାକ୍ଷୟ ରୋକିବା ପାଇଁ ସରକାରୀ ସ୍ତରରେ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ଉଲ୍ଲେଖ କର।
(B) ଭାରତର ଲୁଣା ଓ କ୍ଷାରୀୟ ମୃତ୍ତିକା ସମ୍ବନ୍ଧରେ ଲେଖ। [4
କିମ୍ବା, ଅରଣ୍ୟର ୪ଟି ବ୍ୟବହାର ଓ ଉପକାରିତା ଉଲ୍ଲେଖ କର।
15.(A) ଲାଲ ତଥ୍ୟ ପୁସ୍ତକ କାହାକୁ କୁହାଯାଏ ? [3
କିମ୍ବା, କର୍ଣ୍ଣାଟକ ରାଜ୍ୟର ଗେଣ୍ଡାଥୁର ଗାଁ କ'ଣ ପାଇଁ ସୁପରିଚିତ ?
(B) ସଂକ୍ଷେପରେ ଉତ୍ତର ଲେଖ। [3
ମରୁଦ୍ୟାନ କିମ୍ବା, ଧାତବ ଖଣିଜ
(C) ୧୯୯୧ ମସିହା ନୂତନ ଆର୍ଥିକ ନୀତି ପ୍ରଣୟନ ପରେ ଆମ ଦେଶରେ ଏହାର କି କି ପ୍ରଭାବ ପଡ଼ିଛି ଆଲୋଚନା କର। [3
କିମ୍ବା, ବିଶ୍ୱ ବାଣିଜ୍ୟ ସଙ୍ଗଠନ ଯେଉଁ ସବୁ ପ୍ରସଙ୍ଗ ଉପରେ ଗୁରୁତ୍ୱ ପ୍ରଦାନ କରେ, ସେଗୁଡ଼ିକୁ ଉଲ୍ଲେଖ କର।
16. (A) ପାର୍ଥକ୍ୟ ଦର୍ଶାଅ : [2
କର୍ବେଟ୍ ଜାତୀୟ ପାର୍କ ଓ ଗିର୍ ଜାତୀୟ ପାର୍କ।
କିମ୍ବା, ସବୁଜ ବିପ୍ଳବ ଓ ଶ୍ୱେତ ବିପ୍ଳବ।
(B) ସଂକ୍ଷିପ୍ତ ଟିପ୍ପଣୀ ଲେଖ। [2
କେନ୍ଦୁ କିମ୍ବା, ମିଳିତ ଶିଳ୍ପ
(C) କାରଣ ଦର୍ଶାଅ। [2
କୋଇଲାକୁ ଜୀବାଶ୍ମ ଇନ୍ଧନ କୁହାଯାଏ।
କିମ୍ବା, ଆସାମର ପାର୍ବତ୍ୟାଞ୍ଚଳରେ ବ୍ୟାପକ ଚାହାଚାଷ କରାଯାଏ।
(D) ପାର୍ଥକ୍ୟ ଦର୍ଶାଅ। [2
ନିମ୍ନମାନର ଦ୍ରବ୍ୟ ଓ ଦୋହରା ଦ୍ରବ୍ୟ
କିମ୍ବା, ମୋଟ ଜାତୀୟ ଆୟ ଓ ମୁଣ୍ଡପିଛା ଆୟ

### ANSWERS- PART 1: OBJECTIVE

୧. (କ) ଲର୍ଡ଼ ଲିନ୍‌ଲିଥ୍‌ଗୋ (ଖ) ଟାଟା (ଗ) ନେହେରୁ (ଘ) ଅଣଚାଳିଶ (ଙ) ଉତ୍ତରପ୍ରଦେଶ
୨. (କ) ଇଂରେଜ ସରକାରଙ୍କ ବିରୋଧରେ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପରିଚାଳିତ ପ୍ରଥମ ଜାତୀୟ ସ୍ତରୀୟ ଆନ୍ଦୋଳନର ନାମ ଥିଲା ରାଓଲାଟ୍ ଆଇନ୍ ବିରୋଧୀ ଆନ୍ଦୋଳନ। (ଖ) ୧୯୧୯ ଭାରତ ଶାସନ ଆଇନର କାର୍ଯ୍ୟକାରିତା ଅନୁଧ୍ୟାନ କରିବା ପାଇଁ ସାଇମନ୍ କମିଶନ୍ ଭାରତ ଆସିଥିଲେ। (ଗ) ବ୍ୟକ୍ତିଗତ ସତ୍ୟାଗ୍ରହରେ ପ୍ରଥମ ସତ୍ୟାଗ୍ରହୀ ବିନୋବା ଭାବେ ହୋଇଥିଲେ। (ଘ) ବାଙ୍ଗଲାଦେଶୀ ଶରଣାର୍ଥୀ ସମସ୍ୟା ଓ ୧୯୭୧ରେ ଭାରତ ପାକିସ୍ତାନ ଯୁଦ୍ଧ ଯୋଗୁ ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ଆଶାନୁରୂପ ସଫଳତା ହାସଲ କରିପାରିଲା ନାହିଁ। (ଙ) ଗ୍ରୀସ୍ ଦେଶର ନଗର ରାଜ୍ୟରେ ପ୍ରତ୍ୟକ୍ଷ ଗଣତନ୍ତ୍ର ବ୍ୟବସ୍ଥା କାର୍ଯ୍ୟ କରୁଥିଲା।
୩. (କ) ରିଟର୍ଣ୍ଣିଂ ଅଫିସର (ଖ) ୫୧ (ଗ) ୧୮୯୭ (ଘ) ବିନୋବା ଭାବେ (ଙ) ଜୋହାନେସବର୍ଗ
୪. (କ) × (ଖ) ✓ (ଗ) ✓ (ଘ) × (ଙ) ✓
୫.

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଜାଲିଆନାୱାଲାବାଗ ହତ୍ୟାକାଣ୍ଡ | ହଣ୍ଟର କମିଟି |
| ତୁର୍କୀର ସୁଲତାନ | ଖଲିଫା |
| ଅସହଯୋଗ ଆନ୍ଦୋଳନ | ତିଳକ ସ୍ୱରାଜ ପାଣ୍ଠି ଗଠନ |
| ସତ୍ୟ ହେଲେ ସାଂଘାତିକ | ସମାଜ |
| ସଦର - ଇ -ରିୟାସତ୍ | କାଶ୍ମୀର |

୬. (କ) ବ୍ୟକ୍ତିଗତ (ଖ) ଶିମିଳିପାଳ (ଗ) ମାଉସିନରାମ (ଘ) ୩୬୫ (ଙ) ୧୯୪୮
୭. (କ) ଯେଉଁ କୃଷି ଭୂମିରେ ଦୁଇରୁ ପାଞ୍ଚବର୍ଷ ଧରି କୃଷି କାର୍ଯ୍ୟ ହୋଇନଥାଏ, ତାହାକୁ ଅନାବାଦୀ ଭୂମି କୁହାଯାଏ। (ଖ) ଭୂମିକୁ କର୍ଷଣ କରି ସେଥିରେ ବିଭିନ୍ନ ଶସ୍ୟ ଉତ୍ପାଦନ କରିବାକୁ କୃଷି କୁହାଯାଏ। (ଗ) ଯେଉଁ ଶିଳ୍ପ ଉଭୟ ସରକାର ଓ ବେସରକାରୀ ସଂସ୍ଥା ବା ବ୍ୟକ୍ତିବିଶେଷଙ୍କ ଦ୍ୱାରା ପରିଚାଳିତ ହୁଏ ସେହି ଶିଳ୍ପକୁ ଯୌଥ ଶିଳ୍ପ କୁହାଯାଏ। (ଘ) କୌଣସି ଦେଶର ମୋଟ ଜାତୀୟ ଆୟକୁ ସେ ଦେଶର ଜନସଂଖ୍ୟା ଦ୍ୱାରା ଭାଗକଲେ ତାହାକୁ ମୁଣ୍ଡପିଛା ଆୟ କୁହାଯାଏ। (ଙ) ଜାତୀୟ ସ୍ତରରେ ପ୍ରତିଷ୍ଠା କରାଯାଇଥିବା ଖାଉଟି ଅଦାଲତକୁ ଜାତୀୟ ଖାଉଟି କମିଶନ କୁହାଯାଏ।
୮. (କ) ଦାନ୍ତରେ ଛିଦ୍ର ନ ହେବା ପାଇଁ ଫ୍ଲୋରାଇଡ୍ ବ୍ୟବହାର କରାଯାଏ। (ଖ) କୋର୍ବା ଆଲୁମିନିୟମ କାରଖାନା ଛତିଶଗଡ଼ ରାଜ୍ୟରେ ଅବସ୍ଥିତ। (ଗ) ୨୦୧୦-୧୧ ରେ ଭାରତୀୟମାନଙ୍କର ମୁଣ୍ଡପିଛା ଆୟ ଥିଲା ୫୩,୩୩୧ ଟଙ୍କା। (ଘ) ୧୯୮୬ ମସିହାରେ ଭାରତ ପାର୍ଲାମେଣ୍ଟରେ ଖାଉଟି ସୁରକ୍ଷା ଆଇନ ପ୍ରଥମ ଥର ପାଇଁ ସ୍ୱୀକୃତି ଲାଭ କରିଥିଲା। (ଙ) ୨୦୦୪-୦୫ ମସିହାର ରିପୋର୍ଟ ଅନୁଯାୟୀ ଜାପାନର ହେକ୍ଟର ପିଛା ଧାନ ଉତ୍ପାଦନ ୬୫.୭ କ୍ୱିଣ୍ଟାଲ ଥିଲା।
୯. (କ) ଅପଘଟକ (ଖ) ଦୁର୍ଗମ ଭୂମି (ଗ) ଚିନାବାଦାମ (ଘ) ଖାଉଟି ଟ୍ରିବ୍ୟୁନାଲ (ଙ) ସହରାଞ୍ଚଳ
୧୦. (କ)




(ଖ) ୧. ଯେଦ୍ ୨. ଡିସେମ୍ବର ୨୪

### ANSWERS- PART 2: SUBJECTIVE

୧୧. (A) (i) ମହିଳାମାନଙ୍କର ସାମାଜିକ ଓ ଆର୍ଥନୈତିକ ଅଭିବୃଦ୍ଧି ପାଇଁ ଯେଉଁ କେତେଗୁଡ଼ିଏ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ସେଗୁଡ଼ିକ ମଧ୍ୟରେ 'ମିଶନ ଶକ୍ତି' ଏକ ପ୍ରଧାନ କାର୍ଯ୍ୟକ୍ରମ ଅଟେ। ଏହା ଏକ ମହିଳା ସଶକ୍ତୀକରଣ ଯୋଜନା ଓ ଏହା ୨୦୦୧ ମସିହା ମାର୍ଚ୍ଚ ୮ତାରିଖରୁ ଆରମ୍ଭ କରାଯାଇଛି।
(ii) ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଓ ସେଗୁଡ଼ିକର ଦୃଢ଼ୀକରଣ କରି ସେଗୁଡ଼ିକ ମାଧ୍ୟମରେ ଓଡ଼ିଶାର ମହିଳାମାନଙ୍କର ସାମାଜିକ ତଥା ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ହେଉଛି ମିଶନ ଶକ୍ତିର ଉଦ୍ଦେଶ୍ୟ।
(iii) ମହିଳା ସ୍ୱୟଂ ସହାୟକ ଦଳର ସଂରକ୍ଷଣ ଓ ପ୍ରସାର ଦଳଗୁଡ଼ିକୁ ପରିଚାଳନା ଓ ଅନ୍ୟାନ୍ୟ ବିଷୟରେ ତାଲିମ ପ୍ରଦାନ କରି ସେମାନଙ୍କୁ ଦିଗ୍‌ଦର୍ଶନ ଦେବା ଏହାର ଏକ କାର୍ଯ୍ୟ।
(iv) ଏହା ମଧ୍ୟ ଋଣ ଯୋଗାଇବାର ବ୍ୟବସ୍ଥା କରିବା, ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର କାର୍ଯ୍ୟକଳାପର ତଦାରଖ କରିବା ଏବଂ ନୂତନ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନରେ ସହାୟତା କରିବା କାର୍ଯ୍ୟ କରିଥାଏ।
କିମ୍ବା, (i) ସ୍ୱାଧୀନତା ପରେ ପରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ମହାତ୍ମା ଗାନ୍ଧିଙ୍କ ମୌଳିକ ଶିକ୍ଷା ପଦ୍ଧତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାଦ୍ୱାରା ଶିଶୁକୁ କର୍ମାଭିମୁଖୀ ଶିକ୍ଷା ପ୍ରଦାନ କରି ସ୍ୱାବଲମ୍ବୀ ହେବାର ବ୍ୟବସ୍ଥା କରାଯାଇଥିଲା।
(ii) ମୌଳିକ ଶିକ୍ଷା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ୧୯୪୭-୪୮ ଶିକ୍ଷା ବର୍ଷରେ ରାଜ୍ୟସରକାର ରସୁଲକୋଣ୍ଡା ଓ ଅନୁଗୁଳଠାରେ ଦୁଇଟି ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ ଖୋଲିଥିଲେ।
(iii) ସରକାର ପ୍ରାଥମିକ ଶିକ୍ଷା ଖସଡ଼ାର ବ୍ୟାପକ ପରିବର୍ତ୍ତନ କରି ଏହାକୁ କର୍ମାଭିମୁଖୀ ଶିକ୍ଷାରେ ପରିଣତ କଲେ। ୧୯୫୦ ମସିହା ବେଳକୁ ଆଉ ୬୦ଟି ମୌଳିକ ଶିକ୍ଷା ବିଦ୍ୟାଳୟ ଓ ଆଉ ଦୁଇଟି ପ୍ରଶିକ୍ଷଣ ବିଦ୍ୟାଳୟ ଖୋଲିବାର ବ୍ୟବସ୍ଥା ହେଲା।
(iv) ୧୯୫୦ ମସିହାରେ ଓଡ଼ିଶାରେ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ଥିଲା ୧୦,୧୬୫ ଓ ଛାତ୍ରଛାତ୍ରୀମାନଙ୍କ ସଂଖ୍ୟା ଥିଲା- ୪,୪୧,୯୬୭। ପରବର୍ତ୍ତୀ ସମୟରେ ପ୍ରାଥମିକ ଶିକ୍ଷା ପରିମାର୍ଜିତ ହେଲା ଓ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ମଧ୍ୟ ବଢ଼ିଲା।
(B) (i) ନାଳଗିରିରେ ପ୍ରଜାମଣ୍ଡଳ ଆନ୍ଦୋଳନକୁ ଦମନ କରିବାପାଇଁ ନାଳଗିରି ରାଜା ତାଙ୍କର ପୋଲିସ୍ ବାହିନୀକୁ ଶକ୍ତିଶାଳୀ କଲେ ଓ ଗୁର୍ଖାମାନଙ୍କୁ ପୋଲିସ ବାହିନୀରେ ନିଯୁକ୍ତି ଦିଆଗଲା। ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗଦାନ କରିଥିବା ଲୋକମାନଙ୍କ ଘରଦ୍ୱାର ପୋଡ଼ି ସେମାନଙ୍କ ଧନସମ୍ପତ୍ତି ଲୁଣ୍ଠନ କରିବାକୁ ନାଳଗିରିର ରାଜା ସରଳ ଆଦିବାସୀମାନଙ୍କୁ ପ୍ରରୋଚିତ କରି ନିୟୋଜିତ କଲେ।
(ii) ଓଡ଼ିଶା ସରକାର ଭାରତ ସରକାରଙ୍କ ନିକଟକୁ ନାଳଗିରିର ଉଦ୍‌ବେଗଜନକ ଆଇନ ଶୃଙ୍ଖଳା ପରିସ୍ଥିତି ଉଲ୍ଲେଖ କରି ବିବରଣୀ ପ୍ରେରଣ କଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବ ଦିଲ୍ଲୀରେ ପଟେଲଙ୍କ ସହିତ ବିଚାର ବିମର୍ଶ କଲେ।
(iii) ଭାରତ ସରକାର ନିକଟସ୍ଥ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସହାୟତାରେ ନାଳଗିରିକୁ ଦଖଲ କରିନେବାକୁ ଓଡ଼ିଶା ସରକାରଙ୍କୁ କ୍ଷମତା ପ୍ରଦାନ କଲେ।
(iv) ମହତାବଙ୍କ ଅନୁପସ୍ଥିତିରେ ମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ନାଳଗିରି ଦଖଲ କାର୍ଯ୍ୟ ପରିଚାଳନା କରିଥିଲେ। ୧୯୪୭ ମସିହା ନଭେମ୍ବର ୧୪ ତାରିଖରେ ନାଳଗିରିକୁ ଓଡ଼ିଶା ସରକାର ଦଖଲ କରିନେଲେ।
କିମ୍ବା, (i) ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ କାମଧନ୍ଦା ଯୋଗାଇଦେବା ପାଇଁ ସରକାର "ଟେଷ୍ଟରିଲିଫ" କାର୍ଯ୍ୟ ପ୍ରକ୍ରିୟା ଆରମ୍ଭ କଲେ। ଏହି ବ୍ୟବସ୍ଥା ସରକାରୀ ଅର୍ଥରେ କାର୍ଯ୍ୟକାରୀ ହୁଏ।
(ii) ରିଲିଫ୍ ଭଳି ଏହା ଏକ ମାଗଣା ପ୍ରାପ୍ତି ବ୍ୟବସ୍ଥା ନୁହେଁ।
(iii) ଲୋକମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କାମ ଯୋଗାଇ ରୋଜଗାରର ପନ୍ଥା ବ୍ୟବସ୍ଥା କରନ୍ତି।
(iv) ଲୋକମାନେ ରାସ୍ତାଘାଟ, ପୋଖରୀ ଖୋଳା ପ୍ରଭୃତି କାମରେ ଶ୍ରମଦାନ କରନ୍ତି ଓ ଏହା ବଦଳରେ ସେମାନଙ୍କୁ ଅର୍ଥ ବା ଖାଦ୍ୟ ଶସ୍ୟ ମିଳେ।
୧୨. (A) (i) ରେଳପଥର ବିକାଶ ପାଇଁ ଓଡ଼ିଶା ସରକାର ୧୯୪୯-୫୦ ଆର୍ଥିକ ବର୍ଷରେ ୨୦ ଲକ୍ଷ ଟଙ୍କା ବ୍ୟବସ୍ଥା କଲେ।
(ii) ଭାରତ ସରକାରଙ୍କ ରେଳ ବିଭାଗ କେତେକ ରେଳପଥର ସର୍ଭେକାର୍ଯ୍ୟ ଆରମ୍ଭ କଲେ।
(iii) ସେଗୁଡ଼ିକ ମଧ୍ୟରୁ ସମ୍ବଲପୁର - ଟିଟିଲାଗଡ଼ ଓ ଜଗଦଲପୁର ରେଳପଥ ଓ ଖୋର୍ଦ୍ଧା ସୋନପୁର ଦେଇ ବଲାଙ୍ଗୀର ରେଳପଥ।
କିମ୍ବା, (i) ଶିଳ୍ପ ବିକାଶର ଜୀବନରେଖା ହେଉଛି ବିଦ୍ୟୁତ୍ ଶକ୍ତି।
(ii) ସ୍ୱାଧୀନତା ପାଇବା ବେଳକୁ ଚୌଦ୍ୱାର ଓ ବ୍ରହ୍ମପୁରଠାରେ ଦୁଇଟି ତାପଜ ବିଦ୍ୟୁତ୍ କେନ୍ଦ୍ର ଥିଲା। ଏବେ ଇବ୍ ଏବଂ ତାଳଚେରଠାରେ ତାପଜ ବିଦ୍ୟୁତ୍ କେନ୍ଦ୍ର ଅଛି।
(iii) ୧୯୪୮ ମସିହାରେ ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପ ଆରମ୍ଭ ହେଲା ଓ ୧୯୫୭ ରେ ଏହା କାର୍ଯ୍ୟକ୍ଷମ ହେଲା। ସମୟ କ୍ରମେ ଓଡ଼ିଶାରେ ଆଉ ୬ଟି ଜଳବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲା।
(B) (i) ୧୯୩୮ ମସିହାରେ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟି ପୁନର୍ଗଠିତ ହୋଇଥିଲା।
(ii) ହରେକୃଷ୍ଣ ମହତାବ ଏହାର ଅଧକ୍ଷ ଏବଂ ସାରଙ୍ଗଧର ଦାସ ଏହାର ସମ୍ପାଦକ ଥିଲେ।
(iii) ଲାଲମୋହନ ପଟ୍ଟନାୟକ ଓ ବଳବନ୍ତରାୟ ମେହେଟ୍ଟା ଏହି କମିଟିର ଦୁଇଜଣ ସଭ୍ୟ ଥିଲେ।
କିମ୍ବା, (i) ଲର୍ଡ଼ କର୍ଜନଙ୍କୁ ମଧୁବାବୁ ଓଡ଼ିଶା ଆଣିଥିଲେ।
(ii) ଓଡ଼ିଶା ଆସିବା ଯୋଗୁଁ ସେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ଏକତ୍ରୀକରଣର ଆବଶ୍ୟକତାକୁ ଉପଲବ୍ଧ କଲେ।
(iii) ଫଳରେ ୧୯୦୩ ଜାନୁୟାରୀ ୧ ତାରିଖରେ ପୁନର୍ବାର ସମ୍ବଲପୁର କୋର୍ଟ କଚେରୀରେ ଓଡ଼ିଆ ଭାଷା ପ୍ରଚଳିତ ହେଲା।
(C) (i) କ୍ୟାବିନେଟ ମିଶନର ପ୍ରସ୍ତାବ ଅନୁଯାୟୀ ସ୍ୱାଧୀନ ଭାରତ ପାଇଁ ଏକ ନୂତନ ସମ୍ବିଧାନ ପ୍ରସ୍ତୁତ କରିବା ପାଇଁ ସମ୍ବିଧାନ ପ୍ରଣୟନ ସଭା ଗଠନ କରାଗଲା।
(ii) ଏହି ସଭା ୨ବର୍ଷ ୧୧ ମାସ ୧୮ ଦିନ କାର୍ଯ୍ୟ କରିଥିଲା।
(iii) ଏଥିରେ ଡଃ ଭୀମରାଓ ଆମ୍ବେଦକର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।
କିମ୍ବା, (i) ପ୍ରାଚୀନ ଗ୍ରୀସର ନଗର ରାଜ୍ୟର ଆୟତନ କ୍ଷୁଦ୍ର ଓ ଲୋକସଂଖ୍ୟା ସୀମିତ ଥିବାରୁ ଲୋକମାନେ ଗୋଟିଏ ସ୍ଥାନରେ ସମବେତ ହୋଇ ଶାସନ କ୍ଷେତ୍ରରେ ଅଂଶଗ୍ରହଣ କରିପାରୁଥିଲେ।
(ii) ତେଣୁ ସେଠାରେ ପ୍ରତ୍ୟକ୍ଷ ଗଣତନ୍ତ୍ର ଶାସନ ପ୍ରଚଳିତ ହୋଇଥିଲା।
(iii) ମାତ୍ର ଭାରତର ଜନସଂଖ୍ୟାର ଆୟତନ ଓ ବିସ୍ତୃତି ଯୋଗୁଁ ଭାରତରେ ଏହା ସମ୍ଭବପର ନୁହେଁ।
୧୩. (A) (i) ମହାକାଶକୁ ପ୍ରେରଣ କରାଯାଇଥିବା ଭାରତରେ ପ୍ରସ୍ତୁତ ପ୍ରଥମ କୃତ୍ରିମ ଉପଗ୍ରହର ନାମ ଆର୍ଯ୍ୟଭଟ୍ଟ।
(ii) କୃତ୍ରିମ ଉପଗ୍ରହଗୁଡ଼ିକ ମୁଖ୍ୟତଃ ଯୋଗାଯୋଗ ଓ ପାଣିପାଗର ପୂର୍ବାନୁମାନ କ୍ଷେତ୍ରରେ ଉପଯୋଗୀ ହୋଇଥାନ୍ତି।
କିମ୍ବା, (i) ଉତ୍ତମ ଗୁଣବତ୍ତା ଭିତ୍ତିକ ଶିକ୍ଷାଦାନ ଲକ୍ଷ୍ୟ ନେଇ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ପ୍ରଚଳିତ ହୋଇଥିଲା।
(ii) ଏଥିରେ ୧୪ରୁ ୧୮ ବର୍ଷ ପିଲାମାନଙ୍କ ପାଇଁ ସୁଲଭ ଓ ସୁଶିକ୍ଷା ପ୍ରାପ୍ତିର ବ୍ୟବସ୍ଥା ଥିଲା।
(B) (i) ତତ୍କାଳୀନ ପ୍ରଧାନମନ୍ତ୍ରୀ ଦେବେଗୌଡ଼ା ପୂର୍ବତଟ ରେଳପଥର ଶୁଭ ଦେଇଥିଲେ।
(ii) ୧୯୯୬ ମସିହା ଅଗଷ୍ଟ ୮ ତାରିଖ ଦିନ ସେ ଏହାର ଶୁଭ ଦେଇଥିଲେ।
କିମ୍ବା, (i) ଓଡ଼ିଶା ମନ୍ଦିର ପ୍ରବେଶ ଅନୁମତି ଆଇନ, ୧୯୪୮ ବଳରେ ଅନୁସୂଚିତ ଜାତିର ଭକ୍ତମାନେ ସାକ୍ଷୀଗୋପାଳ ମନ୍ଦିରରେ ପ୍ରବେଶ କଲେ।
(ii) ୧୯୪୮ ମସିହା ମାର୍ଚ୍ଚ ମାସ ୧ ତାରିଖରେ ସେମାନେ ଏହି ମନ୍ଦିରରେ ପ୍ରବେଶ କରିଥିଲେ।
(C) (i) ପର୍ତ୍ତୁଗୀଜମାନେ୧୫୧୦ ଖ୍ରୀଷ୍ଟାବ୍ଦରେ ଗୋଆ ଅଧିକାର କରିଥିଲେ।
(ii) ବିଜୟନଗର ସମ୍ରାଟଙ୍କ ସହାୟତାରେ ସେମାନେ ଗୋଆ ଅଧିକାର କରିଥିଲେ।
କିମ୍ବା, (i) ଫରାସୀ ଶାସନାଧୀନ ଅନ୍ତଃକ୍ଷେତ୍ର ପୁଡୁଚେରୀ, କରାଇକଲ ଓ ୟାନାମ୍ କରମଣ୍ଡଳ ଉପକୂଳରେ ଅବସ୍ଥିତ ଥିଲା।
(ii) ମାହେ ଅବସ୍ଥିତ ଥିଲା ମାଲବାର ଉପକୂଳରେ ଏବଂ ଚନ୍ଦନନଗର ଥିଲା ବଙ୍ଗଳାରେ।
(D) (i) କୌଣସି ନିର୍ବାଚିତ ସଦସ୍ୟଙ୍କ ଇସ୍ତଫା ପ୍ରଦାନ କିମ୍ବା ମୃତ୍ୟୁହେଲେ ଉପନିର୍ବାଚନ କରାଯାଏ।
(ii) ସଦସ୍ୟଙ୍କ ନିର୍ବାଚନ ଅସିଦ୍ଧ ଘୋଷିତ ହେଲେ ମଧ୍ୟ ଉପନିର୍ବାଚନ କରାଯାଏ।
କିମ୍ବା, (i) ତାସକେଣ୍ଟ ଚୁକ୍ତି ୧୯୬୬ ମସିହା ଜାନୁୟାରୀ ୧୦ ତାରିଖରେ ସ୍ୱାକ୍ଷରିତ ହୋଇଥିଲା।
(ii) ପାକିସ୍ତାନରେ ତତ୍କାଳୀନ ରାଷ୍ଟ୍ରପତି ଆୟୁବ୍ ଖାଁ ଓ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ଏଥିରେ ସ୍ୱାକ୍ଷର କରିଥିଲେ।
୧୪. (A) (i) ଆଲୁମିନିୟମ୍ ଶିଳ୍ପ ଭାରତର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଅଟେ। ଆମ ଦେଶରେ ପ୍ରାୟ ୬୦୦ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦିତ ହୁଏ।
(ii) ଏହା ମନମୋହା, କଳଙ୍କିରୋଧକ ଓ ବିଦ୍ୟୁତ୍ ସୁପରିବାହୀ ଧାତୁ ହେତୁ ଲୁହା, ଦସ୍ତା, ତମ୍ବା ଓ ସୀସାର ବିକଳ୍ପ ଭାବରେ ଏହାର ଚାହିଦା ବୃଦ୍ଧି ପାଉଛି।
(iii) ବକ୍‌ସାଇଟ୍ ଖଣିଜ ପିଣ୍ଡରୁ ପ୍ରଥମେ ଆଲୁମିନା ଉତ୍ପାଦନ କରାଯାଏ ଓ ପରେ ସେଥିରୁ ଆଲୁମିନିୟମ୍ ପ୍ରସ୍ତୁତ ହୁଏ। ଏହାର ଉତ୍ପାଦନ ପାଇଁ ପ୍ରଚୁର ବିଦ୍ୟୁତ୍ ଶକ୍ତି ଆବଶ୍ୟକ ହେଉଥିବାରୁ ଅଧିକ ବିଦ୍ୟୁତ୍ ଶକ୍ତି ମିଳୁଥିବା ଅଞ୍ଚଳରେ ଏହି ଶିଳ୍ପ ସ୍ଥାପନ କରାଯାଏ।
(iv) ଓଡ଼ିଶାରେ ନାଲକୋ ଓ ବାଲକୋ ଦୁଇଟି ସଂସ୍ଥାର ଆଲୁମିନିୟମ୍ ଶିଳ୍ପ ରହିଛି। ଏହାବ୍ୟତୀତ ପଶ୍ଚିମବଙ୍ଗ, କେରଳ, ଉତ୍ତରପ୍ରଦେଶ, ଛତିଶଗଡ଼ର କୋର୍ବା, ମହାରାଷ୍ଟ୍ର ଓ ତାମିଲନାଡୁ ରାଜ୍ୟରେ ଏହି ଶିଳ୍ପ ରହିଛି।
କିମ୍ବା, (i) କେତେକ ଦୁର୍ଗମ ଭୂମି ଓ ନଦୀକ୍ଷୟିତ ଭୂମିକୁ ବୃହତ୍ ଯୋଜନା ମାଧ୍ୟମରେ କୃଷି, ଶିଳ୍ପ ଆଦି କ୍ଷେତ୍ରରେ ବ୍ୟବହାର କରାଯାଉଛି।
(ii) ପ୍ରମୁଖ ବନୀକରଣ ମାଧ୍ୟମରେ ନୂତନ ଅରଣ୍ୟ ସୃଷ୍ଟି କରିବା ଓ ଅତ୍ୟଧିକ ପଶୁଚାରଣକୁ ରୋକିବା ପାଇଁ ଆଇନ ପ୍ରଣୟନ କରାଯାଉଛି।
(iii) ବୁନ୍ଦା ଜଳସେଚନ ପ୍ରଚଳନ କରି ମୃତ୍ତିକା କ୍ଷୟ ରୋକାଯାଉଛି।
(iv) ନଦୀ ସଂଯୋଗ ଯୋଜନା ଦ୍ୱାରା ଓ ନଦୀ ଶଯ୍ୟାରେ ବନ୍ଧ ଓ ଜଳଭଣ୍ଡାର ସୃଷ୍ଟି କରି ବନ୍ୟା ନିୟନ୍ତ୍ରଣ କରିବା ଦ୍ୱାରା ମୃତ୍ତିକା କ୍ଷୟକୁ ରୋକାଯାଇ ପାରୁଛି।
(B) (i) ଭାରତର ଶୁଷ୍କ ଓ ଅର୍ଦ୍ଧଶୁଷ୍କ ଅଞ୍ଚଳରେ ଲୁଣା ଓ କ୍ଷାରୀୟ ମୃତ୍ତିକା ଦେଖାଯାଏ। ଲୁଣା ମାଟିରେ ସୋଡ଼ିୟମ୍ କମ୍ ଥାଏ ଓ ଅନ୍ୟ ଲବଣ ଅଂଶ ଅଧିକ ରହିଥାଏ; ଲୁଣା ଓ କ୍ଷାରୀୟ ରାସାୟନିକ ପଦାର୍ଥ ଅଧିକ ଥାଏ।
(ii) ଏହାର ଜଳଧାରଣ କ୍ଷମତା ବହୁତ କମ୍ ହୋଇଥାଏ। ଭାରତର ବିଭିନ୍ନ ସ୍ଥାନରେ ଏହା ସ୍ଥାନୀୟ ନାମରେ ପରିଚିତ। ଉତ୍ତରପ୍ରଦେଶ ଓ ପଞ୍ଜାବରେ ଏହାର ନାମ ଉସର ମୃତ୍ତିକା।
(iii) ରାଜସ୍ଥାନ, ପଞ୍ଜାବ, ହରିୟାଣା, ଉତ୍ତର ପ୍ରଦେଶ ଓ ବିହାରରେ ଏହି ମୃତ୍ତିକା ଦେଖାଯାଏ।
(iv) ଏହି ପ୍ରକାର ମୃତ୍ତିକାକୁ ଉତ୍ତମ ଜଳସେଚନ ଯୋଗାଇ କ୍ଷାର ଓ ଜିପ୍‌ସମ୍ ମିଶାଇ ଉର୍ବର ମୃତ୍ତିକାରେ ପରିଣତ କରାଯାଇଥାଏ। ଏଥିରେ ଧାନ, ଆଖୁ, ଗହମ, କପା, ଧୂଆଁପତ୍ର ଆଦି ଚାଷ କରାଯାଏ।
କିମ୍ବା, (i) ଅରଣ୍ୟ ସ୍ଥାନୀୟ ଓ ଆଞ୍ଚଳିକ ଜଳବାୟୁକୁ ନିୟନ୍ତ୍ରଣ କରିଥାଏ। ଏହା ଅମ୍ଳଜାନ ଓ ଅଙ୍ଗାରକାମ୍ଳ ମଧ୍ୟରେ ବାୟୁମଣ୍ଡଳର ସନ୍ତୁଳନ ରକ୍ଷା କରେ।
(ii) ଭୂ-ପୃଷ୍ଠରେ ବୃଷ୍ଟିଜଳ ପ୍ରବାହ ଓ ପବନର ବେଗକୁ ନିୟନ୍ତ୍ରଣ କରି ବନ୍ୟା ବାତ୍ୟାର ପ୍ରକୋପରୁ ରକ୍ଷା କରିଥାଏ।
(iii) ଭୂ-ଗର୍ଭସ୍ଥ ଜଳ ସଞ୍ଚୟରେ ସାହାଯ୍ୟ କରିଥାଏ ଏବଂ ମୃତ୍ତିକା ଅବକ୍ଷୟ ରୋକିଥାଏ ଓ ମୃତ୍ତିକାର ଉର୍ବରତା ବୃଦ୍ଧି କରିଥାଏ।
(iv) ଏହା ଦେଶର ଅର୍ଥନୀତିକୁ ସୁଦୃଢ଼ କରିଥାଏ। ଅରଣ୍ୟ ବୃକ୍ଷ ଓ ପ୍ରାଣୀ ମନୁଷ୍ୟକୁ କାଠ, ଔଷଧ, ମହୁ, ଝୁଣା, ଅଠା, ଚମଡ଼ା ଇତ୍ୟାଦି ଯୋଗାଇଥାଏ।
୧୫. (A) (i) ବିଶ୍ୱର ସଂକଟାପନ୍ନ ଜୀବମାନଙ୍କ ଉପରେ 'ବିଶ୍ୱ ସଂରକ୍ଷଣ ସଂଘ' ଦ୍ୱାରା ପ୍ରକାଶିତ ପୁସ୍ତକକୁ ଲାଲ ତଥ୍ୟ ପୁସ୍ତକ କୁହାଯାଏ।
(ii) ୧୯୬୬ ମସିହାରେ ଏହି ପୁସ୍ତକ ପ୍ରଥମେ ପ୍ରକାଶିତ ହୋଇଥିଲା।
(iii) ୩୦୦୦ ରୁ ଅଧିକ ପ୍ରାଣୀ ଓ ୨୦,୦୦୦ ରୁ ଉର୍ଦ୍ଧ୍ୱ ଉଦ୍ଭିଦମାନଙ୍କର ନାମ ଏହି ପୁସ୍ତକରେ ସ୍ଥାନ ପାଇଛି।
କିମ୍ବା, (i) କର୍ଣ୍ଣାଟକ ରାଜ୍ୟର ମହୀଶୂରରେ ଥିବା ଗେଣ୍ଡାଥୁର ଗାଁ ଅତ୍ୟନ୍ତ ଦୁର୍ଗମ ତଥା ପଛୁଆ ହୋଇଥିଲେ ମଧ୍ୟ ଏଠାକାର ଅଧିବାସୀମାନେ ସେମାନଙ୍କର ନିଜ ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ ଘରର ଛାତ ଉପରେ ବୃଷ୍ଟିଜଳ ଅମଳ କରିବାର ବ୍ୟବସ୍ଥା କରିଛନ୍ତି।
(ii) ଏହି ଗ୍ରାମରେ ପ୍ରାୟ ୨୦୦ ପରିବାର ଏହି ବ୍ୟବସ୍ଥାରୁ ଉପକୃତ।
(iii) ଏହି ଗ୍ରାମରେ ବୃଷ୍ଟିଜଳ ଅମଳ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇଥିବାରୁ ସୁପରିଚିତ ହୋଇପାରିଛି।
(B) (i) ବୃଷ୍ଟିବିରଳ ସୁବିସ୍ତୃତ ବାଲୁକାପୂର୍ଣ୍ଣ ମରୁଭୂମି ମଧ୍ୟରେ ଜଳ ଓ ତୃଣ ବା ଗୁଳ୍ମ ଆଦି ଦେଖାଯାଉଥିବା କ୍ଷୁଦ୍ର ଅଞ୍ଚଳକୁ ମରୁଦ୍ୟାନ କୁହାଯାଏ।

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...



“ ଆସନ୍ତା ବିହାର ନିର୍ବାଚନରେ ପ୍ରଚାର ବେଳେ ନେତାମାନେ ଭାଷା ସଂଯମ କରି ବିକାଶ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେବା ଉଚିତ।

-ରାମବିଳାସ ପାଶ୍ୱାନ,
କେନ୍ଦ୍ରମନ୍ତ୍ରୀ ତଥା ଏଲ୍‌ଜେପି ଅଧ୍ୟକ୍ଷ



# ୨୭ ବର୍ଷରେ ୪ ମହିଳା ମନ୍ତ୍ରୀ

ନୂଆଦିଲ୍ଲୀ,୧୬।୨

କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) କ୍ରମାଗତ ତୃତୀୟ ଥର ପାଇଁ କ୍ଷମତାସୀନ ହେଇଛି। ନିର୍ବାଚନ ପ୍ରଚାର ବେଳେ ଏହି ଦଳ ମହିଳା ସୁରକ୍ଷା ଓ ସଶକ୍ତୀକରଣ କଥା କହୁଥିବାବେଳେ ଏଥର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ କ୍ୟାବିନେଟରେ ଜଣେ ହେଲେ ମହିଳାଙ୍କୁ ସ୍ଥାନ ମିଳିନାହିଁ। ୧୯୯୩ରୁ ୨୦୨୦ ମଧ୍ୟରେ ୭ ଥର ବିଧାନସଭା ନିର୍ବାଚନ ହୋଇଥିବାବେଳେ ମହିଳାଙ୍କ ପ୍ରତିନିଧିତ୍ୱ ଅତ୍ୟନ୍ତ ନଗଣ୍ୟ ରହିଛି। ସେହିପରି ଲୋକ ସଭା ନିର୍ବାଚନରେ ମଧ୍ୟ ମହିଳାମାନଙ୍କୁ ସେମିତି ଆଖିଦୃଶିଆ ସୁଯୋଗ ଦେଇନାହିଁ ଜାତୀୟ ରାଜଧାନୀ।

୭୦ ଆସନ ବିଶିଷ୍ଟ ସଦ୍ୟ ଅନୁଷ୍ଠିତ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏଏପି ପକ୍ଷରୁ ୯ ମହିଳାଙ୍କୁ ଟିକେଟ ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ସରିତା ସିଂ (ରୋହତାସ ନଗର)ଙ୍କୁ ଛାଡ଼ିଦେଲେ ଅନ୍ୟ ୮ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସେମାନେ ହେଲେ ଆତିଶୀ ମର୍ଲେନା, ରାକ୍ଷୀ ବିର୍ଲା, ରାଜକୁମାରୀ ଧିଲୋନ, ପ୍ରୀତି ତୋମାର, ଧନୱତୀ ଚନ୍ଦେଲା, ପରମିଲା ଟୋକାସ, ଭାବନା ଗୌର ଓ ବନ୍ଦନା କୁମାରୀ। କିନ୍ତୁ କେଜ୍‌ରିୱାଲଙ୍କ ମନ୍ତ୍ରିମଣ୍ଡଳରେ ଜଣଙ୍କୁ ହେଲେ ସାମିଲ କରାଯାଇନାହିଁ। ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡିଆଙ୍କ ମୁଖ୍ୟ ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିବା ଆତିଶୀଙ୍କୁ ଏଥର ମନ୍ତ୍ରୀ କରାଯିବ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ତେବେ ରବିବାର ସେ କ୍ୟାବିନେଟ ସଦସ୍ୟ ଭାବେ ଶପଥ ନେଇନାହାନ୍ତି। ଦିଲ୍ଲୀ ବିଧାନସଭାରେ ୧୯୯୩ରୁ ଅଦ୍ୟାବଧି ମାତ୍ର ୪ ଜଣ ମହିଳାଙ୍କୁ ମନ୍ତ୍ରୀପଦ ମିଳିଛି। ସେମାନେ ହେଲେ ଭାଜପାର ପୂର୍ଣ୍ଣିମା ସେଠୀ(୧୯୯୮), କଂଗ୍ରେସର କ୍ରିଷ୍ଣା ତୀରଥ(୧୯୯୮-୨୦୦୧) ଓ କିରନ ୱାଲିଆ(୨୦୦୮-୧୩) ଏବଂ ଏଏପିର ରାକ୍ଷୀ ବିର୍ଲା(୨୦୧୩-୧୪)। ଏମାନଙ୍କ ମଧ୍ୟରୁ କେବଳ କିରନ ୱାଲିଆଙ୍କୁ କ୍ୟାବିନେଟ ମନ୍ତ୍ରୀ କରାଯାଇଥିଲା। ତିନି ପ୍ରମୁଖ ରାଜନୈତିକ ଦଳ ମଧ୍ୟରୁ କେବଳ କଂଗ୍ରେସ ଦୁଇଜଣ ବିଧାୟିକାଙ୍କୁ ମନ୍ତ୍ରୀ କରିଥିବାବେଳେ ଶୀଲା ଦୀକ୍ଷିତଙ୍କୁ ସର୍ବାଧିକ ସମୟ ପାଇଁ ମୁଖ୍ୟମନ୍ତ୍ରୀ ହେବାର ସୁଯୋଗ ଦେଇଥିଲା। କେଜ୍‌ରିୱାଲ ରବିବାର ତୃତୀୟ ଥର ପାଇଁ ଶପଥ ନେବା ସହ ଶୀଲାଙ୍କ ରେକର୍ଡକୁ ଭାଙ୍ଗିଛନ୍ତି। ଜାତୀୟ ରାଜଧାନୀରେ ମୋଟ ୭ ଥର ବିଧାନସଭା ନିର୍ବାଚନ ହୋଇଛି। ତେବେ ଦିଲ୍ଲୀ ରାଜନୀତିରେ ମହିଳାଙ୍କ ପ୍ରତିନିଧିତ୍ୱ ଅତ୍ୟନ୍ତ ଗୌଣ ରହିଛି। ୧୯୯୩ରେ ପ୍ରଥମ ବିଧାନସଭା ନିର୍ବାଚନ ହୋଇଥିବାବେଳେ ୨୦୨୦ ଫେବୃୟାରୀ ୮ରେ ସପ୍ତମ ଥର ପାଇଁ ଭୋଟଗ୍ରହଣ କରାଯାଇଥିଲା। ୧୯୯୩ରୁ ଅଦ୍ୟାବଧି ମୋଟ ୩୯ ମହିଳା ବିଧାନସଭାକୁ ନିର୍ବାଚିତ ହୋଇ ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ସର୍ବାଧିକ ୨୦ ହେଉଛନ୍ତି କଂଗ୍ରେସର।

କେବଳ ବିଧାନସଭା ନୁହେଁ, ବରଂ ଲୋକ ସଭା ନିର୍ବାଚନରେ ମଧ୍ୟ ମହିଳାଙ୍କ ପ୍ରତିନିଧିତ୍ୱ ଆଖିଦୃଶିଆ ନୁହେଁ। ସପ୍ତଦଶ ଲୋକ ସଭା ନିର୍ବାଚନରେ ଦିଲ୍ଲୀର ୭ ଆସନ ମଧ୍ୟରୁ ମାତ୍ର ଗୋଟିଏରେ ଜଣେ ମହିଳାଙ୍କୁ ନିର୍ବାଚନ ଲଢ଼ି ଜିତିବାର ସୁଯୋଗ ମିଳିଛି। ସେ ହେଉଛନ୍ତି ମୀନାକ୍ଷୀ ଲେଖି। ୧୯୯୯, ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ ନିର୍ବାଚନରେ ମଧ୍ୟ ଲୋକସଭାରେ ମହିଳାଙ୍କ ପ୍ରତିନିଧିତ୍ୱର ଏହି ଧାରା ବଜାୟ ରହିଥିଲା। ରାଜଧାନୀ କେବେହେଲେ କୌଣସି ମହିଳାଙ୍କୁ ଷଷ୍ଠଥର ପାଇଁ ନିର୍ବାଚିତ କରିନାହିଁ। ସେହିପରି ମାତ୍ର ୩ ଥର ଏକାଧିକ ମହିଳାଙ୍କୁ ଲୋକ ସଭାରେ ପ୍ରତିନିଧିତ୍ୱର ସୁଯୋଗ ଦେଇଛି।

## ଆତିଶୀଙ୍କୁ ମିଳିଲାନି ମନ୍ତ୍ରୀପଦ



ଏଏପି ବିଧାୟିକା ଆତିଶୀ ମର୍ଲେନା



ଦିଲ୍ଲୀର ରାମଲୀଳା ମଇଦାନରେ ଏଏପି ବିଧାୟକ ସୋମନାଥ ଭାରତୀଙ୍କ ସହ ‘ବେବି କେଜ୍‌ରିୱାଲ’ ଆଭ୍ୟାନ ତୋମାର।



କୈଳାଶ ଗେହଲଟ | ଗୋପାଲ ରାଏ | ସତ୍ୟେନ୍ଦ୍ର ଜୈନ

ଶପଥ ପରେ ରେଜିଷ୍ଟରରେ ଦସ୍ତଖତ ଦେଉଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ।

ଇମ୍ରାନ୍ ହୁସେନ | ରାଜେନ୍ଦ୍ର ପାଲ୍ ଗୌତମ | ମନୀଷ୍ ସିସୋଡିଆ

**ରାଜଧାନୀ ରାଜନୀତି**

- ମହିଳାଙ୍କ ପ୍ରତିନିଧିତ୍ୱ ନଗଣ୍ୟ
- ଏଏପିରୁ ଜିତିଛନ୍ତି ୮ ପ୍ରାର୍ଥୀ
- କେଜ୍‌ରିୱାଲଙ୍କ କ୍ୟାବିନେଟରେ ନାହାନ୍ତି ଜଣେ ହେଲେ ମହିଳା
- ଲୋକ ସଭାରେ ଦିଲ୍ଲୀରୁ ମାତ୍ର ଜଣେ
- ଶୀଲା ଦୀକ୍ଷିତଙ୍କ ରେକର୍ଡ ଭାଙ୍ଗିଲେ କେଜ୍‌ରିୱାଲ

# ‘୩୭୦, ସିଏଏ ନିଷ୍ପତ୍ତି ଠିକ୍’

ବାରାଣସୀ,୧୬।୨ (ପି.ଟି.)

ସମ୍ବିଧାନର ଧାରା ୩୭୦ ଓ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ନେଇ ସରକାର ଗ୍ରହଣ କରିଥିବା ନିଷ୍ପତ୍ତି ସମ୍ପର୍କରେ ପୁନର୍ବିଚାର କରାଯିବାର କୌଣସି ଆବଶ୍ୟକତା ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ପ୍ରକାଶ କରିଛନ୍ତି। ଏନେଇ ବିଭିନ୍ନ ଆଡୁ ଚାପ ବଢୁଥିଲେ ହେଁ ସରକାର ଦୃଢ଼ ଥିବା ସେ କହିଛନ୍ତି। ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଠିକ୍ ଓ ଏଥିରୁ ଓହରିବାର ନାହିଁ ବୋଲି ନିଜ ନିର୍ବାଚନମଣ୍ଡଳୀ ବାରାଣସୀରେ ମୋଦି ସ୍ପଷ୍ଟ କରିଛନ୍ତି। ଦୀର୍ଘବର୍ଷ ଧରି ଦେଶ ଏଭଳି ନିଷ୍ପତ୍ତିକୁ ଅପେକ୍ଷା କରି ରହିଥିଲା ବୋଲି ଜନସଭାକୁ ସମ୍ବୋଧନ କରି ସେ ପ୍ରକାଶ କରିଛନ୍ତି। ଦେଶ ହିତ ଲାଗି ଏଭଳି ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି।

ଗତବର୍ଷ ଅଗଷ୍ଟରେ ସମ୍ବିଧାନର ଧାରା ୩୭୦କୁ ହଟାଇ ଦିଆଯିବା ସହ ଜମ୍ମୁ-କଶ୍ମୀର ଓ ଲଦାଖକୁ ସ୍ୱତନ୍ତ୍ର କେନ୍ଦ୍ରଶାସିତ ଅଞ୍ଚଳ କରାଗଲା। ଏହା ପରେ ସିଏଏକୁ ସ୍ୱୀକୃତି ମିଳିଲା। ବହୁ ଜଟିଳ ପରିସ୍ଥିତି ସତ୍ତ୍ୱେ ଦେଶ ହିତ ଲାଗି ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାବାଦ୍ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଲାଗି ଟ୍ରଷ୍ଟ ଗଠନ କରାଯାଇଛି। ଏହି ଟ୍ରଷ୍ଟ ଯୁଦ୍ଧକାଳୀନ ଭାବେ କାର୍ଯ୍ୟାରମ୍ଭ କରିବ। ଟ୍ରଷ୍ଟକୁ ୬୭ ଏକର ଜମି ପ୍ରଦାନକରିବା ଲାଗି ସରକାର ନିଷ୍ପତ୍ତି ନେଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହା ପୂର୍ବରୁ ମୋଦି ରବିବାର ନିଜ ନିର୍ବାଚନମଣ୍ଡଳୀରେ ୧,୨୫୪ କୋଟି ଟଙ୍କାର ୫୦ଟି ପ୍ରକଳ୍ପ ଶିଳାନ୍ୟାସ କରିଥିଲେ। ଏଥିସହ ‘ଆଇଆର୍‌ସିଟିସି’ର ମହାକାଳ ଏକ୍ସପ୍ରେସକୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଟ୍ରେନ ୩ ଜ୍ୟୋତିର୍ଲିଙ୍ଗକୁ ଯୋଡ଼ିବ। ଉତ୍ତରପ୍ରଦେଶର ବାରାଣସୀ, ମଧ୍ୟପ୍ରଦେଶର ଉଜ୍ଜୟିନୀ ଓ ଓଁକାରେଶ୍ୱରକୁ ଏକାଠି ବାନ୍ଧି ରଖିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ସ୍ମୃତିକେନ୍ଦ୍ର ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗକରିବା ସହ ଆର୍‌ଏସ୍‌ଏସ୍‌ର ଆଦର୍ଶଙ୍କ ୬୨ ଫୁଟର ଏକ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଏଥିସହ ୪୩୦ ଶଯ୍ୟାବିଶିଷ୍ଟ ସୁପରସ୍ପେଶିଆଲିଟି ସରକାରୀ ହସ୍ପିଟାଲକୁ ମଧ୍ୟ ସେ ଉଦ୍‌ଘାଟନ କରିଥିଲେ। ଦମାମୀ ଗଙ୍ଗେ କାର୍ଯ୍ୟକ୍ରମର ସଫଳତାକୁ ସେ ପ୍ରଶଂସାକରିବା ସହ ପୁଣି ୨୧ ହଜାର କୋଟି ଟଙ୍କାର କାର୍ଯ୍ୟ କରାଯିବ ବୋଲି କହିଥିଲେ।



**୧,୨୫୪ କୋଟିର ୫୦ ପ୍ରକଳ୍ପ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ**

# ଯୁବତୀଙ୍କୁ ପୋଲିସର ଗଣବଳାତ୍କାର

ଗୋରଖପୁର,୧୬।୨ (ପି.ଟି.)

ଉତ୍ତରପ୍ରଦେଶର ଗୋରଖପୁର ରେଳଷ୍ଟେଶନ ନିକଟ ଏକ ହଷ୍ଟେଲ ଭିତରେ ୨ ପୋଲିସ ଜଣେ ଯୁବତୀ(୨୦)ଙ୍କୁ ମାଡ଼ମାରିବା ସହ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଯୁବତୀ ଜଣକ ଏନେଇ ପରିବାର ଲୋକଙ୍କୁ ଜଣାଇବା ପରେ ପୋଲିସରେ ମାମଲା ରୁଜୁ କରାଯାଇଛି। ପୋଲିସ ଏପର୍ଯ୍ୟନ୍ତ କାହାକୁ ଗିରଫ କରି ନ ଥିବା ଜଣାପଡ଼ିଛି। ଏହାକୁ ନେଇ କଂଗ୍ରେସ, ଏସ୍‌ପି, ବିଏସ୍‌ପି, ପୂର୍ବାଞ୍ଚଳ ସେନା ପକ୍ଷରୁ ବିକ୍ଷୋଭ କରାଯିବା ସହ ଅଭିଯୁକ୍ତ ପୋଲିସଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ଏଥିସହ ଘଟଣାର ବିଚାର ବିଭାଗୀୟ ତଦନ୍ତ ଲାଗି ଦାବି ହୋଇଛି। ପୀଡ଼ିତା ଏବେ ଗୋରଖପୁର ଜିଲା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ହଷ୍ଟେଲର ସିସିଟିଭି ଯାଞ୍ଚ ସହ ପୋଲିସ ଗାର୍ଡଙ୍କୁ ପଚରା ଉଚରା କରିଥିବା ଗୋରଖପୁର ଏସ୍‌ଏସ୍‌ପି ସୁନୀଲ କୁମାର ଗୁପ୍ତା ପ୍ରକାଶ କରିଛନ୍ତି।

# ପଦାରେ ପଡ଼ିଲା ପୋଲିସ ବର୍ବରତା

ନୂଆଦିଲ୍ଲୀ,୧୬।୨ (ପି.ଟି.)



- ଛାତ୍ରଙ୍କୁ ମାଡ଼ ନେଇ ଜାମିଆ କମିଟିର ଭିଡିଓ ଜାରି
- କାର୍ଯ୍ୟାନୁଷ୍ଠାନ ଦାବିକଲା କଂଗ୍ରେସ

ଗତବର୍ଷ ଡିସେମ୍ବର ୧୫ର ପୋଲିସ ବର୍ବରତାକୁ ନେଇ ନାନା ପ୍ରଶ୍ନ ଉଙ୍କିମାରିଛି। ଜାମିଆ ସମନ୍ୱୟ କମିଟି ପକ୍ଷରୁ ଏନେଇ ଜାରି କରାଯାଇଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଆସିବା ପରେ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଥିବା ଲାଇବ୍ରେରି ଭିତରେ ପଶି ପାରାମିଲିଟାରି ଫୋର୍ସ ଓ ପୋଲିସର ଦମନଲୀଳା ପଦାକୁ ଆସିଛି। ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନକୁ କଂଗ୍ରେସ ସମେତ ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ୪୮ ସେକେଣ୍ଡର ଏହି ଭିଡିଓରେ ୭ରୁ ୮ ପୋଲିସ(ମୁହଁରେ ରୁମାଲ ବାନ୍ଧି) ଓଲ୍ଡ ରିଡିଂ ହଲ୍ (ଲାଇବ୍ରେରି) ଭିତରେ ପଶି ଛାତ୍ରଙ୍କୁ ମାଡ଼ ମାରିଥିବା ଦେଖାଯାଇଛି। ସିଏଏ ବିରୋଧୀ ବିକ୍ଷୋଭ ସହ ହିଂସା ଓ ପୋଡ଼ାଜଳା ବେଳେ ପୋଲିସ ବିଶ୍ୱବିଦ୍ୟାଳୟ ଭିତରେ ପଶି ଛାତ୍ରଙ୍କୁ ମାଡ଼ମାରିବାରୁ ପରିସ୍ଥିତି ଉଗ୍ରରୂପ ଧାରଣ କରିଥିଲା। ପୋଲିସ ମାଡ଼ରେ ଜଣେ ଆଇନ ଛାତ୍ର ଆଖି ହରାଇଥିବା ବେଳେ ଅନେକ ଆହତ ହୋଇଥିବା ଅଭିଯୋଗ ହୋଇଛି।

ଭିଡିଓ ପୋଲିସ ମୁଖା ଖୋଲିଦେଇଥିବା ବେଳେ ଏହାକୁ ପରୀକ୍ଷା କରାଯାଉଥିବା ସ୍ୱତନ୍ତ୍ର ପୋଲିସ କମିଶନର(ଗୋଇନ୍ଦା) ପ୍ରବୀର ରଞ୍ଜନ କହିଛନ୍ତି। ଏହି ଭିଡିଓକୁ କଂଗ୍ରେସ ପକ୍ଷରୁ ଟୁଇଟରରେ ଶେୟାର୍ କରାଯାଇଛି। କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ କହିଛନ୍ତି, ପୋଲିସ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ନ ହେଲେ ସରକାର କ’ଣ ଚାହୁଁଥିଲେ ପଦାରେ ପଡ଼ିଯିବ। ଜାମିଆ ଛାତ୍ରଙ୍କ ଉପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ଦିଲ୍ଲୀ ପୋଲିସ ସଫେଇ ଦେବା କେତେ ସତ, ତାହା ପଦାରେ ପଡ଼ିଛି ବୋଲି ପ୍ରିୟଙ୍କା ଅଭିଯୋଗ କରି କହିଛନ୍ତି। ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ପୋଲିସ କାର୍ଯ୍ୟାନୁଷ୍ଠାନକୁ ନିନ୍ଦାକରିବା ସହ ଏହା କେବେହେଲେ ଗ୍ରହଣଯୋଗ୍ୟ ନୁହେଁ ବୋଲି କହିଛନ୍ତି।

## କଂଗ୍ରେସ ନେତାଙ୍କୁ ୧.୦୪ କୋଟିର ନୋଟିସ

ମୋରାଦାବାଦ,୧୬।୨ (ପି.ଟି.)

ସିଏଏ ବିରୋଧୀ ବିକ୍ଷୋଭକାରୀଙ୍କୁ ସମ୍ବୋଧନ କରିଥିବା କଂଗ୍ରେସ ନେତା ଇମ୍ରାନ୍ ପ୍ରତାପଗଡ଼ିଙ୍କୁ ପ୍ରଶାସନ ପକ୍ଷରୁ ୧.୦୪ କୋଟି ଟଙ୍କାର କାରଣ ଦର୍ଶାଅ ନୋଟିସ ପଠାଯାଇଛି। ଇମ୍ରାନ୍ ଗତ ୨୦୧୯ ଲୋକ ସଭା ନିର୍ବାଚନ ବେଳେ ମୋରାଦାବାଦରୁ କଂଗ୍ରେସ ପ୍ରାର୍ଥୀ ହୋଇଥିଲେ। ୧୪୪ ଧାରା ଭାଙ୍ଗି ସିଏଏ ବିରୋଧୀଙ୍କୁ ଉଦ୍‌ବୋଧନ ଦେବା କାରଣରୁ ଆଡିଶନାଲ ସିଟି ମାଜିଷ୍ଟ୍ରେଟ ରାଜେଶ କୁମାର ଏହି ନୋଟିସ ଜାରି କରିଛନ୍ତି। ଇଦ୍‌ଗା ମଇଦାର ସୁରକ୍ଷା ସହ ଆଇନଶୃଙ୍ଖଳା ଲାଗି ୧.୦୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ଅର୍ଥ ଇମ୍ରାନ୍‌ଙ୍କଠାରୁ କାହିଁକି ଆଦାୟ କରାଯିବନି ବୋଲି ନୋଟିସରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଟାର୍ଗେଟ କରି ଭାଜପା ସରକାର ଉଦ୍ଦେଶ୍ୟମୂଳକ ଭାବେ ଏଭଳି କରୁଛି ବୋଲି ଇମ୍ରାନ ଅଭିଯୋଗ କରିଛନ୍ତି। ଫେବୃୟାର ୭ରେ ମୋରାଦାବାଦରେ ପହଞ୍ଚିଥିବା ବ୍ୟକ୍ତିଙ୍କୁ ଫେବୃୟାରୀ ୬ରେ ନୋଟିସ ଜାରି କରାଯାଇଛି। ଏନେଇ ସିଟି ଏସ୍‌ପିଙ୍କୁ ଜଣାଯାଇଥିବା ଇମ୍ରାନ ପ୍ରକାଶ କରିଛନ୍ତି।

**ଇତିହାସର ଆଇନାରେ**

**ଫେବୃୟାରୀ ୧୭ର ପ୍ରମୁଖ ଘଟଣା**

୧୯୭୯ ଫେବୃୟାରୀ ୧୭ରେ ଭିଏତ୍‌ନାମ ଉପରେ ଚାଇନା ଆକ୍ରମଣ କରିଥିଲା। ଚାଇନାର ୯୦,୦୦୦ ସୈନ୍ୟ ପ୍ରାୟ ମାସେ ଧରି ଭିଏତ୍‌ନାମାରେ ରହିଥିଲେ।

୨୦୦୩ ଫେବୃୟାରୀ ୧୭ରେ ଆମେରିକାର ଶିକାଗୋସ୍ଥିତ ଏକ ନାଇଟ୍‌କ୍ଲବ୍‌ରେ ଦଳାଚକଟା ହୋଇଥିଲା। ଏଥିରେ ୨୧ ଜଣଙ୍କ ମୃତ୍ୟୁ ଘଟିଥିଲା।

# ୟେମେନରେ ସୌଦି ଆକ୍ରମଣ

ସାନା,୧୬।୨(ଆଇଏଏନ୍‌ଏସ୍)

ସୌଦି ଆରବ ନେତୃତ୍ୱାଧୀନ ସେନା ପକ୍ଷରୁ ୟେମେନରେ ଶନିବାର ରାତିଅଧିଆ ରକେଟ ମାଡ଼ କରାଯାଇଛି। ଏହି ଆକ୍ରମଣରେ ୟେମେନସ୍ଥିତ ଅଲ୍-ଜଫ୍ ପ୍ରଦେଶର ଅଲ୍-ହାୟଜା ଅଞ୍ଚଳରେ ଅନ୍ୟୁନ ୩୧ ନାଗରିକ ନିହତ ହୋଇଛନ୍ତି। ବିଦ୍ରୋହୀ ହୌଥିଙ୍କ ପକ୍ଷରୁ ସେହି ଅଞ୍ଚଳରେ ଏକ ଯୁଦ୍ଧବିମାନକୁ ଟାର୍ଗେଟ କରି ଖସାଇ ଦିଆଯାଇଥିବା ଦାବି କରାଯିବାର ଦିନକ ପରେ ଏହି ଆକ୍ରମଣ ହୋଇଛି। ଏହି ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନରେ ୩୧ ନିହତ ହୋଇଥିବାବେଳେ ୧୨ ଆହତ ହୋଇଥିବା ରବିବାର ଜାତିସଂଘ ମାନବାଧିକାର ସଂଯୋଜକ ଲିସେ ଗ୍ରାଣ୍ଡେ ସ୍ପଷ୍ଟ କରିଛନ୍ତି। ଜାନୁୟାରୀ ମଧ୍ୟଭାଗରୁ ଅଦ୍ୟାବଧି ୟେମେନରେ ସଂଘର୍ଷ ଯୋଗୁ ବହୁ ଲୋକ ପ୍ରାଣ ହରାଇଥିବାବେଳେ ୪,୭୦୦ରୁ ଊର୍ଦ୍ଧ୍ୱ ପରିବାର ସେମାନଙ୍କ ଘର ଛାଡ଼ି ଅନ୍ୟତ୍ର ଚାଲିଯାଇଥିବା ଜାତିସଂଘ ପକ୍ଷରୁ କୁହାଯାଇଛି। ମାନବାଧିକାର ସମ୍ପର୍କିତ ଅନ୍ତର୍ଜାତୀୟ ଆଇନ ଅନୁସାରେ ବର୍ତ୍ତମାନ ସମସ୍ତ ପକ୍ଷ ସଂଯମ ହେବା ଜରୁରୀ ବୋଲି ଜାତିସଂଘର ଏକ ବିବୃତିରେ ପରାମର୍ଶ ଦିଆଯାଇଛି।

**ଆକାଶମାର୍ଗରୁ ରକେଟ ମାଡ଼: ୩୧ ନିହତ**



ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

## ସାମାଜିକ ବିଜ୍ଞାନ (SOCIAL SCIENCE)

(ii) ଜନବିରଳ ମରୁଭୂମି ମଧ୍ୟରେ ଏହି କ୍ଷୁଦ୍ର ଅଞ୍ଚଳ, ସାଗର ମଧ୍ୟରେ ଦ୍ୱୀପ ସଦୃଶ ହୋଇଥିବାରୁ ଏହାକୁ ମରୁଦ୍ୱୀପ ମଧ୍ୟ କୁହାଯାଏ।

(iii) ଏଠାରେ ବାଜରା ଓ ଗହମ ଆଦି ଚାଷ କରାଯାଏ। ମାତ୍ର ଖଜୁରୀ ଗଛ ଅଧିକ ଥିବାରୁ ଖଜୁରୀ ଫଳ ଏଠାକାର ଅଧିବାସୀମାନଙ୍କ ଖାଦ୍ୟର ପ୍ରଧାନ ଅଂଶ ଅଟେ।

କିମ୍ବା, (i) ଧାତୁ ଥିବା ଖଣିଜକୁ ଧାତବ ଖଣିଜ କୁହାଯାଏ।

(ii) ଧାତବ ଖଣିଜକୁ ଲୌହ ଧାତୁର ଉପସ୍ଥିତି ଅନୁସାରେ ଲୌହ ମିଶ୍ରିତ ଖଣିଜ ଓ ଲୌହ ବିହୀନ ଖଣିଜ ଭାବରେ ବିଭକ୍ତ କରାଯାଇଛି।

(iii) ଲୌହ ମିଶ୍ରିତ ଖଣିଜ ମଧ୍ୟରେ ଲୁହାପଥର, ମାଙ୍ଗାନିଜ ପିଣ୍ଡ, କ୍ରୋମାଇଟ୍, ପାଇରାଇଟ୍, ନିକେଲ୍ ଆଦି ପ୍ରଧାନ। ଲୌହ ବିହୀନ ଖଣିଜ ମଧ୍ୟରେ ବକ୍‌ସାଇଟ୍, ତମ୍ବା, ସୀସା, ରୁପା ଅନ୍ୟତମ।

(C) (i) ବର୍ତ୍ତମାନ ଦେଶରେ ବହୁ ନାମୀ-ଦାମୀ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ଦ୍ୱାରା ଉତ୍ପାଦିତ ଖାଉଟି ଦ୍ରବ୍ୟ ଅଧିକ ମିଳୁଅଛି। ଏଥିସହ ଦୂରସଂଚାର କ୍ଷେତ୍ରରେ ବେଶ ଉଲ୍ଲେଖନୀୟ ଅଗ୍ରଗତି ହୋଇପାରିଛି।

(ii) ଦେଶର ବୈଦେଶିକ ମୁଦ୍ରାର ଗଚ୍ଛିତ ପରିମାଣ ୨୦୧୨ ଜୁଲାଇ ସୁଦ୍ଧା ୨୮, ୮୭୭ କୋଟି ଡଲାରକୁ ବୃଦ୍ଧି ପାଇଛି।

(iii) ମୁଦ୍ରାସ୍ଫୀତିର ହାର ସ୍ଥିର ରହିଛି। କିନ୍ତୁ ନିଯୋଜନ କ୍ଷେତ୍ରରେ ନୂତନ ଅର୍ଥନୀତି ଏତେ ସହାୟକ ହୋଇ ନଥିବାରୁ ବେକାରୀ ସଂଖ୍ୟା ବୃଦ୍ଧି ପାଇଛି। ମୋଟାମୋଟି ଭାବେ ଜୀବନଧାରଣର ମାନ ନିଶ୍ଚିତ ଉନ୍ନତ ହୋଇଛି।

କିମ୍ବା, (i) ପୃଥିବୀର ବିଭିନ୍ନ ଦେଶମାନଙ୍କ ମଧ୍ୟରେ ମୁକ୍ତ, ଅବାଧ ଓ ନିରପେକ୍ଷ ବାଣିଜ୍ୟ କାରବାର ପ୍ରଚଳନ କରାଯାଇଛି।

(ii) ଦେଶ ଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ବଦଳରେ ବହୁପାକ୍ଷିକ ରାଜିନାମାର ପ୍ରଚଳନ କରାଯାଇଛି।

(iii) ବିଭିନ୍ନ ଦେଶମାନଙ୍କ ମଧ୍ୟରେ ପୂର୍ବ ପ୍ରଚଳିତ ଆମଦାନି ରପ୍ତାନୀ ନିୟମ ଓ କଟକଣା ଉଚ୍ଛେଦ କରାଯାଇଛି।

୧୬. (A) (i) ବ୍ୟାଘ୍ରମାନଙ୍କ ସୁରକ୍ଷା ପାଇଁ କର୍ବେଟ୍ ଜାତୀୟ ପାର୍କ ନିର୍ମିତ ହୋଇଛି। ଏହା ଉତ୍ତରାଖଣ୍ଡ ରାଜ୍ୟରେ ଅବସ୍ଥିତ।

(ii) ସିଂହମାନଙ୍କର ସୁରକ୍ଷା ପାଇଁ ଗୀର ଜାତୀୟ ପାର୍କ ଉଦ୍ଦିଷ୍ଟ। ଏହା ଗୁଜରାଟ ରାଜ୍ୟରେ ଅବସ୍ଥିତ।

କିମ୍ବା, (i) ଷାଠିଏ ତଥା ସତୁରୀ ଦଶକରେ ଭାରତ ସରକାର କୃଷି କ୍ଷେତ୍ରର ଉନ୍ନତି ପାଇଁ ବିଭିନ୍ନ ପ୍ରକାର ପରିବର୍ତ୍ତନ ଆଣିଛନ୍ତି। ଆମଦେଶରେ ଖାଦ୍ୟ ଶସ୍ୟ କ୍ଷେତ୍ରରେ ଏହାକୁ ସବୁଜ ବିପ୍ଳବ ବୋଲି କୁହାଯାଏ।

(ii) ଷାଠିଏ ତଥା ସତୁରୀ ଦଶକରେ ଭାରତ ସରକାରଙ୍କ ଦ୍ୱାରା ସରକାରୀ ସ୍ତରରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଉପରେ ଅଗ୍ରାଧିକାର ଦେଇ ଏହାକୁ ଶ୍ୱେତ ବିପ୍ଳବ ନାମରେ ନାମିତ କରାଯାଇଛି।

(B) (i) ଖରିଫ୍ ଓ ରବି ଫସଲ ବ୍ୟତୀତ ଉତ୍ତର ଭାରତରେ ଗ୍ରୀଷ୍ମରତୁ ପ୍ରାରମ୍ଭରୁ ଏକ ଛୋଟ ଶସ୍ୟରତୁ ଆରମ୍ଭ ହୁଏ ଯାହାକୁ ଜେଦ୍ କୁହାଯାଏ।

(ii) ଏହି ଶସ୍ୟ ଋତୁରେ ତରଭୁଜ, ଖରଭୁଜ, କାକୁଡ଼ି ଓ ପନିପରିବା ଚାଷ କରାଯାଏ। ଏଗୁଡ଼ିକୁ ନଦୀ ପଠାମାନଙ୍କରେ ଥିବା ବାଲିଆ ଜାଗା ଓ ଉଚ୍ଚ ଅନାବଶ୍ୟକ ଭୂମିରେ ଚାଷ କରାଯାଏ।

କିମ୍ବା, (i) ଯେଉଁ ଶିଳ୍ପ ଉଭୟ କେନ୍ଦ୍ର ବା ରାଜ୍ୟ ସରକାର ଓ ବେସରକାରୀ ସଂସ୍ଥା ବା ବ୍ୟକ୍ତିବିଶେଷ ଦ୍ୱାରା ପୁଞ୍ଜି ଲଗାଣ କରାଯାଇ ସ୍ଥାପିତ ଓ ପରିଚାଳିତ ହୋଇଥାଏ ତାହା ମିଳିତ ଶିଳ୍ପ କୁହାଯାଏ।

(ii) ମାରୁତି ଉଦ୍ୟୋଗ, ଅଏଲ ଇଣ୍ଡିଆ ଲିମିଟେଡ୍ ଆଦି ମିଳିତ ଶିଳ୍ପର ଉଦାହରଣ।

(C) (i) ଉଦ୍ଭିଦଗୁଡ଼ିକ ନିୟୁତ ନିୟୁତ ବର୍ଷଧରି ମାଟିତଳେ ଚାପି ହୋଇ ରହିବା ଫଳରେ ସଙ୍କୁଚିତ ହୋଇ ବାୟୁର ଅନୁପସ୍ଥିତିରେ ରାସାୟନିକ ବିଘଟନ ହେବା ଦ୍ୱାରା କୋଇଲାରେ ପରିଣତ ହୋଇଥାଏ।

(ii) ତେଣୁ କୋଇଲାକୁ ଜୀବାଶ୍ମ ଇନ୍ଧନ କୁହାଯାଏ।

କିମ୍ବା, (i) ଚହାଚାଷ ପାହାଡ଼ିଆ ଅଞ୍ଚଳର ଗଡ଼ାଣି ଅଂଶ ଓ ନିଗିଡ଼ା ମୃତ୍ତିକାରେ କରାଯାଏ ଓ ମୃତ୍ତିକାରେ ଜୈବାଂଶ ଅଧିକ ରହିବା ଆବଶ୍ୟକ।

(ii) ଚହାଚାଷ ପାଇଁ ଉଷ୍ଣ ଓ ଆର୍ଦ୍ର ଜଳବାୟୁ ଓ ଅଧିକ ବୃଷ୍ଟିପାତ ଆବଶ୍ୟକ; ମାତ୍ର ଗଛ ମୂଳରେ ପାଣି ରହିବା କ୍ଷତିକାରକ। ଆସାମର ପାର୍ବତ୍ୟାଞ୍ଚଳରେ ଏହି ସବୁ ଅବସ୍ଥା ଥିବାରୁ ସେଠାରେ ଅଧିକ ଚହା ଚାଷ କରାଯାଏ।

(D) (i) ଖାଉଟିମାନେ ନିମ୍ନମାନର ଦ୍ରବ୍ୟ କ୍ରୟକରି ବହୁସମୟରେ ଅସୁବିଧାରେ ପଡ଼ିଥାନ୍ତି। ନକଲି ଔଷଧ ସେବନ, ନିମ୍ନମାନର ଷ୍ଟୋଭ ବା ଗ୍ୟାସ୍ ଚୁଲାର ବ୍ୟବହାର ଦ୍ୱାରା ମଣିଷ ମୃତ୍ୟୁମୁଖରେ ପଡ଼ିଥାଏ। ପୂରା ମୂଲ୍ୟ ଦେଇ ସେମାନେ କୌଣସି ଲାଭ ପାଇଁ ନଥାନ୍ତି।

(ii) ଦୋହରା ଦ୍ରବ୍ୟଗୁଡ଼ିକର ମାନ ନିମ୍ନ ଧରଣର। ଖାଉଟି ଏହାଦ୍ୱାରା ଶୋଷିତ ହୋଇଥାଏ। ଏଗୁଡ଼ିକ ନକଲି ଦ୍ରବ୍ୟ ହୋଇଥିବାରୁ ଖାଉଟି ଅସୁବିଧାରେ ପଡ଼ିଥାଏ।

କିମ୍ବା, (i) ଦେଶର ବର୍ଷକ ମଧ୍ୟରେ ଉତ୍ପାଦିତ ସମସ୍ତ ଦ୍ରବ୍ୟ ଓ ସେବାର ମୁଦ୍ରାଗତ ମୂଲ୍ୟ ଏବଂ ବହିରାଗତ ଆୟର ସମଷ୍ଟିକୁ ମୋଟ ଜାତୀୟ ଆୟ କୁହାଯାଏ।

(ii) ମୋଟ ଜାତୀୟ ଆୟକୁ ମୋଟ ଜନସଂଖ୍ୟା ଦ୍ୱାରା ଭାଗ କରାଯାଇ ନିରୂପିତ ହେଉଥିବା ଆୟକୁ ମୁଣ୍ଡପିଚ୍ଛା ଆୟ କୁହାଯାଏ।

## ସଂକ୍ଷେପରେ

### ଗାନ୍ଧୀଙ୍କ ବିଚାର ଉପରେ ସଚେତନ କରୁଛି ରଥ

**ଫୁଲବାଣୀ ଅଫିସ, ୧୬।୨:** ଫୁଲବାଣୀ ସ୍ୱେଚ୍ଛାସେବୀ ମହାସଂଘ(ପି.ଏ.ଜି.) ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସମାରୋହ ପାଳନ ଅବସରରେ ଏକ ସଚେତନତା ରଥକୁ ବିଧାୟକ ଅଙ୍ଗଦ କହଁର ଉଦ୍‌ଘାଟନ କରିଛନ୍ତି। ଏହି ରଥ ପ୍ରତି ବ୍ଲକ ବୁଲି ଗାନ୍ଧୀ ଦର୍ଶନ ଓ ବିଚାର ଧାରା ଉପରେ ଲୋକଙ୍କୁ ସଚେତନ କରୁଛି। ଫୁଲବାଣୀ ଆଇଟିଆଇ, ଖଜୁରିପଡା ଆମ୍ବେଡକର ଉଚ୍ଚ ମାଧମିକ ବିଦ୍ୟାଳୟ, ଫିରିଙ୍ଗିଆ ପଞ୍ଚାୟତ କଲେଜ, ଜି.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟ, ହବାକ ହାଇସ୍କୁଲ, ଟିକାବାଲି ଏଏମ୍‌ସିଏସ୍ କଲେଜ ସୁଡ୍ରୁକୁମ୍ପା ଗ୍ରାମଠାରେ ରଥ ପହଞ୍ଚି ଛାତ୍ରୀଛାତ୍ରମାନଙ୍କୁ ଗାନ୍ଧୀଙ୍କ ମହତବାଣୀ ସମ୍ପର୍କରେ ସଚେତନ କରିଥିଲା।

ଛାତ୍ରୀଛାତ୍ରମାନେ ଭାରତର ଭବିଷ୍ୟତ। ସେମାନେ ସତ୍‌ଚିନ୍ତା, ସତ୍‌ଆଚାର, ସତ୍‌ବିଚାର ଓ ଶୃଙ୍ଖଳିତ ହେଲେ ଭଲ ମଣିଷ ହେବେ। ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସାହାର୍ଯ୍ୟ କରିବେ ବୋଲି ପିଏଜିର ଆବାହକ ଅଶୋକ ପରିଡା ପ୍ରକାଶ କରିଥିଲେ। ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଦୁଷ୍ମନ୍ତ କୁମାର ମାଝୀ, ବରିଷ୍ଠ ନାଗରିକ ନବୀନ କିଶୋର ପଣ୍ଡା, ଫିରିଙ୍ଗିଆ କଲେଜ ଅଧକ୍ଷ ଚିତ୍ତରଞ୍ଜନ ମିଶ୍ର, ଖଜୁରିପଡା ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର କର, ଆଇଟିଆଇର ରଶ୍ମି ରଞ୍ଜନ ବିଶ୍ୱାଳ, କଳିଙ୍ଗ ମହାବିଦ୍ୟାଳୟର ଅଧକ୍ଷ ସରୋଜକୁମାର ପରିଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଗାନ୍ଧୀଙ୍କ ବିଚାର ପ୍ରାସଙ୍ଗିକତା ଆଜି କେତେ ଜରୁରି ତାହା ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ।

### ପୌରାଞ୍ଚଳ ଛାତ୍ର ବିଜେଡି ସଭାପତି ଦଳରୁ ବହିଷ୍କୃତ

#### କଲେଜ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ହିଞ୍ଜିଳିକାଟୁ,୧୬।୨(ଡି.ଏନ୍.ଏ.):** ହିଞ୍ଜିଳିକାଟୁ ପୌରାଞ୍ଚଳ ଛାତ୍ର ବିଜେଡି ସଭାପତି ଜଣେ କଲେଜ ଛାତ୍ରୀଙ୍କୁ ଅପହରଣ କରି ନେଇଥିବା ଥାନାରେ ଶନିବାର ଅଭିଯୋଗ ହୋଇଛି। ଏହି ଅଭିଯୋଗ ପରେ ପୌରାଞ୍ଚଳ ଛାତ୍ର ବିଜେଡ଼ି ସଭାପତି ରିଙ୍କୁ ପଣ୍ଡା (ସବୀର)ଙ୍କୁ ଦଳ ଓ ତାଙ୍କ ପଦବୀରୁ ବହିଷ୍କୃତ କରାଯାଇଥିବା ଗଞ୍ଜାମ ଜିଲା ଛାତ୍ର ବିଜେଡ଼ି ସଭାପତି ପ୍ରଶାନ୍ତ କୁମାର ପଣ୍ଡା ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଛାତ୍ରୀଙ୍କ ବାପାଙ୍କ ଅଭିଯୋଗକ୍ରମେ ହିଞ୍ଜିଳିକାଟୁ ଥାନାରେ ନଂ.୫୪/୨୦ରେ ଏକ ମାମଲା ରୁଜୁ କରାଯାଇଥିବା ଏସଆଇ ପ୍ରଦୀପ୍ତ କୁମାର ଦାଶ କହିଛନ୍ତି। ପୋଲିସ ଏହି ଘଟଣାର ତଦନ୍ତ ଚଳାଇଥିଲେ ମଧ ରବିବାର ସୁଦ୍ଧା ଅପହୃତା କିମ୍ବା ଅପହରଣକାରୀଙ୍କ କୌଣସି ସୁରାକ୍ ପାଇପାରିନି।

### କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବୁଗୁଡ଼ା,୧୬।୨(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ତାଳଶାକର ଠାରେ ରବିବାର ମା' ମହାମାୟୀ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଛି। ଏହାକୁ ବିଧାୟକ ଶ୍ରୀକାନ୍ତ ସାହୁ ଉଦଘାଟନ କରିଥିଲେ। ଅତିଥି ଭାବେ ଗ୍ରାମ୍ୟ କମିଟିର ସଭାପତି କାଳୁ ଚରଣ ଭୂୟାଁ, ଆଡଭୋକେଟ ପ୍ରଭାତ କୁମାର ଜେନା, ସାମାଜିକ କର୍ମୀ ଗଙ୍ଗାପାଣି ଜେନା, କ୍ରୀଡ଼ା ଶିକ୍ଷକ ବି.ଗୋପାଳ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ଉଦଘାଟନ ମ୍ୟାଚ ବେତାରସିଙ୍ଗି ଓ ଚକରାପଲ୍ଲୀ ଟିମ ମଧରେ ହୋଇଥିଲା। ଚକରାପଲ୍ଲୀ ଟିମ ୧୦ ଓଭରରେ ୭ ଉଇକେଟ ହରାଇ ୯୭ ରନ କରିଥିଲା। ଜବାବରେ ବେତାରସିଙ୍ଗି ଟିମ ସମସ୍ତ ଉଇକେଟ ହରାଇ ୯୫ ରନ କରି ପରାଜିତ ହୋଇଥିଲା। ଚକରାପଲ୍ଲୀର ରୁଦ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଜିତେନ୍ଦ୍ର ଜେନା ଓ କାହ୍ନୁ ଜେନା ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ।

### କଡ଼ା ସୁରକ୍ଷାରେ ମାଟ୍ରିକ୍ ପ୍ରଶ୍ନପତ୍ର

**ଜି.ଉଦୟଗିରି,୧୬।୨(ଡି.ଏନ.ଏ.):** ମାଟ୍ରିକ ପରୀକ୍ଷାକୁ ଶାନ୍ତିଶୃଙ୍ଖଳାରେ କରିବା ପାଇଁ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ସରିଛି। ଜି.ଉଦୟଗିରି ହବାକ ହାଇସ୍କୁଲ ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚିବା ପରେ କଡ଼ା ସୁରକ୍ଷା ମଧରେ ତାହାକୁ ରଖାଯାଇଛି। ଏହି ସେଣ୍ଟର ଅଧୀନରେ ଥିବା ୪ କେନ୍ଦ୍ରରେ ୭୫୮ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଜି.ଉଦୟଗିରି ସରକାରୀ ବାଳିକା ବିଦ୍ୟାଳୟରେ ୨୪୭, ହବାକ୍ ହାଇସ୍କୁଲରେ ୨୩୪, କଳିଙ୍ଗ ହାଇସ୍କୁଲରେ ୧୪୪ ଓ ଲିଙ୍ଗାଗଡ଼ ବାଳିକା ହାଇସ୍କୁଲରେ ୧୩୩ ଜଣ ମାଟ୍ରିକ ପରୀକ୍ଷା ଦେବେ। ପରୀକ୍ଷା ଦିନ ସକାଳ ୬ଟାରେ ନୋଡାଲ ସେଣ୍ଟରରୁ କଡ଼ା ସୁରକ୍ଷାରେ ପ୍ରଶ୍ନପତ୍ର ବିଭିନ୍ନ କେନ୍ଦ୍ରକୁ ପଠାଯିବା ବ୍ୟବସ୍ଥା ହୋଇଥିବା ନୋଡାଲ ସେଣ୍ଟର ଅଧିକାରୀ ଗିରିଜା ଶଙ୍କର ପଣ୍ଡା କହିଛନ୍ତି।

# ବ୍ରହ୍ମପୁର-ସମ୍ବଲପୁର ନୂତନ ରେଳ ପ୍ରକଳ୍ପ ଶୀଘ୍ର କରିବାକୁ ଦାବି

**ଫୁଲବାଣୀ ଅଫିସ, ୧୬।୨**

ବହୁ ବର୍ଷର ଦାବିକୁ କେନ୍ଦ୍ର ସରକାର ପୂରଣ କରିଛନ୍ତି। ପ୍ରସ୍ତାବିତ ବ୍ରହ୍ମପୁର-ସମ୍ବଲପୁର ଭାୟା ଫୁଲବାଣୀ ରେଳପଥକୁ ଚଳିତ ବଜେଟରେ ମଞ୍ଜୁର କରାଯାଇଛି। ରାଜ୍ୟ ସରକାର ତୁରନ୍ତ ଜମି ଅଧିଗ୍ରହଣ କରି କାମ ଆରମ୍ଭ କଲେ ଜିଲାରେ କାର୍ଯ୍ୟ ଆରମ୍ଭ ହେବ। ତେଣୁ ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ କରିବାକୁ କନ୍ଧମାଳ ପିପୁଲ୍ସ ଫୋରମ ପକ୍ଷରୁ ରବିବାର ସ୍ଥାନୀୟ ସର୍କିଟ ହାଉସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି।

ଚଳିତ ବଜେଟ୍‌ରେ ଗୋପାଳପୁର ଠାରୁ ରେଢାଖୋଲ (ବ୍ରହ୍ମପୁର-ସମ୍ବଲପୁର ଭାୟା ଫୁଲବାଣୀ) ୨୪୦ କି.ମି ରେଳ ଲାଇନ ପାଇଁ ୨୯୫୭ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଲାଇନର ସର୍ବେକ୍ଷଣ କାମ ଚାଲୁ ରହିଛି। ଚୁଡାନ୍ତ ରିପୋର୍ଟ ନୀତି ଆୟୋଗର ଅନୁମୋଦନ ପରେ ଜମି ଅଧିଗ୍ରହଣ ଓ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। କନ୍ଧମାଳକୁ ରେଳ ସଂଯୋଗ ହେଲେ ଜିଲାର ସାମାଜିକ ଓ ଅର୍ଥନୈତିକ ବିକାଶ ହେବ ବୋଲି ଫୋରମର ଆବାହକ ସୁନିଲ ପଟ୍ଟନାୟକ, ସଭାପତି ରାଧାମୋହନ ମହାପାତ୍ର, ଉପ ସଭାପତି ମହମ୍ମଦ ସାକିଲ ଓ ଆଇଏନଟିୟୁସି ଜିଲା ସଭାପତି ଘନ କୁମାର ଶବର ପ୍ରକାଶ କରିଛନ୍ତି। ଜିଲାର ସମସ୍ତଙ୍କୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ ଦାବି ପୂରଣ ପାଇଁ ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି।



ଫୋରମର କର୍ମକର୍ତ୍ତା।

# କଇଁଛଙ୍କ ଗଣ ଅଣ୍ଡାଦାନ ଲାଗି ବେଳାଭୂମି ସଫେଇ

**ଗଞ୍ଜାମ,୧୬।୨(ଡି.ଏନ.ଏ.)**

ଗଞ୍ଜାମ ଋଷିକୁଲ୍ୟା ମୁହାଣ ସମୁଦ୍ର ଉପକୂଳରେ ଆଉ କିଛିଦିନ ମଧରେ କଇଁଛ ଗଣ ଅଣ୍ଡାଦାନ କରିବେ। ସେମାନଙ୍କ ସୁରକ୍ଷା ପାଇଁ ପୋଡ଼ମପେଟା ଗୋଖରକୁଦା ବେଳାଭୂମିକୁ ରବିବାର ସଫେଇ କରାଯାଇଛି। ଗାୟତ୍ରୀ ପରିବାର ବିଶ୍ୱମଙ୍ଗଳ ଗୋକଲ୍ୟାଣ ସମିତି ଏବଂ ଦିଗବିଜୟୀ ୟୁଥ୍ କ୍ଲବ ପକ୍ଷରୁ ସଫେଇ କରାଯାଇଥିଲା। ଦିଗବିଜୟୀ ୟୁଥ୍ କ୍ଲବ ସଭାପତି ଉମାକାନ୍ତ ବେହେରା ଏବଂ ମହିଳା ସ୍ୱେଚ୍ଛାସେବୀ ତଥା ସମ୍ପାଦିକା ବିଜୟୀ ଲକ୍ଷ୍ମୀ ମହାକୁଡ଼ ଏହାର ନେତୃତ୍ୱ ନେଇଥିଲେ। ସଫେଇ ପାଇଁ ଦୁଇଟି ଗ୍ରୁପ ଗଠନ କରାଯାଇଥିଲା। ଗୋଟିଏ ଗ୍ରୁପ ପୋଡ଼ମପେଟା ଏବଂ ଅନ୍ୟ ଗ୍ରୁପ ଗୋଖରକୁଦା ବେଳାଭୂମି ସଫେଇ କରିଥିଲେ। ଏହି ଅବସରରେ ଏକ ସଚେତନତା ସଭା ମା' ଗଙ୍ଗାଦେବୀସ୍ଥିତ ବନ ବିଭାଗ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରମ୍ଭା ଫରେଷ୍ଟର ସୋମନାଥ ମଲିକ ଅଧକ୍ଷତା କରିଥିଲେ। ଗାୟତ୍ରୀ ପରିବାର ଦକ୍ଷିଣପୂର୍ବ ଜୋନ ମୁଖ୍ୟ ବୃନ୍ଦାବନ ମିଶ୍ର, ପାଳିବନ୍ଧ ସରପଞ୍ଚ ଦିଲୀପ ଛଟରାଏ, ଶିକ୍ଷାବିତ ପ୍ରଶାନ୍ତ ସ୍ୱାଇଁ, ରମ୍ଭା ଗାୟତ୍ରୀ ଶକ୍ତିପୀଠ ମୁଖ୍ୟ ପଞ୍ଚାନନ ଖଟୁଆ, ତ୍ରିନାଥ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ସମୁଦ୍ର କୂଳରେ ଜରି, ପଲିଥିନ ଆଦି ନ ପକାଇବା ପାଇଁ ମତ୍ସ୍ୟଜୀବୀଙ୍କୁ ସଚେତନ କରିବାକୁ ମତ ପ୍ରକାଶ ପାଇଥିଲା। ଏହି ଉପଲକ୍ଷେ ଗାୟତ୍ରୀ ପରିବାର ପକ୍ଷରୁ ସାମାଜିକ କର୍ମୀ ଉମାକାନ୍ତ ବେହେରା, ପ୍ରଶାନ୍ତ ସ୍ୱାଇଁ ଓ କୃଷ୍ଣ ନାୟକଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା।



ବେଳାଭୂମି ସଫେଇ କରିଥିବା ୨ ଗ୍ରୁପର ସଭ୍ୟ ଓ ଅନ୍ୟମାନେ।

## କ.ନୂଆଗାଁରେ ଶାମ୍ବ ରଥ ପରିକ୍ରମା

**କ.ନୂଆଗାଁ,୧୬।୨(ଡି.ଏନ୍.ଏ.)**

କ.ନୂଆଗାଁ ବ୍ଲକରେ ଶୁକ୍ରବାର ଶାମ୍ବ ରଥର ଶୁଭାରମ୍ଭ କରାଯାଇଛି। ଆସନ୍ତା ୨୯ ପର୍ଯ୍ୟନ୍ତ ଏହି ରଥ ବ୍ଲକର ବିଭିନ୍ନ ଅଞ୍ଚଳରେ ପରିକ୍ରମା କରିବ। ମେଡିକାଲ ପରିସରରେ ଉକ୍ତ ରଥକୁ ଡାକ୍ତର ରାକେଶ କୁମାର ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କୁଷ୍ଠ ରୋଗ ବିଷୟରେ ଜନସାଧାରଣଙ୍କୁ ସଚେତନ ସହ ଲିଫ୍‌ଲେଟ୍ ବଣ୍ଟନ କରାଯିବ। ବ୍ଲକରେ ଥିବା ୧୪ ପଞ୍ଚାୟତର ଆଶାକର୍ମୀମାନେ ଘର ଘର ବୁଲି ଛଉ ପରୀକ୍ଷା କରି ରୋଗୀଙ୍କୁ ଚିହ୍ନଟ କରିବେ। ରୋଗ ନିରାକରଣ ପାଇଁ ସେମାନଙ୍କୁ ଔଷଧ ଦିଆଯିବ। ବ୍ଲକ ନୋଡାଲ ଲେପର୍ସି କର୍ମୀ ରଞ୍ଜନ କୁମାର ମହାନ୍ତ, ପିଏଚ୍‌ଇଓ ଅନୀତା ନାୟକଙ୍କ ସମେତ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ସମ୍ପାଦନ କରିବେ।

# ମୋ ସ୍କୁଲ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଦିଗପହଣ୍ଡି,୧୬।୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ କୁଶପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ମୋ ସ୍କୁଲ ଯୋଜନା କାର୍ଯ୍ୟକ୍ରମ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବି.ଶଶାଙ୍କ ଦୋରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଇଓ ବସନ୍ତ କୁମାର ପଣ୍ଡା, ପାତ୍ରପୁର ବିଇଓ କୋରେଶୁ ସେଠୀ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ଉପାଧକ୍ଷା ପ୍ରତିନିଧି ଏମ୍.ନିରଞ୍ଜନ ରେଡ୍ଡୀ, ପୂର୍ବତନ ସରପଞ୍ଚ ଏସ୍.ଗାନ୍ଧୀ ଦୋରା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବାଳା ମାଝି, ବିଶ୍ରବା ପାଇକ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନରତ ୧୯୩ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରାୟ ୪୫ ସେଟ୍ ନୂତନ ବେଞ୍ଚ ଡେସ୍କର ଉଦ୍‌ଘାଟନ କରାଯାଇଥିଲା। ପ୍ରଧାନ ଶିକ୍ଷକ ବିପ୍ରଚରଣ ସେଠୀ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ବି.ଘନଶ୍ୟାମ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।

## କେଶରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶତବାର୍ଷିକୀ ସମାରୋହ

**ସୋରଡ଼ା,୧୬।୨(ଡି.ଏନ.ଏ.)**

ସୋରଡା ବ୍ଲକ ସୁରମଣି ପଞ୍ଚାୟତର କେଶରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ସମ୍ମାନିତ ଅତିଥି ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଜିଲା ପରିଷଦ ଅଧକ୍ଷା ସୋନମ ପଲାଇ, ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ସୂର୍ଯ୍ୟମଣି ଦାଶ, ସିଆର୍‌ସି ଗୋବିନ୍ଦ ସେଠୀ, ଶିକ୍ଷକ ପ୍ରିୟବ୍ରତ ବିଷୋୟୀଙ୍କ ପରିଚାଳନାରେ ପ୍ରାରମ୍ଭିକ ସଙ୍ଗୀତ ଗାନ ସହ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ହୋଇଥିଲା। ବିଦ୍ୟାଳୟ ପ୍ରାଥମିକ ସ୍ତରରୁ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତ ଗଠନରେ ଉନ୍ନତି ଆଣିବାକୁ ପଥ ପ୍ରଦର୍ଶନ କରିଥାଏ ବୋଲି ଅତିଥିମାନେ କହିଥିଲେ। ବିଦ୍ୟାଳୟ ସଭାପତି ସୂର୍ଯ୍ୟ ନାରାୟଣ ନାହାକ, ଗୋବିନ୍ଦ ସେଠୀ, ପ୍ରିୟବ୍ରତ ବିଷୋୟୀ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଘରେ ବସି ଫୋନ୍‌ରେ ସବୁ ସମସ୍ୟାର ସମାଧାନ
ଗୁରୁଜୀ ବଙ୍ଗାଲି ତାନ୍ତ୍ରିକ
ଆମ ପାଖରେ ବିଦ୍ୟା ଅଛି ମିଛ ପ୍ରତିଶ୍ରୁତି ନୁହେଁ ... ନିରାଶ ମାତା ଭଉଣୀ ନିଶ୍ଚୟ ଫୋନ୍ କରନ୍ତୁ ।
9917255848
9761318693

BUSINESS
ଖାଲିଥିବା ଜମି ଓ ଛାତ ଉପରେ Tower Vision ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 40,000,00-70,000,00/- ପାଆନ୍ତୁ ଓ ମାସକୁ ଭଡା 35,000 - 650000/- ଟଙ୍କା ପାଆନ୍ତୁ । + Agreement ଆଜି ହିଁ ସଂମ୍ପର୍କ କରନ୍ତୁ
Phase-4 Gurugram Haryana 122015
08794551889

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇଟାଭାଟୀ ଋଣ ଘରେବସି ପାଆନ୍ତୁ। କମ୍ ସୁଧ ଅଧିକ ରିହାତି। ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7419086063
7404603540

ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ ଋଣ ଉପଲବ୍ଧ
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୯୮୦

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS

FINANCE

FINANCE
NAB ଋଣ ଲିମିଟେଡ୍ ଆଣିଛି ସବୁ ସମସ୍ୟାର ସମାଧାନ 0% ସୁଧ 50% ଛାଡରେ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
Plot No 428/74, Shahnajaf Rd, Lucknow, Uttar Pradesh 226001
9410319710
7579455687

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

FINANCE
CAPITAL ଋଣ ସରକାରୀ ସ୍ୱୀକୃତିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ ଓ ସମ୍ପତି ଋଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ 45% ଛାଡ
No Guarantor/No Commission
Plot No 428/74, Shahnajaf Rd, Lucknow, Uttar Pradesh 226001
9499411272

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ହିନ୍ଦୁସ୍ତାନ ଟାୱାର୍
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ ।
7838639856
8929313996

ଭାରତର ନଂ.1 କମ୍ପାନୀ
1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ-60,00,000) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ- କୌଣସି ଟାୱାର/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ ଲଗାନ୍ତୁ) ।
ମୋ. 9411277198

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି । ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |

on every Tuesday & Friday

# ତାରାତାରିଣୀ ପୀଠକୁ ଗଡୁନି ସ୍ୱତନ୍ତ୍ର ବସ୍

## ପର୍ଯ୍ୟଟକ ଅସନ୍ତୁଷ୍ଟ, ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

**ପୁରୁଷୋତ୍ତମପୁର,୧୬।୨(ଡି.ଏନ.ଏ.)**

ଗଞ୍ଜାମ ଜିଲାର ଇଷ୍ଟଦେବୀ ମା' ତାରାତାରିଣୀଙ୍କ ମନ୍ଦିର ନିକଟକୁ ଯିବା ପାଇଁ ବ୍ରହ୍ମପୁରଠାରୁ ସ୍ୱତନ୍ତ୍ର ଏକ ଘରୋଇ ବସ୍ ଚଳାଚଳ କରୁଥିଲା। ଗତ କିଛିଦିନ ହେଲା ଏହି ବସ୍ ଚଳାଚଳ କରୁନାହିଁ। ଫଳରେ ବିଭିନ୍ନ ସ୍ଥାନରୁ ଏହି ପର୍ଯ୍ୟଟନସ୍ଥଳକୁ ଆସୁଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୀଠକୁ ଯିବା ନିମନ୍ତେ ଅନ୍ୟ କୌଣସି ବସ୍ ସୁବିଧା ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

ତାରାତାରିଣୀ ପୀଠ ଏକ ପର୍ଯ୍ୟଟନସ୍ଥଳ ହୋଇଥିବାରୁ ପ୍ରତ୍ୟହ ଏଠାକୁ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି। ପାହାଡ଼ ଉପରେ ଥିବା ମା'ଙ୍କ ମନ୍ଦିରକୁ ଯିବା ନିମନ୍ତେ କୌଣସି ବସ୍ ନ ଥିଲା। ଏଥିପ୍ରତି ମନ୍ଦିର ପ୍ରଶାସନ କି ଜିଲା ପ୍ରଶାସନ କେହି ଗୁରୁତ୍ୱ ଦେଉ ନ ଥିଲେ। ଶେଷରେ ପୁରୁଷୋତ୍ତମପୁର ମା'କନକେଶ୍ୱରୀ ଘରୋଇ ବସ୍ ମାଲିକ ସଂଘ ପର୍ଯ୍ୟଟକଙ୍କୁ ସୁବିଧା ଯୋଗାଇ ଦେବା ଲାଗି ଅଣ୍ଟା ଭିଡିଥିଲା। ବସ ମାଲିକମାନଙ୍କ ସହାୟତାରେ ଏକ ନୂତନ ବସ କିଣାଯାଇ କେବଳ ତାରାତାରିଣୀଙ୍କ ପୀଠକୁ ଚଳାଚଳ ଆରମ୍ଭ କରିଥିଲା। ଗତ ଜୁଲାଇ ୨ରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ, ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ କୁମାର ବିଶ୍ୱାଳଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀମାନେ ଏହି ବସ୍ ସେବାର ଉଦ୍‌ଘାଟନ କରିଥିଲେ। ବସ୍‌ଟି ସମୟ ସାରଣୀ ପ୍ରକାରେ ବ୍ରହ୍ମପୁର ରେଳ ଷ୍ଟେଶନଠାରୁ ତାରାତାରଣୀ ପାହାଡ ଉପର ମନ୍ଦିର ନିକଟକୁ ଚଳାଚଳ କରୁଥିଲା। ମାତ୍ର ଏହା କ୍ଷତିରେ ଚଳାଉଥିବାରୁ ଗତ କିଛିଦିନ ହେଲା ବସ୍‌କୁ ବନ୍ଦ କରାଯାଇଛି। ବସ୍ ମାଲିକ ସଂଘ ସଭାପତି ସନ୍ତୋଷ କୁମାର ପତି, ମୁନା ମହାନ୍ତି, କୈଳାସ ଚନ୍ଦ୍ର ମିଶ୍ରଙ୍କ ସମେତ ବହୁ ବସ ମାଲିକ ରବିବାର ଦୁଃଖ ପ୍ରକାଶ କରି କହିଛନ୍ତି ଯେ, ବସ୍‌ର ଫାଇନାନ୍ସ, ଟ୍ୟାକ୍ସ ପୈଠ କରିବାରେ ଅସୁବିଧା ହେଉଛି। ଅନ୍ୟପକ୍ଷରେ ଅଟୋ ଚାଳକମାନେ ସମସ୍ୟା ସୃଷ୍ଟି କରୁଛନ୍ତି। ବସ ଆସିବା ସମୟରେ ଯାତ୍ରୀଙ୍କୁ ଉଠାଇ ନେଉଛନ୍ତି। ଏ ନେଇ ସ୍ଥାନୀୟ ପୋଲିସ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। କେହି ମଧ୍ୟ ଗୁରୁତ୍ୱ ଦେଲେ ନାହିଁ। ଯଦ୍ୱାରା ଏହି ସ୍ୱତନ୍ତ୍ର ବସଟିକୁ ଚଳାଇବାରେ ସକ୍ଷମ ହୋଇନପାରି ବନ୍ଦ କରି ଦେଇଛୁ। ବସଟିକୁ ମନ୍ଦିର ଅଧୀନକୁ ନେଇ ସମ୍ପୂର୍ଣ୍ଣ ଦାୟିତ୍ୱ ପ୍ରଶାସନ ବହନ କରୁ ନଚେତ୍ ଏଥିରେ ହସ୍ତକ୍ଷେପ କରି ସମସ୍ତ ସୁବିଧା ଯୋଗାଇ ଦେଉ ବୋଲି ବସ ମାଲିକ ସଂଘ ପକ୍ଷରୁ ଅନୁରୋଧ କରାଯାଉଛି।

# କୋକଲବା, ଲେମ୍ବେଇରେ ସ୍ୱାସ୍ଥ୍ୟ ଶିବିର



ଲେମ୍ବେଇ ଶିବିର ପରିଦର୍ଶନ କରୁଛନ୍ତି ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ।

**ଭଞ୍ଜନଗର,୧୬।୨(ଡି.ଏନ.ଏ)**

ଭଞ୍ଜନଗର ବ୍ଲକ ଲେମ୍ବେଇ ଓ ଜଗନ୍ନାଥପ୍ରସାଦ ବ୍ଲକ କୋକଲବାରେ ରବିବାର କିମ୍ସ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା। ଉଭୟ ଶିବିରରେ ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଯେଉଁମାନଙ୍କୁ ଔଷଧ ଆବଶ୍ୟକ ମାଗଣାରେ ଯୋଗାଇ ଦିଆଯାଇଥିଲା। ଏଥିସହ ଯେଉଁମାନଙ୍କୁ ଅଧିକ ଚିକିତ୍ସାର ଆବଶ୍ୟକତା ରହିଛି ସେନେଇ ପରାମର୍ଶ ମଧ୍ୟ ଦିଆଯାଇଥିଲା। ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉଭୟ ଶିବିର ପରିଦର୍ଶନ କରି ଲୋକଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଆଗାମୀ ଦିନରେ ଲୋକଙ୍କୁ ଅଧିକ ସ୍ୱାସ୍ଥ୍ୟ ସେବା କିଭଳି ମିଳିପାରିବ ସେନେଇ କିମ୍ସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କିମ୍ସର ଡାକ୍ତର ମନୋରଞ୍ଜନ ମଲ୍ଲିକ, ଡ.ସୋହମ ଠାକୁର, ଡ. ଅଶୋକ, ଡ. ଅନୁଭବ ଗୁପ୍ତା, ଡ. ସୌରଭ କୁମାର ପଣ୍ଡିତ, ଡ.କେ.ଏମ.କୁମାର ଶିବିରରେ ଯୋଗଦେଇ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଭଞ୍ଜନଗର ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଜଗନ୍ନାଥପ୍ରସାଦ ଏମ୍‌ପି ପ୍ରତିନିଧି ବିପ୍ର ଚରଣ ବାରିକ, ଶୁଳପାଣି ଶତପଥୀ, କିଟ୍ ଅଧିକାରୀ ଶୁଭେନ୍ଦୁ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ବିଜେଡିରେ ମିଶ୍ରଣ ପର୍ବ

**ଛତ୍ରପୁର,୧୬।୨(ଡି.ଏନ.ଏ)**

ଛତ୍ରପୁର ଜୟବୀର ହନୁମାନ କ୍ଲବ ପକ୍ଷରୁ ରବିବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କ୍ଲବ ସମ୍ପାଦକ ତଥା ଓକିଲ ପରମାନନ୍ଦ ମିଶ୍ର, ଯୁଗ୍ମ ସମ୍ପାଦକ ଭାସ୍କର ଆଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଓକିଲ ପରମାନନ୍ଦ ମିଶ୍ର ଏବଂ ପୋଡାପଦରର ୫ ଜଣ ବିଜେଡିରେ ମିଶିଥିଲେ। ସେମାନଙ୍କୁ ବିଧାୟକ ସ୍ୱାଗତ କରିଥିଲେ। କ୍ଲବର ବିକାଶ ପାଇଁ ହାତ ପାଣ୍ଠିରୁ ଅନୁଦାନ ଦେବାକୁ ଛତ୍ରପୁର ବିଧାୟକଙ୍କୁ ଅନୁରୋଧ କରାଯାଇଥିଲା।


**PARADIP PORT TRUST**

**e-TENDER CALL NOTICE**

Name of the work : "**Supply, Installation & Commissioning of one Oceanographic Wave Rider Buoy fitted meteorological & oceanographic sensors and 5 years AMC**". Estimated cost : ₹ **3,04,50,000/-** Plus GST, Last date & time of submission of tender through on-line bidding is **1500 hrs.** on **Dt.07.03.2020**. For further details, please log on to the Website: https://eprocure.gov.in/eprocure/app.

**Dy. Conservator**

**PPT/PR/674/19-20, DT.14.02.2020**


# ନଡ଼ା ଗଦା ଜଳିଗଲା

**ଦିଗପହଣ୍ଡି,୧୬।୨(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ବି.ତୁରୁବୁଡ଼ି ପଞ୍ଚାୟତ ନରେନ୍ଦ୍ରପୁର ଗାଁର ଚାଷୀ ବୁଦ୍ଧିଆ ରେଡ୍ଡୀଙ୍କ ନଡ଼ାଗଦା ଜଳି ଯାଇଛି। ରବିବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟିଥିଲା। ଦିଗପହଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ପ୍ରାୟ ୨୦ ହଜାର ଟଙ୍କା ମୂଲ୍ୟର ନଡ଼ା ନଷ୍ଟ ହୋଇଥିବା କୁହାଯାଇଛି।

# ୨ ବହିଷ୍କୃତ ହେଲେଣି, ୧୪ ଜଣଙ୍କ ନାମରେ ମାମଲା

## ଜାଲ୍ ପ୍ରମାଣପତ୍ର ଦେଇ ଶିକ୍ଷକ ନିଯୁକ୍ତି

**କବିସୂର୍ଯ୍ୟନଗର,୧୬।୨**

ଗଞ୍ଜାମ ଜିଲାରେ ନକଲି ଶିକ୍ଷକ ଧରପଗଡ଼ ଜୋରଦାର ଚାଲିଛି। କବିସୂର୍ଯ୍ୟନଗର ଏନ୍‌ଏସି ଓ ବ୍ଲକରେ ମଧ ଜାଲ ସାର୍ଟିଫିକେଟ ଦେଇ ଶତାଧିକ ଶିକ୍ଷକ ଶିକ୍ଷକତା କରୁଥିବା ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ପକ୍ଷରୁ ଅଭିଯୋଗ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଶିକ୍ଷକମାନଙ୍କ ଶିକ୍ଷାଗତ ଓ ତାଲିମ ପ୍ରମାଣପତ୍ର ଯାଞ୍ଚ ହୋଇଥିଲା। ତେବେ କବିସୂର୍ଯ୍ୟନଗର ଆଠଗଡ଼ପାଟଣା ଏକ୍ସବୋର୍ଡ ୟୁପି ସ୍କୁଲର କୁନି ବେହେରା ଓ କନ୍ଧଖଇଡ଼ାର ଲକ୍ଷ୍ମୀ ସେଠୀଙ୍କ ପ୍ରମାଣପତ୍ର ନକଲି ଜଣାପଡିବାରୁ ସେମାନଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିବା ଓ ୧୪ ଶିକ୍ଷକଙ୍କ ନାମରେ ମାମଲା ହୋଇଥିବା ବିଇଓ ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କନିଆରୀ ପଞ୍ଚାୟତରେ ବାହାର ଜିଲାରୁ ଆସି ଯୋଗ୍ୟତା ନଥାଇ ଜଣେ ପାଠ ପଢ଼ାଉଥିବା ଗ୍ରାମବାସୀ ବିଇଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରାଯିବ ବୋଲି ବିଇଓ କହିଛନ୍ତି। କବିସୂର୍ଯ୍ୟନଗରର ବହୁ ସ୍କୁଲରେ ନକଲି ଶିକ୍ଷକଅଛନ୍ତି। ଏହାର ଖୋଳତାଡ଼ ଆରମ୍ଭ କରାଗଲେ ଶତାଧିକ ଧରାପଡ଼ିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ସାର୍ଟିଫିକେଟ ପ୍ରସ୍ତୁତକାରୀ, ସାଇବର ସେଣ୍ଟର, ମୁଖ୍ୟ ଦଲାଲ ଓ ମଧ୍ୟସ୍ଥିଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବାକୁ ଦାବି ହେଉଛି।

# ବୃତ୍ତିଭିତ୍ତିକ ପରାମର୍ଶ ପ୍ରଶିକ୍ଷଣ କର୍ମଶାଳା

**ଦିଗପହଣ୍ଡି,୧୬।୨(ଡି.ଏନ୍.ଏ.):** ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ସହାୟତାରେ ଦିଗପହଣ୍ଡି ବ୍ଲକ ବମୋକେଇ ଗ୍ରାମ ଚିଦାନନ୍ଦ ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶନିବାର ଯୁକ୍ତ ୨ ଛାତ୍ରୀଛାତ୍ର ମାନଙ୍କ ନିମନ୍ତେ ବୃତ୍ତି ଭିତ୍ତିକ ପରାମର୍ଶ ପ୍ରଶିକ୍ଷଣ କର୍ମଶାଳା (କ୍ୟାରିୟର କାଉନସେଲିଂ ପ୍ରୋଗ୍ରାମ) ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜକ ଅଧାପିକା ମମତା ମିଶ୍ରଙ୍କ ସଂଯୋଜନାରେ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଦେବଦତ୍ତ ସୁବୁଦ୍ଧି କର୍ମଶାଳାରେ ଅଧକ୍ଷତା କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜ ଅର୍ଥନୀତି ଅଧାପକ ଡ଼. କୃଷ୍ଣଚନ୍ଦ୍ର ପ୍ରଧାନ ମୁଖ୍ୟ ପରାମର୍ଶଦାତା ଭାବେ ଯୋଗଦେଇ ଯୁକ୍ତ ୨ ସ୍ତରରେ ଛାତ୍ରୀଛାତ୍ରମାନେ ବାଣିଜ୍ୟ ଓ ଅର୍ଥନୀତି ପାଠ୍ୟକ୍ରମକୁ ଗ୍ରହଣ କରି ସେଥିରେ ସଫଳତା ହାସଲ କଲେ କର୍ମନିଯୁକ୍ତି କ୍ଷେତ୍ରରେ ବ୍ୟାପକ ସୁଯୋଗ ରହିଥିବା ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମ ସହ ସଂଯୋଜକ ତଥା ଅଧାପକ ଏ. ଦୁର୍ଯୋଧନ ଏବଂ ବିବେକାନନ୍ଦ ମହାପାତ୍ରଙ୍କ ସମେତ ସମସ୍ତ ଅଧାପିକା ଅଧାପକ ଓ କର୍ମଚାରୀ ବୃନ୍ଦ କର୍ମଶାଳା ପରିଚାଳନାରେ ସହାୟତା କରିଥିଲେ।

# ଆବାସ ଯୋଜନା ଅନୁଧ୍ୟାନ କଲେ ବିଭାଗୀୟ ନିର୍ଦ୍ଦେଶକ

**ଆସିକା,୧୬।୨(ଡି.ଏନ୍.ଏ.)**



ଆବାସ ଯୋଜନା ନିର୍ଦ୍ଦେଶକଙ୍କ ଆବାସ କାର୍ଯ୍ୟକ୍ରମ ପରିଦର୍ଶନ।

ଆସିକା ଏନ୍‌ଏସିର ୧୮ଟି ୱାର୍ଡରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫ଶହରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଗୃହ ନିର୍ମାଣ ଲାଗି କାର୍ଯ୍ୟାଦେଶ ଦିଆ ସରିଥିଲାବେଳେ ରବିବାର ମଧ୍ୟାହ୍ନରେ ଓଡିଶା ସହରାଞ୍ଚଳ ଆବାସ ମିଶନର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ଦଳାଇ ବିଭିନ୍ନ ୱାର୍ଡରେ ଏହି ଯୋଜନାର ଅଗ୍ରଗତି ଅନୁଧ୍ୟାନ କରିଛନ୍ତି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡାଙ୍କ ସହ ନିର୍ଦ୍ଦେଶକ ଦଳାଇ ଏନ୍‌ଏସିର ଜୋକବନ୍ଧ ସାହି, ତୋଟା ହରିଜନ ସାହି, ଧୋବା ସାହି ଆଦି ଅଞ୍ଚଳରେ ଚାଲିଥିବା ଏହି ଯୋଜନାର କାର୍ଯ୍ୟ ବୁଲି ଦେଖିଥିଲେ। ହିତାଧିକାରୀଙ୍କୁ କାର୍ଯ୍ୟ ବିଳମ୍ବର କାରଣ ପଚାରି ବୁଝିଥିଲେ। ଏହାଛଡା ଉପଭୋକ୍ତାମାନଙ୍କୁ ସେମାନେ କରୁଥିବା କାର୍ଯ୍ୟର ପ୍ରାପ୍ୟ ସମ୍ପର୍କରେ ପଚାରି ବୁଝିବା ସହ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଏହି ଗୃହ ନିର୍ମାଣ କରି ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଅତିରିକ୍ତ ପ୍ରୋତ୍ସାହନ ରାଶି ହାସଲ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଆସିକା ଏନ୍‌ଏସିରେ ଅଦ୍ୟାବଧି ୫୩୦ ବାସଗୃହ ନିର୍ମାଣ ଲାଗି ଉପଭୋକ୍ତାଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବାବେଳେ ୨୫୦ ବାସଗୃହ ନିର୍ମାଣ ସରିଛି। ୧୭୦ ନୂତନ ବାସଗୃହ ନିର୍ମାଣ ନିମନ୍ତେ ଉପଭୋକ୍ତା ଚୟନ କରାଯାଇ ଅନୁମୋଦନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠା ଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି।


**OFFICE OF THE EXECUTIVE ENGINEER, SONEPUR (R&B) DIVISION**

E-mail ID: eepwdsnpr@gmail.com, eepwdsnpr@rediffmail.com, Ph. No.: 06654-221081

**CANCELLATION OF WORKS**

**BID IDENTIFICATION No. EE/R&B/SNPR/12/2019-20**

**No. 629** **Dt.6.2.2020**

Tender for the work : 1) "P/R to Dharmasala - Subalaya - Gariamunda Road (ODR) such as providing renewal coat with 25mm thick SDBC from 29/00 Km to 33/00 Km for the year 2019-20".
2) "P/R to Sambalpur-Sonepur Road (SH-15) such as renewal coat of SDBC from 67/00 Km to 70/250 Km for 2019-20" is hereby cancelled in all respect.

**Sd./- Executive Engineer**
**Sonepur (R&B) Division, Sonepur**

**OIPR-34081/11/0018/1920**

**ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସୁନ୍ଦରଗଡ଼**
**DISTRICT MINERAL FOUNDATION, SUNDARGARH**

**Letter No. 219 / (DMF)** **Dated the 12.02.2020**

**RFP NO:- DMF/SNG/15-2019-20**

| | | | |
|---|---|---|---|
| 1 | Nature of Work | :- | **Supply of Smart Class Room Furniture in Primary, Upper Primary & High Schools of Sundargarh District out of DMF Fund.** |
| 2 | Availability of bid document in the website | : | From 11.00 AM of 13.02.2020 to 04.03.2020 upto 5.00 PM |
| 3 | Last date of receipt of Bid | : | 04.03.2020 upto 5.00 PM |
| 4 | Mode of Receipt of Bids | : | Through Speed Post/ Registered Post (India Post)/ and by no other means |
| 5 | Date of opening of Technical Bid and Commercial Bid | : | 06.03.2020 at 11.00 AM |
| 6 | The bidders have to participate OFF-LINE bidding only. Further details can be seen from the Sundargarh District website **(www.sundergarh.nic.in).** Any addendum/ corrigendum/ cancellation of tender can also be seen in the said websites. If any query then contact E-mail ID- **dmfsundergarh@gmail.com** | | |

**Sd./- Collector & Chairperson, DMF, Sundargarh**

**ଚିଲିକା ବନ୍ୟପ୍ରାଣୀ ବନଖଣ୍ଡର କାଜୁ ମଞ୍ଜି (୨୦୧୯-୨୦ ପାଇଁ) ସଂଗ୍ରହ ନିମନ୍ତେ ଠିକା ପଦ୍ଧତି ଇସ୍ତାହାର**

No. MM-154: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ଥିବା କରାଖୋଲ କାଜୁ ଜଙ୍ଗଲରୁ କାଜୁ ସଂଗ୍ରହ ନିମନ୍ତେ ଜଉମୁଦଦିଆ ଟେଣ୍ଡର ନିର୍ଦ୍ଧାରିତ ଫର୍ମରେ ଆହ୍ୱାନ କରାଯାଉଅଛି। କାଜୁ ମଞ୍ଜି ସଂଗ୍ରହ ସମ୍ବନ୍ଧୀୟ ସବିଶେଷ ବିବରଣୀ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ, ଗୋପୀନାଥପୁର, ବାଲୁଗାଁ, ଜିଲ୍ଲା- ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ ନିମ୍ନଲିଖିତ କାର୍ଯ୍ୟଦିବସମାନଙ୍କରେ ଦିବା ୧୧.୦୦ ଘଟିକାଠାରୁ ଅପରାହ୍ନ ୨.୦୦ ଘଟିକା ସମୟରେ ମିଳିପାରିବ। ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଖୋଲିବାର ନିର୍ଦ୍ଧାରିତ ସମୟରେ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଅଂଶଗ୍ରହଣ କରିପାରିବେ କିମ୍ବା ତାଙ୍କର ମନୋନୀତ ପ୍ରତିନିଧିଙ୍କୁ ପ୍ରମାଣପତ୍ର ଦେଇ ହାଜର କରାଇପାରିବେ। ନିର୍ଦ୍ଧାରିତ ଫର୍ମରେ ଅମାନତ ଜମା ସହ ନିଜର ଗୋଟିଏ ସଦ୍ୟ ଫଟୋଗ୍ରାଫ, ସଲ୍‌ଭେନ୍ସି ପ୍ରମାଣପତ୍ର ଓ GST Clearance Certificate ତା୨୯।୦୨।୨୦୨୦ ପୂର୍ବାହ୍ନ ୧୧.୩୦ ଘଟିକା ସମୟ ମଧ୍ୟରେ ଜଉମୁଦ ଦିଆ ଲଫାପାରେ ଭର୍ତ୍ତି କରି ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ, ଗୋପୀନାଥପୁର, ବାଲୁଗାଁ, ଜିଲ୍ଲା- ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ଦାଖଲ କରିବାକୁ ପଡ଼ିବ।

| | | |
|---|---|---|
| ୧) ଟେଣ୍ଡର ଫର୍ମ ବିକ୍ରୟ ତାରିଖ/ସମୟ | : | ତା୨୬।୦୨।୨୦୨୦ ଓ ୨୭।୦୨।୨୦୨୦ ଦିନ (ସମସ୍ତ କାର୍ଯ୍ୟ ଦିବସରେ) ଦିବା ଘ.୧୧.୦୦ ଠାରୁ ଅପରାହ୍ନ ଘ.୦୨.୦୦ |
| ୨) ଟେଣ୍ଡର ଫର୍ମ ଦାଖଲର ଶେଷ ତାରିଖ/ସମୟ | : | ତା୨୯।୦୨।୨୦୨୦ ପୂର୍ବାହ୍ନ ଘ.୧୧.୩୦ ମଧ୍ୟରେ |
| ୩) ଟେଣ୍ଡର ଫର୍ମ ଖୋଲିବା ସମୟ | : | ତା୨୯।୦୨।୨୦୨୦ ମଧ୍ୟାହ୍ନ ଘ.୧୨.୦୦ ମିନିଟ୍ |
| ୪) ଟେଣ୍ଡର ଫର୍ମ ମୂଲ୍ୟ | : | ଟ. ୧୦୦ (ଏକଶହ) ବ୍ୟକ୍ତିଗତ ଭାବେ |

ସମସ୍ତ ସ୍ୱତ୍ୱାଧିକାର ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ସଂରକ୍ଷିତ ରହିବ। କୌଣସି କାରଣ ନ ଦର୍ଶାଇ ଯେ କୌଣସି ଟେଣ୍ଡରକୁ ଦରକାର ହେଲେ ନିମ୍ନ ସ୍ୱାକ୍ଷରକାରୀ ଅଧିକାରୀ ଖାରଜ ବା ପରିବର୍ତ୍ତନ କରିପାରିବେ।

**ସ୍ୱା./- ବନଖଣ୍ଡ ଅଧିକାରୀ**
**ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ, ବାଲୁଗାଁ**

**OIPR-08015/11/0003/1920**

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C) IDCO**

**IDCO TOWERS, JANPATH, BHUBANESWAR - 751022**

**Tender Call Notice No. IDCO/H.O./P&C/EST/E-1479/01/2019/3443** **Date: 13.02.2020**

**NOTICE INVITING TENDER UNDER NATIONAL COMPETITIVE BDDING THROUGH e-Procurement**

1. Name of the Work : Supply, Installation and Commissioning of high density storage system (optimizer) (including steel doors for both sides of bay with locking arrangements, rails for smooth movement of bay) for maximum utilization of space to store files and records at the basement floor of IDCO Tower, Janpath, Bhubaneswar including cost of all materials & labour, conveyance, loading & unloading, all taxes and duties as per the requirement and direction of the Engineer-in-Charge.
2. Estimated Cost : Rs.99.42 Lakh
3. Period of Completion : 03 (Three) Calendar Months
4. Other Details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID No. PC/ EST/E-59/ 2019-20 | 24.02.2020 at 17.00 Hrs. | 16.03.2020 upto 17.00 Hrs. |

Further details can be seen from the e-Procurement Portal **www.tendersodisha.gov.in** and Corrigendum if any will not be published in newspapers and can only be seen in the e-procurement portal **www.tendersodisha.gov.in and www.idco.in**.

**Sd./- Chief General Manager (P&C), I/C**

**OIPR-14003/11/0068/1920**

**OFFICE OF THE ENGINEER-IN-CHIEF, RURAL WATER SUPPLY & SANITATION,**
JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA
Tel: 0674-2395734, FAX: 0674-2394946, e-mail: cerwssodisha@gmail.com

No. O-1072

**INVITATION FOR BIDS (IFB)**
**BID IDENTIFIACTION NO. EIC/RWSS/48/2019-20**
**NO. 1239 Date: 14.02.2020**

| | | | |
|---|---|---|---|
| 1 | The Engineer-In-Chief, RWSS, Odisha, Bhubaneswar, on behalf of Panchayati Raj & Drinking Water Department, Governor of Odisha invite tenders in double cover system in ONLINE MODE only for Operation and Maintenance of Rural Piped water supply projectspertaining to 02 RWS&S Divisionsi.e Bhubaneswar &Cuttackfor a period of 3(three) years. | | |
| 2 | Nature of work | : | Operation and Maintenance works |
| 3 | Number of works | : | **02Nos individual works** |
| 4 | Cost of Bid Document | : | Rs. 10,000/- each work(Non-refundable) |
| 5 | Availability of Bid Documents in the portal for Online Bidding | : | **From 5:00 PM of 24.02.2020 to 5:00 PM of 24.03.2020.** |
| 6 | Date of opening of Bid in Online | : | **30.03.2020at 11:00 AM** |
| 7 | Name & address of officer inviting Bid: | | Engineer-in-Chief,RWSS Jal "O" ParimalBhawan, Unit-V, Bhubaneswar Ph: 0674-2395734/ 0674-2531533 e-mail: **cerwssodisha@gmail.com** |
| 8 | The bidders have to participate in ONLINE Bidding only for which the bidder must possess compatible Digital Signature Certificate (DSC) of Class II or Class III. Further details can be seen from the e-procurement portal **http://tendersorissa.gov.in** | | |

Sd/14.02.2020 Engineer-in-Chief, RWSS
**OIPR-25040/11/0023/1920**

**Government of Odisha**
**OFFICE OF THE SUPERINTENDING ENGINEER CUTTACK (R&B) CIRCLE, CUTTACK**
**( 'e' – PROCUREMENT NOTICE )**
**SHORT TENDER CALL NOTICE**

No. B-723

E-mail.ID-sectcrb_2006@yahoo.co.in
Tel/Fax – 0671-2301751/2302751

**Bid Identification No.S.E.Ctc.(R&B) 12/2019-20.**

1. The Superintending Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Building work as mentioned below.
2. No. of work :- 1 No.
3. Nature of work :- Building work.
4. Class of contractor :- 'B' & 'A', Class
5. Tender paper cost :- Rs.10000/- **(online)**
6. Available of bid documents in the web site. :- **From 17.02.2020 to 16.00 Hours of 26.02.2020**
7. Date of opening of bid :- **Dt. 27.02.2020 at 11.00 Hours.**
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said web site.

Sd/-T.P.Mishra
Superintending Engineer Cuttack(R&B)Circle
**OIPR-34012/11/0017/1920**

**OFFICE OF THE PRINCIPAL**
**UTKAL SANGEET MAHAVIDYALAYA, BHUBANESWAR**
**Sachivalaya Marg, Unit-IV, Bhubaneswar, PIN - 751001**
**E-mail: principalusm@gmail.com**
**Website: www.usmodisha.com**
**Phone No.: 0674-2503956/2974105**

**No. 187/USM** **Dated: 14.02.2020**

**TENDER CALL NOTICE**

No. RR-46: Sealed tenders are invited from reputed and registered Event Management Firms having GSTIN and up to date I.T. & GST Clearance Certificate with work experiences in Govt. Sector for necessary supply/arrangement of different items/works relating to celebration of **Jaydev Samaroha - 2020 (USM Annual FEST).**, scheduled to be held from **02.03.2020 to 04.03.2020** at Utkal Mandap, BBSR. Interested firms are intimated to submit their sealed tenders along with Technical & Financial Bid documents in the address of **O/o. the Principal, Utkal Sangeet Mahavidyalaya, Sachivalaya Marg, Unit-IV, BBSR - 751001** latest by **24.02.2020 (5 P.M.)** positively. The tenderers are advised to go through the USM website i.e. **www.usmodisha.com** to konw the details of terms and conditions of the said event.
The Principal reserves the right to accept or reject any tender without assigning any reason thereof.

**Dr. Tamasarani Dasmohapatra**
**Sd./- Principal**

OIPR - 03011/11/0002/1920

**GOVERNEMENT OF ODISHA**
**OFFICE OF THE SUPERINTENDING ENGINEER, N.H. CIRCLE (SOUTH) , BERHAMPUR**
**Phone : 0680-2281544, e-mail : senhsouthbam@gmail.com**
**INVITATIONS FOR BIDS (IFB) [e-Procurement]**

**No. 82-b**

**Bid Identification No. 04/2019-20 of SE NH, South** **No. 306 / Dated: 11.02.2020**

1) The **Superintending Engineer, N.H. Circle (south), Berhampur** on behalf of Governor of Odisha invites **percentage rate bid** in double cover system in **ONLINE MODE** from eligible contractors for construction of **Road works** as detailed in the table below.
2) Nature of work : Road
3) No. of work : 1 No.
4) Tender Cost : Rs.10,000/-
5) Class of Contractor : "A" Class & "B" Class
6) Availability of Bid document in the Website : From 19.02.2020 10.00 AM to 03.03.2020 10.00 AM
7) Date of Opening of Bid : 03.03.2020 at 10.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.
9) Any Corrigendum/Addendum/Cancellation of will be displayed in the e-tender website only.

**Superintending Engineer**
**NH Circle (south), Berhampur**
**OIPR-34148/11/0002/1920**

**OFFICE OF THE SUPERINTENDENT, ODISHA STATE ARCHIVES, BHUBANESWAR**

**TENDER NOTICE**

**No.232 /OSA** **Date: 14.02.2020**

No.RR-45 :- Bids in sealed covers are invited under two-bid system from reputed and experienced manpower service provider for providing service of 6 (Six) Nos. of technical persons for Digitization work, 1 (one) Mender, 1 (one) Binder for Conservation work & for day today official work (against the vacant posts of Group - D) 2 (two) Nos. Sweepers, 3 (three) Nos. Choukidars, 2 (two) Nos. Dusting Bearers, 1 (one) Peon and 1 (one) Sweeper-cum-Watcher on outsourcing basis for a period of one year which may likely to be extended if required. For office of the Superintendent, Odisha State Archives, Bhubaneswar. The details of the bidding process are as follows:

| Sl. No. | Bidding Schedule | Deadline |
|---|---|---|
| 1 | Date of Issue of Tender documents | 15.02.2020 to 25.02.2020 by 1.00 P.M |
| 2 | Last Date and Time for submission | 25.02.2020 dt. 5.30 P.M |
| 3 | Opening of Technical Bid | 11.30 A.M dt.26.02.2020 or the date & time fixed by the Tender Committee. |
| 4 | Opening of Financial Bid | 2.30 P.M dt.26.02.2020 or the date & time fixed by the Tender Committee |

The bid documents containing eligibility criteria, scope of the work, terms and conditions of the tender and draft agreement for the above will be available in the office of the undersigned on payment of Rs. 200/- in cash towards bid processing fee from 10.00 A.M. to 5.30 P.M. on any working day from 15.02.2020 to 25.02.2020 or can be downloaded from the website http//www.odishaarchives.nic.in or http//www.odishaculture.gov.in In case the application form is downloaded from the website the applicant shall deposit an amount of Rs.200/- (Rupees Two Hundred) only in cash towards bid processing fee. The money receipt shall be enclosed along with the tender application.

Bidders are required to submit the technical and financial bids separately. The bids in sealed Cover-I containing "Technical Bid" and sealed Cover-II containing "Financial Bid" should be placed in a third sealed cover superscribed "Bid for outsourcing of 6 (six) Nos. Technical persons for Digitization work, 1 (one) Mender, 1 (one) Binder for Conservation work & against the vacant posts of Group - D of Odisha State Archives, 2 (two) Nos. Sweepers, 3 (three) Nos. Choukidars, 2 (two) Nos. Dusting Bearers, 1 (one) Peon and 1 (one) Sweeper-cum-Watcher services for day to day official work. The tender must reach/drop in the tender box kept in the office on or before dt. 25.02.2020 by 5.30 P.M.

Superintendent, Odisha State Archives, Bhubaneswar reserves the right to accept or reject any or all tenders without assigning any reason thereof.


**Complete address for submission of bid :-** Superintendent, Odisha State Archives, Lok Seva Marga, Unit - IV, Bhubaneswar-751001.

**Sd./- Superintendent**
**Odisha State Archives, Bhubaneswar.**

**NB :- Before submission of the tender paper the bidder/tenderer may be consulted with the authority about the tender.**

**OIPR-03002/11/0007/1920**

# ମୁଣ୍ଡବ୍ୟଥାର ଘରୋଇ ଉପଚାର



ମୁଣ୍ଡବ୍ୟଥା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ତେବେ ଏପରି କେତେକ ଘରୋଇ ଉପଚାର ରହିଛି, ଯାହାଦ୍ୱାରା ଏଥରୁ ଅନେକାଂଶରେ ଉପଶମ ମିଳିପାରିବ। ସେ ସମ୍ପର୍କରେ ଟିପ୍ସ...

- ଡାଲଚିନି ଗୁଣ୍ଡକୁ ପାଣିରେ ମିଶାଇ ମଥାରେ ଲେପ ଦେଲେ ମୁଣ୍ଡ ବିନ୍ଧାରୁ ଉପଶମ ମିଳିଥାଏ।
- ଖରାଦିନରେ ମୁଣ୍ଡ ବିନ୍ଧିଲେ ମଥାରେ ଚନ୍ଦନର ଲେପ ଦେଲେ ଏଥିରୁ ଆରାମ ମିଳେ।
- ମୁଣ୍ଡରେ ନଡ଼ିଆ ତେଲ ଭଲ ଭାବରେ ମାଲିସ କଲେ ତାହା ମୁଣ୍ଡ ବିନ୍ଧା ସମସ୍ୟାରୁ କେତେକାଂଶରେ ମୁକ୍ତି ଦେଇଥାଏ।
- ଗ୍ଲାସେ ପାଣିରେ ଅଳ୍ପ ଲେମ୍ବୁରସ ମିଶାଇ ପିଅନ୍ତୁ। ଏହାଦ୍ୱାରା ମୁଣ୍ଡବିନ୍ଧାରୁ ଉପଶମ ମିଳିଥାଏ।
- ଯଦି ଥଣ୍ଡା ଯୋଗୁ ମୁଣ୍ଡବିନ୍ଧା ହେଉଥାଏ ତେବେ ମିଶ୍ରି ଏବଂ ଧନିଆକୁ ପାଣିରେ ମିଶାଇ ଫୁଟାନ୍ତୁ। ଏହି ପାଣିକୁ ପିଇଲେ ମୁଣ୍ଡବିନ୍ଧାରୁ କେତେକାଂଶରେ ଲାଘବ ମିଳିଥାଏ।
- ଯଦି ମାନସିକ ଚାପରୁ ମୁଣ୍ଡ ବିନ୍ଧୁଛି ତେବେ ୨-୩ଟି ଲବଙ୍ଗ ଏବଂ ଅଳ୍ପ ଲୁଣକୁ ଭଲ ଭାବରେ ବାଟି ଏହି ମିଶ୍ରଣକୁ କ୍ଷୀରରେ ମିଶାଇ ପିଅନ୍ତୁ।

# ଭାରତୀୟ ବୈଜ୍ଞାନିକଙ୍କ ନାମରେ ନକ୍ଷତ୍ର



ଇଂ. ମାୟାଧର ସ୍ୱାଇଁ





ବିଭା ଚୌଧୁରୀ

ଅନ୍ତର୍ଜାତୀୟ ଜ୍ୟୋତିର୍ବିଦ୍ୟା ସଂଘ ୨୦୧୯ ମସିହା ଡିସେମ୍ବର ୧୭ ତାରିଖରେ ବିଶେଷ ଭାବେ ଜଣା ନ ଥିବା ଜଣେ ଭାରତୀୟ ପଦାର୍ଥ ବିଜ୍ଞାନୀଙ୍କ ନାମରେ ଗୋଟିଏ ନକ୍ଷତ୍ରର ନାମକରଣ କରି ତାଙ୍କୁ ଗୌରବାନ୍ୱିତ କରିଛି। ସେକ୍‌ଟାନ୍‌ସ ନକ୍ଷତ୍ର ମଣ୍ଡଳରେ ଥିବା ଏହି ନକ୍ଷତ୍ର ହେଉଛି HD 86081 ଏବଂ ଏହା ଆମଠାରୁ ୩୧୦ ଆଲୋକବର୍ଷ ଦୂରରେ ଅଛି। ଏହାର ଆକାର ହେଉଛି ସୂର୍ଯ୍ୟ ଆକାରର ୧.୫୫ ଗୁଣ। ଏହାର ବସ୍ତୁତ୍ୱ ହେଉଛି ସୂର୍ଯ୍ୟ ବସ୍ତୁତ୍ୱର ୧.୨୧ ଗୁଣ। ଏହା ସୂର୍ଯ୍ୟଠାରୁ ୧.୭୫ ଗୁଣ ଉଜ୍ଜ୍ୱଳ। ଏହାର ପୃଷ୍ଠ ତାପମାତ୍ରା ହେଉଛି ୬୦୦୦ କେଲ୍‌ଭିନ୍। ଏହାକୁ କେବଳ ଦୂରବୀକ୍ଷଣ ଯନ୍ତ୍ରରେ ଦେଖିହୁଏ।

ଅନ୍ତର୍ଜାତୀୟ ଜ୍ୟୋତିର୍ବିଦ୍ୟା ସଂଘ ୧୯୧୯ ଜୁଲାଇ ୨୮ ତାରିଖରେ ଗଠିତ ହୋଇଥିଲା। ଏହା ଗତବର୍ଷ ତାହାର ଶତବାର୍ଷିକୀ ଉତ୍ସବ ପାଳନ କରିଥିଲା। ଏହି ଉପଲକ୍ଷେ ଏହା କେତୋଟି ନିର୍ବାଚିତ ନକ୍ଷତ୍ର ଓ ସେଗୁଡ଼ିକର ଗ୍ରହଗୁଡ଼ିକର ନାମକରଣ କରିବାକୁ ଚାହିଁଲା। ଏଥିପାଇଁ ଏହା ପ୍ରତିଯୋଗିତା ମାଧ୍ୟମରେ ନାମ ସ୍ଥିର କରିବାକୁ ବିଭିନ୍ନ ଦେଶକୁ କହିଥିଲା। ଆମ ଭାରତ ଭାଗରେ HD 86081 ନକ୍ଷତ୍ର ଓ ଏହାକୁ ପରିକ୍ରମଣ କରୁଥିବା ଗ୍ରହ HD 86081ରେ ନାମକରଣ କରିବାକୁ ପଡ଼ିଲା। ବିଭିନ୍ନ ପ୍ରସ୍ତାବ ଆସିବା ପରେ ଶେଷରେ ନକ୍ଷତ୍ରର ନାମ ଭାରତର ଜଣେ ପଦାର୍ଥ ବିଜ୍ଞାନୀ ବିଭା ଚୌଧୁରୀଙ୍କ ନାମାନୁଯାୟୀ 'ବିଭା' ରଖାଗଲା। ଏହି ନାମକୁ ସୁରଟସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ଜାତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାର ୨୨ ବର୍ଷର ଛାତ୍ରୀ ଅନନ୍ୟା ଭଟ୍ଟାଚାର୍ଯ୍ୟ ପ୍ରସ୍ତାବ ଦେଇଥିଲେ। ସେହିପରି ଗ୍ରହର ନାମକୁ ପୁଣେର ଜଣେ ୧୩ ବର୍ଷର ଛାତ୍ର ବିଦ୍ୟାସାଗର ଦାଉଦାଙ୍କ ପ୍ରସ୍ତାବ ଅନୁଯାୟୀ 'ସନ୍ତାମାସ' ରଖାଯାଇଛି। ଏହା ଗୋଟିଏ ସଂସ୍କୃତ ଶବ୍ଦ ଯାହାର ଅର୍ଥ ହେଉଛି ଅନ୍ଧକାର। ଏହି ଗ୍ରହଟିର ଆକାର ହେଉଛି ବୃହସ୍ପତି ଆକାରର ୧.୪୮ ଗୁଣ ଏବଂ ଏହା ବୃହସ୍ପତି ପରି ହେଉଛି ଗୋଟିଏ ଗ୍ୟାସୀୟ ଗ୍ରହ। ଏହାକୁ ୨୦୦୬ ମସିହାରେ ଆବିଷ୍କାର କରାଯାଇଥିଲା।


ବିଭା ଚୌଧୁରୀଙ୍କୁ ଅନ୍ତର୍ଜାତୀୟ ଜ୍ୟୋତିର୍ବିଦ୍ୟା ସଂଘ ଦ୍ୱାରା ସ୍ୱୀକୃତି ମିଳିବା ପୂର୍ବରୁ ଅଳ୍ପ ଭାରତୀୟ ତାଙ୍କ ବିଷୟରେ ଜାଣିଥିବେ, ଯଦିଓ ସେ ଜଣେ ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଥିଲେ। ସେ ୧୯୧୩ ମସିହାରେ କଲିକତାଠାରେ ଜନ୍ମଗ୍ରହଣ କରିଥିଲେ। ସେ ୧୯୩୬ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ। ସେହିବର୍ଷ ବିଶ୍ୱବିଦ୍ୟାଳୟରେ ଏମ୍.ଏସ୍‌ସି. ଡିଗ୍ରୀ ପାଇବାରେ ସେ ଏକମାତ୍ର ମହିଳା ଥିଲେ। ସେ ଏହାପରେ ସେଠାରେ ଦେବେନ୍ଦ୍ର ମୋହନ ବୋଷଙ୍କ ଅଧୀନରେ ଗବେଷଣା କଲେ। ବୋଷ ସେଠାରେ ପାଳିତ ପ୍ରଫେସର ଥିଲେ। ବୋଷ ଏହାପରେ ନିର୍ଦ୍ଦେଶକ ଭାବେ କଲିକତାର 'ବୋଷ ଅନୁଷ୍ଠାନ'ରେ ଯୋଗଦେବା ପରେ ବିଭା ମଧ୍ୟ ସେହି ଅନୁଷ୍ଠାନରେ ଯୋଗଦେଲେ। ସେ ସେଠାରେ ବୋଷଙ୍କ ସହ ମିଶି ମେସନ୍ କଣିକା ଆବିଷ୍କାର କରିଥିଲେ ଏବଂ ୧୯୩୮ରୁ ୧୯୪୨ ମସିହା ମଧ୍ୟରେ 'ନେଚର' ପତ୍ରିକାରେ ଏହା ଉପରେ ତିନୋଟି ନିବନ୍ଧ ପ୍ରକାଶ କରିଥିଲେ। ସେ ୧୯୪୫ ମସିହାରେ ଇଂଲଣ୍ଡର ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟରେ ନୋବେଲ ବିଜ୍ଞାନୀ ପି.ଏମ୍.ଏସ୍. ବ୍ଲାକେଟ୍‌ଙ୍କ ମହାକାଶ ରଶ୍ମି ଗବେଷଣାଗାରରେ ପିଏଚ୍.ଡି. କରିବା ପାଇଁ ଗଲେ। ପିଏଚ୍.ଡି. ଡିଗ୍ରୀ ପ୍ରାପ୍ତ ହେବାପରେ ସେ ୧୯୪୯ ମସିହାରେ ବମ୍ବେସ୍ଥିତ ଟାଟା ମୌଳିକ ଗବେଷଣା ପ୍ରତିଷ୍ଠାନରେ ଯୋଗଦେଇ ହୋମି ଭାବାଙ୍କ ସହିତ କାର୍ଯ୍ୟ କଲେ। ସେ ଅହମ୍ମଦାବାଦଠାରେ ପଦାର୍ଥ ବିଜ୍ଞାନ ଗବେଷଣା ପରୀକ୍ଷାଗାରଠାରେ ବିକ୍ରମ ସରାଭାଇଙ୍କ ସହିତ ମଧ୍ୟ କାର୍ଯ୍ୟ କରିଥିଲେ। ଏମ୍.ଜି.କେ. ମେନନ୍‌ଙ୍କ ନେତୃତ୍ୱରେ କୋଲାର ସୁନାଖଣିରେ କରାଯାଇଥିବା 'ପ୍ରୋଟୋନ୍ କ୍ଷୟ ପରୀକ୍ଷା' ପ୍ରକଳ୍ପ ଦଳରେ ସେ ମଧ୍ୟ ସାମିଲ ହୋଇଥିଲେ। ସେ ୧୯୯୧ ମସିହା ଜୁନ୍ ଦୁଇ ତାରିଖରେ ପ୍ରାଣତ୍ୟାଗ କରିଥିଲେ। ବିଭା ଚୌଧୁରୀ ଉଚ୍ଚସ୍ତରର ଗବେଷଣା କରିବା ସହିତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଅନେକ ବିଶିଷ୍ଟ ବୈଜ୍ଞାନିକଙ୍କ ସହ କାର୍ଯ୍ୟ କରିଥିଲେ ସୁଦ୍ଧା ଭାରତୀୟ ବିଜ୍ଞାନରେ ସେ ସ୍ୱୀକୃତି ପାଇ ନ ଥିଲେ ଏବଂ ଜନସାଧାରଣଙ୍କ ପାଖରେ ଜଣେ ଅଜଣା ବୈଜ୍ଞାନିକ ଭାବେ ରହିଗଲେ। ସୂଚନାଯୋଗ୍ୟ ଯେ, ସେ ମେସନ୍ ଆବିଷ୍କାର କରିବାର ସାତବର୍ଷ ପରେ ଇଂଲଣ୍ଡର ବୈଜ୍ଞାନିକ ସେସିଲ୍ ଫ୍ରାଙ୍କ୍ ପୋୱେଲ୍ ସମାନ ଉପାୟରେ ଗବେଷଣା କରି ସେହି ଆବିଷ୍କାର କରିଥିଲେ ଏବଂ ଏଥିପାଇଁ ତାଙ୍କୁ ୧୯୫୦ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ମାତ୍ର ବିଭାଙ୍କ ଅବଦାନକୁ କୌଣସି ସ୍ୱୀକୃତି ମିଳିଲା ନାହିଁ।

> "ଅନ୍ତର୍ଜାତୀୟ ଜ୍ୟୋତିର୍ବିଦ୍ୟା ସଂଘ ୧୯୧୯ ଜୁଲାଇ ୨୮ରେ ଗଠିତ ହୋଇଥିଲା। ଏହା ଗତବର୍ଷ ତାହାର ଶତବାର୍ଷିକୀ ଉତ୍ସବ ପାଳନ କରିଥିଲା। ଏହି ଉପଲକ୍ଷେ ଏହା କେତୋଟି ନିର୍ବାଚିତ ନକ୍ଷତ୍ର ଓ ସେଗୁଡ଼ିକର ଗ୍ରହଗୁଡ଼ିକର ନାମକରଣ କରିବାକୁ ଚାହିଁଲା। ଏଥିପାଇଁ ଏହା ପ୍ରତିଯୋଗିତା ମାଧ୍ୟମରେ ନାମ ସ୍ଥିର କରିବାକୁ ବିଭିନ୍ନ ଦେଶକୁ କହିଥିଲା। ଆମ ଭାରତ ଭାଗରେ HD 86081 ନକ୍ଷତ୍ର ଓ ଏହାକୁ ପରିକ୍ରମଣ କରୁଥିବା ଗ୍ରହ HD 86081ରେ ନାମକରଣ କରିବାକୁ ପଡ଼ିଲା। ବିଭିନ୍ନ ପ୍ରସ୍ତାବ ଆସିବା ପରେ ଶେଷରେ ନକ୍ଷତ୍ରର ନାମ ଭାରତର ଜଣେ ପଦାର୍ଥ ବିଜ୍ଞାନୀ ବିଭା ଚୌଧୁରୀଙ୍କ ନାମାନୁଯାୟୀ 'ବିଭା' ରଖାଗଲା।"

ଭାରତରେ ଥିବା ତିନୋଟି ବଡ଼ ବିଜ୍ଞାନ ଏକାଡେମୀକୁ ମଧ୍ୟ ସେ ନିର୍ବାଚିତ ହୋଇ ନ ଥିଲେ କିମ୍ବା ତାଙ୍କୁ କୌଣସି ଉଲ୍ଲେଖନୀୟ ପୁରସ୍କାର ପ୍ରଦାନ କରାଯାଇ ନ ଥିଲା। ଏପରି କି ବାଙ୍ଗାଲୋରସ୍ଥିତ ଭାରତୀୟ ବିଜ୍ଞାନ ଏକାଡେମୀ ଭାରତର ୧୦୦ ଜଣ ବିଶିଷ୍ଟ ମହିଳା ବୈଜ୍ଞାନିକଙ୍କ କୃତିକୁ ନେଇ ପ୍ରକାଶ କରିଥିବା ପୁସ୍ତକରେ ବିଭାଙ୍କ ନାମ ନାହିଁ। ଯାହାହେଉ, ଅନ୍ତର୍ଜାତୀୟ ଜ୍ୟୋତିର୍ବିଦ୍ୟା ସଂଘ ତାଙ୍କ ନାମକୁ ନେଇ ଆକାଶରେ ରଖିଲା ଏବଂ ଭାରତୀୟମାନେ ତାଙ୍କୁ ଜାଣିବାକୁ ପାଇଲେ।

-୭୦, ଲକ୍ଷ୍ମୀବିହାର, ଫେଜ୍-୧, ଭୁବନେଶ୍ୱର
ମୋ: ୯୪୩୮୬୯୩୭୨୪

## ପାଠପଢ଼ା ଆଗ୍ରହକୁ ସକ୍ରିୟ କରେ ବ୍ୟାୟାମ



ଆଜିକାଲି ନିଜକୁ ଫିଟ୍ ଏବଂ ସୁସ୍ଥ ରଖିବା ପାଇଁ ଅନେକ ବ୍ୟାୟାମକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରୁଛନ୍ତି। ପ୍ରତିଦିନ ସକାଳେ କିଛି ସମୟ ବ୍ୟାୟାମ କଲେ ତାହାର କେତେ ସୁଫଳ ମିଳେ ତାହା ଅନୁଭବୀ ହିଁ ଜାଣେ। ଏବେ ତ ଅନେକ ଯୁବପିଢ଼ି ତଥା ପାଠପଢ଼ା ସହ ସଂପୃକ୍ତ ପିଲା ମଧ୍ୟ ବ୍ୟାୟାମ କରୁଛନ୍ତି। ଏହାଦ୍ୱାରା ପାଠ ପଢ଼ିବା ପ୍ରତି ସେମାନଙ୍କର ଆଗ୍ରହ ବଢ଼ିଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡିଛି। ଏହାର ପରିସରଭୁକ୍ତ ପିଲାମାନଙ୍କ ମଧ୍ୟରୁ ଯେଉଁମାନେ ନିୟମିତ ବ୍ୟାୟାମ କରୁଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୭୦ ପ୍ରତିଶତଙ୍କର ପାଠପଢ଼ା ପ୍ରତି ଆଗ୍ରହ ବଢୁଥିବାର ଲକ୍ଷ୍ୟ କରାଯାଇଥିଲା ବୋଲି ଟୋକିଓ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ବ୍ୟକ୍ତିତ୍ୱ ବଢ଼ାଏ ଖାଇବା ଶୈଳୀ

ଖାଇବା ଶୈଳୀ ଯୋଗୁ ବ୍ୟକ୍ତିତ୍ୱ ବଢ଼ିଥାଏ-ଏପରି ରୋଚକ କଥାକୁ ଅନେକ ହୁଏତ ବିଶ୍ୱାସ କରି ନ ପାରନ୍ତି। ହେଲେ ଏହା ଉପରେ ଦୃଢ଼ୋକ୍ତି ବକ୍ତ କରିଛନ୍ତି ୱାଶିଂଟନ୍ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ। 'ବ୍ୟକ୍ତିତ୍ୱ ଓ ଖାଇବା ଶୈଳୀ' ବିଷୟ ଉପରେ ସେମାନେ ନିକଟରେ ଏକ ସର୍ଭେ କରି ଏଭଳି କଥା ଜାଣିପାରିଛନ୍ତି। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କର ଖାଇବା ଶୈଳୀ ଉପରେ ନଜର ରଖାଯିବା ସହ ଏହାଦ୍ୱାରା ସେମାନଙ୍କ ବ୍ୟକ୍ତିତ୍ୱ କିପରି ପ୍ରଭାବିତ ହେଉଛି ତାହା ଲକ୍ଷ୍ୟ କରାଯାଇଥିଲା। ବିଶେଷଭାବରେ ଶୃଙ୍ଖଳିତ ଖାଇବା ଶୈଳୀକୁ ଅନୁସରଣ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବ୍ୟକ୍ତିତ୍ୱ ଅନ୍ୟମାନଙ୍କ ତୁଳନାରେ ପ୍ରଶଂସିତ ହେଉଥିବାର ସେମାନେ ଜାଣିବାକୁ ପାଇଥିଲେ।





## ବ୍ୟାକ୍ଟେରିଆକୁ ରୋକିବ ଲାଳ

ସାଧାରଣତଃ ବ୍ୟାକ୍ଟେରିଆ ଯୋଗୁ ଆମେ କେତେକ ରୋଗର ସମ୍ମୁଖୀନ ହୋଇଥାଉ। ତେବେ ଏହାକୁ ପ୍ରତିହତ କରିବାରେ ଲାଳର ଭୂମିକା ରହିଛି ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ବିଶେଷଭାବରେ ଆମେ ଖାଇବା ପରେ ଭଲ ଭାବରେ ପାଟି ସଫା ନ କଲେ ତା' ଭିତରେ ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାଆନ୍ତି। ହେଲେ ଆମ ପାଟିରୁ କ୍ଷରଣ ହେଉଥିବା ଲାଳରେ ଏପରି ତତ୍ତ୍ୱ ରହିଛି, ଯାହା ଏପରି ବ୍ୟାକ୍ଟେରିଆଙ୍କ ବଂଶବୃଦ୍ଧିକୁ ସହଜରେ ରୋକି ପାରିବ। ପରୀକ୍ଷାମୂଳକ ଭାବରେ ଏ କ୍ଷେତ୍ରରେ ମଧ୍ୟ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସଫଳ ହୋଇଛନ୍ତି।

## ଜଳବାୟୁ ପରିବର୍ତ୍ତନ ବନାମ ବିବର୍ତ୍ତନ

ମନୋରଞ୍ଜନ ମହାନ୍ତି

(ଶେଷ ଭାଗ)

ଏହି ଜଳବାୟୁ ପରିବର୍ତ୍ତନ ଏକ ସମୟରେ ହୁଏତ ଗୋଟିଏ ଜିଲା, ଦୁଇଟି ରାଜ୍ୟ, ତିନୋଟି ଦେଶ, ଚାରୋଟି ମହାଦେଶରେ ହୋଇପାରେ; ମାତ୍ର ସାରା ପୃଥିବୀରେ ଘଟି ନ ପାରେ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ଥାନିକ (ସମୀମ/ଅସୀମ) କିମ୍ବା ଲୌକିକ ଘଟିଥିଲା। ପୁନଶ୍ଚ ବ୍ରିଟେନ, ୟୁରୋପ, ଉତ୍ତର ଆମେରିକା ଓ ଜାପାନରେ ୧୮୫୦-୧୯୩୦ ମଧ୍ୟରେ ୨ୟ ଶିଳ୍ପ ବିପ୍ଳବ ହୋଇଥିଲା। ପୁନଶ୍ଚ ବାତଚକ୍ରର ଇତିହାସକୁ ଅନୁଧ୍ୟାନ କଲେ ୧୬୪୩ରୁ ୧୮୫୧ ମଧ୍ୟରେ ଆମେରିକାରେ ବର୍ଷକୁ କାଁ ଭାଁ ଗୋଟିଏ ଲେଖାଏଁ ଟର୍ଣ୍ଣାଡ଼ୋ (ପ୍ରଳୟ) ଘଟୁଥିଲା, କିନ୍ତୁ ୧୯୨୧-୧୯୩୦ ଏବଂ ୨୦୦୦-୨୦୧୦ ମଧ୍ୟରେ ବର୍ଷକୁ ହାରାହାରି ଭାବରେ ଯଥାକ୍ରମେ ୧.୩ ଏବଂ ୭.୨ ଟର୍ଣ୍ଣାଡ଼ୋ ହୋଇଛି। ଅତୀତରେ ଭାରତରେ ବିଶେଷକରି ଉପକୂଳ ଅଞ୍ଚଳରେ ଝଡ଼ କିମ୍ବା ତୋଫାନ ଦୈବାତ୍ ଘଟୁଥିଲା। ସେତେବେଳେ ଲୋକମାନେ ଏହାକୁ ପ୍ରକୃତିର ମର୍ଜି ବୋଲି କହୁଥିଲେ।



**ଜଳବାୟୁ ପରିବର୍ତ୍ତନର ସମ୍ଭାବ୍ୟ ପରିଣାମ**

ତାପମାତ୍ରାରେ ବୃଦ୍ଧି ଘଟିବ। ପ୍ରାଣୀ ବିଶେଷକରି ସରୀସୃପମାନଙ୍କର ଲିଙ୍ଗ ଅନୁପାତରେ ବିଷମତା ଘଟି ପ୍ରଜାତି ନିଶ୍ଚିହ୍ନ ହୋଇଯିବେ। ଉଦ୍ଭିଦମାନଙ୍କର ଋତୁକାଳୀନ ଚେହେରାରେ ପରିବର୍ତ୍ତନ ଆସିବ। ଅଙ୍ଗୀୟ ବୃଦ୍ଧି ସମୟରେ ହ୍ରାସ ଘଟି ହଠାତ୍ ପ୍ରଜନନ ପର୍ଯ୍ୟାୟ ଆସିବାରୁ ଉତ୍ପାଦନରେ ହ୍ରାସ ଘଟିବ। ଏହା ଦର୍ଶାଯାଉଅଛି ଯେ ଗ୍ରୀନ୍‌ଲ୍ୟାଣ୍ଡର ଗଚ୍ଛିତ ବରଫରାଶି ବାର୍ଷିକ ୨୮୦ ବିଲିୟନ ଟନ୍ ହାରରେ ତରଳୁଅଛି; ଫଳରେ ଆସନ୍ତା ଦଶନ୍ଧିରେ ସମୁଦ୍ର ଜଳ ପତ୍ତନ ୩.୨ ମିଟର ବୃଦ୍ଧି ପାଇବ। ସମୁଦ୍ର ଜଳ ଅଧିକ ଅମ୍ଳ ହେବ। ଅତଏବ ଜଳଚରମାନଙ୍କର ଖାଦ୍ୟ ଏବଂ ବାସସ୍ଥାନ ଆଶଙ୍କିତ ହେବ। ସ୍ଥଳରେ ଏବଂ ନଭଶ୍ଚର ଜୀବମାନଙ୍କର ଖାଦ୍ୟଶୃଙ୍ଖଳ ମଧ୍ୟ ପ୍ରଭାବିତ ହେବ। ଉଭୟ ଜଳମିତ୍ର ଉଦ୍ଭିଦ ଯଥା- ବିଲାତିଦଳ, ବ୍ରାହ୍ମୀ ଇତ୍ୟାଦି ଏବଂ ଜଳଅଇରୀ ଉଦ୍ଭିଦ ଯଥା- ସାରୁ, ପଦ୍ମ ଇତ୍ୟାଦି ଆଶଙ୍କିତ ହେବେ। ପ୍ରକ୍ରିୟାକରଣ ଖାଦ୍ୟ ଖାଉଥିବା ସଜୀବ ଅଧିକ ତିଷ୍ଠି ରହିବେ। ପର୍ବତ ଏବଂ ଉପକୂଳଠାରୁ ମାଳଭୂମି ମନୁଷ୍ୟ ପାଇଁ ନିରାପଦ ହେବ।

ଧରିନିଅନ୍ତୁ ଆମେ ବିବର୍ତ୍ତନତତ୍ତ୍ୱରେ ବିଶ୍ୱାସକରୁ; ସୃଷ୍ଟିତତ୍ତ୍ୱ, ବିଚାର ବାହାରେ ରହୁ। ବିବର୍ତ୍ତନରେ ଅନେକ ଜୀବ ପ୍ରଜାତି କାଳକ୍ରମେ ଧରାପୃଷ୍ଠରୁ ନିଶ୍ଚିହ୍ନ ହୋଇଛନ୍ତି, ହେଉଛନ୍ତି ମଧ୍ୟ (ଡାଏନୋସର, କଟକୀଧାନ ଇତ୍ୟାଦି) ଏବଂ ଅନେକ ବସ୍ତୁ/ପଦ୍ଧତି ଦୀର୍ଘ ସମୟ ଧରି ଅବ୍ୟବହୃତ ହୋଇପଡ଼ିଛନ୍ତି (ପରକଲମ, ଝରକଲମ, ଢିଙ୍କି, ଦାଉଁଶୀ, ବେଙ୍ଗଳା ଇତ୍ୟାଦି)। ଏହି ଧାରା ବହୁତ ମନ୍ଥର ଥିଲା ଏବଂ ସଜୀବ/ନିର୍ଜୀବଙ୍କ ପାଇଁ ଜଳବାୟୁ ପରିବର୍ତ୍ତନ ବୋଲି କହିପାରିବା। ବର୍ତ୍ତମାନ ମନୁଷ୍ୟର ହସ୍ତକ୍ଷେପ ଯୋଗୁ ଏହି ପରିବର୍ତ୍ତନ ଦ୍ରୁତଗତିରେ ଘଟୁଛି ଏବଂ ତାହାର ପରିଣାମକୁ ସମସ୍ତେ ସମ୍ମୁଖୀନ ହେଉଛନ୍ତି। ଏହି ପରିବର୍ତ୍ତନ କିମ୍ବା ବିବର୍ତ୍ତନ କିମ୍ବା ଜୈବ ହସ୍ତକ୍ଷେପଜନିତ ବିବର୍ତ୍ତନ କିମ୍ବା ମନୁଷ୍ୟକୃତ ବିବର୍ତ୍ତନ (କୃତ୍ରିମ ବିବର୍ତ୍ତନ); କ'ଣ କୁହାଯିବ? ଶ୍ରୀକୃଷ୍ଣଙ୍କର ଉନ୍ନତ ଶୌର୍ଯ୍ୟ ଯଦୁବଂଶ କାଦମ୍ବରୀ ପାନ କରି ଧ୍ୱଂସ ହେବା, ନେପୋଲିୟନ୍‌ଙ୍କର ୫,୮୦,୦୦୦ ସୈନ୍ୟ ରୁଷିଆର ଶୀତରେ ପ୍ରାଣ ହାରିବା, ପୃଥିବୀ ପୃଷ୍ଠରୁ ପ୍ରଗତି ନାମରେ ବନସ୍ପତିକୁ ଧ୍ୱଂସ କରିବା କ'ଣ ସମାନ କଥା? ପ୍ରଥମରେ କର୍ତ୍ତା ଜ୍ଞାତ ଥିଲେ, ୨ୟରେ କର୍ତ୍ତା ଅଜ୍ଞାତ ଥିଲେ, ୩ୟରେ ସାମ୍ୟବାଦ/ସମାଜବାଦ/ପୁଞ୍ଜିବାଦ/ଏକଛତ୍ରବାଦ ଇତ୍ୟାଦି ଜ୍ଞାତ ହୋଇ ମଧ୍ୟ ଅଜ୍ଞାତ ରହୁଛନ୍ତି। ଉଦ୍ଭିଦ ବାୟୁମଣ୍ଡଳରୁ ବାର୍ଷିକ ୩୬୭ ଗିଗାଟନ୍ (ମତାନ୍ତରରେ ୪୩୯ ଗିଗାଟନ୍) ଅଙ୍ଗାରକାମ୍ଳ ଗ୍ରହଣ କରି, ସମତୁଲ ମାତ୍ରାରେ ଖାଦ୍ୟ, ତନ୍ତୁ ଏବଂ ଅମ୍ଳଜାନ ଦେଇଥାଏ। ଏହା ସତ୍ୟ ଯେ, ଦିନକୁ ଦିନ କଳକାରଖାନା, ମୋଟରଯାନ ଇତ୍ୟାଦିରୁ ଅଙ୍ଗାରକାମ୍ଳ ଗ୍ୟାସ୍‌ର ନିର୍ଗମନ ବଢ଼ିବଢ଼ି ଚାଲିଛି। ଅନ୍ୟପକ୍ଷରେ ବୃକ୍ଷଲତା ସଂଖ୍ୟା ହ୍ରାସ ପାଉଛି। ଫଳରେ ବାୟୁମଣ୍ଡଳରେ ବୃଦ୍ଧିପାଉଥିବା ଅଙ୍ଗାରକାମ୍ଳ ଗ୍ୟାସ୍ (ଉଦାହରଣ ସ୍ୱରୂପ ୦.୦୪୦%ରୁ ୦.୦୪୫% ବୃଦ୍ଧି, ଅର୍ଥାତ୍ ୪୦୦ ପିପିଏମ୍‌ରୁ ୪୫୦ ପିପିଏମ୍‌କୁ ବୃଦ୍ଧି) ବିଶ୍ୱ ତାପମାତ୍ରା ତଥା ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ହୋଇଅଛି। ତେଣୁ ନୀତି ପ୍ରଣୟନକାରୀମାନେ ପରମାଣୁ ଅସ୍ତ୍ର ନିରସ୍ତ୍ରୀକରଣ ସନ୍ଧି ପରି ପ୍ରଥମେ ରାଜିହୋଇ କାର୍ବନ ଛାଡୁଥିବା ୟୁନିଟ୍‌ଗୁଡ଼ିକର ସଂଖ୍ୟାରେ କାଟ୍‌ଛାଣ୍ଟ କରି ବହୁଳମାତ୍ରାରେ ବୃକ୍ଷରୋପଣ ପାଇଁ ନିଷ୍ପତ୍ତି ନେବେ। ଦ୍ରୁତ ବୃଦ୍ଧି (ଗ୍ରୋଥ୍ ରିଙ୍ଗର ମୋଟେଇ ୫-୨୫ ମିମି) ତଥା ବହୁମୁଖୀ ପ୍ରତ୍ୟକ୍ଷ ଉପଯୋଗିତା ସହିତ ଧାର୍ଯ୍ୟ ଅମଳ ସମୟ ବୃକ୍ଷ ପ୍ରଜାତିକୁ ସହଜଗମ୍ୟ ସମସ୍ତ ପତିତ ଜମିରେ ଏବଂ ମନ୍ଥରବୃଦ୍ଧି (ଗ୍ରୋଥ୍‌ରିଙ୍ଗ୍‌ର ମୋଟେଇ ପ୍ରାୟ ୧ ମିମି) ତଥା ପରୋକ୍ଷ ଉପକାର ଦେଉଥିବା ସହିତ ଦୀର୍ଘଜୀବୀ ବୃକ୍ଷ ପ୍ରଜାତିକୁ ଅଗମ୍ୟ ପତିତ ଜମିରେ ରୋପଣ କରାଯିବ। ଉତ୍ତରଦାୟିତ୍ୱ ଧାର୍ଯ୍ୟ ହେବା ଉଚିତ ମଧ୍ୟ।

-ବୈଜ୍ଞାନିକ, କୃଷିବିଜ୍ଞାନ କେନ୍ଦ୍ର, ଢେଙ୍କାନାଳ (ଓୟୁଏଟି), ମହିଷାପାଟ
ମୋ : ୯୪୩୭୬୭୧୪୦୨



❝ ସାଧାରଣ ବଜେଟରେ ବିତ୍ତୀୟ ଉତ୍ତରଦାୟିତ୍ୱ ଏବଂ ବଜେଟ ପରିଚାଳନା ଆଇନର ଊର୍ଦ୍ଧ୍ୱକୁ ଯାଇ କୌଣସି କାର୍ଯ୍ୟକ୍ରମ ଜାରି କରାଯାଇନାହିଁ।

– ନିର୍ମଳା ସୀତାରାମନ୍, କେନ୍ଦ୍ର ଅର୍ଥମନ୍ତ୍ରୀ



❝ କେବଳ ପ୍ରମୁଖ ବଜାର ଅଂଶୀଦାର ହୋଇ ରହିନାହୁଁ। ବଜାରରେ ନୂଆ ଉଦ୍ଭାବନ ଏବଂ ପ୍ରତିଦ୍ୱନ୍ଦ୍ୱିତାକୁ ମଧ୍ୟ ପ୍ରୋତ୍ସାହିତ କରୁଛୁ।

– କେନିଚି ଆୟୁକାୱା, ମାରୁତି ସୁଜୁକି ଇଣ୍ଡିଆ ସିଇଓ

## ସଂକ୍ଷେପରେ

❖ ୨୦୧୭-୧୮ ଆର୍ଥିକ ବର୍ଷରେ ୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କାରବାର କରୁଥିବା ପ୍ରାୟ ୯୨% ବୃହତ୍ତ ଟିକସଦାତା ବାର୍ଷିକ ରିଟର୍ନ ଫାଇଲ କରିଛନ୍ତି: ଜିଏସ୍‌ଟିଏନ୍

❖ ଦେଶର ଅଣ ଜୀବନବୀମା କମ୍ପାନୀଗୁଡିକର ଜାନୁୟାରି ମାସ ପ୍ରିମିୟମ ଆୟ ୭.୨% ବୃଦ୍ଧି ଘଟି ୧୭,୨୬୬ କୋଟି ଟଙ୍କା ରହିଛି।


❖ ରାଷ୍ଟ୍ରାୟତ୍ତ ଇମ୍ପୋର୍ଟ-ଏକ୍ସପୋର୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ବାଣିଜ୍ୟ ଅଭିବୃଦ୍ଧି ଲାଗି ସରକାର ୧୩୦୦ କୋଟି ପୁଞ୍ଜି ପ୍ରଦାନ କରିବେ।

❖ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ବିପିସିଏଲ୍)ର ବିକ୍ରି ବିଡ୍ ଦସ୍ତାବିଜକୁ ଆନ୍ତମନ୍ତ୍ରୀ ସ୍ତରୀୟ ଗୋଷ୍ଠୀ ମଞ୍ଜୁରୀ ପ୍ରଦାନ କରିଛି।

❖ ଏପ୍ରିଲ-ଜାନୁୟାରୀ ସମୟରେ ଦେଶର ସୁନା ଆମଦାନୀ ୯% ହ୍ରାସ ଘଟି ୨୪.୬୪ ବିଲିୟନ ଡଲାର ରହିଛି।

❖ ଫେବୃୟାରୀ ମାସ ପ୍ରଥମାର୍ଦ୍ଧରେ ବିଦେଶୀ ପୁଞ୍ଜି ନିବେଶକ(ଏଫ୍ ଆଇଆଇ) ମାନେ ଦେଶର ପୁଞ୍ଜି ବଜାରରେ ୨୪,୬୧୭ କୋଟି ଟଙ୍କା ନିବେଶ କରିଛନ୍ତି।

## ନୂଆ ଏସ୍‌ୟୁଭି ଆଣିବ ନିଶାନ



**ନୂଆଦିଲ୍ଲୀ,୧୬-୨:** ପ୍ରମୁଖ ଯାନ ନିର୍ମାଣକାରୀ କମ୍ପାନୀ ନିଶାନ ୨୦୨୦-୨୧ର ପ୍ରଥମାର୍ଦ୍ଧରେ ନୂଆ କମ୍ପାକ୍ଟ ବି-ଏସ୍‌ୟୁଭି ବଜାରକୁ ଆଣିବା ଲାଗି ଯୋଜନା ରଖିଛି। କମ୍ପାନୀ ଏଥି ଲାଗି ଦ୍ୱିତୀୟ ଟିଜରକୁ ଉନ୍ମୋଚନ କରିଛି। ମେକ୍ ଇନ ଇଣ୍ଡିଆ, ମେକ୍ ଫର ଇଣ୍ଡିଆ ଆଧାରରେ ନୂଆ ଏସ୍‌ୟୁଭିକୁ ଏହା ପ୍ରସ୍ତୁତ କରୁଛି। ଏହା କମ୍ପାନୀର ପ୍ରଥମ ମେଡ୍ ଫର ଇଣ୍ଡିଆ କମ୍ପାକ୍ଟ ଏସ୍‌ୟୁଭି ହେବ ବୋଲି ନିଶାନ ମତ ରଖିଛି। ନିଶାନର ବିଶ୍ୱ ସ୍ତରୀୟ ପରମ୍ପରା ଏବଂ ଟେକ୍ନୋଲୋଜି ଆଧାରରେ ଏହାକୁ ପ୍ରସ୍ତୁତ କରାଯାଇଛି। ରୋଡରେ ଏକ ସ୍ୱତନ୍ତ୍ର ଉପସ୍ଥିତି ଜାହିର କରିବା ଲାଗି ଷ୍ଟାଇଲିଶ ଡିଜାଇନ ଏବଂ ପ୍ରିମିୟମ ଅଫରିଂ ଭଳି ବୈଶିଷ୍ଟ୍ୟକୁ ଏଥିରେ ସାମିଲ କରାଯାଇଛି।

## ଆକାଶର ଜାତୀୟ ସ୍କଲାରଶିପ ପରୀକ୍ଷା

Aakash
Medical | IIT-JEE | Foundations

**ଭୁବନେଶ୍ୱର,୧୬-୨:** ଆକାଶ ଏଜୁକେଶନାଲ ସର୍ଭିସ ଲିମିଟେଡ ପକ୍ଷରୁ ଜାତୀୟ ସ୍ତରର ସ୍କଲାରଶିପ ପରୀକ୍ଷା ସ୍ପାର୍କ ସମ୍ପର୍କରେ ଘୋଷଣା କରାଯାଇଛି। ସପ୍ତମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଯୋଗ୍ୟ ଛାତ୍ରୀଛାତ୍ର ସେମାନଙ୍କ ସ୍ୱପ୍ନ ପୂରଣ କରିବା ଦିଗରେ ଏହି ସ୍କଲାରଶିପ ପରୀକ୍ଷା ସୁଯୋଗ ପ୍ରଦାନ କରିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି। ଚଳିତ ବର୍ଷ ପ୍ରଥମ ଥର ଲାଗି ଏଭଳି ପରୀକ୍ଷା ଆସିଛି। ସପ୍ତମରୁ ଅଷ୍ଟମକୁ, ଅଷ୍ଟମରୁ ନବମକୁ ଏବଂ ନବମରୁ ଦଶମକୁ ଯାଉଥିବା ଛାତ୍ରୀଛାତ୍ର ଏହି ପରୀକ୍ଷାରେ ଭାଗ ନେଇ ପାରିବେ। ଆସନ୍ତା ୧୫ ମାର୍ଚ୍ଚରେ ଏହା ଦେଶର ୨୪ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଅନୁଷ୍ଠିତ ହେବ। ଜାତୀୟ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବା ଏବଂ ୯୦% ପର୍ଯ୍ୟନ୍ତ ଟ୍ୟୁଶନ ଫି ହାସଲ କରିବାର ସୁବିଧା ପ୍ରଦାନ କରିବ। ବିନା କୌଣସି ଆର୍ଥିକ ପ୍ରତିବନ୍ଧକରେ ଆକାଶରେ କୋଚିଂ ପ୍ରଦାନ ସହ ଶସକ୍ତ କରିବା ଲାଗି ସ୍ପାର୍କ ଜରିଆରେ ଲକ୍ଷ୍ୟ ରଖାଯାଇଛି ବୋଲି ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡର ସିଇଓ ଆକାଶ ଚୌଧୁରୀ ସୂଚନା ଦେଇଛନ୍ତି।

## ଶପିଂକୁ ସହଜ କରୁଛି ବଜାରଓନେଟ୍

**ଭୁବନେଶ୍ୱର,୧୬-୨:** ନୂତନ ପିଢିର ଶପିଂ ପ୍ଲାଟଫର୍ମ ବଜାରଓନେଟ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀର ଏମ୍‌ଡି ତଥା ସିଇଓ ସଞ୍ଜୟ ମହାପାତ୍ର, ସିଏମ୍‌ଡି ପ୍ରଦୀପ କୁମାର ଦାସ, ଅପରେଶନ ଏମ୍‌ଡି ସୁଶାନ୍ତ ମହାପାତ୍ର ଏହାର ଉନ୍ମୋଚନ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ଭୁବନେଶ୍ୱର ଏବଂ କଟକ ଗ୍ରାହକଙ୍କ ଲାଗି ଏହା ଶୁଭାରମ୍ଭ କରାଯାଇଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟର ଅନ୍ୟ ସ୍ଥାନଗୁଡିକୁ ସେବା ଉପଲବ୍ଧ ହେବ ବୋଲି କୁହାଯାଇଛି। ଏହା ଦ୍ୱାରା କେବଳ ଫିଙ୍ଗରପ୍ରିଣ୍ଟରେ ଶପିଂର ମଜା ଗ୍ରାହକ ଉଠାଇ ପାରିବେ। ବଜାରଓନେଟ ଆପ୍ ଡାଉନଲୋଡ କରି ଗ୍ରାହକ କ୍ରୟ ଅଭିଜ୍ଞତା ନେଇ ପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହା ଦ୍ୱାରା ପ୍ରାୟ ୧୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସିଏମ୍‌ଡି ଦାସ କହିଛନ୍ତି।

# କମ୍ପାନୀ ସୋମବାର ପୈଠ କରିପାରନ୍ତି ଏଜିଆର ଦେୟ

**ନୂଆଦିଲ୍ଲୀ,୧୬-୨**

- ୩ କମ୍ପାନୀ ସାମିଲ ଅଛନ୍ତି
- ସମୁଦାୟ ଅର୍ଥ ପ୍ରଦାନ କରିପାରିବେନି କମ୍ପାନୀ
- ୧.୧୩ ଲକ୍ଷ କୋଟି ଆଦାୟ ସମ୍ଭାବନା
- ବ୍ୟବସାୟ ଛାଡ଼ିଛନ୍ତି କିଛି କମ୍ପାନୀ
- ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ଉପରେ ୨.୬୫ ଲକ୍ଷ କୋଟି ବାକି



ଭାରତୀ ଏୟାରଟେଲ, ଭୋଡାଫୋନ-ଆଇଡିଆ, ଟାଟା ଟେଲିସର୍ଭିସେସ ଭଳି ଟେଲିକମ୍ କମ୍ପାନୀଗୁଡିକ ଆଡ୍‌ଜଷ୍ଟେଡ ଗ୍ରସ୍ ରେଭିନ୍ୟୁ (ଏଜିଆର୍) ବାବଦ ବକେୟା ଅର୍ଥ ସୋମବାର ପ୍ରଦାନ କରିପାରନ୍ତି। ଦେୟ ପ୍ରଦାନ ନ କଲେ କଠୋର କାର୍ଯ୍ୟାନୁଷ୍ଠାନ ହେବାର ସମ୍ଭାବନା ଥିବାରୁ କମ୍ପାନୀଗୁଡିକ ଶୀଘ୍ର ଅର୍ଥ ପ୍ରଦାନ କରିପାରନ୍ତି ବୋଲି ବିଭାଗର ଜଣେ ଅଧିକାରୀ କହିଛନ୍ତି। ଏହି ୩ କମ୍ପାନୀଙ୍କ ଉପରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ବକେୟା ରହିଛି। ହେଲେ କମ୍ପାନୀଗୁଡିକ ସମୁଦାୟ ଅର୍ଥ ଏକାଥରକେ ପ୍ରଦାନ କରିପାରିବେ ନାହିଁ। ଆଂଶିକ ଭାବେ ଅର୍ଥ ପ୍ରଦାନ କରିବାକୁ ସେମାନେ ଟେଲିକମ ବିଭାଗ(ଡିଓଟି)କୁ ସୂଚନା ଦେଇଥିବା ଅଧିକାରୀ ଜଣକ କହିଛନ୍ତି। କେଉଁ କମ୍ପାନୀ କେତେ ଅର୍ଥ ପଇଠ କରୁଛନ୍ତି ତାହା ଦେଖିବା ପରେ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଡିଓଟିର ଏହି ଅଧିକାରୀ ଜଣକ ମତବ୍ୟକ୍ତ କରିଛନ୍ତି।

ଆସନ୍ତା ୨୦ ତାରିଖ ସୁଦ୍ଧା ୧୦ ହଜାର କୋଟି ଟଙ୍କା ପ୍ରଦାନ କରିବାକୁ ଭାରତୀ ଏୟାରଟେଲ ଗତ ଶୁକ୍ରବାର ଦିନ ପ୍ରସ୍ତାବ ଦେଇଛି। କିନ୍ତୁ ଟେଲିକମ ବିଭାଗ କମ୍ପାନୀ ଗୁଡିକୁ ଅଧିକ ଦିନ ମହଲତ ଦେବା ସପକ୍ଷରେ ଆଉ ନାହିଁ। ଏଭଳି ସ୍ଥିତିରେ କେତେ ପରିମାଣର ଏଜିଆର୍ ବକେୟା ପ୍ରଦାନ କରାଯିବ ସେ ସମ୍ପର୍କରେ ବିଚାର କରାଯାଉଥିବା ଭୋଡାଫୋନ ଶନିବାର କହିଛି। ଏହାବାଦ ଭାରତ ବଜାରରେ ନିଜ ବ୍ୟବସାୟର ଆଗାମୀ ସ୍ଥିତି କ'ଣ ରହିବ ସେ ନେଇ କମ୍ପାନୀ ଆଶଙ୍କାରେ ରହିଛି। ଟେଲିକମ କମ୍ପାନୀଙ୍କ ଉପରେ ଏବେ ମୋଟ ୧.୪୭ ଲକ୍ଷ କୋଟି ଟଙ୍କାର ବକେୟା ରହିଛି। ଜାନୁୟାରୀ ମାସ ୨୩ ସୁଦ୍ଧା ବକେୟା ରାଶି ପଇଠ କରିବାକୁ କମ୍ପାନୀଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ରିଲାଏନ୍ସ ଜିଓ ବାଦ କୌଣସି କମ୍ପାନୀ ଏହା ପାଳନ କରିନାହାନ୍ତି। ଯାହାକୁ ନେଇ ସୁପ୍ରିମକୋର୍ଟ କ୍ଷୋଭ ପ୍ରକାଶ କରିବା ସହ ସବୁ ଟେଲିକମ କମ୍ପାନୀ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକଙ୍କୁ ମାର୍ଚ୍ଚ ୧୭ରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ନିଜ କମ୍ପାନୀ ବିଏସ୍‌ଏନଏଲ୍ ଏବଂ ଏମ୍‌ଟିଏନଏଲ୍ ମଧ୍ୟ ବକେୟା ରାଶି ପ୍ରଦାନ କରିପାରିନାହିଁ।

ଏୟାରଟେଲ ଉପରେ ଏବେ ପ୍ରାୟ ୩୫,୫୮୬ କୋଟି, ଭୋଡାଫୋନ ଉପରେ ୫୩ ହଜାର କୋଟି ପଡି ରହିଛି। ଏହା ମଧ୍ୟରୁ ପ୍ରାୟ ୧.୧୩ ଲକ୍ଷ କୋଟି ଆଦାୟ ହେବାର ସମ୍ଭାବନା ରହିଛି। ବଳକା ଅର୍ଥ ଦେବାକୁ ଥିବା କମ୍ପାନୀଗୁଡିକ ଏବେ କାରବାର ବନ୍ଦ କରି ଦେଇଛନ୍ତି। ଟେଲିକମ ବିଭାଗକୁ ସୁପ୍ରିମକୋର୍ଟ ତାଗିଦ କରିବା ପରେ ଶୁକ୍ରବାର ମଧ୍ୟରାତ୍ରି ସୁଦ୍ଧା ଦେୟ ପଇଠକରିବାକୁ ଏହା କମ୍ପାନୀଙ୍କୁ ନିର୍ଦ୍ଦେଶ ଦେଇଥିଲା। କିଛି କମ୍ପାନୀ ଦେୟର ଆକଳନ ଲାଗି ସମୟ ମାଗିଥିବାବେଳେ ସେମାନଙ୍କୁ ପର୍ଯ୍ୟାପ୍ତ ସମୟ ମିଳିଥିବା ଅଧିକାରୀ ଜଣକ କହିଛନ୍ତି। ସେହିଭଳି ଟେଲିକମ ସେବାରେ ନ ଥିବା କିଛି ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ଉପରେ ମଧ୍ୟ ୨.୬୫ ଲକ୍ଷ କୋଟି ଟଙ୍କାର ବକେୟା ରହିଛି। ଏହି ଅର୍ଥ ମଧ୍ୟରେ ଗେଲ୍‌ର ବକେୟା ପ୍ରାୟ ୬୫% ହେବ। ରାଷ୍ଟ୍ରାୟତ୍ତ କମ୍ପାନୀଗୁଡିକ ଏ ନେଇ ଆଇନର ଧାରା ଆପଣାଇବା ସହ କୋର୍ଟର ଦ୍ୱାରସ୍ଥ ହୋଇପାରନ୍ତି।

## ହୋଣ୍ଡା ଟୁହ୍ୱିଲର୍ସ-ପାଇନ୍ ଲ୍ୟାବ ଚୁକ୍ତି



**ନୂଆଦିଲ୍ଲୀ,୧୬-୨**


ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ପ୍ରମୁଖ ମର୍ଚ୍ଚାଣ୍ଟ କମର୍ସ ପ୍ଲାଟଫର୍ମ ପାଇନ୍ ଲ୍ୟାବସ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ଦ୍ୱାରା ହୋଣ୍ଡାର ସମସ୍ତ ଡିଲରଶିପଗୁଡିକରେ ପାଇନ ଲ୍ୟାବସର ପିଓଏସ୍ ମେଶିନ ସ୍ଥାପନ କରାଯିବ। ଏହା ଦ୍ୱାରା ଗ୍ରାହକମାନେ ସୁବିଧାଜନକ ଓ ସୁଲଭ ମାସିକ କିସ୍ତି ଜରିଆରେ ଡେବିଟ କାର୍ଡ ଓ କ୍ରେଡିଟ କାର୍ଡ ମାଧ୍ୟମରେ କ୍ରୟ କରିବାର ସୁବିଧା ପାଇପାରିବେ। ୧୪ ପ୍ରକାରର କ୍ରେଡିଟ କାର୍ଡ ଏବଂ ୬ ପ୍ରକାରର ଡେବିଟ କାର୍ଡ ଗ୍ରାହକମାନେ ଏହି ସୁବିଧାର ଲାଭ ଉଠାଇ ପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଗ୍ରାହକଙ୍କୁ ଶୂନ ଡାଉନପେମେଣ୍ଟ, ଗାଡି କିଣିବା କିମ୍ବା ଋଣ ବୃତ୍ତାନ୍ତ ବେଳେ ଶୂନ ହାଇପୋଥିକେଶନ ଫି'ର ସୁବିଧା ପାଇପାରିବେ। କୌଣସି କାଗଜପତ୍ର କିମ୍ବା ବ୍ୟାଙ୍କରୁ ଏନ୍‌ଓସି ଦରକାର ପଡିବନି। ଋଣ ମଞ୍ଜୁରୀ ଲାଗି କୌଣସି ଅପେକ୍ଷା କରିବାକୁ ପଡିବ ନାହିଁ। ଡେଲିଭରି ଶୀଘ୍ର ଉପଲବ୍ଧ ହେବ। ହୋଣ୍ଡାର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିଆ, ପାଇନ ଲ୍ୟାବସର ମୁଖ୍ୟ ବ୍ୟବସାୟ ଅଧିକାରୀ କୁଶ ମେହେରା, ଉତ୍ପାଦ ଅଧିକାରୀ ଭେଙ୍କଟ ପୁରୁଚୁରୀଙ୍କ ଉପସ୍ଥିତିରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ପାଇନ୍ ଲ୍ୟାବସ ସହ ଏହି ସହଯୋଗିତା ଦ୍ୱାରା ଗ୍ରାହକଙ୍କ ଲାଗି ଗାଡି କିଣିବା ସହଜ ହେବ ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି।

## ହିରୋର ନୂଆ କ୍ଲାଉଡ ସଲ୍ୟୁଶନ

**ଭୁବନେଶ୍ୱର,୧୬-୨**



ହିରୋ ମୋଟୋକର୍ପ ପକ୍ଷରୁ ନୂଆ କ୍ଲାଉଡ ସଲ୍ୟୁଶନ ହିରୋ କନେକ୍ଟର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକଙ୍କୁ ଗାଡି ଚାଳନାର ଏକ ସ୍ମାର୍ଟ ଅଭିଜ୍ଞତା ପ୍ରଦାନ କରିବା ଦିଗରେ କମ୍ପାନୀ ପକ୍ଷରୁ ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ବର୍ତ୍ତମାନ ହିରୋର ୪ ମଡେଲ ଯଥା:-ଏକ୍ସପଲ୍‌ସ ୨୦୦, ପ୍ଲେଜର ପ୍ଲସ, ପ୍ୟାଶନ ଏକ୍ସ ପ୍ରୋ, ଏଚ୍‌ଏଫ୍ ଡିଲକ୍ସରେ ଗ୍ରାହକ ଏହାର ଲାଭ ଉଠାଇ ପାରିବେ। ଏହି ସଲ୍ୟୁଶନରେ ଗ୍ରାହକଙ୍କ ଲାଗି ନିରାପତ୍ତା ଏବଂ ସୁରକ୍ଷା ପଦକ୍ଷେପ ଅଫର କରାଯାଉଛି। ଏହା ଦ୍ୱାରା ଲାଇଭ ଟ୍ରାକିଂ, ଟପଲ ଆଲର୍ଟ, ଟାଓ ଆୱେ ଆଲର୍ଟ, ଜିଓ ଫେନସ ଆଲର୍ଟ,ସ୍ପିଡ ଆଲର୍ଟ ଭଳି ସୁବିଧା ରହିଛି। ଏହାର ଆରମ୍ଭ ମୂଲ୍ୟ ୪,୯୯୯ ଟଙ୍କା ରହିଛି। କମ୍ପାନୀର କେତେକ ବଛା ବଛା ଡିଲରଶିପରେ ଏହା ଗ୍ରାହକଙ୍କ ଲାଗି ଉପଲବ୍ଧ ହେଉଛି। ପର୍ଯ୍ୟାୟ କ୍ରମେ ଏହି ମଡେଲକୁ ଅନ୍ୟ ମଡେଲ ଏବଂ ସହରକୁ ସମ୍ପ୍ରସାରଣ କରାଯିବ। ଗ୍ରାହକଙ୍କ ଯାତ୍ରାକୁ ସୁରକ୍ଷିତ ଏବଂ ସ୍ମାର୍ଟ କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ହିରୋ ମୋଟୋକର୍ପର ଗ୍ଲୋବାଲ ପ୍ରଡକ୍ଟ ପ୍ଲାନିଂ ମୁଖ୍ୟ ମାଲୋ ଲେ ମାସନ କହିଛନ୍ତି।



ସାହାରା ଗ୍ରୁପ୍ ଅଧ୍ୟକ୍ଷ ସୁବ୍ରତ ରୟ (ମଝି) ନିକଟରେ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ ପି.ଭି. ସିନ୍ଧୁଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

## ପଟିଆରେ ଟୋନି ଆଣ୍ଡ ଗାୟ ଇସେନ୍‌ସୁଆଲ



**ଭୁବନେଶ୍ୱର,୧୬-୨**

ହେୟାର ଡ୍ରେସିଂ କ୍ଷେତ୍ରରେ ଅନ୍ତର୍ଜାତୀୟ ବ୍ରାଣ୍ଡ ଟୋନି ଆଣ୍ଡ ଗାୟ ଇସେନସୁଆଲ ହେୟାର ଡ୍ରେସିଂ ସେଣ୍ଟର ପଟିଆରେ ଶୁଭାରମ୍ଭ ହୋଇଛି। ଓଡିଆ ଅଭିନେତ୍ରୀ ଭୂମିକା ଦାସ, ଟୋନି ଆଣ୍ଡ ଗାୟର କାର୍ଯ୍ୟନିର୍ବାହୀ ଅଧିକାରୀ ବ୍ଲେସିଂ ଏ.ମଣିକନ୍ଦନ, ଉପସଭାପତି ଜେ.ଡି. ଧନଲକ୍ଷ୍ମୀ ଏସ୍. ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଭୁବନେଶ୍ୱର ଶାଖାର ପରିଚାଳନା ନିର୍ଦ୍ଦେଶକ ୟୁ.ବି.ସିଂ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଠାରେ ଗ୍ରାହକମାନେ ହେୟାର କଟିଂ, କଲର, କରମିଂ, ର ବଣ୍ଡିଂ, ହେୟାର ସ୍ପା, ଷ୍ଟାଇଲିଂ, ଫେସିଆଲ, ଫେଡିକ୍ୟୁୟର, ବ୍ରାଇଡାଲ, ମେକଅପ ଏବଂ ଅନ୍ୟାନ୍ୟ ହେୟାର ଡ୍ରେସିଂ ସେବା ଉପଲବ୍ଧ ହେବ। ଏହି ଅବସରରେ ଗ୍ରାହକଙ୍କ ଲାଗି ଇନାଗୁରାଲ ଅଫର ମଧ୍ୟ ରହିଛି।

## ଏମ୍‌ଏସ୍‌ଏମ୍‌ଇ ଆର୍ଥିକ ସାକ୍ଷରତା ସପ୍ତାହ

**ଭୁବନେଶ୍ୱର,୧୬-୨**

ଆନ୍ଧ୍ର ବ୍ୟାଙ୍କ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ ଆର୍ଥିକ ସାକ୍ଷରତା ସପ୍ତାହ ପୁରୀଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସର୍କଲ ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ, ଆଞ୍ଚଳିକ ପ୍ରବନ୍ଧକ କେ.ଭି.ଏନ୍.ଏନ୍.ଏସ୍.ରାମମୂର୍ତ୍ତି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୁଳଭୂଷଣ ଜୈନ, ଆର୍‌ବିଆଇ ସହାୟକ ମହାପ୍ରବନ୍ଧକ ନିର୍ମଳ ପଟ୍ଟନାୟକ, ମହାପ୍ରବନ୍ଧକ ବଦ୍ରି ନାରାୟଣ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହି ପିଏସ୍‌ବି ୫୯ ମିନିଟ ଲୋନ, ଏମ୍‌ଏସ୍‌ଏମ୍‌ଇ ରିଷ୍ଟ୍ରକଚରିଂ, ମୁଦ୍ରା ଲୋନ, ସ୍ୱୟଂ ସହାୟକ ଗୋଷ୍ଠୀ ଯୋଜନା ସମ୍ପର୍କରେ ଅଂଶୀଦାରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଏଥିରେ ପୁରୀ, ଶ୍ରୀକ୍ଷେତ୍ର, ଡେଲାଙ୍ଗ ଏବଂ ସାତଶଙ୍ଖ ଶାଖାର ଗ୍ରାହକ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଆମ୍ରି ପକ୍ଷରୁ କର୍କଟ ସଚେତନତା

**ଭୁବନେଶ୍ୱର,୧୬-୨**



ଆମ୍ରି ହସ୍ପିଟାଲ୍‌ସ ଭୁବନେଶ୍ୱର ପକ୍ଷରୁ କର୍କଟ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଅବସରରେ ହସ୍ପିଟାଲ ପକ୍ଷରୁ ରବିବାର ସକାଳେ ଏକ ବାଇକେଥନ ଆୟୋଜନ କରାଯାଇଥିଲେ। କାର୍ଯ୍ୟକ୍ରମରେ ୧୫୦ରୁ ଅଧିକ ମୋଟର ସାଇକେଲ ଆରୋହୀ ଯୋଗ ଦେଇଥିଲେ। ଉଚ୍ଚ ଶିକ୍ଷା ବିଭାଗ ମନ୍ତ୍ରୀ ଡାକ୍ତର ଅରୁଣ କୁମାର ସାହୁ, ଟ୍ରାଫିକ ଡିସିପି ସାଗରିକା ନାଥ, ଆମ୍ରିର ମାର୍କେଟିଂ ମୁଖ୍ୟ ମହେନ୍ଦ୍ର ପାଲା, ମେଡିକାଲ ସର୍ଭିସେସ ମୁଖ୍ୟ ଡା.ମନିଷ କୁମାର, ସହ ଉପାଧ୍ୟକ୍ଷ ସୁଶ୍ରୀ ନିରଞ୍ଜନା ମୁଖାର୍ଜୀ, ମାନବ ସମ୍ବଳ ମୁଖ୍ୟ ସୁଶ୍ରୀ ରାଜଶ୍ରୀ ଉପାଧ୍ୟାୟ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବାଇକେଥନ ଟିମ୍ ୧୫ କିମି ଯାତ୍ରା କରି ପୁଣି ହସ୍ପିଟାଲ ଫେରିଥିଲା। ଏହି ଅବସରରେ କ୍ୟାନସର ବିରୋଧରେ ଲଢି ଜିତିଥିବା ବ୍ୟକ୍ତି ବିଶେଷ ସେମାନଙ୍କ ଅନୁଭୂତି ବାଣ୍ଟିଥିଲେ। କର୍କଟ ରୋଗର ବଢୁଥିବା ଭୟାବହତାକୁ ଧ୍ୟାନରେ ରଖି ହସ୍ପିଟାଲ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ମୁଖ୍ୟ ମାର୍କେଟିଂ ଅଧିକାରୀ ମହେନ୍ଦ୍ର ପାଲା କହିଛନ୍ତି। ଏହି ଆଧାରରେ ହସ୍ପିଟାଲ ପକ୍ଷରୁ ଚିକିତ୍ସା ବ୍ୟବସ୍ଥା କରାଯାଇଥିବା ସେ ମତବ୍ୟକ୍ତ କରିଛନ୍ତି।

## ସାମସଙ୍ଗ ଆଣିଲା ନୂଆ ଏୟାର କଣ୍ଡିଶନର




**ଭୁବନେଶ୍ୱର,୧୬-୨**

ସାମସଙ୍ଗ ପକ୍ଷରୁ ନୂଆ ଏୟାର କଣ୍ଡିଶନର ଓଡ଼ିଶା ବଜାରରେ ପ୍ରବେଶ କରିଛି। ଗ୍ରାହକଙ୍କୁ ସୁହାଇଲା ଭଳି ମୂଲ୍ୟରେ ୪୧ ମଡେଲ କମ୍ପାନୀ ବଜାରକୁ ଛାଡିଛି। ଏଥିରେ ଆକର୍ଷଣୀୟ ଫ୍ଲୋରାଲ ପ୍ଲାଟଫର୍ମ ଏବଂ ପ୍ରିମିୟମ ଷ୍ଟ୍ରିପ ଡିଜାଇନ ରହିଛି। ଗ୍ରାହକଙ୍କ ଆବଶ୍ୟକତାକୁ ବିଚାର କରି କମ୍ପାନୀ କପର କଣ୍ଡେନ୍ସର ରେଞ୍ଜକୁ ୩୨ ମଡେଲକୁ ବୃଦ୍ଧି କରିଛି। ୨୦୨୦ ଏସି ଲାଇନ ଅପ୍‌ରେ ୱିଣ୍ଡ ଫ୍ରି ଏସି ୨.୦, ୱାଇଫାଇ କାପାବିଲିଟି, ହ୍ୟୁମାନ ଡିଟେକ୍ସନ, ଗ୍ରୀନ ଦ ୩୨ ଗ୍ୟାସ, ପ୍ରିମିୟମ ଟ୍ରିପଲ ଇନଭର୍ଟର ଏବଂ ଇକୋ ଇନଭର୍ଟର ସିରିଜ ସାମିଲ ରହିଛି। ଓଡ଼ିଶା ଗ୍ରାହକଙ୍କୁ ସର୍ବୋତ୍ତମ ସେବା ଯୋଗାଇ ଦେବା ଲାଗି ଏସି ଇନଷ୍ଟାଲେଶନ ଟିମ୍‌କୁ କମ୍ପାନୀ ଦୁଇଗୁଣ ବଢାଇଛି। ଓଡ଼ିଶା ଏକ ପ୍ରମୁଖ ବଜାର ହୋଇଥିବାରୁ ଏଠାରେ ଅଭିବୃଦ୍ଧି ୨ ଗୁଣ ବୃଦ୍ଧି କରିବାକୁ ଯୋଜନା ରହିଥିବା କମ୍ପାନୀର ବରିଷ୍ଠ ଉପସଭାପତି ରାଜୀବ ଭୂତାନୀ ସୂଚନା ଦେଇଛନ୍ତି।

## 'ପରିବର୍ତ୍ତିତ ସ୍ଥିତିରେ ଲୋକ ସମ୍ପର୍କ ଚ୍ୟାଲେଞ୍ଜିଂ ହୋଇଛି'

**ଭୁବନେଶ୍ୱର,୧୬-୨**




### ପିଆର୍‌ସିଆଇ ଭୁବନେଶ୍ୱର ଚାପ୍ଟରର ଆଲୋଚନାଚକ୍ର

ବର୍ତ୍ତମାନର ପରିବର୍ତ୍ତିତ ସ୍ଥିତିରେ ଲୋକ ସମ୍ପର୍କ ଏକ ବଡ ଆହ୍ୱାନ ଭାବେ ଉଭା ହୋଇଥିବା ଏଠାରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣ ମତ ରଖିଛନ୍ତି। ପବ୍ଲିକ ରିଲେସନ କାଉନସିଲ ଅଫ ଇଣ୍ଡିଆ(ପିଆର୍‌ସିଆଇ) ଭୁବନେଶ୍ୱର ଚାପ୍ଟର ପକ୍ଷରୁ 'ଜନସମ୍ପର୍କ ବିଶ୍ଳେଷଣ ଏବଂ ଆଗାମୀ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ର ସ୍ଥାନୀୟ ରେଳ ସଦନଠାରେ ଅନୁଷ୍ଠିତ ଶନିବାର ହୋଇଯାଇଛି। ମହାପ୍ରବନ୍ଧକ ବିଦ୍ୟାଭୂଷଣ ଏହାକୁ ଉଦଘାଟନ କହିଥିଲେ ଯେ, ଏଥି ସମ୍ପର୍କିତ ଆହ୍ୱାନକୁ ସାମ୍ନା କରିବା ଲାଗି ଅର୍ଥ ସବୁକିଛି ନୁହେଁ। ଅର୍ଥ ଆସିବ କିନ୍ତୁ ସାମାଜିକ କଲ୍ୟାଣ, ବ୍ୟକ୍ତି ତଥା କର୍ମଚାରୀଙ୍କର କଲ୍ୟାଣ, ଉପଭୋକ୍ତାଙ୍କ ସୁବିଧା ଦେଖିବା ନିଗମ ଏବଂ ସଙ୍ଗଠନ ମାନଙ୍କର ଦର୍ଶନ ହେବା ବିଧେୟ। କାର୍ଯ୍ୟକ୍ରମରେ ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ଇଶାନ ପାତ୍ରୋ ଲୋକ ସମ୍ପର୍କର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ଅଶୋକ କୁମାର ପଣ୍ଡା, କାର୍ଯ୍ୟକାରୀ ଅଧ୍ୟକ୍ଷ ଦିଲ୍ଲୀପ କୁମାର ବିଶୋଇ, ରେଳପଥ ଟ୍ରାଫିକ ସେବାର ଅବସରପ୍ରାପ୍ତ ଅଧିକାରୀ ବିଜୟ କୁମାର ଜୋଶୀ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଲୋକସମ୍ପର୍କର ବିଭିନ୍ନ ଦିଗ ଉପରେ ବିଶେଷଜ୍ଞ ଆଲୋକପାତ କରିଥିଲେ। ପୂର୍ବତଟ ରେଳପଥର ମୁଖ୍ୟ ଜନସମ୍ପର୍କ ଅଧିକାରୀ ଜ୍ୟୋତି ପ୍ରକାଶ ମିଶ୍ର, ରେଭେନ୍ସା ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଗଣଯୋଗାଯୋଗ ବିଭାଗୀୟ ମୁଖ୍ୟ ଜୟନ୍ତ ସ୍ୱାଇଁ, ନାଲକୋ ଉପମହାପ୍ରବନ୍ଧକ ଲଲାଟେନ୍ଦୁ ଦାସ, ପୂର୍ବତନ କେନ୍ଦ୍ର ବୟନ ସଚିବ ସଞ୍ଜୟ ପଣ୍ଡା, ବିଜେବି ସାମ୍ବାଦିକତା ଗଣଯୋଗାଯୋଗ ବିଭାଗୀୟ ମୁଖ୍ୟ ନଳିନି ପାତ୍ର, ରାଉରକେଲା ଷ୍ଟିଲ ପ୍ଲାଣ୍ଟର ସହକାରୀ ପ୍ରବନ୍ଧକ ଶଶାଙ୍କ ପଟ୍ଟନାୟକ ପ୍ରମୁଖ ଏଥିରେ ଉପସ୍ଥିତ ରହି ମତ ରଖିଥିଲେ। ପୂର୍ବତଟ ରେଳପଥର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ନିରାକାର ଦାସ ଧନ୍ୟବାଦ ଦେଇଥିବା ବେଳେ ବିଭାଗୀୟ ଅଧିକାରୀ ନିହାର ରଞ୍ଜନ ମହାନ୍ତି, ବିକାଶ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

"ଲିଆଣ୍ଡର ପେସ୍ ବର୍ତ୍ତମାନ ଯେପରି ଖେଳୁଛନ୍ତି, ସେ ଆଉ ଏକ ବର୍ଷ ପର୍ଯ୍ୟନ୍ତ ଖେଳ ଜାରି ରଖିପାରିବେ।
-ମହେଶ ଭୂପତି, ଅଭିଜ୍ଞ ଟେନିସ ଖେଳାଳି



"ଟେନିସ୍‌କୁ ଦ୍ୱିତୀୟ ଥର ପ୍ରତ୍ୟାବର୍ତ୍ତନରେ ବିଶ୍ୱର ୮ ନମ୍ବର ଖେଳାଳି କିକି ବର୍ଟେନ୍‌ଙ୍କୁ ସାମ୍ନା କରିବା ମୋତେ ସହଜ ହେବନି।
-କିମ୍ କ୍ଲାଇଷ୍ଟର୍ସ, ବେଲଜିୟମ ଟେନିସ ଖେଳାଳି



## ଜୋହରୀଙ୍କ ଇସ୍ତଫା ଗ୍ରହଣ ହୋଇନି



ନୂଆଦିଲ୍ଲୀ, ୧୬।୨ (ପି.ଟି.): ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ପ୍ରଥମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ)ରାହୁଲ ଜୋହରୀ ରବିବାର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ବୋର୍ଡ ନିକଟକୁ ପଠାଇ ଦେଇଛନ୍ତି। ତେବେ ବିସିସିଆଇର ଏହି ସମ୍ମାନଜନକ ପଦରୁ ମୁକ୍ତି ପାଇବାକୁ ହେଲେ ଜୋହରୀଙ୍କୁ ଆଉ କିଛି ସମୟ ଅପେକ୍ଷା କରିବାକୁ ପଡ଼ିବ। 'ଜୋହରୀଙ୍କ ଇସ୍ତଫା ପତ୍ର ଗ୍ରହଣ କରାଯିବ। କିନ୍ତୁ ଏଥିଲାଗି ଆହୁରି କିଛି ସମୟ ଲାଗିବ' ବୋଲି ବିସିସିଆଇର ଜନୈକ ଅଧିକାରୀ କହିଛନ୍ତି। ବିସିସିଆଇର ପ୍ରଥମ ସିଇଓ ଭାବେ ୨୦୧୬ରେ ଜୋହରୀଙ୍କୁ ନିଯୁକ୍ତ କରାଯାଇଥିଲା। ସେତେବେଳେ ଶଶାଙ୍କ ମନୋହର ଓ ଅନୁରାଗ ଠାକୁର ଯଥାକ୍ରମେ ବିସିସିଆଇ ସଭାପତି ଓ ସମ୍ପାଦକ ରହିଥିଲେ। କିନ୍ତୁ ଗତ ଅକ୍ଟୋବରରେ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱରେ ବିସିସିଆଇର ନୂଆ କର୍ମକର୍ତ୍ତା ଦାୟିତ୍ୱ ଗ୍ରହଣ କରିବା ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ ସମିତି (ସିଓଏ) ହଟିଯାଇଥିଲା। ଏହାପରେ ଜୋହରୀ ନିଜ ପଦରୁ ଇସ୍ତଫା ଦେବାକୁ ସ୍ଥିର କରିନେଇଥିଲେ। 'ଜୋହରୀଙ୍କ ଇସ୍ତଫା ଗ୍ରହଣ କରିବା ପରେ ଆମେ ନିଷ୍ପତ୍ତି ନେବୁ' ବୋଲି ବିସିସିଆଇ ସଭାପତି ଗାଙ୍ଗୁଲି କହିଛନ୍ତି। ସିଇଓ ଭାବେ ଦାୟିତ୍ୱ ତୁଲାଇବା ପରେ ଜୋହରୀ ବିସିସିଆଇରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ଆଇପିଏଲ୍ ପ୍ରସାରଣ ଅଧିକାର ଷ୍ଟାର୍ ଇଣ୍ଡିଆକୁ ୧୬,୩୪୮ କୋଟି ଟଙ୍କାରେ ବିକ୍ରି କରାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ଆଇସିଏ ପାଇଁ ୨ କୋଟି ଟଙ୍କା ମଞ୍ଜୁର କଲା ବିସିସିଆଇ

ନୂଆଦିଲ୍ଲୀ,୧୬।୨(ପି.ଟି.): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ରବିବାର ଭାରତୀୟ କ୍ରିକେଟର ଆସୋସିଏଶନ (ଆଇସିଏ) ପାଇଁ ୨ କୋଟି ଟଙ୍କା ମଞ୍ଜୁର କରିଛି। ଆଇସିଏ ଦେଶର ପ୍ରଥମ ଖେଳାଳିଙ୍କ ସଂଗଠନ। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଲୋଧା ପ୍ୟାନେଲ ସୁପାରିସ କ୍ରମେ ଆଇସିଏ ଗଠନ କରାଯାଇଛି। ଆଇସିଏ କର୍ମକର୍ତ୍ତା ଗତବର୍ଷ ଅକ୍ଟୋବରରେ ନିର୍ବାଚିତ ହୋଇଥିଲେ। ଆସୋସିଏଶନ ୧୫ରୁ ୨୦ କୋଟି ଟଙ୍କାର ଅସ୍ଥାୟୀ ବଜେଟ ପ୍ରସ୍ତୁତ କରିଛି। ପ୍ରାଥମିକ ଭାବେ ବିସିସିଆଇଠାରୁ ୫ କୋଟି ଟଙ୍କା ସହାୟତା ରାଶି ମାଗିଥିଲା। କିନ୍ତୁ ବିସିସିଆଇଠାରୁ ୨ କୋଟି ମିଳିଛି। ଏହି ଅର୍ଥ ମୁମ୍ବାଇରେ କାର୍ଯ୍ୟାଳୟ ପାଇଁ ଜମି କିଣାଯିବାରେ ଖର୍ଚ୍ଚ କରାଯିବ। ଟ୍ୟାକ୍ସ ସମ୍ପର୍କିତ କିଛି ବିବାଦ ରହିଛି, ଯାହାର ସମାଧାନ କରାଯିବା ଦରକାର। ଏଥିଯୋଗୁ ଆଇସିଏକୁ ୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ଭବିଷ୍ୟତରେ ଆହୁରି ଅର୍ଥ ଦରକାର ଥିଲେ ମଞ୍ଜୁର କରିବୁ ବୋଲି ବିସିସିଆଇ ଅଫିସିଆଲ କହିଛନ୍ତି। ଏହି ନିଷ୍ପତ୍ତି ବିସିସିଆଇର ଆପେକ୍ସ କାଉନ୍ସିଲ ବୈଠକରେ ନିଆଯାଇଛି।

# ଫର୍ମକୁ ଫେରିଲେ ପନ୍ତ, ମୟଙ୍କ

ହାମିଲଟନ, ୧୬।୨(ପି.ଟି.)

ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ଭାରତ ଓ ନ୍ୟୁଜିଲାଣ୍ଡ ଏକାଦଶ ମଧ୍ୟରେ ଖେଳାଯାଇଥିବା ୩ ଦିନିଆ ଅଭ୍ୟାସ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ଜନ୍ମଦିନରେ ଓପ୍‌ନର ମୟଙ୍କ ଅଗ୍ରୱାଲ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ସେହିପରି ଉଇକେଟ୍‌କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଦ୍ୱିତୀୟ ଇନିଂସ୍‌ରେ ଉନ୍ନତ ବ୍ୟାଟିଂ କରି ଫର୍ମକୁ ଫେରିବାର ସଙ୍କେତ ଦେଇଛନ୍ତି। ପ୍ରଥମ ଇନିଂସ୍‌ରେ ପନ୍ତ ଓ ମୟଙ୍କ ବିଫଳ ହୋଇଥିଲେ ମଧ୍ୟ ଦ୍ୱିତୀୟ ଇନିଂସ୍‌ରେ ଅର୍ଦ୍ଧଶତକୀୟ ପାଳି ଖେଳି ଭଲ ଅଭ୍ୟାସ କରିଛନ୍ତି। ତୃତୀୟ ତଥା ଅନ୍ତିମ ଦିବସ ଲଞ୍ଚ୍‌ର ଠିକ୍ ଅଧଘଣ୍ଟା ପରେ ମ୍ୟାଚ୍ ଶେଷ ହେଲା ବୋଲି ଘୋଷଣା କରାଯାଇଥିଲା। ସେତେବେଳକୁ ଭାରତ ୪୮ ଓଭରରେ ୪ ଉଇକେଟ ହରାଇ ୨୫୨ ରନ୍ ସଂଗ୍ରହ କରିଥିଲା। ଅଭିଜ୍ଞ ଋଦ୍ଧିମାନ ଶାହ ୩୦ ଓ ରବିଚନ୍ଦ୍ରନ ଅଶ୍ୱିନ ୧୬ ରନ୍ କରି ଅପରାଜିତ ରହିଥିଲେ।

ଶନିବାରର ଅସମାପ୍ତ ଦ୍ୱିତୀୟ ଇନିଂସ୍ ସ୍କୋର ୫୯/୦ରୁ ଭାରତ ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ତଥା ଓପ୍‌ନର ପୃଥ୍ୱୀ ଶ' ୩୫ ରନ୍‌ରୁ ଖେଳ ଆରମ୍ଭ କରି ଆଉ ମାତ୍ର ଅଧିକ ୪ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ୬ ଚୌକା ଓ ୧ ଛକା ସହ ୩୧ ବଲରୁ ୩୯ ରନ୍ କରି ସେ ଡାରିଲ ମିଚେଲଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ସେହିପରି ୨୩ ରନ୍‌ରୁ ଖେଳ ଆରମ୍ଭ କରି ମୟଙ୍କ ୮୧ ରନ୍‌ର ପାଳି ଖେଳି ରିଟାୟାର୍ଡ ହର୍ଟ ହୋଇଥିଲେ। ସେ ପ୍ୟାଭିଲିୟନ ଫେରିବା ପୂର୍ବରୁ ୯୯ଟି ବଲ୍‌ର ସମ୍ମୁଖୀନ ହୋଇ ୧୦ ଚୌକା ଓ ୩ ଛକା ମାରିଥିଲେ। ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପରେ ମୟଙ୍କ ଦୁର୍ବଳ ଫର୍ମ ଦେଇ ଗତି କରିଆସୁଥିଲେ। ମୟଙ୍କଙ୍କ ଫୁଟ୍‌ୱାର୍କରେ ବେଶ୍ ଉନ୍ନତି ଦେଖିବାକୁ ମିଳିଥିଲା ଓ ପଡ଼ିଆର ଚତୁର୍ଦ୍ଦିଗକୁ ଶଟ୍‌ମାନ ଖେଳିଥିଲେ। ଏହା ପୂର୍ବରୁ ମୟଙ୍କ ୧୦ଟି ପ୍ରତିଯୋଗିତାମୂଳକ ମ୍ୟାଚ୍ ଖେଳିଥିଲେ। ଏଥିରେ ପ୍ରଥମ ଶ୍ରେଣୀ, ଦିନିକିଆ ଓ ଲିଷ୍ଟ ଏ ମ୍ୟାଚ୍ ସାମିଲ ଥିଲା। ତେବେ ସେ କୌଣସି ମ୍ୟାଚ୍‌ରେ ୪୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିପାରି ନ ଥିଲେ। ମୟଙ୍କ ଓ ପନ୍ତ ୧୪.୩ ଓଭରରେ ୧୦୦ ରନ୍ ସଂଗ୍ରହ କରିଥିଲେ। ସେହିପରି ପ୍ରଥମ ଉଇକେଟରେ ମୟଙ୍କ ଓ ପୃଥ୍ୱୀ ୭୨ ରନ୍ ସଂଗ୍ରହ କରିଥିଲେ। ଯୁବ ବ୍ୟାଟ୍ସମ୍ୟାନ ଶୁବମନ ଗିଲ୍ ପୁଣିଥରେ ବିଫଳ ହୋଇଛନ୍ତି। ସେ ମାତ୍ର ୮ ରନ୍ କରିଥିବା ବେଳେ ମିଚେଲଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ ଉଇକେଟ୍‌କିପର ବ୍ୟାଟ୍ସମ୍ୟାନ ପନ୍ତ ଚମତ୍କାର ପ୍ରଦର୍ଶନ କରିଥିଲେ। ୬୫ଟି ବଲ୍‌ର ସମ୍ମୁଖୀନ ହୋଇ ୪ଟି ଲେଖାଏ ଚୌକା ଓ ଛକା ସହ ୭୦ ରନ୍‌ର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପନ୍ତ ଫର୍ମକୁ ଫେରିବା ପରେ ଟିମ୍ ମ୍ୟାନେଜ୍‌ମେଣ୍ଟ ସାମାନ୍ୟ ଆଶ୍ୱସ୍ତି ହୋଇଛି। ସେ ଲେଗ୍ ସ୍ପିନର ଇଶ୍ ସୋଧି ଓ ଅଫ୍ ସ୍ପିନର ହେନେରୀ କୁପରଙ୍କ ବଲ୍‌ରେ ଦୁଇଟି ଲେଖାଏ ଛକା ମାରିଥିଲେ। ପନ୍ତ ଆକ୍ରମଣାତ୍ମକ ଶୈଳୀରେ ଖେଳିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ଏକାଦଶ ତରଫରୁ ମିଚେଲ ୩ଟି ଉଇକେଟ ଅକ୍ତିଆର କରିଥିଲେ। ନ୍ୟୁଜିଲାଣ୍ଡର ୯ ଜଣ ଖେଳାଳି ବୋଲିଂ କରିଥିଲେ ମଧ୍ୟ କେବଳ ମିଚେଲ ହିଁ ସଫଳ ହୋଇଥିଲେ।

### ଅଭ୍ୟାସ ମ୍ୟାଚ୍ ଅମୀମାଂସିତ

ପୂର୍ବରୁ ଟସ୍ ଜିତି ଭାରତ ପ୍ରଥମ ଇନିଂସ୍‌ରେ ହନୁମା ବିହାରୀଙ୍କ ୧୦୧ ରନ୍‌ର ଶତକୀୟ ପାଳି ବଳରେ ୭୮.୫ ଓଭରରେ ୨୬୩ ରନ୍ କରି ଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ଏକାଦଶ ୭୪.୨ ଓଭରରେ ୨୩୫ ରନ୍ କରି ଅଲଆଉଟ ହୋଇ ୨୮ ରନ୍ ପଛରେ ପଡ଼ିଥିଲା। ୨୧ ତାରିଖରୁ ୱେଲିଂଟନରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ଭାରତ ଏହାପୂର୍ବରୁ ଟି୨୦ ସିରିଜରେ ୫-୦ରେ ବିଜୟୀ ହୋଇଥିଲେ ମଧ୍ୟ ଦିନିକିଆ ସିରିଜରେ ୩-୦ରେ ପରାସ୍ତ ହୋଇଥିଲା। ତେବେ ଆଗାମୀ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜରେ ଭାରତ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି।

### ସଂକ୍ଷିପ୍ତ ସ୍କୋର

- ଭାରତ ପ୍ରଥମ ଇନିଂସ- ୭୮.୫ ଓଭରରେ ୨୬୩ରେ ଅଲଆଉଟ
- ନ୍ୟୁଜିଲାଣ୍ଡ ଏକାଦଶ ପ୍ରଥମ ଇନିଂସ- ୭୪.୨ ଓଭରରେ ୨୩୫ ଅଲଆଉଟ।
- ଭାରତ ଦ୍ୱିତୀୟ ଇନିଂସ- ୪୮ ଓଭରରେ ୨୫୨/୪ (ମୟଙ୍କ- ୮୧, ପନ୍ତ- ୭୦, ପୃଥ୍ୱୀ- ୩୯, ଋଦ୍ଧିମାନ- ୩୦*, ମିଚେଲ ୩/୩୩)।



ବ୍ୟାଟିଂ ଅବସରରେ ମୟଙ୍କ ଅଗ୍ରୱାଲ

## ଅଷ୍ଟ୍ରେଲିଆରେ ଦିବା-ରାତ୍ର ଟେଷ୍ଟ ଖେଳିବ ଭାରତ

ନୂଆଦିଲ୍ଲୀ, ୧୬।୨(ପି.ଟି.)

ଚଳିତ ବର୍ଷ ଶେଷଆଡ଼କୁ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ଭାରତ ଏକ ଦିବାରାତ୍ର ଟେଷ୍ଟ ମ୍ୟାଚ୍ ଖେଳିବ। ରବିବାର ଏ ନେଇ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ସୂଚନା ଦେଇଛନ୍ତି। ଅଷ୍ଟ୍ରେଲିଆର ଯେକୌଣସି ପିଚ୍‌ରେ ଦିବାରାତ୍ର ଟେଷ୍ଟ ଖେଳିବାକୁ ଆମେ ପ୍ରସ୍ତୁତ ବୋଲି ଅଧିନାୟକ ବିରାଟ କୋହଲି କହିବା ପରେ ଗାଙ୍ଗୁଲି ଏ ନେଇ ଘୋଷଣା କରିଛନ୍ତି। ଖୁବ୍‌ଶୀଘ୍ର ଏ ନେଇ ଔପଚାରିକ ଭାବେ ଘୋଷଣା କରାଯିବ। ଇଂଲଣ୍ଡ ବିପକ୍ଷ ପରବର୍ତ୍ତୀ ସିରିଜରେ ମଧ୍ୟ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଦିବାରାତ୍ର ଭିତ୍ତିକ ହେବ ବୋଲି ଗାଙ୍ଗୁଲି କହିଛନ୍ତି। ଆଗକୁ ପ୍ରତ୍ୟେକ ସିରିଜରେ ଅତିକମ୍‌ରେ ଗୋଟିଏ ଟେଷ୍ଟ ମ୍ୟାଚ୍ ଦିବାରାତ୍ରଭିତ୍ତିକ ହେବ ଓ ବୋର୍ଡ ଏ ନେଇ ପ୍ରୟାସ ଜାରି ରଖିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଥାଉ କି, ଗତ ନଭେମ୍ବରରେ ଇଡେନ ଗାର୍ଡେନରେ ଭାରତ ବାଂଲାଦେଶ ବିପକ୍ଷରେ ତା'ର ପ୍ରଥମ ଓ ଏକମାତ୍ର ଦିବାରାତ୍ର ଟେଷ୍ଟ ଖେଳି ବିଜୟୀ ହୋଇଥିଲା। ତେବେ ଅଷ୍ଟ୍ରେଲିଆ ବିପକ୍ଷ ଦିବାରାତ୍ର ଟେଷ୍ଟ ମ୍ୟାଚ୍‌ର ଭେନ୍ୟୁ ସଂକ୍ରାନ୍ତରେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଏହି ମ୍ୟାଚ୍ ଆଡିଲେଡ୍ କିମ୍ବା ପର୍ଥରେ ଖେଳାଯିବାର ସମ୍ଭାବନା ରହିଛି। ପୂର୍ବରୁ ୨୦୧୮-୧୯ରେ ଦିବାରାତ୍ର ଟେଷ୍ଟ ଖେଳିବାକୁ ଅଷ୍ଟ୍ରେଲିଆ ଭାରତକୁ ପ୍ରସ୍ତାବ ଦେଇଥିଲା। ତେବେ ଅଭିଜ୍ଞତା ନ ଥିବାର ଆଳ ଦେଖାଇ ଭାରତ ଏହି ମ୍ୟାଚ୍ ଖେଳିବାକୁ ମନା କରିଦେଇଥିଲା। ଏଥର କିନ୍ତୁ କଥା ଅଲଗା ହୋଇଛି। ଅତିକମ୍‌ରେ ଏହି ଗସ୍ତରେ ଭାରତ ଗୋଟିଏ ଦିବାରାତ୍ର ଟେଷ୍ଟ ଖେଳିବ ବୋଲି କ୍ରିକେଟ ଅଷ୍ଟ୍ରେଲିଆ ଆଶା ପ୍ରକାଶ କରିଛି।

## ଚର୍ଚ୍ଚାରେ କୋହଲିଙ୍କ ନୂଆ ପୋଷ୍ଟ୍

ହାମିଲଟନ୍, ୧୬।୨

ନ୍ୟୁଜିଲାଣ୍ଡ ଗସ୍ତରେ ଥିବା ଭାରତୀୟ କ୍ରିକେଟ୍ ଦଳ ଟି୨୦ ଓ ଦିନିକିଆ ସିରିଜ ଖେଳିସାରିବା ପରେ ଏବେ ଟେଷ୍ଟ ଲାଗି ପ୍ରସ୍ତୁତ ହେଉଛି। ସ୍ଥାନୀୟ ସେଡନ ପାର୍କରେ ନ୍ୟୁଜିଲାଣ୍ଡ ଏକାଦଶ ବିପକ୍ଷରେ ଅନୁଷ୍ଠିତ ୩ ଦିନିଆ ଅଭ୍ୟାସମୂଳକ ମ୍ୟାଚ୍ ରବିବାର ଡ୍ର'ରେ ଶେଷ ହୋଇଛି। ତେବେ ଏହି ଅବସରରେ ଅଧିନାୟକ ବିରାଟ କୋହଲି ସାଥୀ ଖେଳାଳି ମହମ୍ମଦ ସାମି ଓ ଯୁବ ଓପନର୍ ପୃଥ୍ୱୀ ଶ'ଙ୍କ ସହ ତାଙ୍କ ଟୁଇଟର୍ ଆକାଉଣ୍ଟରେ ପୋଷ୍ଟ କରିଥିବା ଏକ ଫଟୋ ଏବେ ବେଶ୍ ଚର୍ଚ୍ଚାରେ ରହିଛି। ଏହି ଫଟୋରେ ତିନି କ୍ରିକେଟର୍ ବ୍ୟଙ୍ଗାତ୍ମକ ଶୈଳୀରେ ଅନେଇ ରହିଥିବାବେଳେ ଜିଭକୁ ବାହାରକୁ କାଢ଼ିଛନ୍ତି। ସେହିଭଳି କ୍ୟାପ୍‌ଶନରେ 'ନୂଆ ପୋଷ୍ଟ, ସୁନ୍ଦର ଦୋସ୍ତ' ବୋଲି ଲେଖାଯାଇଛି। ଏହାକୁ ନେଇ ଟୁଇଟର୍‌ରେ ଅନେକ ପ୍ରଶଂସକ ନାନା ମତ ରଖିଛନ୍ତି। ଫଟୋଟି ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହାକୁ ୫୨ ହଜାରରୁ ଊର୍ଦ୍ଧ୍ୱ ମଧ୍ୟ ପସନ୍ଦ କରିଛନ୍ତି। ପ୍ରକାଶଯୋଗ୍ୟ, ନ୍ୟୁଜିଲାଣ୍ଡ ଓ ଭାରତ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଆସନ୍ତା ୨୧ରୁ ୱେଲିଂଟନରେ ଆରମ୍ଭ ହେବ।



ମହମ୍ମଦ ସାମି, ବିରାଟ କୋହଲି ଓ ପୃଥ୍ୱୀ ଶ'

## ମୁମ୍ବାଇ-ଚେନ୍ନାଇ ଉଦ୍‌ଘାଟନୀ ମ୍ୟାଚ୍

ନୂଆଦିଲ୍ଲୀ,୧୬।୨(ପି.ଟି.)

ଗତ ସଂସ୍କରଣର ଫାଇନାଲ ଭଳି ଆସନ୍ତା ମାର୍ଚ୍ଚ ୨୯ ତାରିଖରେ ୱାଙ୍ଖେଡେ ଷ୍ଟାଡିୟମରେ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଓ ରନର୍ସଅପ୍ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ମଧ୍ୟରେ ଆଇପିଏଲ-୧୩ର ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଭାରତ ଓ ଦକ୍ଷିଣ ଆଫ୍ରିକା ସିରିଜ୍ ଆସନ୍ତା ମାସ ୧୮ ତାରିଖରେ ଶେଷ ହେବ। ଏହାର ୧୧ ଦିନ ପରେ ଆଇପିଏଲ ଆରମ୍ଭ ହେବ। ଇଣ୍ଡିଆନ ପ୍ରିମିୟର ଲିଗ୍‌ର ନକଆଉଟ୍ ପର୍ଯ୍ୟାୟର କାର୍ଯ୍ୟସୂଚୀ ପରେ ପ୍ରକାଶ ପାଇବ। କିନ୍ତୁ ମେ ୨୪ ତାରିଖରେ ଫାଇନାଲ ଖେଳାଯିବ ଧାର୍ଯ୍ୟ ହୋଇସାରିଛି। ପୂର୍ବ ସଂସ୍କରଣଗୁଡ଼ିକ ଭଳି ଶନିବାର ଡବଲ ହେଡର (ଦୁଇଟି ମ୍ୟାଚ୍) ଖେଳାଯିବ ନାହିଁ। ଫଳରେ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକ ପାଇଁ ଅଧିକ ଗୋଟେ ସପ୍ତାହ ଲାଗିବ। ପୂରା ସିଜନରେ ମାତ୍ର ୬ଟି ଡବଲ ହେଡର ପ୍ରତ୍ୟେକ ରବିବାର ଖେଳାଯିବ। ମେ ୧୭ ତାରିଖରେ ହେବାକୁ ଥିବା ଅନ୍ତିମ ଲିଗ୍ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଓ ମୁମ୍ବାଇ ଇଣ୍ଡିଆନ୍ସ ପରସ୍ପରକୁ ଭେଟିବେ। ରାଜସ୍ଥାନ ରୟାଲ୍ସ ବ୍ୟତୀତ ଅନ୍ୟ ୭ ଫ୍ରାଞ୍ଚାଇଜ ସେମାନଙ୍କ ମୂଳ ଘରୋଇ ଭେନ୍ୟୁ ବଜାୟ ରଖିଛନ୍ତି।

### ଆଇପିଏଲ୍ ୧୩

- ମାର୍ଚ୍ଚ ୨୯ରୁ ଆରମ୍ଭ
- ମେ'୨୪ରେ ଫାଇନାଲ
- ଶନିବାର ଖେଳାଯିବନି ୨ଟି ମ୍ୟାଚ



# ନଜରରେ ନବାଗତ: ତିଆରି ହେଉଛି ଭବିଷ୍ୟତ

**ଓଡ଼ିଶା ରଣଜୀ**

କଟକ ଅଫିସ,୧୬।୨

ଚଳିତ ରଣଜୀ ସିଜନରେ ଓଡ଼ିଶା ଦଳର ନବାଗତ ତଥା ଯୁବ ପ୍ରତିଭାଙ୍କ ପ୍ରଦର୍ଶନ ପ୍ରଭାବଶାଳୀ ରହିଛି। ପ୍ରତି ମ୍ୟାଚ୍‌ରେ କୌଣସି ନା କୌଣସି ଯୁବ ଖେଳାଳିଙ୍କ ପ୍ରଦର୍ଶନ ସମସ୍ତଙ୍କୁ ଆକୃଷ୍ଟ କରିଛି। ଲିଗ ପର୍ଯ୍ୟାୟକୁ ନଜର ପକାଇଲେ ନବାଗତମାନେ ଅଭିଜ୍ଞଙ୍କଠାରୁ ଆଗରେ ରହିଛନ୍ତି। ଉଭୟ ବୋଲିଂ ଓ ବ୍ୟାଟିଂରେ ଯୁବ ପ୍ରତିଭାଙ୍କ ଅବଦାନକୁ ଶ୍ରେୟ କରି ଓଡ଼ିଶା କ୍ୱାର୍ଟରରେ ପ୍ରବେଶ କରିଛି ବୋଲି କହିଲେ ଅତ୍ୟୁକ୍ତ ହେବ ନାହିଁ। ଏହି ପରିପ୍ରେକ୍ଷୀରେ ଓଡ଼ିଶା କ୍ରିକେଟର ଭବିଷ୍ୟତ ତିଆରି ହେଉଛି ବୋଲି କୁହାଯାଇପାରେ।

### ଦେବାଶିଷ ସାମନ୍ତରାୟ

ବାମହାତୀ ବ୍ୟାଟ୍ସମ୍ୟାନ ଦେବାଶିଷ ସାମନ୍ତରାୟ ଲିଗ୍ ପର୍ଯ୍ୟାୟରେ ରାଜ୍ୟ ପକ୍ଷରୁ ସର୍ବାଧିକ ରନ୍ ସଂଗ୍ରହ କରିଛନ୍ତି। ସେ ୭ଟି ମ୍ୟାଚ୍‌ରୁ ୫୧.୮୮ ଆଭରେଜରେ ୪୬୭ ରନ କରିଛନ୍ତି। ଏହା ମଧ୍ୟରେ ରହିଛି ଦୁଇଟି ଶତକୀୟ ଇନିଂସ। ସିଜନରେ ଦେବାଶିଷ ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ଦୁଇଟି ଶତକ ହାସଲ କରିଛନ୍ତି। ପୂର୍ବରୁ ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ସର୍ଭିସେସ୍ ବିପକ୍ଷ ମ୍ୟାଚ୍‌ରେ ଏହି ୨୪ବର୍ଷୀୟ ବ୍ୟାଟ୍ସମ୍ୟାନ ୧୯୫ ରନର ଇନିଂସ ଖେଳିଥିଲେ। ମୋଟ୍ ୧୧ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିବା ଦେବାଶିଷ ୩ଟି ଶତକ ହାସଲ କରି ସାରିଲେଣି। ପିତା ଅଶୋକ କୁମାର ସାମନ୍ତରାୟ ଓ ମା କବିତା ସାମନ୍ତରାୟଙ୍କ ପୁଅ ଦେବାଶିଷ ଭୁବନେଶ୍ୱରରେ ରୁହନ୍ତି। ତାଙ୍କ ନିଜ ଘର ଢେଙ୍କାନାଳର ମହାବୀର ବଜାରରେ। ନିଜର ପଦାର୍ପଣ ମ୍ୟାଚ୍‌ରେ ରାଜସ୍ଥାନ ବିପକ୍ଷରେ ଅର୍ଦ୍ଧଶତକୀୟ ଇନିଂସ ଖେଳି ନିଜ ପ୍ରତିଭାର ପରିଚୟ ଦେଇଥିଲେ। ଗତ ସିଜିନରେ ସର୍ଭିସେସ ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ସେ ଏକ ଶତକ ହାସଲ କରିଥିଲେ।



ଦେବାଶିଷ ସାମନ୍ତରାୟ



ଶାନ୍ତନୁ ମିଶ୍ର



ରାଜେଶ ଧୂପର



ଦେବବ୍ରତ ପ୍ରଧାନ

### ରାଜେଶ ଧୂପର

ଚଳିତ ସିଜନରେ କ୍ୟାରିୟରର ପ୍ରଥମ ଶତକ ହାସଲ କରିଛନ୍ତି ଉଇକେଟକିପର ବ୍ୟାଟ୍ସମ୍ୟାନ ରାଜେଶ ଧୂପର। ମହାରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ସମସ୍ତ ଅଭିଜ୍ଞ ଖେଳାଳି ବ୍ୟାଟିଂରେ ଫେଲ୍ ହୋଇଥିବାବେଳେ ଦୀର୍ଘ ସମୟ ଧରି କ୍ରିଜରେ ତିଷ୍ଠି ରହି ୨୦ବର୍ଷୀୟ ଏହି ଡାହାଣହାତୀ ବ୍ୟାଟ୍ସମ୍ୟାନ ଜଣଙ୍କ ଜୀବନର ଶ୍ରେଷ୍ଠ ପ୍ରଦର୍ଶନ(୧୧୦ରନ) କରିଥିଲେ। ଓଡ଼ିଶା ବ୍ୟାଟିଂ ସଙ୍କଟରେ ପଡ଼ିଥିବା ବେଳେ ବ୍ୟାଟିଂ କ୍ରମ ୬ ନମ୍ବରରେ କ୍ରିଜକୁ ଆସି ସ୍ମରଣୀୟ ଇନିଂସ ଖେଳିଥିଲେ। ଚଳିତ ସିଜନରେ ୫ ମ୍ୟାଚ୍‌ରୁ ସେ ୨୨୩ ରନ କରିଛନ୍ତି। ପିତା ରାଜୀବ କୁମାର ଧୂପର ଓ ମା ଭାରତୀ ଧୂପରଙ୍କ ସାନ ପୁଅ ରାଜେଶଙ୍କ ଘର କଟକ ଜଗତପୁରରେ।

### ଦେବବ୍ରତ ପ୍ରଧାନ

ଏହି ସିଜନରେ ଓଡ଼ିଶାକୁ ମିଳିଛି ଜଣେ ଭରସାଯୋଗ୍ୟ ଅଲରାଉଣ୍ଡର। ସେ ହେଲେ ହେଲେ ଦେବବ୍ରତ ପ୍ରଧାନ। ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଛନ୍ତି ସମ୍ବଲପୁରରେ ଜନ୍ମିତ ଏହି ଖେଳାଳି। ୬ ମ୍ୟାଚ୍‌ରୁ ୧୮୧ ରନ କରିଥିବା ବେଳେ ୨୨ଟି ଉଇକେଟ ଦଖଲ କରିଛନ୍ତି। ଆସାମ ଓ ସର୍ଭିସେସ ବିପକ୍ଷ ମ୍ୟାଚ୍‌ରେ ସେ ଦୁଇଟି ଅର୍ଦ୍ଧଶତକ ଇନିଂସ ଖେଳିଥିଲେ। ଆସାମ ବିପକ୍ଷ ମ୍ୟାଚ୍‌ରେ ୭୯ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିବା ସହ ଉଭୟ ଇନିଂସରେ ମୋଟ ୭ଟି ଉଇକେଟ ହାସଲ କରିଥିଲେ।

### ଶାନ୍ତନୁ ମିଶ୍ର

ସିଜନ ପ୍ରାରମ୍ଭରୁ ଓପନିଂ ଖେଳାଳିଙ୍କ ଉପରେ ଆଘାତଜନିତ ସମସ୍ୟା ସଙ୍କଟ ହୋଇ ଛିଡ଼ା ହୋଇଥିଲା। ଦୁଇ ପ୍ରମୁଖ ଖେଳାଳି ଆହତ ହୋଇ ଦଳରୁ ବାଦ୍ ପଡ଼ିଥିଲେ। ଏହି ପରିସ୍ଥିତିରେ ଶାନ୍ତନୁ ମିଶ୍ରଙ୍କୁ ଓପନିଂ ଭାର ଦିଆଯାଇଥିଲା। ଏହି ସିଜନରେ ଶାନ୍ତନୁ ନିଜକୁ ସଫଳ ଓପନର ଭାବେ ପ୍ରମାଣିତ କରିଛନ୍ତି। ଡାହାଣହାତୀ ବ୍ୟାଟ୍ସମ୍ୟାନ ଶାନ୍ତନୁ ୮ ମ୍ୟାଚ୍‌ରୁ ୪୬୪ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ଗୋଟିଏ ଶତକୀୟ ଇନିଂସ ରହିଛି। ଉତ୍ତରାଖଣ୍ଡ ବିପକ୍ଷରେ ସେ ଏହି ସ୍ମରଣୀୟ ଇନିଂସ ଖେଳିଥିଲେ। ଏହାଛଡ଼ା ଶାନ୍ତନୁ ୨ଟି ଅର୍ଦ୍ଧଶତକୀୟ ଇନିଂସ ମଧ୍ୟ ଚଳିତ ସିଜନରେ ହାସଲ କରିଛନ୍ତି।

“ନ୍ୟୁଜିଲାଣ୍ଡ ଏକାଦଶ ବିପକ୍ଷ ୱାର୍ମଅପ୍ ମ୍ୟାଚରେ ୮୧ ରନ ସଂଗ୍ରହ ଦ୍ୱାରା ଫର୍ମକୁ ନେଇ ମୋ ଆଶଙ୍କା ଦୂର ହୋଇଛି।
-ମୟଙ୍କ ଅଗ୍ରୱାଲ, ଭାରତୀୟ ବ୍ୟାଟ୍ସମ୍ୟାନ



“ଶ୍ରୀଲଙ୍କା ବିପକ୍ଷରେ ଭଲ ଖେଳିଥିବାରୁ ବାଂଲାଦେଶ ବିପକ୍ଷ ଟେଷ୍ଟରେ ଆମ ଦଳ ଅନୁରୂପ ପ୍ରଦର୍ଶନ କରିବ ବୋଲି ଆଶା।
-ବ୍ରେଣ୍ଡନ ଟେଲର, ଜିମ୍ବାୱେ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ୫କିମି ରେସ୍‌ରେ ନୂଆ ବିଶ୍ୱ ରେକର୍ଡ

**ମୋନାକୋ, ୧୬।୨ (ଏଏଫ୍‌ପି):** ଉଗାଣ୍ଡାର ଜୋଶୁଆ ଚେପ୍‌ଟେଗି ୧୨ ମିନିଟ ୫୧ ସେକେଣ୍ଡ ଟାଇମିଂରେ ୫ କିଲୋମିଟର ରେସ୍ ଶେଷ କରି ନୂଆ ବିଶ୍ୱ ରେକର୍ଡ କରିଛନ୍ତି। ପୂର୍ବରୁ ଏହି ରେକର୍ଡ କେନିଆର ରୋନେକ୍ସ କିପ୍ରୁଟୋଙ୍କ ନାମରେ ଥିଲା। ଭାଲେନ୍‌ସିଆରେ ସେ ୧୩ମିନିଟ ୧୮ସେକେଣ୍ଡ ଟାଇମିଂରେ ବିଶ୍ୱ ରେକର୍ଡ କରିଥିଲେ। ୨୩ ବର୍ଷୀୟ ଚେପ୍‌ଟେଗି ହେଉଛନ୍ତି ୧୦,୦୦୦ ମିଟର ବିଶ୍ୱ ଚାମ୍ପିୟନ। ଏଠାରେ ୧୩ ମିନିଟ୍‌ରୁ କମ୍ ସମୟରେ ରେସ୍ କରିବା ଲାଗି ସେ ଲକ୍ଷ୍ୟ ରଖିଥିଲେ ବୋଲି କହିଛନ୍ତି। ଚେପ୍‌ଟେଗି ୨୦୧୬ ରିଓ ଅଲିମ୍ପିକ୍ସରେ ଉଭୟ ୫୦୦୦ ମିଟର ଏବଂ ୧୦୦୦୦ ହଜାର ମିଟର ରେସ୍‌ରେ ଭାଗ ନେଇ ଯଥାକ୍ରମେ ୮ମ ଓ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ।

### ମହିଳା ଟି୨୦ ବିଶ୍ୱକପ୍: ଭାରତ-ପାକିସ୍ତାନ ୱାର୍ମଅପ୍ ମ୍ୟାଚ୍ ବାତିଲ

**ବ୍ରିସବେନ,୧୬।୨:** ମହିଳା ଟି୨୦ ବିଶ୍ୱକପ୍ ପୂର୍ବରୁ ଭାରତ ଓ ପାକିସ୍ତାନ ମଧ୍ୟରେ ରବିବାର ଖେଳାଯିବାକୁ ଥିବା ୱାର୍ମଅପ୍ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଯାଇଛି। ଏହି ମ୍ୟାଚ୍‌ରେ ଉଭୟ ଦଳ ନିଜ ନିଜର ଚୂଡ଼ାନ୍ତ ଏକାଦଶ ଚୟନ କରିବାକୁ ସୁଯୋଗ ପାଇଥାନ୍ତେ। କିନ୍ତୁ ବର୍ଷା ଲାଗି ରହିବାରୁ ଆଲାନ ବର୍ଡର ଫିଲ୍ଡର ଗ୍ରାଉଣ୍ଡରେ ପାଣି ଜମି ରହିଥିଲା ଓ ପିଚ୍ ମଧ ପ୍ରଭାବିତ ହୋଇଥିଲା। ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆରେ ଅଭ୍ୟାସ କରିବା ପାଇଁ ଭାରତ ତ୍ରିରାଷ୍ଟ୍ରୀୟ ସିରିଜରେ ଭାଗ ନେଇଥିଲେ, ଯେଉଁଥିରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ ଅଂଶଗ୍ରହଣ କରିଥିଲେ। ହରମନପ୍ରୀତଙ୍କ ନେତୃତ୍ୱାଧୀନ ଦଳ ତ୍ରିରାଷ୍ଟ୍ରୀୟ ସିରିଜ୍ ଫାଇନାଲ ଖେଳିଥିଲା। ମହିଳା ଟି୨୦ ବିଶ୍ୱକପ୍ ଚଳିତମାସ ୨୧ ତାରିଖରୁ ଆରମ୍ଭ ହେବ। ଫାଇନାଲ ମ୍ୟାଚ୍ ମାର୍ଚ୍ଚ ୮ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ଆୟୋଜକ ଦଳ ଅଷ୍ଟ୍ରେଲିଆକୁ ଭେଟିବ।

### ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ଭାଗନେବ ପାକିସ୍ତାନ

**ନୂଆଦିଲ୍ଲୀ,୧୬।୨(ପି.ଟି.):** ଏଠାରେ ଆସନ୍ତା ୧୮ରୁ ୨୩ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଯାଉଥିବା ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ପାକିସ୍ତାନ ଅଂଶଗ୍ରହଣ କରିବା ନେଇ ଅନିଶ୍ଚିତତା ଦୂର ହୋଇଛି। ଭାରତ ସରକାର ପାକିସ୍ତାନ ପ୍ରତିଯୋଗୀଙ୍କୁ ଭିଜା ପ୍ରଦାନ କରିଛନ୍ତି। ଫଳରେ ପାକିସ୍ତାନ ଏହି ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବା ନିଶ୍ଚିତ ହୋଇଛି। ତେବେ ଚାଇନାର ପ୍ରତିଯୋଗୀମାନେ ଏଥିରେ ଅଂଶଗ୍ରହଣ କରିବେ କି ନା, ସେ ସଂକ୍ରାନ୍ତରେ ସୋମବାର ନିଷ୍ପତ୍ତି ନିଆଯିବ। ପାକିସ୍ତାନର ଅଂଶଗ୍ରହଣ ନେଇ ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ସମ୍ପାଦକ ବିନୋଦ ତୋମାର ସ୍ପଷ୍ଟ କରିଛନ୍ତି। ସବୁ ପାକିସ୍ତାନ ଖେଳାଳିଙ୍କୁ ଶନିବାର ଭିଜା ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି। ଏହି ଭିଜା ପ୍ରଦାନ ପ୍ରକ୍ରିୟାରେ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ଅଧ୍ୟକ୍ଷ ନରିନ୍ଦର ବାତ୍ରା ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି। ୪ ଜଣ ପାକିସ୍ତାନ ଫ୍ରି ଷ୍ଟାଇଲ ରେସ୍‌ଲର, ଜଣେ କୋଚ୍ ଓ ଜଣେ ରେଫରି ଏହି ପ୍ରତିଯୋଗିତାରେ ଭାଗନେବେ।

# କୁଆଖିଆ, କୋଲକାତା ଚାମ୍ପିୟନ






ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ କୋଲକାତା ଓ କୁଆଖିଆ ଦଳର ଖେଳାଳିମାନେ ।

**ସର୍ବଭାରତୀୟ ଓପନ୍ କବାଡି**

**ସମ୍ବଲପୁର, ୧୬।୨ (ବ୍ୟୁରୋ)**
ସୁରେଶ ସେଠ ଓ ଅଶୋକ ଶର୍ମା ସ୍ମାରକୀ ସର୍ବଭାରତୀୟ ଓପନ୍ କବାଡି ଟୁର୍ଣ୍ଣାମେଣ୍ଟ ରବିବାର ସମ୍ବଲପୁର ଭିଏସ୍‌ଏସ୍ ଟାଉନ୍ ହଲ୍ ପଡିଆରେ ଉଦ୍‌ଯାପିତ ହୋଇଛ। ମହିଳା ବର୍ଗରେ କୁଆଖିଆ ଚାମ୍ପିୟନ ଓ ସମ୍ବଲପୁର ରନର୍ସ ଅପ୍ ଟ୍ରଫି ହାସଲ କରିଛି। ପୁରୁଷ ବର୍ଗରେ କୋଲକତା ପୋଲିସ ଚାମ୍ପିୟନ ଓ କଟକ ରନର୍ସ ଅପ୍ ହୋଇଛି। ମହିଳା ବର୍ଗ ଫାଇନାଲରେ କୁଆଖିଆ ୬୧-୨୪ ପଏଣ୍ଟରେ ବିଜୟୀ ହୋଇଥିଲା। ସେହିପରି ପୁରୁଷ ବର୍ଗ ଫାଇନାଲରେ କୋଲକତା ୫୬-୨୧ ପଏଣ୍ଟରେ ବିଜୟୀ ହୋଇଥିଲା। ଆୟୋଜକ ସମ୍ବଲପୁର କବାଡି କ୍ଲବ ସଭାପତି ସିଦ୍ଧାର୍ଥ ସାହଙ୍କ ପରିଚାଳନା ଓ ରାମଦାସ ପଣ୍ଡାଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାଶ ମୁଖ୍ୟଅତିଥି, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ସିଆରପିଏଫ ଡିଆଇଜି ରାଜ କୁମାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦୀପକ କୁମାର ଗଡନାୟକ, ବିରଞ୍ଚି କୁମାର ବେଉରା, ଦେବୀପ୍ରସାଦ ମହାନ୍ତି, ସରସ୍ୱତୀ ସେଠୀ, ରମେଶ କୁମାର ବେରିହା, ସନ୍ତୋଷିନୀ ଭୂୟାଁ, ନାରାୟଣ ଜେନା, ପ୍ରତାପ ମହାନ୍ତି, ସାହେବ ଖମାରୀ, ଜଗବନ୍ଧୁ ବେହେରା, ଦୀପକ ବରାଡ, ପ୍ରଶାନ୍ତ ସେଠ, ସାଧାରଣ ସମ୍ପାଦକ ଉମାପତି ତ୍ରିପାଠୀ, ବିନୋଦ ସାହୁ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।

## ଭୁବନେଶ୍ୱରରେ ଓଡ଼ିଶା ଏଫ୍‌ସିର ପ୍ରତିଭା ଅନ୍ୱେଷଣ

**ଭୁବନେଶ୍ୱର, ୧୬।୨(କ୍ରୀଡ଼ା ପ୍ରତିନିଧି)**
ଇଣ୍ଡିଆନ ସୁପରଲିଗ୍ ଟିମ୍ ଓଡ଼ିଶା ଏଫସିର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ୟୁନିଟ-୬ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଛି। ୧୮ ବର୍ଷରୁ କମ୍ ବୟସ ବର୍ଗରେ ଓଡ଼ିଶା ଏଫସିର ଏହା ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମର ଅନ୍ତିମ ରାଉଣ୍ଡ କଳିଙ୍ଗ ଷ୍ଟାଡିୟମର ଟ୍ରେନିଂ ଗ୍ରାଉଣ୍ଡରେ ଆୟୋଜିତ ହୋଇଛି। ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଚୟନ ହୋଇଥିବା ପିଲାମାନଙ୍କୁ ନେଇ ଆଉ ଏକ ଟ୍ରାଏଲ ଅନୁଷ୍ଠିତ ହେବ। ମନୋନୀତ ପ୍ରତିଭାମାନେ ଓଡ଼ିଶା ଏଫସିର ୧୮ ବର୍ଷରୁ କମ୍ ଦଳରେ ସାମିଲ ହୋଇ ଆସନ୍ତ ସିଜନରେ ହିରୋ ଏଲିଟ୍ ଲିଗ୍‌ରେ ଭାଗନେବେ। କଟକ, ଭୁବନେଶ୍ୱର ଓ ରାଉରକେଲାରେ ପ୍ରଥମ ପର୍ଯ୍ୟାୟ ଟ୍ରାଏଲରେ ଯୋଗ୍ୟ ବିବେଚିତ ହୋଇଥିବା ଫୁଟବଲ ପ୍ରତିଭା ମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଡକା ଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମକୁ ଓଡ଼ିଶା ଏଫସି ସହକାରୀ କୋଚ୍ ଥାଙ୍ଗବୋଇ ସିଙ୍ଗଟୋ, ଗ୍ରାସ୍‌ରୁଟ୍ କୋଚ୍ ମହାବୀର ନାଥ, ଐଶ୍ୱରନ ପିଲାଇ, ଗ୍ରାସ୍‌ରୁଟ୍ ମ୍ୟାନେଜର ଶୁଭମ୍ ଦାସ ପ୍ରମୁଖ ପରିଚଳନା କରିଥିଲେ। “ଏକ ଶକ୍ତିଶାଳୀ ଯୁବ ଦଳ ଗଠନ ପାଇଁ ଆମେ ତୃଣମୂଳ ସ୍ତରର କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଉଛୁ। ଓଡ଼ିଶା ସରକାର ବିଭିନ୍ନ କ୍ରୀଡ଼ାକୁ ସମର୍ଥନ କରି ଆସୁଛନ୍ତି। ଓଡ଼ିଶା ଏଫସି ପାଇଁ ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାର ପିଲାମାନଙ୍କୁ ସୁଯୋଗ ଦେବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଭୁବନେଶ୍ୱରରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ହେଲା ଏବଂ ଶ୍ରେଷ୍ଠ ଖେଳାଳିଙ୍କୁ ଚୟନ କରିବା ପର୍ଯ୍ୟନ୍ତ ଏହା ଜାରି ରହିବ” ବୋଲି ସିଙ୍ଗଟୋ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ “ଏକ କ୍ଲବ ଭାବେ ଆମେ ତୃଣମୂଳ ସ୍ତରରୁ ଶ୍ରେଷ୍ଠ ପ୍ରତିଭାଙ୍କୁ ଠାବକରି ସେମାନଙ୍କୁ ଯୁବ ଦଳ ଚୟନ ପ୍ରକ୍ରିୟାରେ ସାମିଲ କରିବାରେ ବିଶ୍ୱାସ କରୁ। ଏହା ଯେପରି ସ୍ଥାନୀୟ ଖେଳାଳିଙ୍କୁ ନେଇ ହୋଇପାରିବ ଏବଂ କ୍ୟାଚମେଣ୍ଟ ଏରିଆରେ ସେମାନଙ୍କୁ ଅନ୍ୟମାନଙ୍କ ସହ ପେସାଦାର ଟ୍ରେନିଂ ମିଳିପାରିବ ତା ଉପରେ ଧ୍ୟାନ ଦିଆ ଯାଉଛି। ପ୍ରତିଦ୍ୱନ୍ଦ୍ୱିତା ମୂଳକ ମ୍ୟାଚ ସେମାନଙ୍କ ଉନ୍ନତିରେ ସହାୟକ ହେବ ଏବଂ ଆଗାମୀ ଦିନରେ ସେମାନେ ଆଇଏସଏଲ ସିନିୟର ଏବଂ ଜାତୀୟ ଦଳ ପକ୍ଷରୁ ଖେଳିପାରିବେ। ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଯୁବ ଖେଳାଳିଙ୍କୁ ଠାବ ସହ ଆଗକୁ ନେବାରେ ସହାୟକ ହେବ” ବୋଲି ଓଏଫସିର ଫୁଟବଲ ଡେଭଲପମେଣ୍ଟ ମୁଖ୍ୟ ଆକାଶ ନରୁଲା ପ୍ରକାଶ କରିଛନ୍ତି।



ଓଡ଼ିଶା ଏଫ୍‌ସିର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରତିଯୋଗୀ।

## ଅଲିମ୍ପିକ୍ସରୁ ଭାରତକୁ ୬ ପଦକ ସମ୍ଭାବନା

**ଭୁବନେଶ୍ୱର, ୧୬।୨ (କ୍ରୀଡ଼ା ପ୍ରତିନିଧି)**
ଟୋକିଓରେ ହେବାକୁଥିବା ଅଲିମ୍ପିକ୍ସରେ ଭାରତକୁ ଅତିକମ୍‌ରେ ୬ ପଦକ ମିଳିବା ସମ୍ଭାବନା ରହିଛି ବୋଲି ଓଡ଼ିଶାର କ୍ରୀଡ଼ା ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି। ସ୍ଥାନୀୟ ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ‘ଓଡ଼ିଶା ଓ ଅଲିମ୍ପିକ୍ସ’ ଶୀର୍ଷକ ଆଲୋଚନାଚକ୍ରରେ ଭାଗନେଇ ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି, କ୍ରୀଡ଼ା ସମୀକ୍ଷକ ସସ୍ମିତ ମହାପାତ୍ର, ଓଡ଼ିଶାର ପ୍ରଥମ ମହିଳା ଫୁଟବଲ ଅଧିନାୟିକା ଗୀତାଞ୍ଜଳି ସାମନ୍ତରାୟ ଓ ଗ୍ଲୋବାଲ ଫିଜିଓଥେରାପି ସେଲ୍‌ର ମୁଖ୍ୟ ମୁକ୍ତି ପ୍ରସାଦ ଦାଶ ଭାଗନେଇ ଭାରତୀୟ କ୍ରୀଡ଼ାର ବିଭିନ୍ନ ଦୃଶ୍ୟପଟ ଉପରେ ଆଲୋଚନା କରିଥିଲେ। ୧୯୮୬ରୁ କ୍ରୀଡ଼ା ଛାତ୍ରାବାସ ହେବାପରଠାରୁ ବହୁ ଖେଳରେ ଓଡ଼ିଆ ଖେଳାଳି ସୃଷ୍ଟି ହୋଇଛନ୍ତି ବୋଲି ମତପ୍ରକାଶ ପାଇଥିଲା। ବିଭିନ୍ନ କ୍ରୀଡ଼ାର ଭିତ୍ତିଭୂମି ପାଇଁ ଓଡ଼ିଶା ସରକାର ଅଧିକ ଧ୍ୟାନଦେବାକୁ ଗୀତାଞ୍ଜଳି ପ୍ରକାଶ କରିଥିଲେ।



ଓଡ଼ିଶାରେ ଫୁଟବଲର ବିକାଶ ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ପୂର୍ବତନ ସମ୍ପାଦକ ସଞ୍ଜୟ ବେହେରାଙ୍କୁ ଆଶୀର୍ବାଦ ବେହେରା ସମ୍ବର୍ଦ୍ଧିତ କରୁଛନ୍ତି।

## ଫାଓ ଦାୟିତ୍ୱ ଗ୍ରହଣ କଲେ ଆଶୀର୍ବାଦ

**କଟକ ଅଫିସ,୧୬।୨**
ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ସାଧାରଣ ପରିଷଦ ବୈଠକ ରବିବାର ପୂର୍ବାହ୍ନରେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନବନିର୍ବାଚିତ କର୍ମକର୍ତ୍ତା ଦାୟିତ୍ୱ ଗ୍ରହଣ କରିଥିଲେ। ନିର୍ଦ୍ୱନ୍ଦ୍ୱରେ ସମସ୍ତ ପ୍ରାର୍ଥୀ ନିର୍ବାଚିତ ହୋଇଥିବା ବେଳେ ନିର୍ବାଚନ ଅଧିକାରୀ ଉପେନ୍ଦ୍ର କୁମାର ଦାସ ସୌଜନ୍ୟମୂଳକ ଭାବେ କେବଳ ଫଳାଫଳ ଘୋଷଣା କରିଥିଲେ। ସଭାପତି ଭାବେ ପୂର୍ବତନ ବିଧାୟକ ତଥା ଫାଓର ପୂର୍ବତନ ସଭାପତି ଦେବାଶିଷ ସାମନ୍ତରାୟ ପଦବୀ ବଜାୟ ରଖିଛନ୍ତି। ଦେବାଶିଷଙ୍କର ଏହା ଲଗାତାର ୩ୟ କାର୍ଯ୍ୟକାଳ। ଅନ୍ୟପକ୍ଷରେ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ପ୍ରଥମ ଥର ପାଇଁ ଫୁଟବଲ ସଂଘର ଦାୟିତ୍ୱ ନେଇଛନ୍ତି। କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଉପସଭାପତି ଭାବେ ବିଜୟ ଦାସ, ଦିଲ୍ଲୀପ ସାହୁ, ପ୍ରଦୀପ କିଶୋର ମହାନ୍ତି, ରବି ନାରାୟଣ ପଣ୍ଡା, ହୃଦୟ ରଞ୍ଜନ ବେହେରା, ବସନ୍ତ କୁମାର ପାଣିଗ୍ରାହୀ, ରାଜେନ୍ଦ୍ର ମହାନ୍ତି, ପ୍ରଦୀପ କୁମାର ଦାସ, ଯୁଗ୍ମ ସମ୍ପାଦକ ଭାବେ ଅଭିଜିତ ପାଲ, ସାହିଦ ଜବାର ଓ ବିଶ୍ୱରଞ୍ଜନ ଘଡ଼େଇ, କୋଷାଧ୍ୟକ୍ଷ ଭାବେ ଭକ୍ତବଲ୍ଲଭ ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି। ଫୁଟବଲ କ୍ରୀଡ଼ାର ଉଲ୍ଲେଖନୀୟ ବିକାଶ ନିମନ୍ତେ ଫାଓର ପୂର୍ବତନ ସମ୍ପାଦକ ସଞ୍ଜୟ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗୋଲ୍ ଦେଇପାରୁ ନାହାନ୍ତି ମେସି

**ବାର୍ସିଲୋନା,୧୬।୨**
ବିଶ୍ୱରେ ସର୍ବାଧିକ ୬ ଥର ବାଲୋନ ଡି’ ଅର ପୁରସ୍କାରପ୍ରାପ୍ତ ଲିଓନେଲ ମେସି ୨୦୧୪ ପରେ ଲା ଲିଗା ଲିଗ୍‌ରେ ସବୁଠୁ ଲମ୍ବା ସମୟ ପାଇଁ ଗୋଲ୍ କରିବାରେ ବିଫଳ ହୋଇଛନ୍ତି। ଗତ ୪ଟି ଲା ଲିଗା ଲିଗ୍ ମ୍ୟାଚ୍‌ରେ ସେ ଗୋଟିଏ ହେଲେ ଗୋଲ୍ ଦେଇ ନାହାନ୍ତି। ମେସି ଶନିବାର ଖେଳାଯାଇଥିବା ଗେଟାଫେ ବିପକ୍ଷ ମ୍ୟାଚ୍‌ରେ ଗୋଲ୍ ସ୍କୋର କରିପାରି ନ ଥିଲେ। ଗତ ୬ ବର୍ଷରେ ମେସିଙ୍କ ଗୋଲ୍ ମଧ୍ୟରେ ସବୁଠୁ ବଡ଼ ବ୍ୟବଧାନ।

## ମୋହନବାଗାନକୁ ୩ ଲକ୍ଷ ଟଙ୍କା ଜରିମାନା

**କୋଲକାତା, ୧୬।୨ (ପି.ଟି.)**
ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍)ର ଶୃଙ୍ଖଳା କମିଟି ଆଇ-ଲିଗ୍ ହେଭିୱେଟ୍ ମୋହନବାଗାନକୁ ୩ ଲକ୍ଷ ଟଙ୍କା ଜରିମାନା କରିଛି। ୪ଜଣ ପୂର୍ବତନ ଖେଳାଳିଙ୍କୁ ସେମାନଙ୍କ ପାରିଶ୍ରମିକ ପ୍ରଦାନ କରି ନ ଥିବାରୁ ଏହି ଦଣ୍ଡବିଧାନ କରାଯାଇଛି। ୧୫ଦିନ ମଧ୍ୟରେ ଜରିମାନା ଜମା କରିବା ସହ ଏକ ମାସ ମଧ୍ୟରେ ଖେଳାଳିମାନଙ୍କୁ ସେମାନଙ୍କ ବକେୟା ପାଉଣା ପ୍ରଦାନ ଲାଗି ଶୃଙ୍ଖଳା କମିଟି କହିଛି। ନିର୍ଦ୍ଦେଶ ଅମାନ୍ୟ କଲେ ଏଆଇଏଫ୍‌ଏଫ୍ ଅଧୀନ ସମସ୍ତ ଟୁର୍ଣ୍ଣାମେଣ୍ଟ ଲାଗି ଏହି ଫୁଟ୍‌ବଲ କ୍ଲବ ବିରୋଧରେ ଖେଳାଳି ବଦଳି କଟକଣା ଜାରି କରାଯିବ। ଖବର ଅନୁସାରେ କେରଳ ବ୍ଲାଷ୍ଟର୍ସର ଦୁଇ ମିଡ୍‌ଫିଲ୍ଡର ରାଜୁ ଗାଏକ୍ୱାଡ ଏବଂ ଡାରେନ କାଲ୍‌ଡେରାଙ୍କ ଉପରେ ଯଥାକ୍ରମେ ୧୧ ଲକ୍ଷ ଟଙ୍କା ଏବଂ ୮,୭୦,୬୦୧ ଟଙ୍କା ଦେବାକୁ ମୋହନବାଗାନକୁ କୁହାଯାଇଛି। ସେହିପରି ଅଭିଷେକ ଆମ୍ବେଡକର (ବର୍ତ୍ତମାନ ଇଷ୍ଟବେଙ୍ଗଲ ଲେଫ୍ଟବ୍ୟାକ୍) ଏବଂ ରିକାର୍ଡୋ କାର୍ଡୋଜଙ୍କ ଉପରେ ୨୦୧୭ରୁ ମୋହନବାଗାନର ଯଥାକ୍ରମେ ୫,୭୦,୦୦୦ ଟଙ୍କା ଏବଂ ୭,୭୦,୦୦୦ ଟଙ୍କା ବାକି ପଡ଼ିଛି। ପୂର୍ବତନ ମୋହନବାଗାନ କୋଚ୍ ଖଲିଦ ଜମିଲ ମଧ ତାଙ୍କ ପୂରା ବେତନ ପାଇ ନାହାନ୍ତି। କ୍ଲବ ମାସକ ମଧ୍ୟରେ ତାଙ୍କ ପାଉଣା ଦେଇଦେବ ବୋଲି ପ୍ରତିଶ୍ରୁତି ଦେଇଛି। ଶୃଙ୍ଖଳା କମିଟି କିନ୍ତୁ ଜମିଲଙ୍କୁ ତାଙ୍କ ଅବଶିଷ୍ଟ ପ୍ରାପ୍ୟ ୮,୨୦,୦୦୦ ଟଙ୍କା ଏକମାସ ମଧ୍ୟରେ ଦେଇଦେବା ଲାଗି କହିଛି। ଖଲିଦ ଜମିଲ ସୂଚନା ଦେଇଛନ୍ତି ଯେ, ମୋହନବାଗାନ ଇତିମଧ୍ୟରେ ତାଙ୍କୁ ୪,୦୦,୦୦୦ ଟଙ୍କା ପ୍ରଦାନ କରିସାରିଛି। ଅନ୍ୟ ଖେଳାଳିମାନେ କିନ୍ତୁ କହିଛନ୍ତି ସେମାନଙ୍କୁ ଏପର୍ଯ୍ୟନ୍ତ ସେମାନଙ୍କ ପାରିଶ୍ରମିକ ମିଳିନାହିଁ। ଜମିଲଙ୍କ ରେକର୍ଡିଂ ଷ୍ଟେଟ୍‌ମେଣ୍ଟରୁ ଯାହା ଜଣାପଡୁଛି, ମୋହନ ବାଗାନ ଦେଇଥିବା ଏହାର ପ୍ରତିଶ୍ରୁତି ପାଳନ କରିବ। ଶନିବାର ନାଗପୁରରେ ଏଆଇଏଫ୍‌ଏଫ୍ ଶୃଙ୍ଖଳା କମିଟି ବୈଠକ ବସିଥିଲା। କମିଟି ଶୁଣାଣିକୁ ଏକ ମାସ ପାଇଁ ମୁଲତବୀ ରଖିଛି।

## ହ୍ୟାକ୍ ହେଲା ଅଲିମ୍ପିକ୍ସ, ଆଇଓସି ଆକାଉଣ୍ଟ

**ଟୋକିଓ,୧୬।୨**
ଅଲିମ୍ପିକ୍ସ ଓ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି)ର ଅଫିସିଆଲ ଟୁଇଟର ଆକାଉଣ୍ଟ ହ୍ୟାକ ହୋଇଯାଇଛି। ଏଥିଯୋଗୁ ଆକାଉଣ୍ଟକୁ ସାମୟିକ ଭାବେ ଲକ୍ କରିଦିଆଯାଇଛି। ଏ ନେଇ ଟୁଇଟର ପକ୍ଷରୁ ସ୍ପଷ୍ଟ କରାଯାଇଛି। ତୃତୀୟ ପ୍ଲାଟଫର୍ମ ଦ୍ୱାରା ହ୍ୟାକ ହୋଇଥିବା ସୋସିଆଲ ମିଡିଆର ପ୍ରବକ୍ତା ଇମେଲ ଜରିଆରେ କହିଛନ୍ତି। କିନ୍ତୁ ଅଧିକ ତଥ୍ୟ ଦିଆଯାଇନାହିଁ। ଆମେ ଏ ସମ୍ପର୍କରେ ଜାଣିବା ପରେ ଦୁଇ ଆକାଉଣ୍ଟକୁ ଲକ୍ କରି ଦେଇଛୁ। ହ୍ୟାକରଙ୍କଠାରୁ ମୁକ୍ତ କରିବା ପାଇଁ ଆମେ ପ୍ରୟାସ କରୁଛୁ ବୋଲି ଟୁଇଟର ପ୍ରବକ୍ତା କହିଛନ୍ତି। ଏ ଘଟଣା ସମ୍ପର୍କରେ ଆଇଓସି ତଦନ୍ତ ଜାରି ରଖିଛି। ଲୋକପ୍ରିୟ ସ୍ପାନିଶ ଫୁଟବଲ କ୍ଲବ ଏଫ୍‌ସି ବାର୍ସିଲୋନା ମଧ୍ୟ ସମାନ ସମସ୍ୟାର ସମ୍ମୁଖୀନ ହୋଇଛି। ବାର୍ସିଲୋନା ଦଳ ସାଇବର ସିକ୍ୟୁରିଟି ଓ ସମସ୍ତ ପ୍ରୋଟୋକଲ୍ସ ଲିଙ୍କ୍ସ ଯାଞ୍ଚ କରୁଛି। ଗତମାସରେ ଆମେରିକାର ଜାତୀୟ ଫୁଟବଲ କ୍ଲବ (ଏନ୍‌ଏଫ୍‌ଏଲ) ଦଳର ମଧ୍ୟ ଆକାଉଣ୍ଟ ମଧ୍ୟ ହ୍ୟାକ୍ ହୋଇଥିଲା ।

## ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ

**ଓସିଏ ଭିଜନ ୨୦୨୫**

**ଭୁବନେଶ୍ୱର, ୧୬।୨(କ୍ରୀଡ଼ା ପ୍ରତିନିଧି)**
ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଭିଜନ-୨୦୨୫ ଅନ୍ତର୍ଗତ ଜୁନିୟର ଆନ୍ତଃ ଜିଲା କ୍ଲବ ଲିଗ୍(ଭୁବନେଶ୍ୱର)ରେ ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ଟାଉନ୍ କ୍ଲବ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ଫାଇନାଲରେ ରାମେଶ୍ୱର ୫ ଉଇକେଟରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ନିର୍ଦ୍ଧାରିତ ୪୦ ଓଭରରେ ୫ ଉଇକେଟ ହରାଇ ୨୧୧ ରନ କରିଥିଲା। ଦଳ ପକ୍ଷରୁ ଅଂଶୁମାନ ସର୍ବାଧିକ ୮୨, ସୁଦର୍ଶନ ସ୍ୱାଇଁ ୬୫ ଓ ସାଇ ଶୁଭମ୍ ୪୧ ରନ କରିଥିଲେ। ଆଶୁତୋଷ ସାହୁ, ସସ୍ମିତ ବରାଳ ଓ ପ୍ରତୀକ ସ୍ୱାଇଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ୪୦ ଓଭରରେ ୫ ଉଇକେଟ ହରାଇ ୨୧୪ ରନ କରି ନେଇଥିଲା। ଆଶୁତୋଷ ସାହୁ ୮୬, ମଣିତେଜ ମହାନ୍ତି ୫୫ ଓ ସସ୍ମିତ ବରାଳ ୩୫ ରନ କରି ଦଳକୁ ବିଜୟୀ କରାଇଥିଲେ। ପାରାମାଉଣ୍ଟର ଆଶୁତୋଷ ନାୟକ ୨ଟି ଉଇକେଟ ନେଇଥିଲେ। ବିଜୟୀ ଦଳର ଆଶୁତୋଷ ସାହୁ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପାରାମାଉଣ୍ଟର ସୁଦର୍ଶନ ସ୍ୱାଇଁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଆଶୁତୋଷ ନାୟକ ଶ୍ରେଷ୍ଠ ବୋଲର ପୁରସ୍କାର ପାଇଥିଲେ। ଓସିଏ ସମ୍ପାଦକ ସଞ୍ଜୟ ବେହେରା, ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ଭାଜପା ସଭାପତି ସମୀର ମହାନ୍ତି, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମ୍ପାଦକ (ଇନ୍‌ଚାର୍ଜ) ଅଭିଜିତ ପାଲ, ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି, ଟାଉନ୍ କ୍ଲବ ସମ୍ପାଦକ କୁମାର ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଜଗା ୟୁନାଇଟେଡ୍ ଜିତିଲା ଭଞ୍ଜ ଟ୍ରଫି

**ଭଞ୍ଜନଗର,୧୬।୨(ଡି.ଏନ.ଏ)**
ଗଞ୍ଜାମ ଜିଲା ଭଞ୍ଜନଗର ଜେଲ ପଡ଼ିଆରେ ଚାଲିଥିବା ୫ମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର କୋଲକାତା ଭାଇପର୍ସ ଓ ଭୁବନେଶ୍ୱର ଜଗା ୟୁନାଇଟେଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର ୩-୧ ଗୋଲରେ ବିଜୟୀ ହୋଇଛି। ଭୁବନେଶ୍ୱରର ସଞ୍ଜୀବ ଖର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଆୟନ ମିସ୍ତ୍ରୀ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଛନ୍ତି। ସେହିଭଳି ଶ୍ରେଷ୍ଠ ଗୋଲକିପର ପୁରସ୍କାର କୋଲକାତାର ଅମିତ ଶାହାଙ୍କୁ ପ୍ରଦାନ କରାଯାଇଥିଲା। ଏଥିସହ ଜାତୀୟ ଖେଳର ରେଫରୀ ବ୍ରହ୍ମାନନ୍ଦ ଭୋଇ, ପ୍ରଶାନ୍ତ କୁମାର ପାଲ୍, ଦୁର୍ଗା ଆଚାରୀ, ଭଞ୍ଜନଗରର ପୂର୍ବତନ ବରିଷ୍ଠ ଫୁଟବଲ ଖେଳାଳି ମିଲନ ବେହେରା, ପି.ଏଙ୍କେଟେଶ୍ୱ, ପ୍ରଶାନ୍ତ ମହାନ୍ତି, ପ୍ରମୋଦ ମହାନ୍ତି ଏବଂ ସ୍ଥାନୀୟ ରେଫରୀ ପି.ରମେଶ, ପି.ଆନନ୍ଦ ରାଓ, ମୋଚିରାମ ରଣସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ାର ବିକାଶ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଥିବା ଯୋଗୁ ଆଜି ରାଜ୍ୟରେ ଅନେକ ଜାତୀୟ ଓ ଆନ୍ତର୍ଜାତିକ ମ୍ୟାଚ୍ ହୋଇପାରୁଛି ବୋଲି ଶ୍ରୀ ଆରୁଖ କହିଥିଲେ। ଆୟୋଜକ ଭଞ୍ଜନଗର ଫୁଟବଲ ଆସୋସିଏଶନର ସଭାପତି ଅମରନାଥ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଆଇଆର୍‌ବି ବାଟାଲିୟନ କମାଣ୍ଡିଙ୍ଗ୍ ଅଫିସର ପ୍ରଭାତ କିଶୋର ଦାସ, ପୂର୍ବତନ ଫୁଲବାଣୀ ବିଧାୟକ ଦେବେନ୍ଦ୍ର କହଁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଲୋକନାଥ କର ସଭାକୁ ସଂଯୋଜନା କରିଥିଲେ।




ଅତିଥିଙ୍କ ଗହଣରେ ଚାମ୍ପିୟନ ଟ୍ରଫି ସହ ଭୁବନେଶ୍ୱର ଦଳର ଖେଳାଳିମାନେ।




# ପୋର୍ଟ ଫାଟକର ୫୦୦ ମିଟର ମଧ୍ୟରେ ଧାରଣା ନିଷେଧ

**ଛତ୍ରପୁର,୧୬।୨(ଡି.ଏନ.ଏ)**

ଗୋପାଳପୁର ବନ୍ଦର ମୁଖ୍ୟ ଫାଟକ ସମ୍ମୁଖଠାରୁ ୫୦୦ ମିଟର ମଧ୍ୟରେ ଆନ୍ଦୋଳନ, ଧାରଣା ଓ ସଭାକୁ ନିଷେଧ କରାଯାଇଛି। ଛତ୍ରପୁର ସବଜଜ୍ କୋର୍ଟ ପକ୍ଷରୁ ଏ ସମ୍ପର୍କୀୟ ଏକ ମାମଲାର ଶୁଣାଣି ପରେ ଏହି ରାୟ ପ୍ରକାଶ ପାଇଛି।

ବିଭିନ୍ନ ସମୟରେ ଗୋପାଳପୁର ପୋର୍ଟ ସମ୍ମୁଖ ଫାଟକ ଆଗରେ ବିଭିନ୍ନ ୟୁନିୟନ ପକ୍ଷରୁ କେତେକ ଦାବି ନେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯାଉଛି। ଏହାଫଳରେ ପୋର୍ଟର କାମ ବନ୍ଦ ରହୁଛି। ଜାହାଜରେ ମାଲ ଲୋଡିଂ, ଅନ୍‌ଲୋଡିଂରେ ବାଧା ସୃଷ୍ଟି ହେଉଛି। ତେଣୁ ପୋର୍ଟ ମୁଖ୍ୟ ଫାଟକଠାରୁ ୫୦୦ ମିଟର ମଧ୍ୟରେ ଆନ୍ଦୋଳନ, ଧାରଣା ଓ ସଭା ଆଦି ନିଷେଧ କରିବା ନେଇ ପୋର୍ଟ ପକ୍ଷରୁ ଏକ ମାମଲା କୋର୍ଟରେ ଦାଖଲ କରାଯାଇଥିଲା। ଏହି ମାମଲାରେ ପୋର୍ଟ ପକ୍ଷରୁ ବିଭିନ୍ନ ୟୁନିୟନ ଓ ସେମାନଙ୍କ ସଭାପତି ଓ ସମ୍ପାଦକଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ପୋର୍ଟ ପକ୍ଷରୁ ଓକିଲ ବି. ଶ୍ରୀନିବାସ ମାମଲା ପରିଚାଳନା କରୁଥିଲେ।




# ଆଶା, ଗାଁ କଲ୍ୟାଣ ସମିତି ପାଇଁ ସ୍ୱାସ୍ଥ୍ୟସେବା ସଫଳ

**ଫୁଲବାଣୀ ଅଫିସ, ୧୬।୨**

ଆଶାକର୍ମୀ, ଗାଁ କଲ୍ୟାଣ ସମିତି ସଦସ୍ୟାମାନେ ସ୍ୱଳ୍ପ ପାରିଶ୍ରମିକରେ କାମ କରୁଛନ୍ତି। ସରକାରଙ୍କ ସୁସ୍ଥ ଗାଁ, ସୁସ୍ଥ ପଞ୍ଚାୟତ, ସୁସ୍ଥ ଜିଲା ସ୍ଲୋଗାନକୁ ସଫଳ କରିବା କେବଳ ଆଶା ଏବଂ ଗାଁ କଲ୍ୟାଣ ସମିତି ସଦସ୍ୟଙ୍କ ଦ୍ୱାରା ସମ୍ଭବ ବୋଲି ରବିବାର ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀରେ ଅତିଥିମାନେ ପ୍ରକାଶ କରିଛନ୍ତି।

ଶଙ୍କରାଖୋଲସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀର ସହଭାଗିତା ଉପରେ ଆଲୋଚନା ହୋଇଥିଲା। ୨୦୦୮ ମସିହାରୁ ଆଜି ପର୍ଯ୍ୟନ୍ତ ୨୨୫୩ ଗାଁ କଲ୍ୟାଣ ସମିତି ଗଠନ ହୋଇଛି। ସେହିପରି ଜିଲାରେ ୧୫୩୦ ଆଶାକର୍ମୀ କାର୍ଯ୍ୟ କରୁଛନ୍ତି। ଆଶାକର୍ମୀ, ଅଙ୍ଗନୱାଡିକର୍ମୀ, ଗାଁ କଲ୍ୟାଣ ସମିତି କର୍ମୀଙ୍କ ଯୋଗୁ ଓଡ଼ିଶାରେ କନ୍ଧମାଳ ଜିଲାରେ ଆନୁଷ୍ଠାନିକ ପ୍ରସବାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଗାଁ କଲ୍ୟାଣ ସମିତି ବିଭିନ୍ନ ସଚେତନ ଧର୍ମୀ କାର୍ଯ୍ୟକ୍ରମ ଫଳରେ ଗ୍ରାମାଞ୍ଚଳରେ ଶିଶୁ ଓ ମାତୃ ମୃତ୍ୟୁହାର କମିଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଏହି ଅବସରେ ଉଲ୍ଲେଖନୀୟ ସେବା ପାଇଁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଥିଲା। ଗୋଚ୍ଛାପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଥମ ସ୍ଥାନ ଅଧିକାର କରି ୨ ଲକ୍ଷ ଟଙ୍କା, ସୁଦ୍ରା, ବରିକୁମ୍ପା, ଗୁଟିଙ୍ଗିଆ, କଟ୍ରିଙ୍ଗିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫୦ ହଜାର ଲେଖାଏ ଆର୍ଥିକ ପୁରସ୍କାର ଦିଆଯାଇଥିଲା। ସେହିପରି ମିଣିଆ, ବୁଡୁଙ୍ଗିଆ, ଆଡିମାହା, ଗୋଚ୍ଛାପଡା ପଞ୍ଚାୟତକୁ ୧୦ ହଜାର ଲେଖାଏ ଏବଂ ୧୨ଟି ସୁସ୍ଥ ଗାଁ କଲ୍ୟାଣ ସମିତି, ଫୁଲବାଣୀର ୬ଟି ମହିଳା ଆରୋଗ୍ୟ ସମିତି, ରକ୍ତଦାନ ଶିବିର ପାଇଁ ୧୨ଟି ପଞ୍ଚାୟତ ଓ ଗାଁ କଲ୍ୟାଣ ସମିତିକୁ ପୁରସ୍କୃତ କରାଯାଇଥିଲା। ବାରଖମାର ବାରଖମାର ହାରାମଣୀ ଦିଗାଲ, କୋଟଗଡର ପ୍ରିୟଙ୍କା ବଲିୟାର ସିଂ ଓ କ.ନୂଆଗାଁ ବ୍ଲକର ଶାନ୍ତିଲତା ନାୟକଙ୍କୁ ଶ୍ରେଷ୍ଠ ଆଶା ଭାବେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଭାବେ ପୁରସ୍କୃତ କରଯାଇଥିଲା। ବ୍ଲକସ୍ତରରେ ପ୍ରଥମସ୍ଥାନ ଅଧିକାର କରିଥିବା ୧୨ ଜଣଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, କୋଟଗଡ ବ୍ଲକ ଅଧ୍ୟକ୍ଷ ପ୍ରଭଞ୍ଜନ କହଁର, ଜିଲା ସମାଜ ମଙ୍ଗଳ ଅଧିକାରୀ ମନସ୍ୱିନୀ ମିଶ୍ର, ଜିଲା ମ୍ୟାଲେରିଆ ଅଧିକାରୀ ଡା.ପ୍ରଭାକର ସାହୁ, ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରସନ୍ନ କୁମାର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।



ଜଣେ ଆଶାକର୍ମୀଙ୍କୁ ପୁରସ୍କୃତ କରାଯାଉଛି।

# ବିଦେଶୀ ମଦ ଦୋକାନରେ ଚଢାଉ

## ବୋତଲ ଭାଙ୍ଗିଲେ ତହସିଲଦାର

**ଶେରଗଡ,୧୬।୨(ଡି.ଏନ୍.ଏ.)**

ଶେରଗଡ ବାଇପାସ୍‌ରେ ଥିବା ଏକ ବିଦେଶୀ ମଦ ଦୋକାନରେ ରବିବାର ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ତହସିଲଦାର ଡ. ଦୟାସିନ୍ଧୁ ପରିଡା ଚଢାଉ କରିଥିଲେ। ଦୋକାନ ବାହାରେ ମଦ୍ୟପାନ କରୁଥିବା ବ୍ୟକ୍ତିମାନଙ୍କଠାରୁ ୪୮ ବୋତଲ ମଦ ଓ ୧୨ ବୋତଲ ବିୟର ଆଣି ଭାଙ୍ଗିଦେଇଥିଲେ। ମଦ ଦୋକାନୀଙ୍କୁ ତାଗିଦ୍ କରିବା ସହ ଏପରି ଆଗାମୀ ଦିନରେ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଦୋକାନର ୧୦୦ ମିଟର ମଧ୍ୟରେ ମଦ୍ୟପାନ କଲେ ଦୋକାନକୁ ବନ୍ଦ କରିବାକୁ ଲେଖାଯିବ ସହ ୫୦ ହଜାର ଟଙ୍କା ଜରିମାନା କରାଯିବ ବୋଲି ଜିଲାପାଳଙ୍କ ନିର୍ଦ୍ଦେଶ ରହିଥିବା ତହସିଲଦାର ପରିଡା ଚେତାଇ ଦେଇଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ